ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୮/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, July 18/2024 Page 16 ₹ 7.00
୫୦ଶ ଭାଗ ୨୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 234 ମୂଲ୍ୟ ₹୭/-



## ଇନ୍‌ଷ୍ଟାରେ ପ୍ରିନ୍ସେସ୍‌ଙ୍କ ୩ ତଲାକ୍

ଦୁବାଇ ଶାସକଙ୍କ ଝିଅ ଶଇଖା ମହରା ବିଣ୍ଟ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକ୍‌ତୋଉମ୍ ଇନ୍‌ଷ୍ଟାଗ୍ରାମରେ ନିଜ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦଙ୍କୁ ୩ ତଲାକ୍ (ଛାଡ଼ପତ୍ର) ଦେଇଛନ୍ତି।

୧୧

୦୨

## ସରକାରଠାରୁ ସଂଗଠନ ବଡ଼: ମୌର୍ଯ୍ୟ

ସରକାର ଠାରୁ ସଂଗଠନ ବଡ଼ ବୋଲି ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି।



# ଭାଙ୍ଗିଲା ରାଜ୍ୟ ଯୋଜନା ବୋର୍ଡ

**ଭୁବନେଶ୍ୱର,୧୭।୭(ଅନିଲ ଦାସ)**

ସରକାର ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ଦେଇଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଭାଙ୍ଗିବା ପାଇଁ ଆସିଥିବା ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ରାଜ୍ୟ ଯୋଜନା ବୋର୍ଡ ନୂଆ ଢଙ୍ଗରେ ପୁନର୍ଗଠନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବିଜେଡି ସରକାର ଅମଳରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୨୨ ଅକ୍ଟୋବରରେ ଯୋଜନା ବୋର୍ଡ ସଦସ୍ୟ ଭାବେ ଦଳର ୩ ଜଣ ବରିଷ୍ଠ ନେତା ପ୍ରସନ୍ନ କୁମାର ପାଟ୍ଟଶାଣୀ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସାଧୁ ନେପାକଙ୍କୁ ନିଯୁକ୍ତି ଦିଆଯାଇଥିଲା । ୨୦୨୨ ଜୁନ୍‌ରେ ସଞ୍ଜୟଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରୁ ହଟାଇ ଦିଆଯାଇଥିଲା। ଏହା ପରଠାରୁ ଏହି ପଦବୀ ଖାଲି ପଡ଼ିଥିଲା। ଉପାଧ୍ୟକ୍ଷ ସମେତ ୩ ଜଣ ସଦସ୍ୟଙ୍କୁ ତତ୍କାଳୀନ ସରକାର ଏହି ବୋର୍ଡରେ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ଦେଇଥିଲେ। ଏବେ ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିଥିବାରୁ ଦଳର ବରିଷ୍ଠ ନେତାମାନଙ୍କୁ ଏହି ବୋର୍ଡରେ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ଦେଇ ଥଇଥାନ କରିବା ସମ୍ଭାବନା ରହିଛି ।

# ମାନସିକ ପୂରଣ ପାଇଁ ତାରିଣୀ ପୀଠରେ ଜିଭ କାଟିଲେ ଭକ୍ତ

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ),୧୭।୭**

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ମନ୍ଦିରରେ ଜଣେ ଶ୍ରଦ୍ଧାଳୁ ମାନସିକ ପୂରଣ ଲାଗି ସନ୍ଧ୍ୟା ଆଳତି ସମୟରେ ନିଜ ଜିଭକୁ କାଟି ଦେଇଛନ୍ତି। ସେ ହେଉଛନ୍ତି ଗଞ୍ଜାମ ଜିଲାର ବିଜୟ ପ୍ରଧାନ(୫୦)। ସୂଚନା ଅନୁଯାୟୀ, ବିଜୟ ମଙ୍ଗଳବାର ଘଟଗାଁ ମା' ତାରିଣୀଙ୍କ ଦର୍ଶନ ନିମନ୍ତେ ଆସିଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମା'ଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସନ୍ଧ୍ୟା ପ୍ରାୟ ୭.୪୫ରେ ଆଳତି ଚାଲିଥିବା ସମୟରେ ଜିଭକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ଘଟଣା ପରେ ସେବାୟତ ଏବଂ ମନ୍ଦିର କର୍ମଚାରୀମାନେ ପାଟିରୁ ରକ୍ତ ବାହାରୁଥିବା ଦେଖି ଚିକିତ୍ସା ପାଇଁ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଘଟଗାଁ ସବ୍ ଡିଭିଜନାଲ ପୋଲିସ ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଏ ନେଇ କୌଣସି ରିପୋର୍ଟ ହୋଇନାହିଁ। ଚିକିତ୍ସା ପରେ ବ୍ୟକ୍ତି ଜଣଙ୍କ ଡାକ୍ତରଖାନାରୁ ପଳାଇଥିବା ଜଣାପଡ଼ିଛି। ମା' ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସମ୍ପାଦକ ସଞ୍ଜୀବ ମହାପାତ୍ର କହିଛନ୍ତି, ରକ୍ତାକ୍ତ ଅବସ୍ଥା ଦେଖି ତାଙ୍କୁ ମନ୍ଦିର କର୍ମଚାରୀ ମେଡ଼ିକାଲ ନେଇଥିଲେ। ତେବେ ତାଙ୍କର ଆଉ କୌଣସି ଖବର ନାହିଁ।

**ଆଜିର ସମ୍ପାଦକୀୟ**

**ଆମେରିକାରେ ରାଜନୈତିକ ହିଂସା**

## ସୁନାରେ ଝଲସିଲେ ଦାରୁଦିଅଁ







ପୁରୀ ସିଂହଦ୍ୱାର ସମ୍ମୁଖରେ ବୁଧବାର ରଥାରୂଢ଼ ତିନି ଠାକୁରଙ୍କ ସୁନାବେଶ । (ଅଧିକ ଫଟୋ ଓ ଖବର: ପୃଷ୍ଠା-୯)

# ଓଡ଼ିଶାରେ ଚାଲିବ ବୁଲ୍‌ଡୋଜର

## ସରକାରୀ ଜମିରେ ବେଆଇନ ନିର୍ମାଣ ଭଙ୍ଗାଯିବ

**ଉତ୍ତରପ୍ରଦେଶରେ ଯୋଗୀ ସରକାରଙ୍କ ଭଳି ଓଡ଼ିଶାରେ ମଧ୍ୟ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସରକାର। ସରକାରୀ ଜମିରେ ହୋଇଥିବା ସମସ୍ତ ପ୍ରକାର ନିର୍ମାଣକୁ ଭଙ୍ଗାଯିବ। ତେବେ ସରକାରଙ୍କ ମୁଖ୍ୟ ଟାର୍ଗେଟ୍ ହେଉଛନ୍ତି ପ୍ରଭାବଶାଳୀ, ଯେଉଁମାନେ କି ବିପୁଳ ସରକାରୀ ଜମିକୁ ଅକ୍ତିଆର କରି ବ୍ୟବସାୟ ବିସ୍ତାର କରିଛନ୍ତି। ଗତ ମାସରେ ଖୋର୍ଦ୍ଧା ଜିଲାରେ ବଡ଼ଧରଣର ଜଙ୍ଗଲ ଜମି ଜବରଦଖଲକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।**



**ସମ୍ବଲପୁର (ପ୍ରମୋଦ ବହିଦାର)/ ଭୁବନେଶ୍ୱର (ଅନିଲ ଦାସ) ୧୭।୭**

ରାଜ୍ୟରେ ସରକାରୀ ଜମି ଜବରଦଖଲକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଜବରଦଖଲକାରୀ ଯେତେ ପ୍ରଭାବଶାଳୀ ହୁଅନ୍ତୁ ନା କାହିଁକି, ତାଙ୍କ ଅସଲ ମୁଖା ଖୋଲାଯିବ। ଜଙ୍ଗଲ ଜମି ହେଉ ବା ସରକାରୀ ଜମି, ବେଆଇନ ଭାବେ ନିର୍ମାଣ ହୋଇଥିବା ସମସ୍ତ ଅଟ୍ଟାଳିକା ଉପରେ ବୁଲ୍‌ଡୋଜର ଚାଲିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର କହିଛନ୍ତି। ସମ୍ବଲପୁରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବରୁ ଲୋକଦେଖାଣିଆ ଭାବେ ଜବରଦଖଲ ଉଚ୍ଛେଦ ଆଳରେ ପ୍ରଶାସନ ଗରିବ ଲୋକଙ୍କ ଉପରେ ଦାଉ ସାଧୁଥିଲା। ମୁଣ୍ଡ ଗୁଞ୍ଜିବା ପାଇଁ ୩/୪ ଡିସିମିଲ ସରକାରୀ ଜମିରେ ଘର ତିଆରି କରିଥିବା ଭୂମିହୀନ ଗରିବ ଲୋକଙ୍କୁ ଉଚ୍ଛେଦ କରି ବାହାବା ନେବାରେ ସୀମିତ ରହୁଥିଲା ସମ୍ପୃକ୍ତ ଜିଲା ପ୍ରଶାସନ। ତେବେ ଉକ୍ତ ଗରିବ ଲୋକଙ୍କୁ ଜବରଦଖଲକାରୀ ଭାବେ ବିବେଚନା କରାଯିବ ନାହିଁ। ରାଜ୍ୟରେ ୪ ଡିସିମିଲ୍‌ରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ କରି ବହୁତଳ ପ୍ରାସାଦ ନିର୍ମାଣ କରିଥିବା ପ୍ରତିପତ୍ତିଶାଳୀ ବ୍ୟକ୍ତି ଏବଂ ଅନୁଷ୍ଠାନର ବିଲ୍‌ଡିଂ ଉପରେ ବୁଲ୍‌ଡୋଜର ବୁଲିବ ବୋଲି ମନ୍ତ୍ରୀ କହିଛନ୍ତି।

ପୂର୍ବପୁରୁଷମାନେ ଦେଇ ଯାଇଥିବା ସ୍ୱାଧୀନତାର ଅସଲ ସ୍ୱାଦ ବର୍ତ୍ତମାନ ରାଜ୍ୟବାସୀ ଚାଖିବାର ସମୟ ଆସିଛି। ସମଗ୍ର ରାଜ୍ୟରେ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟକାରୀ ହେବ। ସରକାରୀ ଜମିଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣରେ ବ୍ୟବହାର ହୋଇଥାଏ। ମାତ୍ର ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟାତଳେ ରହି ସରକାରୀ ଜମିକୁ ହଡ଼ପ କରିଚାଲିଥିବା ଅସାଧୁ ବ୍ୟକ୍ତିଙ୍କ ଯୋଗୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ସମୂଳେ ବନ୍ଦ କରିବା ପାଇଁ ଉଚ୍ଛେଦ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ☞ପୃଷ୍ଠା-୪

# ଆଜି ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର

## ସକାଳ ୮ରୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

**ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଦ୍ୱିତୀୟ ଥର ପାଇଁ ଗୁରୁବାର ଖୋଲିବାକୁ ଯାଉଛି। ସକାଳ ୯ଟା ୫୧ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ ଶୁଭ ମୁହୂର୍ତ୍ତ ରହିଛି। ତେଣୁ ଏହି ସମୟ ମଧ୍ୟରେ ଭିତର ରତ୍ନଭଣ୍ଡାର ଖୋଲାଯିବା ନେଇ ରତ୍ନଭଣ୍ଡାର ତଦାରଖ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଗୁରୁବାର ଭିତର ରତ୍ନଭଣ୍ଡାର ପୁନଃ ଖୋଲି ଅଳଙ୍କାର ସ୍ଥାନାନ୍ତର ହେବାକୁ ଥିବାରୁ ବୁଧବାର ରାତି ୧୧ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଚାଲିବ। ପରେ ସୁନାବେଶ ଦର୍ଶନ ବନ୍ଦ ରହିବା ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ସେହିପରି ଗୁରୁବାର ସକାଳ ୮ଟା ପରେ ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ରହିବ। କେବଳ ଅଧିକୃତ ବ୍ୟକ୍ତି ଓ ସେବା ନିଯୋଜିତ ସେବକମାନେ ପ୍ରବେଶ କରିପାରିବେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ପାଢ଼ୀ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ପ୍ରଥମେ ରତ୍ନଭଣ୍ଡାର ଖୋଲା ଯାଇଥିଲା। କମିଟି ସଦସ୍ୟମାନେ ବାହାର ରତ୍ନଭଣ୍ଡାର ତାଲା ଭାଙ୍ଗି ରତ୍ନଅଳଙ୍କାର ସ୍ଥାନାନ୍ତର ପାଇଁ ପଦକ୍ଷେପ ☞ପୃଷ୍ଠା-୪

# କଟକ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

## ଜଗତ୍‌ସିଂହପୁର ଜିଲାପାଳ ଅନୁପମ ଶାହା ହେଲେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ

**ଭୁବନେଶ୍ୱର, ୧୭।୭ (ସୁନିତ୍ ମିଶ୍ର)**

କଟକ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ବୁଧବାର ନିଯୁକ୍ତି ଦିଆଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲାପାଳ ଅନୁପମ ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ ଦିଆଯାଇଛି। ଅରିନ୍ଦମ ଡାକୁଆ ୨୦୧୧ ବ୍ୟାଚ୍ ଏବଂ ଅନୁପମ ଶାହା ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର।



ଅରିନ୍ଦମ ଡାକୁଆ

# ପୋଲିସ ଏନ୍‌କାଉଣ୍ଟରରେ ୧୨ ମାଓବାଦୀ ନିହତ

**ଗଡ଼ଚିରୋଲି,୧୭।୭ (ପି.ଟି.)**

ଛତିଶଗଡ଼ ସୀମାନ୍ତ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ବୁଧବାର ପୋଲିସ ଏନ୍‌କାଉଣ୍ଟରରେ ଅନ୍ୟୂନ ୧୨ ମାଓବାଦୀ ନିହତ ହୋଇଛନ୍ତି। ବୁଧବାର ଅପରାହ୍ନରେ ଜିଲାର ୱାଣ୍ଡୋଲି ଗ୍ରାମରେ ସି୬୦ କମାଣ୍ଡୋ ଏବଂ ମାଓବାଦୀଙ୍କ ମଧ୍ୟରେ ୬ ଘଣ୍ଟା ଧରି ଗୁଳିବିନିମୟ ଜାରି ରହିଥିଲା ବୋଲି ଗଡ଼ଚିରୋଲି ଏସ୍‌ପି ନୀଲୋତ୍ପଳ କହିଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ମାଓବାଦୀଙ୍କ ୧୨ ମୃତଦେହ ସହ ୩ଟି ଏକେ-୪୭ ରାଇଫଲ, ୨ଟି ଇନ୍‌ସାସ୍ ରାଇଫଲ, ଗୋଟିଏ କାର୍ବାଇନ୍ ଏବଂ ଗୋଟିଏ ଏସ୍‌ଏଲ୍‌ଆର୍ ଜବତ ହୋଇଛି। ମୃତ ମାଓବାଦୀ ଡିଭିସିଏମ୍ ଲକ୍ଷ୍ମଣ ଅତରାମ ଓରଫ ବିଶାଳ ଅତରାମ ହେଉଛନ୍ତି ଟିପାଗଡ଼ ଦଲମ୍‌ର ପ୍ରଭାରୀ। ଅନ୍ୟ ମାଓବାଦୀମାନଙ୍କ ପରିଚୟ ଖୋଜାଯାଉଥିବାବେଳେ ତଲାସି ଅଭିଯାନ ଜାରି ରହିଛି। ଏହି ସଫଳତାର ଶ୍ରେୟ ମହାରାଷ୍ଟ୍ର ପୋଲିସର ସି୬୦ କମାଣ୍ଡୋ ଟିମ୍‌କୁ ଯାଇଛି। ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାବିସ୍ ଉକ୍ତ ଟିମ୍ ପାଇଁ ୫୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଗୁଳି ବିନିମୟ ବେଳେ ସି୬୦ ଟିମ୍‌ର ଜଣେ ସବ୍‌ଇନ୍ସପେକ୍ଟର ଓ ଜଣେ ଯବାନ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ନାଗପୁର ସ୍ଥାନାନ୍ତର କରାଯାଇଥିବାବେଳେ ବିପଦମୁକ୍ତ ଥିବା ଏସ୍‌ପି କହିଛନ୍ତି।

# ମେରୁ ବରଫ ତରଳୁଥିବାରୁ ପୃଥିବୀର ଘୂର୍ଣ୍ଣନ ବେଗ କମୁଛି

**ନୂଆଦିଲ୍ଲୀ,୧୭।୭**

ଜଳବାୟୁ ପରିବର୍ତ୍ତନ ଯୋଗୁ କେବଳ ଉତ୍ତାପ ବଢୁଛି କିମ୍ବା ପାଣିପାଗରେ ପରିବର୍ତ୍ତନ ହେଉଛି ତାହା ନୁହେଁ, ପୃଥିବୀର ଘୂର୍ଣ୍ଣନ ଗତିରେ ମଧ୍ୟ ପରିବର୍ତ୍ତନ ଘଟୁଛି। ଫଳରେ ପୃଥିବୀ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଜଳବାୟୁ ପରିବର୍ତ୍ତନ ଏହାର ସବୁଠୁ ବଡ଼ କାରଣ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଇଟିଏଚ୍ ଜୁରିଚ୍ ପକ୍ଷରୁ କରାଯାଇଥିବା ନୂତନ ଗବେଷଣା ଅନୁଯାୟୀ ଜଳବାୟୁ ପରିବର୍ତ୍ତନ



ପୃଥିବୀର ଘୂର୍ଣ୍ଣନ ଏବଂ ଅକ୍ଷରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣୁଛି। ମେରୁ ଅଞ୍ଚଳର ବରଫ ଅତ୍ୟଧିକ ମାତ୍ରାରେ ତରଳି ଜଳ ବିଷୁବ ମଣ୍ଡଳୀୟ ଅଞ୍ଚଳକୁ ବହିଯାଉଥିବାରୁ ଏହା ପୃଥିବୀର ବସ୍ତୁତ୍ୱ ବଣ୍ଟନକୁ ବଦଳାଇଦେଇଛି। ଫଳରେ ଆମ ଗ୍ରହର ଘୂର୍ଣ୍ଣନ ଗତି ହ୍ରାସ ପାଇଛି ଏବଂ ଦିନଗୁଡ଼ିକ ସାମାନ୍ୟ ବଢ଼ିଥିବା ଗବେଷଣାରେ କୁହାଯାଇଛି।

ପ୍ରଫେସର ବେନେଡିକ୍ଟ ସୋଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଅଧ୍ୟୟନ ନେଚର ଜିଓସାଇନ୍ସ ଏବଂ ପିଏନ୍‌ଏଏସ୍‌ରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଜଣେ ସ୍କେଟର ସ୍କେଟିଂ କରୁଥିବାବେଳେ ମୋଡ଼ ବୁଲିବାକୁ ଯାଇ ସନ୍ତୁଳନ ପାଇଁ ଦୁଇ ହାତକୁ ପ୍ରସାରିତ କରିଥାନ୍ତି। ଏହି ସନ୍ତୁଳନ ଯୋଗୁ ମୋଡ଼ ବୁଲିବାରେ ସୁବିଧା ହୋଇଥାଏ। ପୃଥିବୀର ଘୂର୍ଣ୍ଣନ ମଧ୍ୟ ଅନୁରୂପ ସୂତ୍ରରେ ହୋଇଥାଏ। କିନ୍ତୁ ପୃଥିବୀ ଅକ୍ଷରୁ ବସ୍ତୁତ୍ୱ ଦୂରେଇଯିବା ଫଳରେ ଏହାର ସ୍ଥାଣୁତା ବଢୁଛି ଓ ☞ପୃଷ୍ଠା-୪

SHAILABALA WOMEN'S AUTONOMOUS COLLEGE, CUTTACK
ESTD. 1913
Accredited with 'A' grade by NAAC (UGC) (2006,2017)
ADMISSION NOTICE 2024-25

| Course | Duration | Eligibility |
|---|---|---|
| B.Sc. (ITM) (Bachelor in Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board / University. |

Forms and Information Bulletins are available at College Counter on SFC Science Block Annex for Rs. 300/- on all working days OR you may download the form from the college website - www.shailabalawomenscollege.ac.in
E-mail: shailabalasfc@gmail.com Sd/- Principal
For Details, Call: 7978927972, 8249864218

## ସଂକ୍ଷେପରେ

### ତୈଳ ଟ୍ୟାଙ୍କରର ୮ ଭାରତୀୟଙ୍କୁ ଉଦ୍ଧାର କଲା ନୌସେନା

ନୂଆଦିଲ୍ଲୀ, ୧୭।୭

ଓମାନ ଉପସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ତୈଳବାହୀ ଜାହାଜର ୧୬ ନାବିକଙ୍କ ମଧ୍ୟରୁ ୯ ଜଣଙ୍କୁ ଭାରତୀୟ ନୌସେନା ବୁଧବାର ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୮ ଜଣ ଭାରତୀୟ ହୋଇଥିବା ବେଳେ ଜଣେ ଶ୍ରୀଲଙ୍କା ନାବିକ। ଉଦ୍ଧାର କାର୍ଯ୍ୟରେ ଭାରତୀୟ ନୌସେନାର ଯୁଦ୍ଧଜାହାଜ ଆଇଏନ୍‌ଏସ୍ ତେଗ୍ ସାମିଲ ହୋଇଥିଲା। ସମୁଦ୍ରରେ ଓଲଟି ପଡ଼ିଥିବା ପ୍ରେଷ୍ଟିଜ୍ ଫାଲ୍‌କନ୍ ନାମକ ଏହି ଜାହାଜରେ ୧୩ ଭାରତୀୟଙ୍କ ସମେତ ୧୬ ଜଣ ନାବିକ ଥିଲେ।

### ଗୌରୀ ଲଙ୍କେଶ ହତ୍ୟା ମାମଲା: ୩ ଅଭିଯୁକ୍ତଙ୍କୁ ଜାମିନ



ବେଙ୍ଗାଲୁରୁ, ୧୭।୭

ସାମ୍ବାଦିକା ଗୌରୀ ଲଙ୍କେଶ ହତ୍ୟା ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ କର୍ଣ୍ଣାଟକ ହାଇକୋର୍ଟ ବୁଧବାର ଜାମିନ ମଞ୍ଜୁର କରିଛନ୍ତି। ବିଚାର ପ୍ରକ୍ରିୟାରେ ବିଳମ୍ବ ହେଉଥିବା ଦର୍ଶାଇ ଅଭିଯୁକ୍ତ ଅମିତ୍ ଦିଗ୍‌ୱେକର, ଏଚ୍.ଏଲ୍. ସୁରେଶ ଏବଂ କେ.ଟି. ନବୀନ କୁମାର ଜାମିନ ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଏସ୍. ବିଶ୍ୱଜିତ ସେଟ୍ଟୀ ସେମାନଙ୍କୁ ଜାମିନରେ ଯିବାକୁ ଅନୁମତି ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଅନ୍ୟତମ ଅଭିଯୁକ୍ତ ଏନ୍. ମୋହନ ନାୟକଙ୍କୁ ଜାମିନ ମିଳିଥିଲା। ହିନ୍ଦୁତ୍ୱବାଦୀ ସଂଗଠନଗୁଡ଼ିକୁ ସମାଲୋଚନା କରୁଥିବା ଗୌରୀଙ୍କୁ ୨୦୧୭ ସେପ୍ଟେମ୍ବର ୫ରେ ତାଙ୍କ ବେଙ୍ଗାଲୁରୁସ୍ଥିତ ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା।

### ହରିୟାଣା ପୋଲିସ, ସୁରକ୍ଷା କର୍ମୀ ଚାକିରିରେ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ

ଚଣ୍ଡିଗଡ଼, ୧୭।୭

ହରିୟାଣା ସରକାର ରାଜ୍ୟର କେତେକ ସରକାରୀ ପଦବୀରେ ନିଯୁକ୍ତି ନିମନ୍ତେ ଅଗ୍ନିବୀରମାନଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ଘୋଷଣା କରିଛନ୍ତି। ରାଜ୍ୟର ପୋଲିସ କନ୍‌ଷ୍ଟେବଲ, ମାଇନିଂ ଗାର୍ଡ, ଫରେଷ୍ଟ ଗାର୍ଡ, ଜେଲ୍ ୱାର୍ଡେନ ଏବଂ ଏସ୍‌ପିଓ ପଦବୀରେ ଅଗ୍ନିବୀରମାନଙ୍କୁ ସିଧାସଳଖ ନିଯୁକ୍ତିରେ ୧୦% ସଂରକ୍ଷଣ ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନାୟବ ସାଇନି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ଜୁନ୍ ୧୪ରେ ଆରମ୍ଭ କରିଥିବା ଅଗ୍ନିପଥ ଯୋଜନା ସରକାରଙ୍କର ଏକ କଲ୍ୟାଣକାରୀ ସ୍କିମ୍। ୪ ବର୍ଷ ନିଯୁକ୍ତି ପରେ ସେମାନଙ୍କୁ ବିଭିନ୍ନ ସଂସ୍ଥାରେ ଚାକିରି ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି।

# ୟୁପି ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ



କେଶବ ପ୍ରସାଦ ମୌର୍ଯ୍ୟ



ଯୋଗୀ ଆଦିତ୍ୟନାଥ

ନୂଆଦିଲ୍ଲୀ/ଲକ୍ଷ୍ନୌ, ୧୭।୭

ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ଅପେକ୍ଷାକୃତ ଦୁର୍ବଳ ପ୍ରଦର୍ଶନ ପରେ ଉତ୍ତର ପ୍ରଦେଶରେ ପୁଣି ହେବାକୁ ଯାଉଛି ଉପନିର୍ବାଚନ। ୧୦ ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ବି ଏହାକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ସ୍ତରରେ ରାଜନୈତିକ ସରଗରମ ବଢ଼ିବାରେ ଲାଗିଛି। ଯଦି 'ଜିତିଲେ ମୋଦି' ତେବେ 'ହାରିଲେ ବି ମୋଦି' ନ୍ୟାୟରେ ଭାଜପା ଏବଂ ସହଯୋଗୀ ଦଳଗୁଡ଼ିକର ନେତାମାନେ ସ୍ୱର ଉତ୍ତୋଳନ କରୁଛନ୍ତି। ବିଶେଷକରି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ 'ସରକାରଠାରୁ ସଙ୍ଗଠନ ବଡ଼' ମନ୍ତବ୍ୟ ୟୁପିର ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଅଡୁଆରେ ପକାଇଛି। ଭିତିରି ସୂତ୍ରରୁ ପ୍ରକାଶ ଯେ, କେଶବ ମୌର୍ଯ୍ୟ ସମାଜବାଦୀ ପାର୍ଟି ପଲା ଭାରି ଥିବା ଦେଖି ଅଖିଳେଶ ଯାଦବଙ୍କ ଯୋଗସୂତ୍ରରେ ରହିଛନ୍ତି। ଏଥିପାଇଁ ଭାଜପା ଭିତରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ତାଙ୍କ ବାର୍ଗେନିଂ କାପାସିଟି ବା ମୂଲଚାଲ ଦକ୍ଷତା ବଢ଼ିଯାଇଛି। ପାୱାର କରିଡରରେ ଏବେ ଗୋଟିଏ ଚର୍ଚ୍ଚା, ୟୁପିରେ କିଛି ଗୋଟିଏ ହେବାକୁ ଯାଉଛି। ତେବେ କେବଳ ୟୁପି ନୁହେଁ, ଇଣ୍ଡିଆ ମେଣ୍ଟ ମଜଭୁତ ହୋଇଥିବା ପ୍ରାୟ ସବୁ ରାଜ୍ୟରେ ଦଳୀୟ ନେତୃତ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

### ସରକାରଠାରୁ ସଙ୍ଗଠନ ବଡ଼: ମୌର୍ଯ୍ୟ

ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ବୁଧବାର ଏକ୍ସ'ରେ କହିଛନ୍ତି, ସରକାରଠାରୁ ଭାଜପାର ସଙ୍ଗଠନ ବଡ଼। କର୍ମୀଙ୍କ କଷ୍ଟ ମୋ କଷ୍ଟ। ସଙ୍ଗଠନଠାରୁ କେହି ବଡ଼ ନୁହନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। କେଶବ ମୌର୍ଯ୍ୟଙ୍କ ଏହି ମନ୍ତବ୍ୟ ପରେ ରାଜ୍ୟ ଭାଜପାରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚାକୁ ବଳ ଦେଇଛି।

ଜୁନ୍ ୭ରୁ ୧୮ ମଧ୍ୟରେ ୧୦ ବିଧାନସଭା ଆସନ କରହାଲ୍ (ମୈନପୁରୀ), ଖଇର (ଆଲିଗଡ଼), କୁନ୍ଦର୍କି (ମୋରାଦାବାଦ), କଟେହାରି (ଅମ୍ବେଦକରନଗର), ଫୁଲପୁର(ପ୍ରୟାଗରାଜ), ଗାଜିଆବାଦ (ଗାଜିଆବାଦ), ମଝାୱନ (ମିର୍ଜାପୁର), ମୀରାପୁର (ମୁଜାଫରନଗର), ମିଲ୍କିପୁର (ଅଯୋଧ୍ୟା) ଏବଂ ସିସାମଉ (କାନପୁର) ଖାଲି ହୋଇଥିଲା। ଏଥିରୁ କରହାଲ, କୁନ୍ଦର୍କି, କଟେହାରି, ମିଲ୍କିପୁର ଓ ସିସାମଉ ଆସନ ଏସ୍‌ପି ଦଖଲରେ ଥିବାବେଳେ ଭାଜପା ପାଖରେ ଖଇର, ଫୁଲପୁର ଓ ଗାଜିଆବାଦ ଆସନ ଥିଲା। ଭାଜପା ସହଯୋଗୀ ନିଷାଦ ପାର୍ଟି ମଝାୱନ ଆସନରେ ବିଜୟୀ ହୋଇଥିବାବେଳେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୀରାପୁରରେ ବିଜୟୀ ହୋଇଥିଲା। ଖାଲି ପଡ଼ିବା ଦିନଠାରୁ ୬ ମାସ ମଧ୍ୟରେ ଏହି ଆସନଗୁଡ଼ିକରେ ନିର୍ବାଚନ କମିଶନ ଭୋଟ ଗ୍ରହଣ କରାଇବେ। ଏଥିପାଇଁ ଲକ୍ଷ୍ନୌରୁ ଦିଲ୍ଲୀ ମାରାଥନ୍ ବୈଠକ ଚାଲିଛି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୩୦ ମନ୍ତ୍ରୀଙ୍କୁ ନେଇ ନିଜ ଟିମ୍ ଗଢ଼ିଛନ୍ତି। ଏହି ସୁପର-୩୦କୁ ଭୋଟ ହେବାକୁ ଥିବା ୧୦ ଆସନର ଦାୟିତ୍ୱ ଦିଆଯାଇଛି। ଅର୍ଥାତ୍ ପ୍ରତି ଆସନ ପାଇଁ ୩ ମନ୍ତ୍ରୀ। ପ୍ରାର୍ଥୀ ଚୟନରେ ସତର୍କତା ଓ ଜାତିଗତ ସମୀକରଣକୁ ଗୁରୁତ୍ୱ ଦିଆଯିବ ବୋଲି ବୁଧବାର ଯୋଗୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ସେପଟେ ଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଉପମୁଖ୍ୟମନ୍ତ୍ରୀ କେଶବ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ୪ ଘଣ୍ଟା ମନ୍ତ୍ରଣା ହୋଇଛି। ବୈଠକ ପରେ କେଶବ ଗଣମାଧ୍ୟମକୁ କିଛି ନ କହି ଚାଲିଯିବା ଅନେକ ପ୍ରଶ୍ନ ଛିଡ଼ା କରାଇଛି। କେତେକଙ୍କ ମତରେ ଉପନିର୍ବାଚନ ପରେ ୟୁପି ଭାଜପା ସଙ୍ଗଠନ ଏବଂ ଯୋଗୀ କ୍ୟାବିନେଟରେ ବଡ଼ ପରିବର୍ତ୍ତନ ହୋଇପାରେ। ଏପରି କି ଯୋଗୀଙ୍କ ସ୍ଥାନରେ କେଶବଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ମଧ୍ୟ କୁହାଯାଉଛି।

ନିକଟରେ ୭ ରାଜ୍ୟର ୧୩ ବିଧାନସଭା ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ଇଣ୍ଡିଆ ମେଣ୍ଟ ୧୦ ଆସନ ଜିତିଥିବାବେଳେ ଭାଜପା ମାତ୍ର ୨ଟିରେ ସୀମିତ ହୋଇ ରହିଯାଇଛି। ଲୋକ ସଭା ନିର୍ବାଚନ ପରେ ଏହା ହେଉଛି ଭାଜପାକୁ ପ୍ରଥମ ଝଟ୍‌କା। ଲୋକ ସଭା ନିର୍ବାଚନ ବେଳେ ଭାଜପା ୟୁପିରେ ୮୦ରୁ ୮୦ ପୋଛିନେବାକୁ ଲକ୍ଷ୍ୟ ରଖିଥିଲା। କିନ୍ତୁ ଶାସକ ଦଳ ମାତ୍ର ୩୩ ଜିତିବାରେ ସକ୍ଷମ ହୋଇଥିବାବେଳେ ସମାଜବାଦୀ ପାର୍ଟି ୩୭ ଏବଂ କଂଗ୍ରେସ ୬ ଆସନ ଜିତିଛି। ଇଣ୍ଡିଆ ବ୍ଲକ୍‌ର ଏହି ୨ ପ୍ରମୁଖ ଦାବିଦାର ଉପନିର୍ବାଚନ ହେବାକୁ ଥିବା ୧୦ ଆସନ ମଧ୍ୟରୁ ୫ଟି ଲେଖାଏ ଆସନରେ ପ୍ରାର୍ଥୀ ଦେବେ ବୋଲି ଜଣାପଡ଼ିଛି। ଏନେଇ ଦୁଇ ଦଳ ମଧ୍ୟରେ ଆଲୋଚନା ଚାଲିଥିବା ୟୁପି କଂଗ୍ରେସ ସଭାପତି ଅଜୟ ରାଏ ସୂଚନା ଦେଇଛନ୍ତି।

### ଖୁବ୍‌ଶୀଘ୍ର ଅଦଳବଦଳ

ଉତ୍ତର ପ୍ରଦେଶ ଭାଜପା ସଭାପତି ଭୂପେନ୍ଦ୍ର ଚୌଧରୀ ବୁଧବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ସାକ୍ଷାତ ବେଳେ ଭୂପେନ୍ଦ୍ର ଲୋକ ସଭା ନିର୍ବାଚନରେ ପରାଜୟ ପାଇଁ ଉତ୍ତରଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି। ଏପରି କି ସେ ରାଜ୍ୟ ଭାଜପା ସଭାପତି ପଦ ଛାଡ଼ିବା ପ୍ରସ୍ତାବ ମଧ୍ୟ ଦେଇଥିବା ଜଣାପଡ଼ିଛି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିଛନ୍ତି। ଦଳ ୟୁପିରେ ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଜଣେ ଓବିସି ଚେହେରାଙ୍କୁ ନୂଆ ଦାୟିତ୍ୱ ଦେଇପାରେ ବୋଲି ଆଲୋଚନା ହେଉଛି। କିଛିଦିନ ହେଲା ୟୁପି ଭାଜପା ନେତାମାନେ ଦିଲ୍ଲୀରେ ଡେରା ପକାଇଥିବାବେଳେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରି ଯୋଗୀଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପାରେ ବଡ଼ ପରିବର୍ତ୍ତନର ଆଭାସ ମିଳିଛି।

### ଉତ୍ତରାଖଣ୍ଡରେ ବି ବିଦ୍ରୋହର ସ୍ୱର



ତୀରଥ ସିଂ ରାୱତ୍

ୟୁପି ଭାଜପାରେ ଉଠିଥିବା ବିଦ୍ରୋହର ନିଆଁ ପଡ଼ୋଶୀ ଉତ୍ତରାଖଣ୍ଡକୁ ବ୍ୟାପିଲାଣି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ତୀରଥ ସିଂ ରାୱତ୍ କହିଛନ୍ତି, ସମସ୍ତଙ୍କ ସହ ବିଚାରବିମର୍ଶ କରି ଦଳ ଭିତରେ ନିଷ୍ପତ୍ତି ନିଆଯିବା ଉଚିତ। କାହା ଉପରେ ନିଷ୍ପତ୍ତି ଲଦିଦେବା ଅନୁଚିତ। ଆଜି ତୁମେ ଅଛ, କାଲି ଆଉ କେହି ଥିବେ ବୋଲି ସେ କହିଛନ୍ତି। ଉତ୍ତରାଖଣ୍ଡ ବିଧାନସଭାର ୨ ଆସନରେ ଉପନିର୍ବାଚନରେ ଭାଜପାର ପରାଜୟ ପରିପ୍ରେକ୍ଷୀରେ ସେ ଏଭଳି ଭାଷାରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିଥିବା କୁହାଯାଉଛି। ଡେରାଡୁନ୍‌ରେ ସୋମବାର ବସିଥିବା ଭାଜପା କାର୍ଯ୍ୟକାରୀ କମିଟି ବୈଠକରେ ରାୱତ୍ ଦେଇଥିବା ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

## ହାଇକୋର୍ଟରେ କେଜ୍‌ରିୱାଲଙ୍କ ରାୟ ସଂରକ୍ଷିତ

ନୂଆଦିଲ୍ଲୀ, ୧୭।୭

ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଗିରଫଦାରିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ବୁଧବାର ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଛୁଟିରେ ସ୍ୱତନ୍ତ୍ର ଶୁଣାଣି କରିଥିବା ଜଷ୍ଟିସ୍ ନୀନା ବଂସଲ କ୍ରିଷ୍ଣାଙ୍କ ଖଣ୍ଡପୀଠରେ କେଜ୍‌ରିୱାଲଙ୍କ ଓକିଲ ସିବିଆଇର ଗିରଫଦାରିକୁ ବେଆଇନ ଦର୍ଶାଇବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଯୁକ୍ତି ବାଢ଼ିଥିଲେ। ହାଇକୋର୍ଟ କେଜ୍‌ରିୱାଲଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଜୁଲାଇ ୨୯ରେ କରିବାକୁ ଧାର୍ଯ୍ୟ କରିଛନ୍ତି।

## ମସ୍‌ଜିଦରେ ଗୁଳିମାଡ଼: ଭାରତୀୟଙ୍କ ସମେତ ୬ ମୃତ

ମସ୍କାଟ, ୧୭।୭

ଓମାନ୍ ରାଜଧାନୀ ମସ୍କାଟସ୍ଥିତ ଶିୟା ମୁସଲମାନଙ୍କ ଏକ ମସ୍‌ଜିଦ ନିକଟରେ ଗୁଳିକାଣ୍ଡ ଘଟି ଜଣେ ଭାରତୀୟଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୪ ଜଣ ପାକିସ୍ତାନୀ ଓ ଜଣେ ପୋଲିସ ଅଛନ୍ତି। ସୋମବାର ରାତିରେ ହୋଇଥିବା ଏହି ଗୁଳିମାଡ଼ରେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଭାରତୀୟ ରହିଥିବା ଜଣାପଡ଼ିଛି। ସୁରକ୍ଷା କର୍ମୀଙ୍କ ପାଲଟା ଗୁଳିରେ ୩ ଆକ୍ରମଣକାରୀ ନିହତ ହୋଇଛନ୍ତି। ଓମାନରେ ଘଟିଥିବା ଏହି ବିରଳ ଆକ୍ରମଣ ପାଇଁ ଆଇଏସ୍ ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି। ଓମାନ ଦୂତାବାସ ଏଥିପାଇଁ ଦୁଃଖ ପ୍ରକାଶ କରିବା ସହ ମୃତ ଭାରତୀୟଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି।



ଲକ୍ଷ୍ନୌରେ ବୁଧବାର ମହରମ ପାଳନ ଅବସରରେ ଅଶୁରା ଶୋଭାଯାତ୍ରା।

## ସଂରକ୍ଷଣ ବିରୋଧରେ ଆଜି ବାଂଲାଦେଶ ବନ୍ଦ

ଢାକା, ୧୭।୭(ପି.ଟି.)

ବାଂଲାଦେଶର ସରକାରୀ ନିଯୁକ୍ତିରେ ରହିଥିବା ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଦାବିରେ ବିକ୍ଷୋଭକାରୀ ଛାତ୍ରୀଛାତ୍ରମାନେ ଗୁରୁବାର ଦେଶବ୍ୟାପୀ ବନ୍ଦ ଡାକରା ଦେଇଛନ୍ତି। ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଆଣିବା ଦାବିରେ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ମଙ୍ଗଳବାର ବିକ୍ଷୋଭକାରୀଙ୍କ ପୋଡ଼ାଜଳା ଓ ଭଙ୍ଗାରୁଜା ଯୋଗୁ ସ୍କୁଲ୍ କଲେଜ ବନ୍ଦ ହୋଇଯାଇଥିବାବେଳେ ପୋଲିସ ସହ ସଂଘର୍ଷରେ ୩ ଛାତ୍ରଙ୍କ ସମେତ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ଛାତ୍ର ସଂଗଠନଗୁଡ଼ିକ ବିରୋଧ କରିଛନ୍ତି। ଚିକିତ୍ସା ଓ ଜରୁରୀ ସେବାକୁ ବାଦ୍ ଦେଇ ଅନ୍ୟ ସମସ୍ତ ସେବା, କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଦୋକାନବଜାର ବନ୍ଦ ରହିବ ବୋଲି ଆନ୍ଦୋଳନର ମୁଖ୍ୟ ସଂଯୋଜକ ଅସିଫ୍ ମହମ୍ମଦ ସୋସିଆଲ ମିଡିଆ ପୋଷ୍ଟରେ ଘୋଷଣା କରିଛନ୍ତି। ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏଥିରେ ଭାଗନେବା ସହ ସେମାନଙ୍କ ଅଭିଭାବକମାନଙ୍କ ସମର୍ଥନ ମଧ୍ୟ ଲୋଡ଼ାଯାଇଛି।

ବିକ୍ଷୋଭକାରୀମାନେ ସରକାରୀ ଚାକିରିରେ ସଂରକ୍ଷଣକୁ ଉଚ୍ଛେଦ କରି ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ଦାବିରେ ସୋମବାର ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବାବେଳେ ପୋଲିସ ସମର୍ଥନରେ ଶାସକ ଆୱାମି ଲିଗ୍‌ର ଛାତ୍ର ସାମ୍ମୁଖ୍ୟ ବାଂଲାଦେଶ ଛାତ୍ର ଲିଗ୍ ସଦସ୍ୟମାନେ ବିକ୍ଷୋଭକାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ମୁଖ୍ୟ ୪ ସହର କେନ୍ଦ୍ରୀୟ ଢାକା, ରାଜସାହି, ଖୁଲ୍‌ନା ଏବଂ ଚଟ୍ଟୋଗ୍ରାମର ରାଜପଥ ଏବଂ ରେଳପଥକୁ ବିକ୍ଷୋଭକାରୀମାନେ ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ରବର ବୁଲେଟ୍ ମାଡ଼ କରିଥିଲା। ମଙ୍ଗଳବାର ସ୍ଥିତି ଅଣାୟତ ହେଉଥିବା ଦେଖି ସରକାର ଅର୍ଦ୍ଧସାମରିକ ବର୍ଡର ଗାର୍ଡ ବାଂଲାଦେଶକୁ ୪ ସହରରେ ମୁତୟନ କରିଥିଲେ। ସୁରକ୍ଷା ବଳ ଏବଂ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୬ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ଗତ ଜାନୁଆରୀରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର ଚତୁର୍ଥ ପାଳି ଆରମ୍ଭ କରିବା ପରେ ବାଂଲାଦେଶରେ ଏହା ହେଉଛି ପ୍ରଥମ ବୃହତ୍ ସରକାର ବିରୋଧୀ ଆନ୍ଦୋଳନ।

## ସ୍ମୃତି ହେଗ୍‌ଡେ ଭାରତର ପ୍ରଥମ ମିସ୍ ୟୁନିଭର୍ସାଲ ପେଟିଟ୍ କ୍ରାଉନ୍




ବେଙ୍ଗାଲୁରୁ, ୧୭।୭

କର୍ଣ୍ଣାଟକର ହୁବ୍ଲିସ୍ଥିତ ଏକ ହସ୍ପିଟାଲରେ ୨୦୧୮ରୁ ଡାକ୍ତର ଭାବେ କାର୍ଯ୍ୟରତ ସ୍ମୃତି ହେଗ୍‌ଡେ ଭାରତର ପ୍ରଥମ ମିସ୍ ୟୁନିଭର୍ସାଲ ପେଟିଟ୍ କ୍ରାଉନ୍ ଜିତିଛନ୍ତି। ଏହି ବିଜୟକୁ ନେଇ ସ୍ମୃତିଙ୍କ ପରିବାର ଓ ଦେଶବାସୀ ଉଲ୍ଲସିତ ହୋଇଛନ୍ତି।

ଗେଡ଼ି ମହିଳାମାନଙ୍କୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସୁଯୋଗ ଦେବା ପାଇଁ ୨୦୦୯ରୁ ଆମେରିକାର ଫ୍ଲୋରିଡାସ୍ଥିତ ଥାମ୍ପାରେ ପ୍ରତିବର୍ଷ ମିସ୍ ୟୁନିଭର୍ସାଲ ପେଟିଟ୍ ଆୟୋଜିତ ହୋଇଆସୁଛି। ଜୁନ୍ ୧୦ରେ ସ୍ମୃତି ଭାରତର ପ୍ରଥମ ମିସ୍ ୟୁନିଭର୍ସ ପେଟିଟ୍ ହେବାରେ ସୌଭାଗ୍ୟ ଲାଭ କରିଥିଲେ। ଏହି ଅବସରରେ ସ୍ମୃତି କହିଛନ୍ତି, ଏହା ମୋ ପାଇଁ ସହଜ ନ ଥିଲା। ଜଣେ ଡାକ୍ତର ହେବା କେତେ କଷ୍ଟସାଧ୍ୟ ତାହା ମୁଁ ଅନୁଭବ କରିଥିଲି। ତେବେ ଉଭୟ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବାକୁ ପ୍ରଥମେ ଚେଷ୍ଟା କରିଥିଲି ବୋଲି ସ୍ମୃତି କହିଛନ୍ତି। ମୁକୁଟ ପରିଧାନ କରିବାବେଳେ ସ୍ମୃତି କହିଥିଲେ, ସେ ବିଜୟିନୀ ହେବା ନେଇ ସେତେଟା ଭାବି ନ ଥିଲେ ବୋଲି ତ୍ୱଚାରୋଗ ବିଜ୍ଞାନ (ଡେର୍ମାଟୋଲୋଜି)ର ଏମ୍‌ଡି ଛାତ୍ରୀ ତଥା ମଡେଲ ଓ ଡ୍ୟାନ୍ସର ସ୍ମୃତି ପ୍ରକାଶ କରିଛନ୍ତି। ୟୁନିଭର୍ସାଲ ପେଟିଟ୍ ପିଜେଣ୍ଟରେ ଭାଗନେବା ପାଇଁ ମହିଳାଙ୍କ ଉଚ୍ଚତା ୫ ଫୁଟ୍ ୬ ଇଞ୍ଚ (୧୬୭.୫ ସେ.ମି.)ରୁ କମ୍ ହୋଇଥିବା ଆବଶ୍ୟକ ବୋଲି ଏହାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି।

## ୨୨୧୬ ପଦବୀ, ୨୫,୦୦୦ ଆଶାୟୀ: ଦଳାଚକଟା ସ୍ଥିତି

ମୁମ୍ବାଇ, ୧୭।୭



### ଏୟାରପୋର୍ଟ ଲୋଡର ପଦବୀ ପାଇଁ ଇଣ୍ଟରଭ୍ୟୁରେ ଅବ୍ୟବସ୍ଥା

ଏୟାର ଇଣ୍ଡିଆ ଏୟାରପୋର୍ଟ ସର୍ଭିସେସ୍ ଲିଃର ୨,୨୧୬ ଲୋଡର ପଦବୀ ପୂରଣ ପାଇଁ ମୁମ୍ବାଇରେ ସାକ୍ଷାତ୍‌କାର ପରୀକ୍ଷା ବେଳେ ଦଳାଚକଟା ସ୍ଥିତି ଉପୁଜିଛି। ପରୀକ୍ଷା ଦେବା ପାଇଁ ୨୫,୦୦୦ରୁ ଅଧିକ ଆଶାୟୀ ପହଞ୍ଚିବାରୁ ପ୍ରବଳ ଠେଲାପେଲା ହୋଇଥିଲା। ଆବେଦନକାରୀମାନେ ଆପ୍ଲିକେଶନ କାଉଣ୍ଟର ପାଖରେ ପହଞ୍ଚିବା ପାଇଁ ଧସ୍ତାଧସ୍ତି ହେଉଥିବା ଦେଖାଯାଇଥିଲା। ବିନା ଖାଦ୍ୟ ପାନୀୟରେ ସେମାନଙ୍କୁ ବହୁ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲାବେଳେ ବହୁ ପ୍ରାର୍ଥୀ ଅସୁସ୍ଥ ଅନୁଭବ କରିଥିଲେ।

ଏୟାର ଇଣ୍ଡିଆ ଏୟାରପୋର୍ଟ ସର୍ଭିସେସ୍ ଲିଃ ଦେଶର ପ୍ରମୁଖ ବିମାନବନ୍ଦରଗୁଡ଼ିକୁ ପରିଚାଳନା ସେବା ପ୍ରଦାନ କରିଥାଏ। ଏହି ଏୟାରପୋର୍ଟ ଲୋଡରମାନେ ବିମାନରେ ଲଗେଜ୍ ଲୋଡ୍, ଅନ୍‌ଲୋଡ୍ କରିବା ସହ ବ୍ୟାଗେଜ୍ ବେଲ୍ଟ ଏବଂ ର‍୍ୟାମ୍ପ୍ ଟ୍ରାକ୍ଟର ଚଳାଇଥାନ୍ତି। ଲଗେଜ୍, ଜିନିଷପତ୍ର ପରିଚାଳନା ଓ ଖାଦ୍ୟ ଯୋଗାଣ ପାଇଁ ପ୍ରତି ବିମାନକୁ ଅନ୍ୟୂନ ୫ ଜଣ ଲୋଡର ଆବଶ୍ୟକ ହୋଇଥାଏ। ସେମାନଙ୍କର ଦରମା ୨୦ରୁ ୨୫ ହଜାର ହୋଇଥିବାବେଳେ ଓଭରଟାଇମ୍ ସହ ଅଧିକାଂଶ ୩୦,୦୦୦ ଟଙ୍କା ପାଇଥାନ୍ତି। ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଅଣ୍ଡର ମାଟ୍ରିକ ହୋଇଥିବାବେଳେ ଶାରୀରିକ ଦକ୍ଷତା ଜରୁରୀ। ଏହି ପରୀକ୍ଷା ଦେବା ପାଇଁ ୪୦୦ କି.ମି.ରୁ ଅଧିକ ଦୂରରୁ ପିଲାମାନେ ଇଣ୍ଟରଭ୍ୟୁ ଦେବାକୁ ଆସିଥିବା ଦେଖାଯାଇଥିଲା।

# ଆଜି ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୧୭।୭(ଅନିଲ ଦାସ)

ଲୋକସେବା ଭବନରେ ଗୁରୁବାର ପୂର୍ବାହ୍ନ ୯ଟା ୩୦ ମିନିଟ୍‌ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ରୂପରେଖକୁ ଅନୁମୋଦନ କରାଯିବ। ଆସନ୍ତା ୨୫ ତାରିଖରେ ଏହି ବଜେଟକୁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିବେ। ଏଥିସହ ଅନ୍ୟ କେତେକ ପ୍ରସ୍ତାବକୁ ମଧ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିବା ସମ୍ଭାବନା ରହିଛି।

# ଆଜିଠୁ ଯୁକ୍ତ୩ ତୃତୀୟ ରାଉଣ୍ଡ ନାମଲେଖା

ଭୁବନେଶ୍ୱର, ୧୭।୭
(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଜାରି ରହିଥିବାବେଳେ ତୃତୀୟ ରାଉଣ୍ଡ ନାମଲେଖା ଗୁରୁବାରଠାରୁ ଆରମ୍ଭ ହେବ। ସକାଳ ୯ଟାରୁ ନାମଲେଖା ଚାଲିବ। ମନୋନୀତ ଛାତ୍ରୀଛାତ୍ର ଛୁଟିଦିନ ବ୍ୟତୀତ ୨୨ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମ ଲେଖାଇବେ। ସୂଚନାଯୋଗ୍ୟ, ତୃତୀୟ ରାଉଣ୍ଡ୍‌ରେ ମୋଟ ୪୪,୦୬୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୪,୮୭୮ଜଣ ଛାତ୍ରୀ, ୧୯,୧୮୧ଜଣ ଛାତ୍ର ଏବଂ ଜଣେ କିନ୍ନର ରହିଛନ୍ତି। ଏଥିରୁ ବିଜ୍ଞାନ ବିଭାଗ ପାଇଁ ୧୪,୩୩୨ଜଣ ଚୟନ ହୋଇଥିବାବେଳେ କଳାରେ ୨୫,୭୯୧, ବାଣିଜ୍ୟରେ ୨,୮୮୦, ଶାସ୍ତ୍ରୀରେ ୧୯୮, ସେଲ୍ଫଫାଇନାନ୍ସିଂରେ ୮୧୬ ଏବଂ ଆଇନ ବିଭାଗରେ ୪୩ଜଣ ରହିଛନ୍ତି। ଦୁଇଟି ରାଉଣ୍ଡ ନାମଲେଖା ପରେ ବର୍ତ୍ତମାନ ଯୁକ୍ତ୩ ପ୍ରଥମ ବର୍ଷ ନାମଲେଖା ନିମନ୍ତେ ୧,୫୩,୩୪୭ଟି ସିଟ୍ ଖାଲି ରହିଛି।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଅମର୍ଦା ରୋଡ୍ ବିମାନବନ୍ଦର

## ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନାକଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)

ମୟୂରଭଞ୍ଜ ଜିଲା ସ୍ଥିତ ଅମର୍ଦା ରୋଡ୍ (ରାସଗୋବିନ୍ଦପୁର) ବିମାନବନ୍ଦରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ଏନେଇ ବୁଧବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ପ୍ରସଙ୍ଗ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଅମର୍ଦା ରୋଡ୍ ବିମାନବନ୍ଦରରେ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହିତ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଉଭୟ ମନ୍ତ୍ରୀ



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଲୋଚନା କରୁଛନ୍ତି।

ସହମତ ହୋଇଛନ୍ତି। ଏହା ସହ ଝାରସୁଗୁଡ଼ା ବିମାନବନ୍ଦରର ସର୍ବାଙ୍ଗୀନ ବିକାଶ ନିମନ୍ତେ ମଧ୍ୟ ଆଲୋଚନା ହୋଇଛି। ଆଲୋଚନା ସମୟରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶଯୋଗ୍ୟ, ମୟୂରଭଞ୍ଜର ଅମର୍ଦା ରୋଡ୍ ବିମାନବନ୍ଦର ୪୦ ଦଶକରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାର୍ଯ୍ୟ କରୁଥିଲା। ପୂର୍ବରୁ ଏହାର ୧୧ ହଜାର ଫୁଟର କଂକ୍ରିଟ୍ ରନ୍‌ୱେ ରହିଥିଲା। କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଅଧିକ ଜମି ଅଧିଗ୍ରହଣ ସାଙ୍ଗକୁ ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଏକ ଉଲ୍ଲେଖଯୋଗ୍ୟ ବିମାନବନ୍ଦର ଭାବେ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି।

# ଅଳଙ୍କାର ସ୍ଥାନାନ୍ତର ପରେ ରତ୍ନଭଣ୍ଡାର ମରାମତି: ହରିଚନ୍ଦନ

ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)



ପୃଥ୍ୱୀରାଜ ହରିଚନ୍ଦନ

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ପୁନର୍ବାର ଗୁରୁବାର ଖୋଲିବାକୁ ଯାଉଛି। ଏ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଭିତର ରତ୍ନଭଣ୍ଡାରରେ ଯାହାସବୁ ରତ୍ନ ଅଳଙ୍କାର ରହିଛି, ସେସବୁକୁ ଶ୍ରୀମନ୍ଦିର ପରିସରରେ ହୋଇଥିବା ଅସ୍ଥାୟୀ ଭଣ୍ଡାରଘରକୁ ସ୍ଥାନାନ୍ତର କରାଯିବ। ଏହାପରେ ଏଏସ୍‌ଆଇ ପକ୍ଷରୁ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେବ। ମରାମତି ସରିବା ପରେ ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗ ରୁମ୍‌ରୁ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ପୁନର୍ବାର ସ୍ଥାନାନ୍ତର କରାଯିବ। ଏହାପରେ ରତ୍ନଅଳଙ୍କାରଗୁଡ଼ିକର ଗଣତି ମଣତି କରାଯିବ ବୋଲି ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ବିଶ୍ୱନାଥ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ କ୍ରମେ ପ୍ରଥମ ପାଦ ଅଧା ଅତିକ୍ରମ କରିଛୁ। ବାହାର ଭଣ୍ଡାର ଖୋଲି ସାରିଛୁ। ବାହାର ଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର କରାଯାଇଛି। ତେବେ ମହାପ୍ରଭୁଙ୍କ ପୂର୍ଣ୍ଣ ଆଶୀର୍ବାଦରେ ଗୁରୁବାର ଦ୍ୱିତୀୟ ପାଦରେ ପହଞ୍ଚିବୁ। ଗୁରୁବାର ଭିତର ଭଣ୍ଡାର ଖୋଲାଯିବ। ତେଣୁ ଜଗନ୍ନାଥପ୍ରେମୀ ଏବଂ ଓଡ଼ିଶାବାସୀଙ୍କୁ ଅନୁରୋଧ, ସମସ୍ତେ କମିଟି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ବୋଲି ରଥ କହିଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ଖୋଳତାଡ଼ ହେବ: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)

ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ମିଳିଥିବା ଅନୁଦାନର ଖୋଳତାଡ଼ ହେବ। ରାଜ୍ୟର ଭାଜପା ସରକାର ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ମିଳିଥିବା ୫୦ ଲକ୍ଷ ଟଙ୍କା ଅନୁଦାନର ଖୋଳତାଡ଼ କରିବେ। ବୁଧବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ପ୍ରତି ପଞ୍ଚାୟତକୁ ଦିଆଯାଇଥିବା ୫୦ ଲକ୍ଷ ଟଙ୍କା ବିଷୟରେ ପଞ୍ଚାୟତିରାଜ ବିଭାଗରେ କୌଣସି ତଥ୍ୟ ନାହିଁ। ଏହି ଯୋଜନା ବାବଦରେ ବିଭାଗ ଅବଗତ ନାହିଁ। ସେତେବେଳେ ୩ୟ ମହଲା ମନିଟରିଂ କରୁଥିଲା, ବ୍ଲକ୍ ଓ ଡିଆର୍‌ଡିଏ ଏହାକୁ କାର୍ଯ୍ୟକାରୀ କରୁଥିଲେ। କିଏ କରୁଛି, କେତେ କାମ ହେଉଛି ବିଭାଗୀୟ ସଚିବ କିଛି ଜାଣୁ ନ ଥିଲେ। ରାମ ଭରସାରେ ଏହା ଚାଲିଥିଲା। ସମ୍ପୃକ୍ତ ବିଭାଗରେ ହୋଇଥିବା ଅନିୟମିତତାର ଖୋଳତାଡ଼ ହେବ ଏବଂ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯିବ। ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କୁ ଭେଟି ଓ ତାଙ୍କ ସହ ଆଲୋଚନାକରି ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମ



ରବି ନାରାୟଣ ନାଏକ

ଆଗରେ ପଞ୍ଚାୟତିରାଜ ମନ୍ତ୍ରୀ ନାଏକ ଏହା କହିଛନ୍ତି। ଅକ୍ଟୋବର ୨୦୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଯୋଜନା ଆରମ୍ଭ ହେବାପରେ ସେଥିରେ ସ୍ପଷ୍ଟ କରାଯାଇଥିଲା ଯେ, ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଫଳରେ ସ୍ଥାନୀୟ ପଞ୍ଚାୟତର ସାଂସ୍କୃତିକ ଓ ପାରମ୍ପରିକ ଭିତ୍ତିଭୂମିର ବିକାଶ କରାଯିବ। ତାହା ମଧ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଭାଗବତ ଟୁଙ୍ଗିର ପୁନରୁଦ୍ଧାର, ସଭାଗୃହ କରିବା ଆଦି କାମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଏଥିରେ ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କୁ ଉପେକ୍ଷା କରାଯାଇଥିଲା। ସରକାରୀ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକଳ୍ପ ଚୟନ କରିବେ ଓ ତାଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଠିକାଦାରଙ୍କ ଜରିଆରେ ଏହି କାମ କରାଇବେ ବୋଲି ଉଲ୍ଲେଖ ଥିଲା। ଏହାକୁ ଜନପ୍ରତିନିଧିମାନେ ବିରୋଧ କରିବା ସହ ଆଇନର ଆଶ୍ରୟ ନେଇଥିଲେ। ବହୁ ଜନପ୍ରତିନିଧି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ସମଗ୍ର ରାଜ୍ୟରୁ ପ୍ରାୟ ୪୨ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ସହଭାଗିତାରେ ପ୍ରକଳ୍ପ ଚୟନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପ୍ରକଳ୍ପ କାର୍ଯ୍ୟକାରିତା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ କୋର୍ଟ ମନା କରିଦେଇଥିଲେ।

# ମନ୍ତ୍ରୀଙ୍କ ଗସ୍ତ ପରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତକଲା ବିଏମ୍‌ସି

ଭୁବନେଶ୍ୱର୧୭।୭
(ଅନୁରାଧା ମହାରଣା)

ନିକଟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ବିଭିନ୍ନ ଅଞ୍ଚଳକୁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପରିଦର୍ଶନ କରିଥିଲେ। ଏହା ପରେ ବିଏମ୍‌ସି ପକ୍ଷରୁ ବିଭିନ୍ନ ପ୍ରକଳ୍ପର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବିଏମ୍‌ସି ଅଧିକାରୀମାନେ ଲକ୍ଷ୍ମୀସାଗର ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ପୁନଃ ସ୍ଥାପନ କାର୍ଯ୍ୟ ଶେଷ ହୋଇଥିବାବେଳେ ଫିସେରି ଟ୍ୟାଙ୍କ ନିକଟ ରାସ୍ତାର ମରାମତି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାୟ ୫ଶହ ମିଟର ରାସ୍ତା ମରାମତି କରାଯାଇଛି। ସୂଚନା ଥାଉକି, ମେୟର ସୁଲୋଚାନା ଦାସ, ବିଧାୟକ ବାବୁ ସିଂ, ସ୍ଥାନୀୟ ଭାଜପା ନେତା ଜଗନ୍ନାଥ ପ୍ରଧାନ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂଙ୍କ ଉପସ୍ଥିତିରେ ମନ୍ତ୍ରୀ ବିଏମ୍‌ସି ଅଧୀନରେ ଥିବା ବିଭିନ୍ନ ଜଳାଶୟ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି।

# ଶ୍ୱାସନଳୀରେ ମଟର ଚଣା ଲାଗି ଶିଶୁ ମୃତ

ଯୋଡ଼ା,୧୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି କାରଣ ସାହିରେ ମଟର ଚଣା ଶ୍ୱାସନଳୀରେ ଅଟକିଯିବାରୁ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ରାଜେଶ କାଣ୍ଟିକାରଙ୍କ ୨ ବର୍ଷର ଶିଶୁକନ୍ୟା ଅଞ୍ଜଳି କାଣ୍ଟିକାର। ମଙ୍ଗଳବାର ସନ୍ଧ୍ୟା ସମୟରେ ଅଞ୍ଜଳି ମଟର ଚଣା ଖାଉଥିବା ବେଳେ ଶ୍ୱାସନଳୀରେ ଅଟକିଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ସ୍ଥାନୀୟ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ଅପମୃତ୍ୟୁ ମାମଲା(ନଂ.୩୨/୨୦୨୪)ରୁଜୁ କରି ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି।


## ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
(ଭାରତ ସରକାର ଏବଂ ଦିଲ୍ଲୀ ଏନ୍‌ସିଟି ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**(ଅନ୍ତର୍ଜାତୀୟ ପ୍ରତିଯୋଗିତାମୂଳକ ବିଡିଂ (ଆଇସିବି) ଟେଣ୍ଡର ଆମନ୍ତ୍ରଣ)**

ଡିଏମ୍‌ଆର୍‌ସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛି, ବିଆର୍‌ଏସ୍୧: ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ୩୯ ଗୋଟି ଷ୍ଟାଣ୍ଡାର୍ଡ ଗେଜ୍ କାର୍‌ର ଡିଜାଇନ୍, ବିନିର୍ମାଣ, ଯୋଗାଣ, ପରୀକ୍ଷଣ, କମିଶନିଂ ଏବଂ ପ୍ରଶିକ୍ଷଣ।
ଅଧିକ ବିବରଣୀ ପାଇଁ, ଦୟାକରି https://eprocure.gov.in/eprocure/app ପରିଦର୍ଶନ କରନ୍ତୁ କିମ୍ବା ମହାପ୍ରବନ୍ଧକ/ରୋଲିଂ ଷ୍ଟକ୍/ପ୍ରୋଜେକ୍ଟଙ୍କ ସହିତ ଯୋଗାଯୋଗ କରନ୍ତୁ, ଟେଲି.: ୦୧୧-୨୪୩୬୯୩୩୯
ବିଜ୍ଞାପନ ନଂ.: DMRC/945/2024






**ଆଜିର ମନ୍ତବ୍ୟ**

"ଔଷଧ ବଜାର ନିୟନ୍ତ୍ରଣରେ ବିଶ୍ୱର ନେତୃତ୍ୱ ନେବା ସହ 'ବିଶ୍ୱର ଔଷଧ ଶିଳ୍ପ'ର ମର୍ଯ୍ୟାଦା ହାସଲ ପାଇଁ ଭାରତକୁ ଔଷଧ ପ୍ରସ୍ତୁତି କ୍ଷେତ୍ରରେ ଅନ୍ତର୍ଜାତୀୟ ଆବଶ୍ୟକତା ପୂରଣ କଲା ଭଳି ନିୟାମକ ଢାଞ୍ଚା ଆପଣାଇବାକୁ ପଡ଼ିବ। **-ଜେ.ପି. ନଡ୍ଡା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା।
- ଜାତୀୟସ୍ତରୀୟ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଏବଂ ୩ୟ ପରିବେଶ ରତ୍ନ ସମ୍ମାନ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୩୦।
- ପଦାମୃତ ନୃତ୍ୟାୟନ ପକ୍ଷରୁ ବିମୁଗ୍ଧ କାର୍ଯ୍ୟକ୍ରମ,ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଇଂଲିଶ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଏମ୍‌ଏମ୍‌ଟିସି, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଚଳଚ୍ଚିତ୍ର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ଷ୍ଟୁଡିଓ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ଭାଷଣଯୁକ୍ତ ପ୍ରଦର୍ଶନ ନାଟ୍ୟ କର୍ମଶାଳା, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ରାଜ୍ୟ ସଂଗ୍ରାହଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ରସଗୋଲା ଦିବସ-୨୦୨୪ ଏବଂ ରସଗୋଲା ସଙ୍ଗୀତ ଶ୍ରୋତାର୍ପଣ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ରଂଗମ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ସମ୍ପର୍କ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଅହମ୍ମଦବକ୍ସ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ହାଇସ୍କୁଲ ଖେଳ ପଡ଼ିଆ, ନିଶ୍ଚିନ୍ତକୋଇଲି, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ନିମାପଡ଼ା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ଖବରଦାତା ସମ୍ମିଳନୀ, ସ୍ଥାନ: ମଣ୍ଡଳ ୟୁନିୟନ କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଓଡିଶା ସାହିତ୍ୟ ଏକାଡେମୀ ଓ କେଶବ କବି କୃଷ୍ଣପ୍ରସାଦ ସ୍ମୃତି ପରିଷଦ, ସୋର ମିଳିତ ଆନୁକୂଲ୍ୟରେ କେଶବ କବିକୃଷ୍ଣ ପ୍ରସାଦ ବେହେରାଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ରାଧାନାଥ ସ୍ମୃତିମଣ୍ଡପ, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ହର୍ଷ ପାୱାର କ୍ଲବ ଓ ମଧୁସୂଦନ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ମହାପ୍ରଭୁଙ୍କ ନୀଳାଦ୍ରିବିଜେ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ରାତି ୯ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ସ୍ୱାଗତ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଳ୍ପ ଦୃଷ୍ଟିଶକ୍ତି ସମ୍ପନ୍ନ ପିଲାଙ୍କୁ ଚଷମା ବଣ୍ଟନ, ସ୍ଥାନ: ପ୍ରୟାସ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅନନ୍ତ ବଳିଆ ଟ୍ରଷ୍ଟ ଆନୁକୂଲ୍ୟରେ ସଚେତନତା ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମା' ସର୍ବମଙ୍ଗଳାଙ୍କ ମନ୍ଦିରର ଦଧିନଉତି ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭୈରବପୁର ଗ୍ରାମ ସର୍ବମଙ୍ଗଳା ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଳିଙ୍ଗା, ଢେଙ୍କା, ଶାଳନିଆଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଦିବ୍ୟ ଦର୍ଶନ ଆଶ୍ରମ, କୁବେରେଶ୍ୱର ମନ୍ଦିର ରୋଡ, ଆଦିପୁର (ବୁଗୁଡା), ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଦିବ୍ୟଦର୍ଶନ ସଂଘ ପ୍ରତିଷ୍ଠାତା ସଦ୍‌ଗୁରୁ ଅର୍ଜୁନଙ୍କ ୯୨ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଗୁଡ଼ିଆବନ୍ଧ, ପଦ୍ମପୁର ବ୍ଲକ୍, ସମୟ: ସକାଳ ୭ଟା ୩୦।
- ଦକ୍ଷିଣାଞ୍ଚଳ ଆରଡିସିଙ୍କ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଜୟନ୍ତୀ ମହୋତ୍ସବ ଅବସରରେ ଦୀକ୍ଷାଦାନ କାର୍ଯ୍ୟକ୍ରମ, ସ୍ଥାନ: ଦିବ୍ୟଦର୍ଶନ ଆଶ୍ରମ, କୋପରିଟିଭ କଲୋନୀ, ରାୟଗଡା, ସମୟ: ଅପରାହ୍ନ ୩ଟା ୩୦

## କୋରାପୁଟ

- ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ଦୃଷ୍ଟି ଓ ଦିଗନ୍ତ' ଶୀର୍ଷକ ୩ ଦିନିଆ ଅନ୍ତର୍ଜାତୀୟ ସେମିନାର, ସ୍ଥାନ: କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡା କ୍ୟାମ୍ପସ,ସମୟ: ପୂର୍ବାହ୍ନ ୧୧ଟା।
- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: କୋରାପୁଟ ବଡଦାଣ୍ଡ,ସମୟ:ରାତି ୮ଟାରୁ ପହଣ୍ଡି।

## ନବରଙ୍ଗପୁର

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଙ୍କ ସମୀକ୍ଷା ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଗଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଶାନ୍ତି ନଗର, ସମୟ : ସକାଳ ୮ଟା।
- ବ୍ରହ୍ମପୁରା ଠାକୁରଙ୍କ ଅଧରପଣା ନୀତି, ସ୍ଥାନ : ଝାଡୁଆପଡା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ : ରାତି ୭ଟା।
- ମୁଦିପଡା ଜଗନ୍ନାଥଙ୍କ ନୀଳାଦ୍ରି ବିଜେ ନୀତି, ସ୍ଥାନ : ମୁଦିପଡା ଜଗନ୍ନାଥ ମନ୍ଦିର, ସମୟ : ରାତି ୧୦ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଫର୍ମ ବଣ୍ଟନ, ସ୍ଥାନ: ବୁର୍ଡା ପାର୍କ୍ସ,ସମୟ : ପୂର୍ବାହ୍ନ ୧୦ ଟା।

## ସୁବର୍ଣ୍ଣପୁର

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ସୋନପୁର ବାହୁଡା ଯାତ୍ରା ଅବସରରେ ଉପାୟନ ଭୋଗ, ସ୍ଥାନ: ମଝିପଡା, ସମୟ: ଅପରାହ୍ନ ୩ଟା।
- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ମଝିପଡା, ସମୟ: ଅପରାହ୍ନ ୪ଟା।
- ତରଭା ବାହୁଡାଯାତ୍ରା ତୃତୀୟ ସନ୍ଧ୍ୟାରେ ଉପାୟନ ଭୋଗ ପ୍ରଦାନ, ସ୍ଥାନ: ତରଭା ନୂଆପଡା, ସମୟ: ଅପରାହ୍ନ ୪ଟା।
- ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: ଲୁଡୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି)ମାନଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ,ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଙ୍ଗଲ ସୁରକ୍ଷା କର୍ମଶାଳା, ସ୍ଥାନ: ଫଟାମୁଣ୍ଡା ଆମ୍ବେଡ଼କର ଯୁବକ ସଂଘ, ପଦ୍ମପୁର, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଚାଷୀମାନଙ୍କୁ ନେଇ ଫଳ ଓ ପନିପରିବା ଉଦ୍ୟାନ ବୃଦ୍ଧି ନିମନ୍ତେ ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରଥଟଣା କାର୍ଯ୍ୟକ୍ରମ ଦ୍ୱିତୀୟ ଦିନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୫ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ରାଉରକେଲା

- ବେଦବ୍ୟାସ ଗୁରୁକୂଳ ସଂସ୍କୃତ କଲେଜରେ ପରିବେଶ ସୁରକ୍ଷା କର୍ମଶାଳା,ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ କଲେଜରେ ବନ ମହୋତ୍ସବ,ସ୍ଥାନ: ସେକ୍ଟର-୨ ,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ବିଭାଗୀୟ ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦା ଜମି ଉଚ୍ଛେଦକୁ ନେଇ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ହରଭଙ୍ଗା ପଞ୍ଚାୟତ ସମିତିର ସାଧାରଣ ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ହରଭଙ୍ଗା(ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।
- କନ୍ଧମାଳ ଏମ୍‌ପିଙ୍କ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ : ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ଝାରସୁଗୁଡ଼ା ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା।
- ଫୁଟବଲ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ବାହୁଡା ଯାତ୍ରା ଭଜନ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ରଥଗଡା, ସମୟ: ସନ୍ଧ୍ୟା ୭ଟା।
- ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପାଇଁ ପହଣ୍ଡି ଉତ୍ସବ, ସ୍ଥାନ: ଢେଙ୍କାନାଳ ରଥଗଡ଼ା, ସମୟ: ସନ୍ଧ୍ୟା ୭ଟା୩୦।

## ଅନୁଗୋଳ

- ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ୯୨ତମ ଜୟନ୍ତୀ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବଅଁରପାଳସ୍ଥିତ ଦିବ୍ୟଦର୍ଶନ ଶିଶୁମନ୍ଦିର, ସମୟ: ସକାଳ ୯ରୁ ମଧ୍ୟାହ୍ନ ୧୨ ଘଡିକା।

## ନୟାଗଡ଼

- ଶ୍ରୀଜୀଉଙ୍କର ରଥଟଣା, ସ୍ଥାନ:ନୟାଗଡ଼ ପୁରୁଣାସହର, ସମୟ: ସକାଳ ୯ଟା।
- ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ବସନ୍ତ କୁମାର ବିଦ୍ୟାପୀଠ ବାଣପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ସେବା ଉତ୍ସବର ୩ୟ ଦିବସରେ ବସ୍ତ୍ର ଓ ରାଶନ ବଣ୍ଟନ, ସ୍ଥାନ: ଭାପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ:ବ୍ଲକ ପରିସର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ବଳଦେବଜୀଉଙ୍କ ରଥ ଉପରେ ରଘୁନାଥ ବେଶ, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ମଧ୍ୟାହ୍ନ ୧୨ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀମା ମନ୍ଦିର, ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ : ଯାଜପୁର ଶାନ୍ତି ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥଙ୍କ ଅଧରପଣା ନୀତି, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାହାକୁ ଯାହା କହିବେ କେହି ଅସ୍ୱୀକାର କରିବେନି। ପ୍ରତ୍ୟୁଷ ଯାତ୍ରା ସମୟରେ ଜଣେ ବନ୍ଧୁଙ୍କୁ ଭେଟିବେ, ଯାହାଙ୍କ ଦ୍ୱାରା ଆପଣଙ୍କ ଅଟକିଥିବା କାର୍ଯ୍ୟ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ମନରେ ପ୍ରଫୁଲ୍ଲତା ଭରି ରହିବା ସାଙ୍ଗକୁ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। କୃତ୍ତିକା ନକ୍ଷତ୍ର ବ୍ୟବସାୟିକ ଦିଗରୁ ବଡ଼ଧରଣର ସମସ୍ୟା ରହିବ ନାହିଁ।

**ବୃଷ** ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ପଡ଼ୋଶୀ କିମ୍ବା ଆତ୍ମୀୟ ଅସହଯୋଗ କରିବେ। ମୃଗଶିରା ନକ୍ଷତ୍ର ଯାତ୍ରାକାଳରେ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟହେବେ। ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ଅନ୍ୟମାନଙ୍କଠାରୁ ସହାନୁଭୂତି ବଦଳରେ ସମାଲୋଚନା ଶୁଣିବେ।

**ମିଥୁନ** କଠୋର ବ୍ୟବହାରଜନିତ ସମସ୍ୟା ଓ ଶତ୍ରୁତା କାରଣରୁ ପ୍ରତିବନ୍ଧକକୁ ସାମ୍ନା କରିବେ। ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରର ଦାୟିତ୍ୱ ବଢ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ ଅସହିଷ୍ଣୁ ବ୍ୟକ୍ତିଙ୍କ ଦ୍ୱାରା ଚାପର ସମ୍ମୁଖୀନ ହେବେ। ପୁନର୍ବସୁ ନକ୍ଷତ୍ର ସକାଶେ ସନ୍ତାନଙ୍କ ଦ୍ୱାରା ଗର୍ବିତ ହେବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ପାଇଁ ସହକର୍ମୀଙ୍କ ପରୋକ୍ଷ ବିରୁଦ୍ଧାଚରଣ ଓ ବ୍ୟୟବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ। ଠିକ୍ ନିଷ୍ପତ୍ତି ଗ୍ରହଣଜନିତ ଦ୍ୱନ୍ଦ୍ୱରେ ପଡ଼ି କଥାକୁ ଠିକ୍ ଭାବେ ବୁଝିପାରିବେନି। ପ୍ରଶାସନିକସ୍ତରରେ ଟେନ୍‌ସନ କିଛିମାତ୍ରାରେ ଲାଗିରହିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ଲାଭବାନ୍ ହେବେ।

**ସିଂହ** ଆଜି ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ ଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ସଂଗୀତ ତଥା ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ମଘା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ପାରିବାରିକ ପ୍ରତିବନ୍ଧକ ଦୂରେଇଯିବ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ସମ୍ମାନ୍ନୀୟ ବ୍ୟକ୍ତି ସହାୟତା କରି କାମକୁ ଅଗ୍ରଗାମୀ କରାଇବେ। ବ୍ୟବସାୟ, ପରିବହନ ତଥା ନିର୍ମାଣ କ୍ଷେତ୍ରରେ ଆଶା ପୂରଣ ହେବ। ଚିତ୍ରା ନକ୍ଷତ୍ରର ଧୈର୍ଯ୍ୟଚ୍ୟୁତି ଘଟିବା ସହ ଜମିଜମା ପାଇଁ ପ୍ରତିବନ୍ଧକ ସୃଷ୍ଟିହେବ। କଚେରି ମାମଲା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** କେତେକ କ୍ଷେତ୍ରରେ ଛୋଟକଥାକୁ ନେଇ ମନ ସାମାନ୍ୟ ହଲ୍‌ଚଲ୍ ହୋଇପାରେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନରୂପ ଦେବାକୁ ଚେଷ୍ଟା କରିପାରନ୍ତି। ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ କଳାକୌଶଳ ପ୍ରୟୋଗକରି ଜୟଯୁକ୍ତ ହେବେ। ନିର୍ମାଣ, ବାଣିଜ୍ୟ କ୍ଷେତ୍ରରେ ଯୋଜନାକୁ ବାସ୍ତବ ରୂପ ଦେବେ।

**ବିଛା** ବିଗତ ଘଟଣା ମନକୁ ବିଷାଦିତ କରିପାରେ। ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା, ସଭାସମିତି ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆତ୍ମୀୟମାନଙ୍କୁ ଛାଡ଼ି ପାରିବେ ନାହିଁ କିମ୍ବା ସାଙ୍ଗରେ ମଧ୍ୟ ନେଇ ଚଳିପାରିବେ ନାହିଁ।

**ଧନୁ** ବ୍ୟକ୍ତିଗତ ସ୍ତରରେ ଅସନ୍ତୁଷ୍ଟ ନ ଥିଲେ ମଧ୍ୟ ଆପଣଙ୍କ କାର୍ଯ୍ୟକଳାପ ଓ ବ୍ୟବହାରରେ ଅନ୍ୟମାନେ ଅସନ୍ତୁଷ୍ଟ ରହିପାରନ୍ତି। କୌଣସି କାର୍ଯ୍ୟ ସମାପନ ପରିପ୍ରେକ୍ଷୀରେ ଖର୍ଚ୍ଚାନ୍ତ ହେବେ ସିନା ଆଶା ନିଶ୍ଚିତ ପୂରଣ ହେବ। ଅଷ୍ଟମସ୍ଥ ବୁଧ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ଶିଳ୍ପ, ବାଣିଜ୍ୟ ଓ ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ମିଳିବ।

**ମକର** ଚନ୍ଦ୍ର ଏକାଦଶ ସ୍ଥାନରେ ରହିଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ପରୋକ୍ଷ ଶତ୍ରୁତା କାରଣରୁ ବିବାଦୀୟ କ୍ଷେତ୍ରରେ ନିଷ୍ପତ୍ତି ଅମୀମାଂସିତ ରହିବ। ମନଭୁଲାଣିଆ କଥା କହୁଥିବା ବନ୍ଧୁଙ୍କ ଉପରେ ଜମା ଭରସା କରିପାରିବେ ନାହିଁ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ।

**କୁମ୍ଭ** ଦିନଟି ଭଲରେ କଟିବ ମାତ୍ର ମାନସିକ ଅସୁସ୍ଥତା ହେତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇ ନ ପାରେ। ପୂର୍ବଭାଦ୍ର ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ସାଙ୍ଗକୁ ସାମାଜିକସ୍ତରରେ ପ୍ରଶଂସିତ ହେବେ। ମନୋରଞ୍ଜନ ଜିନିଷ କିମ୍ବା ନୂତନ ବନ୍ଧୁ ସମ୍ପର୍କଜନିତ ଖୁସି ରହିପାରନ୍ତି।

**ମୀନ** ଆଜି ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟିହେବାର ଆଶଙ୍କା ରହିଛି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଏବଂ ସଭାସମିତିରେ ପ୍ରଶଂସିତ ହେବେ। ରେବତୀ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ସ୍ୱଚ୍ଛଳତା ସାଙ୍ଗକୁ ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ହେବେ।

ଆଜି ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ, ରଥ ଉପରେ ଶ୍ରୀଜୀଉଙ୍କ ଅଧରପଣା ନୀତି, ଗରୁଡ଼ ଶୟନ, ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଗୁରୁବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୧ମି. ଗତେ ଘ.୦୭।୦୫ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୦୧।୧୧ମି.ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୩୦ମି. ଗତେ ଘ.୦୩।୦୮ମି. ମଧ୍ୟେ ରାହୁକାଳ।।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ମନା

**ଭୁବନେଶ୍ୱର, ୧୭।୭ (ଅସମାପିକା ସାହୁ)**

ଉଚ୍ଚ ଶିକ୍ଷାନୁଷ୍ଠାନରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଉପରେ ପ୍ରତିବନ୍ଧକ ଆଣିଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)। କ୍ୟାଣ୍ଟିନରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ନ କରିବା ସହିତ ସ୍ୱାସ୍ଥ୍ୟକର ଖାଦ୍ୟକୁ ପ୍ରଚାର କରିବା ପାଇଁ କୁହାଯାଇଛି। ଏ ନେଇ ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଚିଠିରେ ଲେଖାଯାଇଛି ଯେ, ମେଦବହୁଳତା, ଡାଇବେଟିସ୍ ସହିତ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗ ଦିନକୁ ଦିନ ବଢ଼ିବାରେ ଲାଗୁଛି। ଆଇସିଏମ୍‌ଆର୍ ରିପୋର୍ଟ ଅନୁସାରେ ୪ଜଣରେ ଜଣେ ଲୋକକୁ ମେଦବହୁଳତା, ଡାଇବେଟିକ, ପ୍ରି-ଡାଇବିଟିକ ହେଉଛି। ତେଣୁ ଏହାକୁ ଗୁରୁତର ସହ ନେଇ ନ୍ୟାଶନାଲ ଆଡ୍‌ଭୋକାସି ଇନ୍ ପବ୍ଲିକ ଇଣ୍ଟରେଷ୍ଟ(ଏନ୍‌ଏପିଆଇ) ଶିକ୍ଷାନୁଷ୍ଠାନରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ନ କରିବା ପାଇଁ ପ୍ରତିବନ୍ଧ ଆଣିବା ସହିତ ସ୍ୱାସ୍ଥ୍ୟକର ଖାଦ୍ୟର ପ୍ରଚାର କରିବା ପାଇଁ ଅନୁରୋଧ କରିଛି। ତେବେ ୟୁଜିସି ପୂର୍ବରୁ ଏ ନେଇ ଆଡ୍‌ଭାଇଜରି ଜାରି କରିଥିଲା। ତେଣୁ ଏହାକୁ ପାଳନ କରିବା ପାଇଁ ୟୁଜିସି ପୁଣିଥରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁରୋଧ କରିଛି।

# ୨ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା

**ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)**

ଉତ୍ତରପଶ୍ଚିମ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଏବେ ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ବୁଧବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୫ଟା ମଧ୍ୟରେ ଢେଙ୍କାନାଳରେ ସର୍ବାଧିକ ୧୩ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରାଦୀପ, କଟକ, ଚାନ୍ଦବାଲି, ଭୁବନେଶ୍ୱର, ଖୋର୍ଦ୍ଧା, ରାୟଗଡ଼ା, କେନ୍ଦୁଝର, ଟିଟିଲାଗଡ଼, ଦାରିଙ୍ଗବାଡ଼ିରେ ମଧ୍ୟ ବର୍ଷା ହୋଇଛି। ଗୁରୁବାର ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୯ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ତଥା ତତ୍‌ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ୧୯ ଓ ୨୦ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ୧୯ ତାରିଖରେ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ରାୟଗଡ଼ାରେ ଏବଂ ୨୦ ତାରିଖରେ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ସମ୍ପୃକ୍ତ ଜିଲାଗୁଡିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଉ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍ ୧ରୁ ଜୁଲାଇ ୧୭ ପର୍ଯ୍ୟନ୍ତ ୩୮୨.୮ମି.ମି. ବର୍ଷା ହେବା କଥା। କିନ୍ତୁ ୨୭% ନିଅଣ୍ଟିଆ ବର୍ଷା ହୋଇଛି। ଅର୍ଥାତ୍ ଏ ପର୍ଯ୍ୟନ୍ତ ରାଜ୍ୟରେ ୨୮୦.୧ ମି.ମି. ବର୍ଷା ହୋଇଥିବା ପାଣିପାଗ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି।

# 'ଜିଜ୍ଞାସୁ ମଣିଷଠୁ ହିଁ ଗବେଷଣାର ଉତ୍ସ ଆରମ୍ଭ ହୁଏ'



## ସୋଆ ବିଶ୍ୱବିଦ୍ୟାଳୟର ୧୮ତମ ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)**

ସୋଆ ବିଶ୍ୱବିଦ୍ୟାଳୟର ୧୮ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। କ୍ୟାମ୍ପସ-୨ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଦୂରଦର୍ଶୀ ନେତୃତ୍ୱ ଯୋଗୁ ସୋଆ ଉଚ୍ଚ ଶିଖରକୁ ପହଞ୍ଚିପାରିବା ସହ ଶିକ୍ଷା କ୍ଷେତ୍ରକୁ ଉଚ୍ଚସ୍ତରକୁ ନେଇପାରିଛି। ଶିକ୍ଷାର ଅର୍ଥ ନୁହେଁ କେବଳ ବିବିଧ ବିଷୟକୁ ନେଇ ଜ୍ଞାନ ଆହରଣ କରିବା। ଏହାର ଅର୍ଥ ହେଉଛି ଏକ ବିଷୟକୁ ବିଭିନ୍ନ ଢଙ୍ଗରେ ଶିକ୍ଷା କରିବା। ଶିକ୍ଷକଙ୍କ ଲକ୍ଷ୍ୟ କେବଳ ପାଠ୍ୟକ୍ରମକୁ ଶେଷ କରିବା ନୁହେଁ, ବରଂ ବିଭିନ୍ନ ଉପାୟରେ ଛାତ୍ରୀଛାତ୍ର କିଭଳି ଜ୍ଞାନ ଆହରଣ କରିପାରିବେ ସେନେଇ ଶିକ୍ଷା ପ୍ରଦାନ କରିବା। ଜଣେ ଜିଜ୍ଞାସୁ ମଣିଷଠାରୁ ହିଁ ଗବେଷଣାର ଉତ୍ସ ଆରମ୍ଭ ହୋଇଥାଏ। ଗବେଷକଙ୍କ କ୍ଷେତ୍ରରେ ସମସ୍ୟାକୁ ସମାଧାନ କରିବାର ଉତ୍ସୁକତା ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଫେସର କର୍ମାଲକର କହିଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସୋଆ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି। ଦେଶର ଅନ୍ୟତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଓୟୁଟିଆର୍ କୁଳପତି ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇ ସମାଜର ହିତ ଦିଗରେ ସୋଆ ବିଶ୍ୱବିଦ୍ୟାଳୟ ଉତ୍ତମ କାର୍ଯ୍ୟ ବଜାୟ ରଖିଛି ବୋଲି କହିଥିଲେ। ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଯୋଗଦେଇ ସୋଆକୁ ଏକ ସମ୍ପୂର୍ଣ୍ଣ ପୁସ୍ତକ ଭାବେ ଅଭିହିତ କରି ଏହାର ଅନେକ ପୃଷ୍ଠା ଲେଖିବା ବାକି ଅଛି ବୋଲି କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ସୋଆକୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜ ନାୟକଙ୍କୁ ଉଚ୍ଚ ପ୍ରଶଂସା କରି ତାଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ହିଁ ଏହି ଶିକ୍ଷାନୁଷ୍ଠାନ ଖୁବ୍ କମ୍ ସମୟ ମଧ୍ୟରେ ଉଚ୍ଚକୁ ପହଞ୍ଚି ପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡା. ସଂଘମିତ୍ରା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ଚାଲିବ ...

ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ସମସ୍ତ ଜିଲାପାଳଙ୍କୁ ମଧ୍ୟ ଚିଠି ଲେଖାଯାଇଛି। କେଉଁ ଜିଲାରେ କେତେ ସରକାରୀ ଜମି ଜବରଦଖଲ ହୋଇଛି ସେ ନେଇ ବିଭାଗକୁ ତଥ୍ୟ ଦେବାକୁ କୁହାଯାଇଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ଏହାସହିତ ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗଢ଼ିଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକରୁ ନିର୍ଗତ ବିଷାକ୍ତ ପାଉଁଶକୁ ଏଣେତେଣେ ଗଦା କରାଯାଉଛି। ଏନେଇ ଶିଳ୍ପସଂସ୍ଥା ବା ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରକାଶ ଯେ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବାହୁବଳୀ ଓ ଗ୍ୟାଙ୍ଗଷ୍ଟରମାନଙ୍କ ବେଆଇନ ନିର୍ମାଣକୁ ବୁଲ୍‌ଡୋଜର ଲଗାଇ ଭଙ୍ଗାଯାଉଛି। ଓଡ଼ିଶାରେ ଭାଜପା ସରକାର କ୍ଷମତାସୀନ ହେବା ପରେ ବୁଲ୍‌ଡୋଜର ଜରିଆରେ ଜବରଦଖଲ ଉଚ୍ଛେଦ ପ୍ରସ୍ତାବ ସରକାରୀ ଜମି ମାଡ଼ିବସିଥିବା ପ୍ରଭାବଶାଳୀଙ୍କ ମନରେ ଭୟ ସୃଷ୍ଟି କରିଛି।

### ମେରୁ ବରଫ ...

ଘୂର୍ଣ୍ଣନ ଧୀର ହେଉଛି। ପୃଥିବୀର ଦିନଗୁଡ଼ିକୁ ଦୀର୍ଘ କରିବାରେ ଚନ୍ଦ୍ରର ଜୁଆର ଆକର୍ଷଣ ପାରମ୍ପରିକ ଭାବେ ମୁଖ୍ୟ କାରଣ ହୋଇ ରହିଆସିଛି। ତେବେ ଗବେଷକମାନଙ୍କ କହିବା ଅନୁଯାୟୀ, ଯଦି ସବୁଜଗୃହ ବାଷ୍ପ ନିର୍ଗମନ ଅବାରିତ ଭାବେ ବର୍ତ୍ତମାନ ଧାରାରେ ଜାରି ରହେ, ତେବେ ଚନ୍ଦ୍ରର ଉକ୍ତ ପ୍ରଭାବକୁ ଜଳବାୟୁ ପରିବର୍ତ୍ତନ ଟପିଯିବ। ଫଳରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଆମେ ଯାହା ଅନୁଭବ କରୁଛେ, ପୃଥିବୀରେ ତାହାଠାରୁ ବହୁତ ଅଧିକ ପ୍ରଭାବ ପଡ଼ିବ ବୋଲି ପ୍ରଫେସର ସୋଜା କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ମେରୁ ଅଞ୍ଚଳର ବରଫ ଆସ୍ତରଣ ତରଳୁଥିବାରୁ ପୃଥିବୀର ଆବର୍ତ୍ତନଶୀଳ ଅକ୍ଷରେ ପରିବର୍ତ୍ତନ ଘଟୁଛି। ଭୌତିକ ତତ୍ତ୍ୱ ସହ କୃତ୍ରିମ ବୁଦ୍ଧିମତ୍ତାକୁ ମିଶାଇ ଗବେଷକମାନେ ପୃଥିବୀର କେନ୍ଦ୍ରସ୍ଥଳ, ଆଭ୍ୟନ୍ତର ଏବଂ ଭୂପୃଷ୍ଠର ପ୍ରକ୍ରିୟା କିପରି ଅକ୍ଷର ଗତିକୁ ପ୍ରଭାବିତ କରୁଛନ୍ତି, ତାହାର ଆକଳନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଆମ ଗ୍ରହର ଗତିକୁ ଗଭୀର ପ୍ରଭାବିତ କରିପାରେ ବୋଲି ସେମାନେ ଜାଣିବାକୁ ପାଇଛନ୍ତି।

### ଆଜି ଭିତର ରତ୍ନଭଣ୍ଡାର...

ନେଇଥିଲେ। ପରେ ନୂଆ ତାଲା ପକାଇ ସିଲ୍ କରିଦେଇଥିଲେ। ତେବେ ସମୟ ଅଭାବରୁ ଭିତର ରତ୍ନଭଣ୍ଡାର ଖୋଲାଯାଇ ନ ଥିଲା। କେବଳ ପୁରୁଣା ତାଲା ଭାଙ୍ଗି ନୂଆ ତାଲା ପକାଇ ବାହାରୁ ଚାଲିଆସିଥିଲେ। ରତ୍ନଅଳଙ୍କାର ସ୍ଥାନାନ୍ତର ହୋଇପାରି ନ ଥିଲା। ତେଣୁ ଗୁରୁବାର ପୁନର୍ବାର ସମାନ ଏସ୍‌ଓପି ଅନୁଯାୟୀ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଚ୍ଛିତ ଅଳଙ୍କାର ଶ୍ରୀମନ୍ଦିର ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଉପସ୍ଥିତ ରହିବେ। ହାଇମାଷ୍ଟ ଲାଇଟ୍ ବ୍ୟବସ୍ଥା କରାଯିବ। ସେହିପରି ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି ନେଇ ସ୍ଥିତି ଅନୁଧ୍ୟାନ କରିବ।

# ଘର ତାଜା ଖସି ପଡ଼ିବାରୁ ଶିଶୁକନ୍ୟା ମୃତ

ରାୟଗଡ଼ା,୧୭।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ କରପା ପଞ୍ଚାୟତର ବେରଲାଙ୍ଗ ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବର୍ଷା ଯୋଗୁ ଘର ତାଜା ଖସି ପଡ଼ିବାରୁ ଜଣେ ୫ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ ବେରଲାଙ୍ଗ ଗ୍ରାମର କାମ କାଡ୍ରାକାଙ୍କ ଝିଅ ଅବନ୍ତୀ କାଡ୍ରାକା।

ମଙ୍ଗଳବାର ରାତିରେ କାମଙ୍କ ୨ ଝିଅ ଖାଇ ସାରି ବାହାରକୁ ବାହାରିଥିଲେ। ତେବେ ପ୍ରବଳ ବର୍ଷା ଯୋଗୁ ଘର ତାଜା ଖସି ଅବନ୍ତୀଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରିବା ବେଳକୁ ଘଟଣାସ୍ଥଳରେ ଅବନ୍ତୀଙ୍କର ମୃତ୍ୟୁ ଘଟିଥିଲା। କରପା ଗ୍ରାମର ପୂର୍ବତନ ସରପଞ୍ଚ ସନ୍ଧୁ କୁଲେସିକା ପହଞ୍ଚି ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ବୁଧବାର ମୃତଦେହ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରିଥିଲେ।

# କୁକୁର ଯୋଗୁ ସର୍ବାଧିକ ଦୁର୍ଘଟଣା

ଭୁବନେଶ୍ୱର, ୧୭।୭
(ଅସମାପିକା ସାହୁ)



ରାଜ୍ୟରେ ବୁଲା ପ୍ରାଣୀ ବା ଜନ୍ତୁଙ୍କ ଯୋଗୁ ସଡ଼କ ଦୁର୍ଘଟଣା ବଢ଼ୁଛି। ବହୁ ଜୀବନ ଯିବା ସହ ଅନେକେ ଗୁରୁତର ଆହତ ହେଉଛନ୍ତି। ତେବେ ବୁଲା କୁକୁରଙ୍କ ଦ୍ୱାରା ସର୍ବାଧିକ ଦୁର୍ଘଟଣା ଘଟିଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏମ୍ସ ଭୁବନେଶ୍ୱର ଟ୍ରମା ଆଣ୍ଡ୍ ଏମରଜେନ୍ସି ବିଭାଗର ଅତିରିକ୍ତ ପ୍ରଫେସର ଡା. ଚିତ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ଏହି ଗବେଷଣାଟି ଜର୍ନାଲ ଅଫ୍ ଏମରଜେନ୍ସିଜ୍‌ରେ ପ୍ରକାଶିତ ହୋଇଛି। ଗବେଷଣାରେ ଏମ୍ସର ଟ୍ରମା ଆଣ୍ଡ୍ ଏମରଜେନ୍ସି, ସର୍ଜରି, ଅସ୍ଥି ଶଲ୍ୟ ବିଭାଗର ଡାକ୍ତର ଏବଂ ନର୍ସିଂ କଲେଜର ଡାକ୍ତର ସାମିଲ ଥିଲେ। ରାସ୍ତାରେ ପ୍ରାଣୀମାନଙ୍କ ଯାତାୟାତ ଯୋଗୁ ଦୁର୍ଘଟଣାର ଶିକାର ହୋଇ ଏମ୍ସ ଟ୍ରମା ଆଣ୍ଡ୍ ଏମରଜେନ୍ସି ବିଭାଗର ଆଉଟଡୋରରେ ଭର୍ତ୍ତି ହୋଇଥିବା ୧୮୫ ଜଣଙ୍କ ତଥ୍ୟକୁ ନେଇ ଏହି ଗବେଷଣା କରାଯାଇଛି। ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କ ହାରାହାରି ବୟସ ୨୯ ବର୍ଷ ହୋଇଥିବାବେଳେ ମହିଳା ଓ ପୁରୁଷ ଅନୁପାତ ୧୮:୮୨ ଥିଲା। ଏଥିରେ ବୁଲା କୁକୁରଙ୍କ ଯୋଗୁ ସର୍ବାଧିକ ୬୯% ଦୁର୍ଘଟଣା ହୋଇଥିବାବେଳେ ଗାଇ ୨୧%, ଷଣ୍ଢ ୫% ଏବଂ ଅବଶିଷ୍ଟ ୫% ଦୁର୍ଘଟଣା ଅନ୍ୟ ପ୍ରାଣୀଙ୍କ ଦ୍ୱାରା ହୋଇଥିଲା। ସେହିପରି ୪୧% ସାମ୍ନା ପଟୁ, ୪୯% କଡ଼ରୁ, ୩% ପଛପଟୁ ଏବଂ ୭% ମାମଲାରେ ଗାଡ଼ି ପଲଟି ଯାଇଥିଲ। ଅନ୍ୟପକ୍ଷରେ ଦୁର୍ଘଟଣା ସ୍ଥଳରୁ ଡାକ୍ତରଖାନାରେ ପହଞ୍ଚିବା ପାଇଁ ପୀଡ଼ିତାଙ୍କୁ ଆମ୍ବୁଲାନ୍ସ (୫୮%) ଓ ପିସିଆର ଭ୍ୟାନ(୮%) ବ୍ୟବହାର ହୋଇଥିଲା। ଏମାନଙ୍କ ଭିତରେ ୨୨% ଲୋକ ଗୋଲ୍‌ଡେନ ଆୱାର ଭିତରେ ଡାକ୍ତରଖାନାରେ ପହଞ୍ଚିପାରିଥିଲେ। ସନ୍ଧ୍ୟା ସମୟରେ (ଅପରାହ୍ନ ୪ରୁ ରାତି ୮) ହିଁ ସର୍ବାଧିକ ୨୩% ଦୁର୍ଘଟଣା ହୋଇଥିବାବେଳେ ରାତି ୧୨ରୁ ସକାଳ ୪ଟା ଭିତରେ ଏହା ସର୍ବନିମ୍ନ ଥିଲା। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଯାନ ଭିତରେ ଦୁଇ ଚକିଆ ୯୨%, ତିନି ଚକିଆ ୫% ଏବଂ ଅନ୍ୟାନ୍ୟ ୩% ଥିଲା। ୮୦% ଚାଳକ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ୨୦% ଆହତ ପଛରେ ବସିଥିବା ଲୋକ ଥିଲେ। ପ୍ରାଣୀଙ୍କ ସହିତ ଦୁର୍ଘଟଣା ସମୟରେ ୨୩% ଗାଡିର ବେଗ ୪୦ କି.ମି.ରୁ କମ୍ ଥିବା ବେଳେ ୩୨% କ୍ଷେତ୍ରରେ ୪୦ରୁ ୬୦ କିମି, ୩୮% କ୍ଷେତ୍ରରେ ୬୦କିମିରୁ ଅଧିକ ରହିଥିଲା। ୧୪% ମାମଲାରେ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଜଣାପଡ଼ିଥିଲା। ୩୧% ଦୁଇଚକିଆ ଗାଡ଼ି ଚାଳକ ହେଲମେଟ ପିନ୍ଧି ଥିଲେ। ଏକ୍ସରେ କରିବା ପରେ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କ ଭିତରୁ ୬୫% ଠିକ୍ ଥିବା ବେଳେ ୨୭% ହାତ, ୧୧% ଗୋଡ଼, ୬% ପଞ୍ଜରା ହାଡ଼ ଭାଙ୍ଗିବା, ୫% କାନ୍ଧ ଭାଙ୍ଗିଥିବା ଜଣାପଡ଼ିଥିଲା।

ଏନେଇ ଡା. ମହାନ୍ତି କହିଛନ୍ତି, ମୋଟରଯାନ-ପଶୁ ଟକ୍କର ଦ୍ୱାରା ହେଉଥିବା ସଡ଼କ ଦୁର୍ଘଟଣାଗୁଡ଼ିକ ସହଜରେ ରୋକାଯାଇପାରିବ। ଏଥିନିମନ୍ତେ ରାସ୍ତା ଉପରକୁ ଗୃହପାଳିତ ପଶୁ କିମ୍ବା ବୁଲା ଜନ୍ତୁଙ୍କ ଚଳପ୍ରଚଳ ବନ୍ଦ କରିବା ଆବଶ୍ୟକ। ଏଥିସହିତ ଦ୍ରୁତ ଗତି କିମ୍ବା ମଦ୍ୟପାନ କରି ଗାଡ଼ି ଚଳାଇବା ବନ୍ଦ କରାଯାଉ। ସେହିପରି ହେଲ୍‌ମେଟ ପିନ୍ଧିବା ଦ୍ୱାରା ମଧ୍ୟ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ହ୍ରାସ କରାଯାଇପାରିବ।

# ଖାଲି ପଦବୀ ପୂରଣ କର: ୟୁଜିସି

## ୩୧ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଅପ୍‌ଲୋଡ୍ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ବାରମ୍ବାର ତାଗିଦା ସତ୍ତ୍ୱେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପଦବୀ ପୂରଣ କରୁନାହାନ୍ତି। ଏହାକୁ ନେଇ ୟୁଜିସି ଉଦ୍‌ବେଗ ପ୍ରକାଶ କରିବା ସହିତ ଆସନ୍ତା ୩୧ ତାରିଖ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟାର ଷ୍ଟାଟସ୍ ରିପୋର୍ଟ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ୟୁଜିସି ଲେଖିଛି ଯେ, ୫ଥର ବିଭିନ୍ନ ସମୟରେ ଚିଠି କରି ଖାଲି ପଦବୀ ପୂରଣ କରିବା ପାଇଁ କୁହାଯାଇଥିଲେ ମଧ୍ୟ ତାହା ପାଳନ କରାଯାଇନାହିଁ। ବିଶ୍ୱବିଦ୍ୟାଳୟ, ଡିମ୍ଡ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ଖାଲି ଥିବା ପଦବୀ ପୂରଣ ପାଇଁ ଏସବୁ ଚିଠି ଲେଖାଯାଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହେଲା ନାହିଁ। ତେଣୁ ଆଉଥରେ ୟୁଜିସି ଏ ସମସ୍ତ ଶିକ୍ଷାନୁଷ୍ଠାନକୁ ଚିଠି ଲେଖିଛି। ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ଯେପରି ତୁରନ୍ତ ଖାଲି ପଦବୀ ପୂରଣ ହେବ, ସେହି ଦିଗରେ ନିଶ୍ଚିତ ପଦକ୍ଷେପ ନେବା ପାଇଁ କୁହାଯାଇଛି। ନିଯୁକ୍ତି ପ୍ରକ୍ରିୟାର ଷ୍ଟାଟସ୍ ୟୁଜିସିର ୟୁନିଭର୍ସିଟି ଆକ୍ଟିଭିଟି ମନିଟରିଂ ପୋର୍ଟାଲ http://www.ugc.ac.inluamp/ରେ ଆସନ୍ତା ୩୧ ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

# ୨୦ ସୁଦ୍ଧା ସିଟ୍ ସମ୍ପର୍କିତ ତଥ୍ୟ ଦେବେ ମେଡିକାଲ କଲେଜ

ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)

## ଏନ୍‌ଇଇଟି-ୟୁଜି କାଉନ୍‌ସେଲିଂ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଖୁବ୍‌ଶୀଘ୍ର ଏନ୍‌ଇଇଟି-ୟୁଜି କାଉନ୍‌ସେଲିଂ ହେବ। ତେଣୁ ଡାକ୍ତରୀ ପାଠ୍ୟକ୍ରମ ପାଇଁ ରହିଥିବା ସିଟ୍ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ମେଡିକାଲ କାଉନ୍‌ସିଲିଂ କମିଟି(ଏମ୍‌ସିସି) ମେଡିକାଲ କଲେଜଗୁଡିକୁ ନିର୍ଦ୍ଦେଶ ଦେଇଛି। ୨୦ ତାରିଖ ସୁଦ୍ଧା ଏମ୍‌ସିସି ୱେବ୍‌ସାଇଟ https://mcc.nic.in/ରେ ତଥ୍ୟ ଅପ୍ ଲୋଡ୍ କରିବାକୁ କୁହାଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି-ୟୁଜି ରେଜଲ୍ଟ ପ୍ରକାଶ ପାଇବା ପରେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏକାଥରକେ ୬୭ଜଣ ର୍‍ୟାଙ୍କ-୧ ପାଇବା ସହିତ ୭୨୦ ସ୍କୋର୍ ରଖିଥିଲେ। ଏଥିରେ ୬ଜଣ ଗୋଟିଏ ସେଣ୍ଟରର ରହିଥିବାରୁ ପ୍ରଶ୍ନପତ୍ର ଲିକ୍ ଭଳି ବିଭିନ୍ନ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବହୁ ଛାତ୍ରୀଛାତ୍ର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ଏନ୍‌ଟିଏ କାଉନ୍‌ସେଲିଂକୁ ସ୍ଥଗିତ କରିଥିଲା। ୧୮ତାରିଖରେ ସୁପ୍ରିମକୋର୍ଟରେ ଏନ୍‌ଇଇଟି-ୟୁଜି ସମ୍ପର୍କିତ ମାମଲାର ଶୁଣାଣି ରହିଛି। ତେଣୁ ଏହାପରେ କାଉନ୍‌ସେଲିଂ ନେଇ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ଦେଶରେ ମୋଟ ୧,୦୮,୯୪୦ ଏମ୍‌ବିବିଏସ୍ ସିଟ୍ ରହିଛି। ତେବେ ଚଳିତବର୍ଷ ୨.୩ଲକ୍ଷ ଛାତ୍ରୀଛାତ୍ର ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅପେକ୍ଷା କରିଛନ୍ତି।

# ଅଗଷ୍ଟ ୯ରେ ପ୍ରେକ୍ଷାଳୟକୁ ଆସିବ ‘ଭଗିଆ ଭାରିଯା’

## ଦର୍ଶକଙ୍କୁ ମିଳିବ ବିଦେଶ ଭ୍ରମଣ ସୁଯୋଗ

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଆଜିକାଲି ରିଲ୍ସ ବନେଇ ସୋସିଆଲ ମିଡିଆରେ ଛାଡ଼ିବା ଏକ ଫ୍ୟାଶନ ହୋଇଗଲାଣି। ସାତରୁ ସତୁରି ସମସ୍ତେ ଏବେ ରିଲ୍ସ ମାୟାରେ ବାୟା। ଏକ ନିପଟ ମଫସଲରେ ରହୁଥିବା ଅଟୋ ଚାଳକ ଭଗିଆର ଭାରିଯାକୁ ଏହି ନିଶା ଘାରିଛି। ରିଲ୍ସ ମାଧ୍ୟମରେ ନିଜ ପରିଚୟ ସୃଷ୍ଟି ପାଇଁ ସେ ଲକ୍ଷ୍ୟ ରଖିଛି। ହେଲେ ସେ ଲକ୍ଷ୍ୟ କେବେ ପୂରଣ ହେଉଛି ତାହା ଫିଲ୍ମ ଦେଖିଲେ ଜାଣିହେବ। ଏଭଳି ଏକ କାହାଣୀକୁ ନେଇ ଆସନ୍ତା ମାସ ୯ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି ଚଳଚ୍ଚିତ୍ର ‘ଭଗିଆ ଭାରିଯା’। ବୁଧବାର ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତାରିଖ ଘୋଷଣା କରାଯାଇଛି। ଏହି ସମ୍ମିଳନୀରେ ନାୟକ ହରି, ନାୟିକା ଦେବଯାନୀ, ବବି ମିଶ୍ର, ପୁପିନ୍ଦର ଏବଂ ଅନ୍ୟତମ ପ୍ରଯୋଜକ ଡ. ଭୀଷ୍ମ ରଥ ଓ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ବହୁ କଳାକାର ଓ ଟେକ୍ନିସିଆନ ଯୋଗ ଦେଇଥିଲେ। ହରିବୋଲ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଲୋକପ୍ରିୟ ହାସ୍ୟ ଅଭିନେତା ତଥା ପ୍ରଯୋଜକ ହରିହର ମହାପାତ୍ର। ଏଥିରେ ସେ ନାୟକ ଭଗିଆ ଚରିତ୍ରରେ ଅଭିନୟ କରିବା ସହ ପ୍ରଯୋଜନାର ଗୁରୁଦାୟିତ୍ୱ ସମ୍ଭାଳିଛନ୍ତି। ଡିଓପିରେ ମୁମ୍ବାଇରେ ରହୁଥିବା ଓଡ଼ିଆ କ୍ୟାମେରାମ୍ୟାନ ମାନସ ମିଶ୍ର ଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମେଲୋଡି ମେକର ମଳୟ ମିଶ୍ର। ତେବେ ଚଳଚ୍ଚିତ୍ର ଦେଖି ସବୁଠୁ ସୁନ୍ଦର ମତାମତ ଦେଇଥିବା ଦର୍ଶକଙ୍କୁ ମାଲେସିଆ ଯିବାର ସୁଯୋଗ ମିଳିବ ବୋଲି ସମ୍ମିଳନୀରେ ଘୋଷଣା କରାଯାଇଛି।

# ଶିକାରୀଙ୍କୁ ଧରିବ ସ୍ନାଇଫର ଡଗ୍ ସ୍କ୍ୱାଡ୍

## ଶିମିଳିପାଳରେ ପାଟ୍ରୋଲିଂ କଡ଼ାକଡ଼ି

ବାରିପଦା, ୧୭।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶିମିଳିପାଳ ସୁରକ୍ଷାରେ ନିୟୋଜିତ ଡଗ୍ ସ୍କ୍ୱାଡ୍।

ସବୁଜ ବନାନୀରେ ଭରପୂର ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଯୋଗାଇବା ନିମନ୍ତେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶିକାରୀଙ୍କୁ ଧରିବା ଓ ଶିକାର ସରଞ୍ଜାମ ଜବତ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ସ୍ନାଇଫର ଡଗ୍ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ଏନେଇ ରାଜ୍ୟ ପ୍ରମୁଖ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ୱାଇଲ୍ଡ ଲାଇଫ ସୁଶାନ୍ତ ନନ୍ଦ ନିଜ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ଶିମିଳିପାଳ ଅଭୟାରଣ୍ୟର ସମ୍ବେଦନଶୀଳ ତଥା ଅପହଞ୍ଚ ଇଲାକାରେ ପାଟ୍ରୋଲିଂକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ସ୍ନାଇଫର ଡଗ୍ ସ୍କ୍ୱାଡ୍ ବିଭାଗୀୟ ଟିମ୍ ସହ ଯୋଡ଼ିହୋଇଛି।

ମହାବଳ ବାଘ ଓ ହସ୍ତୀକୁ ନେଇ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପରିଚୟ ହାସଲ କରିଛି। ଏଠାରେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନିମନ୍ତେ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଶିକାରୀମୁକ୍ତ ଶିମିଳିପାଳ ଅପରେଶନ ବର୍ଷତମାମ ଜାରି ରହିଛି। ଏଥିନିମନ୍ତେ ୱାଚ୍ ଟାୱାର, ବ୍ୟାଘ୍ର ସ୍ୱତନ୍ତ୍ର ଫୋର୍ସ, ଅବସରପ୍ରାପ୍ତ ଆର୍ମି ଷ୍ଟାଫ୍, କ୍ଷେତ୍ର କର୍ମଚାରୀ, ସୁରକ୍ଷା ସହାୟକ, ଡଗ୍ ସ୍କ୍ୱାଡ୍, ପୋଲିସ ଓ ବନ କର୍ମଚାରୀଙ୍କ ଟାସ୍କଫୋର୍ସ ଆଦି ସୁରକ୍ଷା ଦିଗରେ ନିୟୋଜିତ ରହିଛନ୍ତି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ସ୍ନାଇଫର ଡଗ୍‌ଗୁଡ଼ିକୁ ଗାଇଡ୍ ମାଷ୍ଟରମାନେ ଅନୁଧ୍ୟାନ କରିଥାନ୍ତି। ସେମାନଙ୍କ ଆଘ୍ରାଣ ଶକ୍ତି ପ୍ରଖର ଥିବାରୁ ଶିକାରୀଙ୍କ ଗନ୍ଧକୁ ନେଇ ଚଳପ୍ରଚଳ କରିବା, ମୃତ ବନ୍ୟଜନ୍ତୁ ଠାବକରିବା ସହ ଶିକାର ଉଦ୍ଦେଶ୍ୟରେ ବସାଯାଇଥିବା ସରଞ୍ଜାମକୁ ଖୋଜି ବାହାର କରିବାରେ ସକ୍ଷମ ହୋଇଥାନ୍ତି।

# ନିର୍ବାଚନ ବେଳେ ଟଙ୍କା ଜବତ ଘଟଣାର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୧୭।୭(ସତ୍ୟଜିତ୍ ରାଉତ)

ନିର୍ବାଚନବେଳେ ବିପୁଳ ଟଙ୍କା ଜବତ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତଦନ୍ତ କରିବ। ଏଥିପାଇଁ ଆୟକର ବିଭାଗକୁ ଇଡି ପକ୍ଷରୁ ଟଙ୍କା ଜବତ ସଂକ୍ରାନ୍ତୀୟ କାଗଜପତ୍ର ମଗାଯାଇଥିବା ଜଣାପଡ଼ିଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜବତ ଘଟଣାରେ ଦସ୍ତାବିଜ୍ ଦେବାକୁ ଇଡି ପକ୍ଷରୁ ଅନୁରୋଧ କରାଯାଇଛି। ସାଧାରଣ ନିର୍ବାଚନବେଳେ ଆୟକର ବିଭାଗ ବିଭିନ୍ନ ଟିମ୍ ଓଡ଼ିଶାରୁ ଏକାଧିକ ବ୍ୟକ୍ତିଙ୍କଠୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ଏହି ଟଙ୍କା କେଉଁଠୁ ଆସିଲା, ଏଥିରେ କେଉଁମାନେ ସମ୍ପୃକ୍ତ ଆଦି ଜାଣିବାକୁ ଇଡି ପ୍ରୟାସ କରୁଛି। ତଦନ୍ତ ସମୟରେ ଗିରଫଦାରୀ ମଧ୍ୟ ବଢ଼ିପାରେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ମେ ୧୪ ତାରିଖରେ ଆୟକର ବିଭାଗର ଅଧିକାରୀମାନେ ଭୁବନେଶ୍ୱର ସୂର୍ଯ୍ୟନଗରରେ ଏକ ଦାମୀ କାର୍‌କୁ ଜବତ କରିଥିଲେ। ଉକ୍ତ କାର୍‌ରୁ ପ୍ରାୟ ୫କୋଟି ଟଙ୍କା ଜବତ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଏହି କାର୍ ଜଣେ ରାଜନେତାଙ୍କ ନିକଟତର କଣ୍ଟ୍ରାକ୍ଟରଙ୍କ ବୋଲି ଜଣାପଡ଼ିଥିଲା। ସେତେବେଳେ ଏହି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ଗଣତି ପରେ ଏହି ଟଙ୍କାକୁ ଏସ୍‌ବିଆଇରେ ଜମା କରାଯାଇଥିଲା। ସେହିପରି ମେ’ ୯ରେ ଟଙ୍କା ଗଚ୍ଛିତ ରଖିଥିବା ଲକ୍ଷ୍ମୀସାଗରସ୍ଥିତ ଜଣେ ବ୍ୟବସାୟୀ ଆୟକର ସ୍କାନରକୁ ଆସିଥିଲେ। ଆୟକର ବିଭାଗର ଅଧିକାରୀମାନେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀସ୍ଥିତ ବ୍ୟବସାୟୀଙ୍କ ଘରେ ଚଢ଼ଉ ପ୍ରାୟ ୨କୋଟି ଟଙ୍କା ଜବତ କରିଥିଲେ। ବ୍ୟବସାୟୀଙ୍କଘରୁ ଟଙ୍କା ସହ ଏକ ରାଜନୈତିକ ଦଳର ବହୁ ବ୍ୟାନର୍ ମଧ୍ୟ ଜବତ ହୋଇଥିଲା। ତେଣୁ ଏହି ଟଙ୍କା ସହ କିଛି ରାଜନେତାଙ୍କ ଲିଙ୍କ୍ ଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ଏଭଳି ଏକାଧିକ ଘଟଣାରେ ଆୟକର ବିଭାଗ ତଦନ୍ତ କରୁଥିବାବେଳେ ଇଡି ଅଧିକ ଅନୁସନ୍ଧାନ କରିବ ବୋଲି ସଜବାଜ ହେଉଛି।

# ରଥରେ ମୋବାଇଲ ବ୍ୟବହାରକାରୀ ସେବକଙ୍କ ବିରୋଧରେ ଏତଲା

ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଯାତ୍ରା ଓ ଆଡ଼ପ ପହଣ୍ଡି ସମୟରେ ରଥ ଉପରେ ଏବଂ ରଥ ନିକଟରେ ଅନେକ ବିଶୃଙ୍ଖଳା ଦେଖାଯାଇଥିଲା। ତେଣୁ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। ବାହୁଡ଼ା ଯାତ୍ରା ସମୟରେ ରଥ ଉପରେ ସେବାୟତମାନଙ୍କୁ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ମୋବାଇଲ ବ୍ୟବହାର ଉପରେ କଟକଣା ଲାଗୁ କରିଥିଲେ। ମାତ୍ର ବୁଧବାର ବାହୁଡ଼ା ଯାତ୍ରା ସମୟରେ କେତେଜଣ ସେବାୟତ ଏହି କଟକଣାକୁ ଫୁ କରି ରଥ ଉପରେ ମୋବଇଲ ଫୋନ୍ ବ୍ୟବହାର କରିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ସେବକଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦେଇଛି। ଦେବଦଳନ ରଥରେ ସୁଭଦ୍ରାଙ୍କ ସମ୍ମୁଖରେ ସମ୍ପୃକ୍ତ ସେବାୟତ ଫୋନ୍ ବ୍ୟବହାର କରୁଥିବା ଫଟୋ ତଥା ଖବରକାଗଜରେ ପ୍ରକାଶିତ ଲେଖା ଏଥିସହ ସଲଗ୍ନ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନକୁ ଆଉ କେତେଜଣ ସେବକଙ୍କ ବିରୋଧରେ ମଧ୍ୟ ମୋବାଇଲ ବ୍ୟବହାର ନେଇ ଚିତ୍ର ଏବଂ ଭିଡିଓ ମିଳିଛି। ଏନେଇ ପର୍ଯ୍ୟାୟ କ୍ରମେ ଅଭିଯୋଗ ଦାଖଲ କରାଯିବା ସହିତ ପୋଲିସ ପକ୍ଷରୁ ଚିହ୍ନଟ ପରେ ଆବଶ୍ୟକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଇଲି ଗଲି,**
**ଯାହା ଦେଖିଗଲି ତାହା କହିଲି।**

ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପେ ଭଲ ତ ଜଗତ ଭଲ**
**ତାରି ମାନ ଥାଏ**
**ଆପେ ମନ୍ଦ ତ ଜଗତ ମନ୍ଦ**
**ତାରି ମାନ ଯାଏ।**

ସୁକର୍ମ କଲେ ସୁନାମ ମିଳିଥାଏ। ଭଲ ବା ସୁଗୁଣ ବ୍ୟକ୍ତିଙ୍କୁ ସମସ୍ତେ ପ୍ରଶଂସା କରିଥାନ୍ତି , ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ପରନ୍ତୁ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ପାଖରେ ପୂରାଇ ଦେଇ ନ ଥାନ୍ତି। ଏପରି ବ୍ୟକ୍ତିଙ୍କୁ କେବଳ ନିନ୍ଦା ଅପବାଦ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତୈଳଭଣ୍ଡାର ପ୍ରକଳ୍ପ ଆଶା ଉଜ୍ଜୀବିତ

ଯାଜପୁର,୧୭।୭ (ହର୍ଷବର୍ଦ୍ଧନ ବେହେରା)

## ୬ ବର୍ଷ ହେଲା ଡଙ୍କାରୀରେ ଜମି ପାଇଁ ଅଟକିଛି


ପ୍ରସ୍ତାବିତ ପ୍ରକଳ୍ପ ଚିତ୍ର।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ ପାହାଡ଼ ତଳେ ଦେଶର ଚତୁର୍ଥ ସର୍ବବୃହତ୍ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପ୍ରସ୍ତାବ ୬ ବର୍ଷ ହେଲା ଜମି ନ ମିଳିବାରୁ ଅଟକି ରହିଛି। ତତ୍କାଳୀନ ବିଜେଡି ସରକାର କଳାପଥର ଖାଦାନ ପାଇଁ ଜମି ଯୋଗାଇ ଦେବାରେ ଟାଳଟୁଳ ନୀତି ଆପଣାଇଥିବା ଭାଜପା ପକ୍ଷରୁ ସେତେବେଳେ ଅଭିଯୋଗ ହୋଇଥିଲା। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଢ଼ିଥିବାରୁ ଏବେ କେନ୍ଦ୍ର ସରକାରଙ୍କ ବହୁ ପ୍ରତୀକ୍ଷିତ ଭୂତଳ ତୈଳଭଣ୍ଡାର ପୁଣି ପ୍ରତିଷ୍ଠା ହେବାର ଆଶା ଉଜ୍ଜୀବିତ ହୋଇଛି। ଏଥିପାଇଁ ସରକାର ଚାହିଁଲେ ଏବେ ଜମି ଅଧିଗ୍ରହଣରେ କୌଣସି ବାଧା ଉପୁଜିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

୨୦୧୭-୧୮ ବଜେଟରେ ଏହି ଭୂତଳ ତୈଳଭଣ୍ଡାର ପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହାପରେ ଏହାକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିଥିଲା। ୩.୭ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) କ୍ଷମତାବିଶିଷ୍ଟ ଏହି ତୈଳ ସଂରକ୍ଷଣ ଭଣ୍ଡାରର ଉଦ୍ଦେଶ୍ୟ ହେଉଛି ଜରୁରିକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇଦେବା। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ଏହି ଐତିହାସିକ ପ୍ରସ୍ତାବକୁ ସବୁ ମହଲରୁ ସ୍ୱାଗତ କରାଯାଇଥିଲା। ଇତିମଧ୍ୟରେ ବିଭିନ୍ନ ସମୟରେ କେନ୍ଦ୍ରୀୟ ଦଳଗୁଡ଼ିକ ପ୍ରସ୍ତାବିତ ଡଙ୍କାରୀ ଅଞ୍ଚଳ ପରିଦର୍ଶନ ସହ ଅନୁଧ୍ୟାନ କରି ଫେରିଯାଇଥିଲେ। କିନ୍ତୁ ଏକାଧିକ ମୂଲ୍ୟବାନ କଳାପଥର ଖାଦାନ ଯୋଗୁ ଏହି ପ୍ରସ୍ତାବିତ ତୈଳଭଣ୍ଡାର ପ୍ରକଳ୍ପ ହଜିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇ ରାଜ୍ୟ ସରକାରଙ୍କୁ ସେତେବେଳେ ଅବଗତ କରାଯାଇଥିଲା। ତଥାପି ଜମି ଯୋଗାଇ ଦେବାରେ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା।

ଉଲ୍ଲେଖଯୋଗ୍ୟ, ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ଧର୍ମଶାଳା ତହସିଲଦାର ତାଙ୍କ ପତ୍ରସଂଖ୍ୟା ୧୧୮୬/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ସମସ୍ତ କଳାପଥର ଖାଦାନକୁ ବନ୍ଦ କରିବାକୁ ଯାଜପୁର ଏସପିଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ସରକାରଙ୍କ ଆଇନ ଅନୁସାରେ ସେତେବେଳେ କୌଣସି କଳାପଥର ଖାଦାନକୁ ଲିଜ୍ ସୂତ୍ରରେ ଅନୁମତି ଦିଆଯାଇ ନ ଥିଲା। କିନ୍ତୁ ଧର୍ମଶାଳା ତହସିଲଦାର ଜିଲାପାଳଙ୍କୁ ତାଙ୍କ ପତ୍ରସଂଖ୍ୟା ୧୧୮୯/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ୩ଟି ଅନୁମତିପ୍ରାପ୍ତ ଓ ୧୩ଟି ଅନୁମତି ଅପେକ୍ଷାରେ ଥିବା ପଥର ଖାଦାନ ବନ୍ଦ ହେଲେ ସରକାର ଉପରୋକ୍ତ ପରିମାଣର ଅର୍ଥ କ୍ଷତି ସହିବେ ବୋଲି ଜଣାଇଥିଲେ।

ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ଖାତା ନମ୍ବର ୨୨୧, ପ୍ଲଟ ନମ୍ବର ୬୦୦ରେ ୭୭୩.୬୦ ଏକର ପର୍ବତ କିସମ ଜମିରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବ ରହିଥିଲା। ଏଥିରେ ପ୍ରାୟ ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। କଳାପଥର ଖାଦାନ ଆଳରେ ଏହି ଉଦ୍ଦେଶ୍ୟ ସେତେବେଳେ ପରାହତ ହୋଇଥିଲା। ଏବେ କିନ୍ତୁ ପୁଣି ସୁଯୋଗ ଆସିଛି। ପ୍ରସ୍ତାବିତ ସ୍ଥାନଟି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରହିଛି। ଏଠାରୁ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିବା ବିଧାୟକ ହିମାଂଶୁ ଶେଖର ସାହୁ ଭାଜପାକୁ ସମର୍ଥନ ଦେଉଛନ୍ତି। ତେଣୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଏହି ବୃହତ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଉଚିତ ବୋଲି ଏବେ ସବୁଠି ଦାବି ହେଉଛି। ଚଣ୍ଡିଖୋଲର ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁ କୁହନ୍ତି, ୨୦୧୭ରୁ କେନ୍ଦ୍ର ସରକାର ଏହି ତୈଳଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ। ୨୦୨୧ରେ ପୁଣି ଏଥିପାଇଁ ଆର୍ଥିକ ବ୍ୟୟବରାଦ ହୋଇଥିଲା। କିନ୍ତୁ ସେତେବେଳେ ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇଦେବାକୁ ବିଭିନ୍ନ ପ୍ରକାର ଆଳ କରିଥିଲେ। ଏବେ ଆଉ ସେହି ସମସ୍ୟା ନାହିଁ। ଡବଲ ଇଞ୍ଜିନ ସରକାର ହୋଇଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବିଳମ୍ବେ ଜମି ଅଧିଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ଆବଶ୍ୟକ।

ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ କୁହନ୍ତି, ଡଙ୍କାରୀରେ କଳାପଥର ଖାଦାନ ପାଇଁ ଏହି ମହତ୍ ପ୍ରକଳ୍ପ ହୋଇପାରିନାହିଁ। ତେବେ ଦର୍ପଣୀ ଅଞ୍ଚଳର ଖଟୁଆପଡା, ଅଣ୍ଟିଆ, ତରଞ୍ଜିଆ, କଞ୍ଚନଗର, ଖରମଙ୍ଗି ଅଞ୍ଚଳରେ ପ୍ରାୟ ୫୦୦ ଏକର ଜମିରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ପରବର୍ତ୍ତୀ ସମୟରେ ପ୍ରସ୍ତାବ ହୋଇଥିଲା। କିନ୍ତୁ ସେତେବେଳେ ସରକାର ଏଥିପ୍ରତି ଆଦୌ ଆଗ୍ରହ ପ୍ରକାଶ କରି ନ ଥିଲେ। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଚାଲିଛି। ତେଣୁ ଅଞ୍ଚଳର ବିକାଶ ଦୃଷ୍ଟିରୁ ଉକ୍ତ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଉଭୟ ସରକାର ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିବା ଉଚିତ।

> ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ



# ଆମେରିକାରେ ରାଜନୈତିକ ହିଂସା



ମାଞ୍ଚିଆ ଫେରାରେସି

ପେନ୍‌ସିଲଭାନିଆରେ ଏକ ନିର୍ବାଚନ ପ୍ରଚାର ରାଲିରେ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏଭଳି ରାଜନୈତିକ ହିଂସା ପାଇଁ ୟୁରୋପ ମଧ୍ୟ ଅଧିକ ଜଣାଶୁଣା। ନିକଟରେ ହୋଇଥିବା ଫ୍ରାନ୍ସ ସାଧାରଣ ନିର୍ବାଚନ ସମୟରେ ୫୦ରୁ ଅଧିକ ପ୍ରାର୍ଥୀ ଏବଂ କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ନିକଟ ଅତୀତର ବିଭିନ୍ନ ୟୁରୋପୀୟ ଦେଶରେ ରାଜନୈତିକ ଚର୍ଚ୍ଚାରେ ହିଂସା ଏକ ଅଂଶ ଥିବା ବିଷୟ ସ୍ମରଣଯୋଗ୍ୟ ,ଯାହା ଚିନ୍ତାର କାରଣ। କିନ୍ତୁ ଆମେରିକାରେ ରାଜନୈତିକ ହିଂସା ଭିନ୍ନ ଧରଣର। କାରଣ ଏହା ଏଭଳି ଏକ ସମାଜରେ ଘଟିଥାଏ ଯେଉଁଠାରେ ସାଧାରଣ ନାଗରିକଙ୍କ ପାଖରେ ୩୦୦ ନିୟୁତରୁ ଅଧିକ ବନ୍ଧୁକ ରହିଛି ଏବଂ ଗଣ ଗୁଳିକାଣ୍ଡ ବାରମ୍ବାର ଘଟୁଛି। ଏହା ଶୁଣିବାକୁ ଅସୁନ୍ଦର ଲାଗୁଥିଲେ ବି ଟ୍ରମ୍ପଙ୍କୁ ହତ୍ୟା କରିବାର ପ୍ରୟାସ କିଛି ମାତ୍ରାରେ ସ୍ୱାଭାବକ ଥିଲା। ଅର୍ଥାତ୍ ଏହା ଆମେରିକୀୟ ଜୀବନରେ ବର୍ବର ଶକ୍ତି ପାଇଁ ଏକ ବ୍ୟାପକ ମାର୍ଗର ଅନୁରୂପ ବିଚାର ବୋଲି ଧରିନେବାକୁ ପଡ଼ିବ। ଆମେରିକାରେ ରାଜନୈତିକ ହିଂସା ସବୁବେଳେ ପରିବର୍ତ୍ତିତ ରୂପ ନେଇଥାଏ। କିନ୍ତୁ ଏକ ନିରନ୍ତର ବୈଶିଷ୍ଟ୍ୟ ହେଉଛି ପ୍ରତ୍ୟେକ ଘଟଣା ପରେ ହେଉଥିବା ଘୃଣ୍ୟ ବାକ୍‌ଯୁଦ୍ଧ। ଶୁଟରଙ୍କୁ ଉତ୍ତେଜିତ କରିବାକୁ ଉସୁକାଇବା ଭଳି ବିବୃତି ଦେଇ ପ୍ରତ୍ୟେକ ପକ୍ଷ ଦୃଢ଼ତାର ସହ ଅନ୍ୟକୁ ଦାୟୀ କରନ୍ତି। ଏଥିରୁ ବୁଝାପଡ଼େ ଯେ ପୀଡ଼ିତଙ୍କ ରାଜନୈତିକ ବିରୋଧୀମାନେ ହିଂସା ପାଇଁ ନୈତିକ ଦାୟିତ୍ୱ ବହନ କରିଥାନ୍ତି।

ଆମେରିକାର ରାଜନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସହମତିର ଖୁବ୍ କମ୍ ସୁଯୋଗ ଥାଏ। ପୀଡ଼ିତଙ୍କ ରାଜନୈତିକ ଦଳ ଦୋଷୀକୁ ନିଶ୍ଚିତ କରେ, କିନ୍ତୁ ଘଟଣା ସୃଷ୍ଟି ଓ ଉପସ୍ଥାପନା ସର୍ବଦା ସମାନ । ହିଂସାକୁ ନିରପେକ୍ଷ ଭାବେ ନିନ୍ଦାକରିବାର ସମୟସୀମା ପ୍ରତ୍ୟେକ ଘଟଣାରେ ଛୋଟ ହୋଇଯାଏ। ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ରାଲିରେ ଥିବା ଜଣେ ବ୍ୟକ୍ତି ଓ ୨୦ ବର୍ଷୀୟ ଶୁଟରଙ୍କ ମୃତ୍ୟୁ ହୋଇଥିଲା, ଯାହାର ଦୁଇଟି ତତ୍‌କ୍ଷଣାତ ପ୍ରଭାବ ପଡ଼ିଲା। ପ୍ରଥମେ, ଏହା ଟ୍ରମ୍ପଙ୍କ ଏମ୍‌ଏଜିଏ ( ମେକ୍ ଆମେରିକା ଗ୍ରେଟ୍ ଏଗେନ) ପ୍ରଚାର ଅଭିଯାନର ଶହୀଦ ବିଷୟକୁ ପୁନର୍ଜୀବିତ କଲା ଏବଂ ସମର୍ଥକମାନେ ସଙ୍ଗେ ସଙ୍ଗେ ବଞ୍ଚିଥିବା ହିରୋଙ୍କ ସମ୍ପର୍କରେ ବଢ଼େଇଚଢ଼େଇ କରି କହି ପ୍ରଚାର କରିବା ଆରମ୍ଭ କରିଦେଲେ। ଟ୍ରମ୍ପ୍ ମଧ ଘୋଷଣାକଲେ ଯେ ସେ ଦୁଷ୍ଟତା ସାମ୍ନାରେ ନତମସ୍ତକ ହେବେ ନାହିଁ। ଦ୍ୱିତୀୟରେ,ସମାନ ଭାବରେ ପୂର୍ବାନୁମାନଯୋଗ୍ୟ ପ୍ରଭାବ ହେଉଛି ଏହି ଆକ୍ରମଣ ପାଇଁ ଡେମୋକ୍ରାଟ୍‌ମାନେ ଦାୟୀ



ବୋଲି ଅଭିଯୋଗ ହୋଇଛି। ଟ୍ରମ୍ପଙ୍କ ଉପ-ରାଷ୍ଟ୍ରପତି ପ୍ରାର୍ଥୀ ସିନେଟର ଜେ.ଡି. ଭାନ୍ସ ଯୁକ୍ତି କରିଥିଲେ, ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଚାର ଅଭିଯାନରେ ଟ୍ରମ୍ପଙ୍କୁ ଗଣତନ୍ତ୍ର ପ୍ରତି ବିପଦ ବୋଲି ଦର୍ଶାଇବାର ପ୍ରତ୍ୟକ୍ଷ ପରିଣାମ ହେଲା ଏହି ଘଟଣା। ଏହି କାରଣରୁ ତାଙ୍କୁ ବଳପୂର୍ବକ ହଟାଇବା ପ୍ରୟାସକୁ ବୈଧକରାଯାଉଛି। ଭାନ୍ସ ଦାବି କରିଥିଲେ ଯେ, ଏହିଭଳି ମନ୍ତବ୍ୟର ପ୍ରତ୍ୟକ୍ଷ ପରିଣାମ ହେଉଛି ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ।

ସେହିଭଳି ଆମେରିକା କଂଗ୍ରେସର ସଦସ୍ୟ ମାଇକ୍ କଲିନ୍ସ ପରାମର୍ଶ ଦେଇଥିଲେ ଯେ ହତ୍ୟା ଘଟଣାକୁ ଉସୁକାଇଥିବାରୁ ତୁରନ୍ତ ଜୋସେଫ୍ ଆର୍. ବାଇଡେନ୍‌ଙ୍କ ବିରୋଧରେ ପେନ୍‌ସିଲଭାନିଆର ବଟଲର ଜିଲାର ଜିଲା ଓକିଲ ସଂଘ ମାମଲା ରୁଜୁକରିବା ଉଚିତ। ଏପରିକି ୨୦୧୭ରେ ଜଣେ ଚରମ ବାମପନ୍ଥୀଙ୍କ ଦ୍ୱାରା କଂଗ୍ରେସ ପ୍ରତିନିଧି ଷ୍ଟିଭ୍ ସ୍କାଲାଇଜ୍‌ଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ପଛରେ ଡେମୋକ୍ରଟ୍ସଙ୍କ ହିଂସା ଉସୁକାଇବା ମନ୍ତବ୍ୟ ଥିବା ସୂଚିତ କରିଥିଲା ଏବଂ ଏହାକୁ ଏଫ୍‌ବିଆଇ ଘରୋଇ ଆତଙ୍କବାଦ ଭାବରେ ଶ୍ରେଣୀଭୁକ୍ତ କରିଥିଲା। ସାମ୍ପ୍ରତିକ ସମୟରେ, ଟ୍ରମ୍ପଙ୍କ ପ୍ରଚାର ଅଭିଯାନରେ ଡେମୋକ୍ରାଟିକ୍ ପ୍ରତିନିଧି ଡନ୍ ଗୋଲ୍ଡମ୍ୟାନ୍‌ଙ୍କ ଭିଡିଓର ଛୋଟ ଅଂଶ ପ୍ରସାରଣ କରାଯାଇଥିଲା। ଗୋଲ୍ଡମ୍ୟାନ୍ ଲାଇଭ ଟେଲିଭିଜନରେ କହିଥିଲେ ଯେ ଟ୍ରମ୍ପଙ୍କୁ ଶେଷ କରାଯିବା ଦରକାର, ଯାହା ପୂର୍ବତନ ହାଉସ୍ ସ୍ପିକର ନାନ୍‌ସୀ ପେଲୋସିଙ୍କ ଦ୍ୱାରା ପ୍ରକାଶିତ ହୋଇଛି ଏବଂ ତାଙ୍କର କାର୍ଯ୍ୟକର୍ତ୍ତାମାନେ ହତାଶ ବାଇଡେନ୍‌ଙ୍କ ବର୍ତ୍ତମାନର ଏକ ଧମକପୂର୍ଣ୍ଣ କଥାକୁ ପୁଣି ଥରେ ସାମ୍ନାକୁ ଆଣିଥିଲେ, ଯେଉଁଥିରେ ବାଇଡେନ୍ ତାଙ୍କର ବିପର୍ଯ୍ୟସ୍ତ ବିତର୍କ ପ୍ରଦର୍ଶନ ପରେ କହିଥିଲେ ଯେ ଆମେ ବିତର୍କ ବିଷୟରେ କେବଳ କଥାବାର୍ତ୍ତା କରୁଛୁ, କିନ୍ତୁ ଟ୍ରମ୍ପଙ୍କୁ କଡ଼ା ନଜରରେ ରଖିବାର ଏହା ହିଁ ଉପଯୁକ୍ତ ସମୟ।

ଡେମୋକ୍ରାଟ୍ ଏବଂ ସେମାନଙ୍କ ସମର୍ଥକମାନେ ଆକ୍ରମଣ ଘଟଣାକୁ ତରବରିଆ ଭାବେ ନିନ୍ଦାକରିବା ସହ ସମସ୍ତଙ୍କୁ ମନେପକାଇ ଦେଇଛନ୍ତି ଯେ ଟ୍ରମ୍ପ ୬ ଜାନୁଆରୀ ୨୦୨୧ରେ ଆମେରିକାର କ୍ୟାପିଟୋଲ୍‌ରେ ଆକ୍ରମଣ କରିବାକୁ ଉତ୍ତେଜିତ ଲୋକଙ୍କୁ ପ୍ରେରିତ କରିଥିଲେ । ଏହା ଥିଲା ଆମେରିକାର ଇତିହାସରେ ରାଜନୈତିକ ହିଂସାର ସବୁଠାରୁ ଭୟଙ୍କର ଘଟଣା । ୨୦୨୦ ନିର୍ବାଚନରେ ତାଙ୍କ ପରାଜୟକୁ ବଦଳାଇଦେବା ଉଦ୍ଦେଶ୍ୟରେ ସେ ଏହା କରିଥିଲେ। ପ୍ରଭାବିତ କରିବା ଭଳି ଏହି ପ୍ରକାର ବାକ୍‌ଯୁଦ୍ଧ ନିର୍ବାଚନରେ ବାଇଡେନ୍‌ଙ୍କ ବିରୋଧରେ ଟ୍ରମ୍ପଙ୍କ ବିଜୟକୁ ନିଶ୍ଚିତ କରିବା ସମ୍ଭାବନା ରହିଛି। କିନ୍ତୁ ଘୃଣା, ଉତ୍ପୀଡ଼ନ ଏବଂ ଅସନ୍ତୋଷ ଦ୍ୱାରା ବଢୁଥିବା ଜାତୀୟସ୍ତରର ବାକ୍‌ଯୁଦ୍ଧର ଦୀର୍ଘମିଆଦୀ ପରିଣାମଗୁଡ଼ିକ ଅଧିକ ବିନାଶକାରୀ। ୨୦୧୧ରେ ଆରିଜୋନାରେ କଂଗ୍ରେସ ପ୍ରତିନିଧି ଗାବି ଗିଫୋର୍ଡଙ୍କ ଉପରେ ହତ୍ୟା ଉଦ୍ୟମ ପରେ ଏକ ଡେମୋକ୍ରାଟିକ୍ ସପକ୍ଷବାଦୀ ନ୍ୟୁଜ ସଂସ୍ଥା 'ଷ୍ଟୋକାଷ୍ଟିକ୍ ଟେରୋରିଜମ୍' (କଟରପନ୍ଥୀ ପରିବେଶ ଦ୍ୱାରା ପ୍ରେରିତ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଘଟିଥିବା ରାଜନୈତିକ ହିଂସାବାଦ) ଶବ୍ଦକୁ ଲୋକପ୍ରିୟ କରିଥିଲା। ଏଭଳି ଜଣେ ଆତଙ୍କବାଦୀ ଆଲାସ୍କାର ପୂର୍ବତନ ରାଜ୍ୟପାଳ ଏବଂ ପରେ ଟି-ପାର୍ଟିର ନେତା ସାରା ପାଲିନ ବୋଲି ଜଣାପଡ଼ିଥିଲା। ସେ ପରବର୍ତ୍ତୀ ନିର୍ବାଚନରେ ଟାର୍ଗେଟ କରାଯିବାକୁ ଥିବା ଗିଫୋର୍ଡଙ୍କ ଜିଲା ସମେତ ଅନ୍ୟ କଂଗ୍ରେସ ଜିଲାଗୁଡ଼ିକୁ ଏକ ମାନଚିତ୍ରରେ ଚିହ୍ନିତକରି ତାହାକୁ ବାଣ୍ଟିଥିଲେ, ଯେଉଁଗୁଡ଼ିକ ଆକ୍ରମଣର ଅସ୍ତ୍ର ଭାବେ କାର୍ଯ୍ୟକରିଥିଲା। ପରେ ଏହା ଜଣାପଡ଼ିଲା ଯେ ଗିଫୋର୍ଡଙ୍କ ଆକ୍ରମଣକାରୀଙ୍କର ଗଭୀର ମାନସିକ ସମସ୍ୟା ଥିଲା। ପାଲିନଙ୍କ ମାନଚିତ୍ର, ସମାବେଶ କିମ୍ବା ରାଜନୈତିକ ବିତର୍କ ବିଷୟରେ ତାଙ୍କର କୌଣସି ଜ୍ଞାନ ନ ଥିଲା। ଏହା ସତ୍ତ୍ୱେ ଏବଂ ପ୍ରରୋଚିତ କରୁଥିବା ରାଜନୈତିକ ବାକ୍ୟ ଓ ଏଭଳି ସବୁ ଆକ୍ରମଣ ମଧ୍ୟରେ ଏକ ଯୁକ୍ତିଯୁକ୍ତ ସମ୍ପର୍କର ପ୍ରମାଣ ଅଭାବ ସତ୍ତ୍ୱେ ପ୍ରତ୍ୟେକ ଆକ୍ରମଣ ପରେ 'ଷ୍ଟୋକାଷ୍ଟିକ୍ ଟେରୋରିଜମ୍' ଶବ୍ଦ ପୁନର୍ବାର ପ୍ରକାଶ ପାଏ ଏବଂ ଏହି ଶବ୍ଦ ଏକ ସ୍ୱତନ୍ତ୍ର ସାହିତ୍ୟରେ ପ୍ରବେଶକଲା, ସତେ ଯେପରି ଏହା ଏକ ବୈଧ ଧାରଣାକୁ ବର୍ଣ୍ଣନା କରିଥିଲା।

ଅନିୟମିତତା,ନିର୍ଦ୍ଦିଷ୍ଟ ବିଚାରକୁ କାର୍ଯ୍ୟକାରୀ କରିବା ଓ ଆତ୍ମ ଉତ୍ପୀଡ଼ନର ସହଭାଗୀ କୌଶଳଗୁଡ଼ିକ ମାଧ୍ୟମରେ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍‌ମାନେ ଏକ ଜଟିଳ ଯୁକ୍ତିରେ ଫଁସିରହିଛନ୍ତ,ଯାହା ଯେତିକି ବିପଜ୍ଜନକ ସେତିକି ତର୍କବିରୁଦ୍ଧ । ହିଂସା ଏବଂ ହିଂସା ଉଦ୍ରେକକାରୀ ରାଜନୈତିକ ବାକ୍ୟଗୁଡ଼ିକ ମଧ୍ୟରେ ଏକ ସମ୍ପର୍କ ଥିବାର ଅଭିଯୋଗ ଅଣାଯାଉଛି। ହେଲେ ସେଭଳି ଅଭିଯୋଗ ହିଁ ସ୍ୱୟଂ ବାକ୍‌ଯୁଦ୍ଧର ଅସ୍ତ୍ର ପାଲଟିଯାଏ। ଏହା ଅତ୍ୟଧିକ ଧ୍ରୁବୀକରଣକୁ ଇନ୍ଧନ ଯୋଗାଇଥାଏ, ଯେଉଁଥିରେ ରାଜନୈତିକ ହିଂସାର ଅଧିକ ସମ୍ଭାବନା ରହିଥାଏ ।

**ଇଟାଲୀର ଖବରକାଗଜ ଡୋମାନିର**
**ପରିଚାଳନା ସମ୍ପାଦକ**

## ଏଇ ଭାରତରେ

ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଦିଲ୍ଲୀର ଥାନ୍ ସିଂ। ଚାକିରିର ବ୍ୟସ୍ତତା ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି। ଏଥିପାଇଁ ସେ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କିଂ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ଏକ ପାଠଶାଳା ଖୋଲିଛନ୍ତି। ଥାନ୍ ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ । କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା। ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ। ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ। ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ। ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା। ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୫ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ବିଭିନ୍ନ ବସ୍ତିରୁ ୮୦ ଜଣ ପିଲା ପାଠଶାଳାକୁ ଆସୁଛନ୍ତି। ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି। ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି। ଏହାଦ୍ୱାରା ସେମାନେ ନିଶା ଓ ଅପରାଧ ଦୁନିଆରୁ ଦୂରେଇ ରହୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୮ ଜୁଲାଇ ୧୯୭୫**

- ଭାରତ ପ୍ରତିରକ୍ଷା ଆଇନ ଅନୁଯାୟୀ ଉତ୍ତର ପ୍ରଦେଶ ସରକାର ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବା ନିମନ୍ତେ ଏକ ଆଦେଶନାମା ଜାରି କରିଛନ୍ତି।
- ମେହଟା ଗବେଷଣା ପ୍ରତିଷ୍ଠାନର ପ୍ରଥମ ଡାଇରେକ୍ଟର ରୂପେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ପ୍ରଫେସର ପି. ଏଲ୍. ଭଟନାଗର ନିଯୁକ୍ତ।
- ଆଙ୍ଗୋଲାର ସ୍ୱାଧୀନତା ହାସଲ ପାଇଁ ଗଠିତ ମାର୍କ୍ସବାଦୀ ପ୍ରସାର ଆନ୍ଦୋଳନର ସୈନ୍ୟମାନେ ଲୁଆଣ୍ଡାକୁ ଦଖଲ କରିନେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | 4 | | |
| | | | 6 | 9 | | | 8 | 1 |
| | | | | 5 | | 9 | | 2 |
| 9 | 5 | | 7 | | | 6 | | |
| | | | | 6 | | | | |
| | 2 | | | | | 8 | 3 | |
| | 8 | | | | 9 | 7 | | 3 |
| 1 | | | 4 | 8 | | | | |
| | | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 7 | 4 | 2 | 1 | 5 | 3 |
| 1 | 3 | 7 | 8 | 5 | 9 | 2 | 6 | 4 |
| 4 | 5 | 2 | 6 | 3 | 1 | 8 | 7 | 9 |
| 5 | 2 | 1 | 3 | 8 | 7 | 4 | 9 | 6 |
| 7 | 9 | 3 | 2 | 6 | 4 | 5 | 8 | 1 |
| 6 | 8 | 4 | 9 | 1 | 5 | 7 | 3 | 2 |
| 8 | 1 | 9 | 5 | 2 | 3 | 6 | 4 | 7 |
| 3 | 4 | 5 | 1 | 7 | 6 | 9 | 2 | 8 |
| 2 | 7 | 6 | 4 | 9 | 8 | 3 | 1 | 5 |

ଗତକାଲିର ଉତ୍ତର

# ଦୁଇ ଦେଶ ବିପଦରେ



ଶୁଭନାରାୟଣ ଶତପଥୀ

ଯଦି ସାଧାରଣରେ ଆମେ ଭବିନେଉ ଯେ ପଡ଼ୋଶୀ ଦେଶ ପାକିସ୍ତାନଠାରୁ ଭାରତ ପାଇଁ କ'ଣ ବଡ଼ ବିପଦ ରହିଛି, ତେବେ ଏହା ଉତ୍ତର ଆସିବ ଯେ ଆତଙ୍କବାଦ, ଚାଇନା ଓ ପାକିସ୍ତାନର ସହଭାଗିତାର ପ୍ରଭାବ। ଏହା ଠିକ୍ ଉତ୍ତର ହୋଇପାରେ, କିନ୍ତୁ ବାସ୍ତବରେ ଅନ୍ୟ ଏକ ବଡ଼ ବିପଦ ହେଉଛି ପୋଲିଓ ଭୂତାଣୁ। ଏହା କେବଳ ଭାରତ ନୁହେଁ ବରଂ ଅନ୍ୟାନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ଗମ୍ଭୀରଭାବରେ ପ୍ରଭାବିତ କରିପାରେ। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ, ଏହି ବର୍ଷ ପାକିସ୍ତାନରେ ପଞ୍ଚମ ପୋଲିଓ ସଂକ୍ରମଣ ଘଟଣା ସାମ୍ନାକୁ ଆସିଛି। ଏହା ଏପରି ଏକ ବେମାରୀ ଯାହାକୁ ଟିକାକରଣ ଦ୍ୱାରା ସାରା ବିଶ୍ୱରୁ ମୂଳୋତ୍ପାଟନ କରାଯାଇଆସୁଛି। ବିଶ୍ୱର ସମସ୍ତ ଦେଶରୁ ପୋଲିଓ ମୂଳୋତ୍ପାଟନ ହେବା ପରେ ଏବେ ଏହି ଭୂତାଣୁ କେବଳ ପାକିସ୍ତାନ ଓ ଆଫଗାନିସ୍ତାନରେ ସୀମିତ ହୋଇ ରହିଛି। ଏପରିକି ଆଫ୍ରିକା ମହାଦେଶର ଅନେକ ଦେଶ ଯଥା କଙ୍ଗୋ, ସୁଦାନ, ଦକ୍ଷିଣ ସୁଦାନରେ ମଧ୍ୟ ପୋଲିଓର ଘଟଣା ଶୂନ୍ୟ ପ୍ରତିଶତ ଥିବାବେଳେ ଆଫଗାନିସ୍ତାନ ଓ ପାକିସ୍ତାନରେ ଆଜି ବି ଏହି ରୋଗ ଦେଖିବାକୁ ମିଳେ। ସାରା ବିଶ୍ୱ ପାଇଁ ପୋଲିଓ ରୋଗ ମୁଣ୍ଡବିନ୍ଧାର କାରଣ ଥିଲାବେଳେ ୨୭ ମାର୍ଚ୍ଚ ୨୦୧୪ରେ ଭାରତକୁ ପୋଲିଓମୁକ୍ତ ଦେଶ ଭାବରେ ଘୋଷଣା କରାଯାଇଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି, ପରିଶ୍ରମର ସଫଳତା ଓ ଗୌରବ।

ଆମେ ଜାଣୁ, ପୋଲିଓ ରୋଗ କେତେ ଭୟଙ୍କର। ଯଦି ୧୯୪୦ ମସିହାରୁ ୧୯୬୦ ମସିହା ଅବଧିକୁ ଅନୁଶୀଳନ କରିବା ତେବେ ପାଖାପାଖି ୫ଲକ୍ଷ ବ୍ୟକ୍ତି ଏହି ରୋଗରେ ମୃତ୍ୟୁବରଣ କରୁଥିଲେ କିମ୍ବା ପକ୍ଷାଘାତର ଶିକାର ହେଉଥିଲେ। ଏହି ଭୂତାଣୁ ମସ୍ତିଷ୍କ କିମ୍ବା ମେରୁଦଣ୍ଡକୁ ଆକ୍ରାନ୍ତ କରୁଥିଲା। ଫଳରେ ବ୍ୟକ୍ତି ମୃତ୍ୟୁବରଣ କରୁଥିଲା କିମ୍ବା ତା'ର ଅନେକ ଅଙ୍ଗ ଅଚଳ ହୋଇଯାଉଥିଲା। ଯଦି ମଣିଷ ବଞ୍ଚିଯାଉଥିଲା ତେବେ ମୃତ୍ୟୁ ପର୍ଯ୍ୟନ୍ତ ଏମିତି କଷ୍ଟକର ଓ ପୀଡ଼ାଦାୟକ ଜୀବନ ବିତାଉଥିଲା। ଏଥିପାଇଁ କେହି କିଛି କରିପାରୁ ନ ଥିଲେ। ଯେତେବେଳେ ଜଣେ ଶିଶୁ ପୋଲିଓ ଦ୍ୱାରା ଆକ୍ରାନ୍ତ ହେଉଥିଲା ସେତେବେଳେ ତାହା ସମସ୍ତଙ୍କ ପାଇଁ ଦାରୁଣ ଦୁଃଖ ଥିଲା। କାରଣ ସେହି ଶିଶୁ ଜୀବନ ଆରମ୍ଭ ନ କରୁଣୁ ସେ ଦିବ୍ୟାଙ୍ଗ ପାଲଟିଯାଉଥିଲା। ଏହି ରୋଗ କେବଳ ଗରିବ ଦେଶରେ ଥିଲା ତାହା ନୁହେଁ ବରଂ ଏହା ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ୟୁରୋପ ଭଳି ବିକଶିତ ଦେଶରେ ଦେଖାଯାଉଥିଲା। ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରୁଥିଲେ। ଯେତେବେଳେ ସାରା ବିଶ୍ୱ ଅପେକ୍ଷା କରିଥିଲା ଏହି ରୋଗ ପାଇଁ କେବେ ଟିକା ଆସିବ ସେତେବେଳେ ୟୁଏସ୍‌ର ଚିକିତ୍ସାବିଜ୍ଞାନୀ ଡା. ଜୋନାସ୍ ସାଲ୍କ ୧୯୬୦ ମସିହାରେ ପୋଲିଓ ଟିକାର ଉଦ୍ଭାବନ ବିଷୟରେ ଜଣାଇଲେ। ଏହି ବୈଜ୍ଞାନିକ ଜଣକ ଚାହିଁଥିଲେ ପୋଲିଓ ଟିକାର ସୂତ୍ର ବଡ଼ ବଡ଼ ଟିକା ବ୍ୟବସାୟୀ କମ୍ପାନୀଙ୍କୁ ଦେଇ ପ୍ରତି ବଦଳରେ ବିଶ୍ୱର ଧନୀ ବ୍ୟକ୍ତି ହୋଇପାରିଥାନ୍ତେ। କିନ୍ତୁ ତାହା ସେ କରି ନ ଥିଲେ। ଖୁସିର କଥା ଯେ ଏହି ବୈଜ୍ଞାନିକ ଜଣକ ପୋଲିଓ ଟିକା ପ୍ରସ୍ତୁତ ପ୍ରଣାଳୀକୁ ମାଗଣାରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଓ ସରକାରଙ୍କୁ ହସ୍ତାନ୍ତର କରିଦେଇ କହିଲେ, ଏହା ମୋର ଅନୁସନ୍ଧାନ ଯାହା ହେଉଛି ପୋଲିଓ ମୂଳୋତ୍ପାଟନର ସୂତ୍ର। ଏହାକୁ ବ୍ୟବହାରକରି ଟିକା ଦେଇ ଲୋକମାନଙ୍କୁ ପୋଲିଓ କବଳରୁ ମୁକ୍ତ କରନ୍ତୁ। ତେବେ ଯେତେବେଳେ ସାମ୍ବାଦିକମାନେ ଉକ୍ତ ବୈଜ୍ଞାନିକଙ୍କୁ



ପଚାରିଲେ, ଆପଣ ଏହି ସୂତ୍ରକୁ ବିକ୍ରିକରି ବିପୁଳ ଅର୍ଥ ରୋଜଗାର କରିପାରିଥାନ୍ତେ, ତେବେ କାହିଁକି ଦାନକଲେ ? ଉତ୍ତରରେ ଡା. ଜୋନାସ୍ କହିଥଲେ, କ'ଣ ସୂର୍ଯ୍ୟଙ୍କ କିରଣକୁ ବିକ୍ରି କରାଯାଇପାରେ। ଏମିତି କିଛି ଜିନିଷ ଅଛି ଯାହାକୁ ନେଇ ବ୍ୟବସାୟ କରାଯାଇପାରେନା। ଏହା କେବଳ ବିଶ୍ୱ କଲ୍ୟାଣ ପାଇଁ। ତାଙ୍କ ଅବଦାନରେ ୧୯୬୦ ମସିହା ବେଳକୁ ପୋଲିଓ ଟିକା ଆସିସାରିଥିଲା। ଯଦିଓ ଟିକା ଉଦ୍ଭାବନ ହୋଇସାରିଥିଲା, ଏହାକୁ ଲୋକଙ୍କୁ ଦେବା ପୂର୍ବରୁ ଅନେକ ପରୀକ୍ଷା ନିରୀକ୍ଷା ହେଲା ବେଳକୁ କିଛି ସମୟ ବିତିଯାଇଥିଲା।

ଯୁକ୍ତରାଷ୍ଟ୍ର ଆମେରିକାରେ ପୋଲିଓ ମୂଳୋତ୍ପାଟନ ପାଇଁ ୧୯୭୯ ମସିହାରେ ଉଦ୍ଭାବନ ହୋଇଥିବା ବେଳେ ପରୀକ୍ଷାନିରୀକ୍ଷା ଲାଗି ଚାଇନାରେ ଏଥିପାଇଁ ୧୯୯୪ ମସିହା ପର୍ଯ୍ୟନ୍ତ ସମୟ ଲାଗିଥିଲା। ଭାରତରେ ଏଥିପାଇଁ ଏକ ବିଶାଳ ଅଭିଯାନ ହୋଇଥିଲା। ଏଥିରେ ବଡ଼ ବଡ଼ ଅଭିନେତା, ଖେଳାଳିମାନଙ୍କ ବିଜ୍ଞାପନ ପ୍ରସାରଣର ପ୍ରଭାବ ଅନେକ ଥିଲା ଯେମିତିକି ଦୋ ବୁନ୍ଦ୍ ଜିନ୍ଦେଗୀକେ। ସେମାନେ ସମସ୍ତଙ୍କୁ ନିବେଦନ କରିଥିଲେ, ପୋଲିଓ ବୁଥ୍‌କୁ ପିଲାମାନଙ୍କୁ ଆଣନ୍ତୁ ଓ ପୋଲିଓ ଟିକା ଦିଅନ୍ତୁ। ଧୀରେ ଧୀରେ ସବୁ ଦେଶ ପୋଲିଓ ଭୂତାଣୁକୁ ବିନାଶ କରିଦେଲେ କେବଳ ଏହି ୨ ଦେଶ ବ୍ୟତୀତ। ତେବେ ଏହି ୨ ଦେଶରେ ପୋଲିଓ ଭୂତାଣୁ ଆଜି ବି ଜୀବିତ ଅଛନ୍ତି । ଏଥିପାଇଁ ଡର ମଧ୍ୟ ରହିଛି ଯେ ପୁଣି ଅନ୍ୟ ଦେଶଗୁଡ଼ିକୁ କାହିଁକି ସଂକ୍ରମିତ ନ ହେବ ? ଏବେ ଲୋକମାନେ ମୁକ୍ତ ଜୀବନଯାପନ କରୁଛନ୍ତି। ତେବେ ମନରେ ପ୍ରଶ୍ନ ଆସେ, ପାକିସ୍ତାନ ଓ ଆଫଗାନିସ୍ତାନର ଲୋକସଂଖ୍ୟା ଭାରତ ଭଳି ନ ଥିବା ସତ୍ତ୍ୱେ କେଉଁ କାରଣରୁ ପୋଲିଓ ଭୂତାଣୁ ସେଠାରେ ଜୀବିତ ରହିଛି, ଯେଉଁଠି ବାଂଲାଦେଶ ୨୦୦୦ ମସିହାରେ ପୋଲିଓ ମୂଳୋତ୍ପାଟନ କରିସାରିଛି। ଜଣାଯାଏ ସେଠାରେ ଅନ୍ଧବିଶ୍ୱାସ, ଭ୍ରମାତ୍ମକ ଖବର, ଗୁଜବ ହେଉଛି ଯେପରିକି ଏହି ଟିକା ଜୀବଜନ୍ତୁଙ୍କ ଲିଭରରୁ ତିଆରି ହୋଇଛି, ଏହା ଖରାପ ପ୍ରଣାଳୀରେ ତିଆରି ହୋଇଛି ଇତ୍ୟାଦି। ଫଳରେ ଗାଁକୁ ଟିକାଦେବାକୁ ଯାଉଥିବା ଅଧିକାରୀମାନଙ୍କ ଉପରେ ଆକ୍ରମଣ ହୁଏ। ଏମିତିକି ଶିଶୁଙ୍କୁ ହତ୍ୟା କରିଦିଆଯାଏ। ଏହାଛଡ଼ା ଟିକା କିଣାବିକା, ଅନ୍ତର୍ଜାତୀୟ ଦାନ ଆଦିକୁ ନେଇ ଦୁର୍ନୀତି ମଧ୍ୟ ଅନ୍ୟ ଏକ କାରଣ ବୋଲି କୁହାଯାଏ।

୨୦୨୪ ମସିହାରେ ପୋଲିଓ ଅଭିଯାନ ଚାଲୁଥିବାବେଳେ ଏକ ବିସ୍ଫୋରଣରେ ପାକିସ୍ତାନରେ ୫ଜଣ ପୋଲିଓ ଅଫିସରଙ୍କ ମୃତ୍ୟୁ ହୋଇଯାଇଛି। ଦୁଃଖର ବିଷୟ ଏହି ଖବରକୁ ସେଠାରେ ସାଧାରଣ ବୋଲି କୁହାଯାଏ। ତେବେ ବର୍ତ୍ତମାନ ଆମ ଦେଶ ଓ ପାକିସ୍ତାନ ମଧ୍ୟରେ ଲୋକମାନଙ୍କ, ବିଦେଶୀମାନଙ୍କ ଗମନାଗମନ ହେଉଥିବାରୁ ଭୂତାଣୁ ଫେରିବା ନେଇ ଆଶଙ୍କା କରାଯାଇପାରେ। ଏଥିପାଇଁ ନୀତି ପ୍ରସ୍ତୁତି ସହ ଆନ୍ତର୍ଜାତିକ ଚାପ ଜରୁରୀ। ଏହି ଆଶଙ୍କା ସହ ସୀମାରେ ଥିବା ଅଞ୍ଚଳଗୁଡ଼ିକରେ ଏବେ ମଧ୍ୟ ପୋଲିଓ ଅଭିଯାନ ଚାଲୁ ରହିବା ଜରୁରୀ। 'ଦୋ ଦେଶ୍ ଖତ୍‌ରୋଁକେ' ପ୍ରଭାବରେ ଭାରତଠାରୁ ପୋଲିଓ ମୁକ୍ତ ଦେଶର ମାନ୍ୟତା ଚାଲିଯିବା ସମ୍ଭାବନା ରହିଛି। ଏହା ପୋଲିଓମୁକ୍ତ ଦେଶ ପାଇଁ ହୋଇଥିବା ଉଦ୍ୟମ ଓ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ମନୋବଳକୁ ଦୁର୍ବଳ କରିବା ସହ ପୋଲିଓ ବିପଦକୁ ପୁନରୁଜ୍ଜୀବିତ କରିବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ବୟୋଜ୍ୟେଷ୍ଠ ଚାଷୀଙ୍କୁ ଅଣଦେଖା

ମହାଶୟ,

ରାସ୍ତା, କାରଖାନା ଏବଂ କୋଠା ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଗଛ କଟାହେବା କାରଣରୁ ପରିବେଶ ସନ୍ତୁଳନ ହରାଇଛି। ଫଳରେ ଠିକ୍ ସମୟରେ ବୃଷ୍ଟିପାତ ନ ହେବାରୁ ଚାଷରେ ବ୍ୟାଘାତ ସୃଷ୍ଟି ହେଉଛି। ଚାଷୀମାନେ ଅତ୍ୟଧିକ ପରିଶ୍ରମ ଯୋଗୁ ଅତି କମ୍ ବୟସରେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଓ ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ଥିବା ହିତାଧିକାରୀମାନଙ୍କ ଭତ୍ତା ୫୦୦ରୁ ୧,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଯେଉଁ ଚାଷୀମାନେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସେମାନଙ୍କୁ ଅଧିକ ପେନ୍‌ସନ ଦେବା ପାଇଁ ସରକାରଙ୍କ ମନେପଡୁନାହିଁ। ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଦେଖିଲା ବେଳେ ଏଠାରେ ଦିଆଯାଉଥିବା ଭତ୍ତା ନଗଣ୍ୟ। ପଡ଼ୋଶୀ ରାଜ୍ୟଗୁଡ଼ିକ ବରିଷ୍ଠ ଚାଷୀମାନଙ୍କୁ ୩,୦୦୦ ଟଙ୍କା ଦେଉଥିବା ବେଳେ ଆମ ରାଜ୍ୟରେ ସେମାନଙ୍କ ପାଇଁ ସେଭଳି ବ୍ୟବସ୍ଥା ନାହିଁ। ଯେଉଁ ଚାଷୀମାନେ ୬୦ବର୍ଷରୁ ଊର୍ଦ୍ଧ୍ୱ ସେମାନଙ୍କୁ ସର୍ବନିମ୍ନ ମାସିକ ୫,୦୦୦ ଟଙ୍କା ଭତ୍ତା ଦେବା ପାଇଁ ବ୍ୟବସ୍ଥା କରାଯିବା ଉଚିତ।

**-ଦେବଚିତ୍ତ ମିଶ୍ର, ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଷାକ୍ତ ଛତୁ



ରିତେଶ୍ କୁମାର ଶିଶୁ

ବର୍ଷାଦିନେ ଆମ ବାଡ଼ିବଗିଚା ଓ ଜଙ୍ଗଲ ଆଦିରେ ବିଭିନ୍ନ ପ୍ରକାରର ଛତୁ ଫୁଟେ। ଅନେକ ଲୋକ ଛତୁକୁ ଖାଦ୍ୟ ହିସାବରେ ଗ୍ରହଣ କରନ୍ତି, ଯାହା ପ୍ରୋଟିନ୍‌ର ଅନ୍ୟ ଏକ ଉତ୍ସ। ହେଲେ ଏହି ଛତୁ ବିଭିନ୍ନ ପ୍ରକାରର ହୋଇଥିବା ବେଳେ ସେଥିମଧ୍ୟରୁ କେତେକ ଖାଦ୍ୟଯୋଗ୍ୟ ହୋଇଥିବା ବେଳେ କେତେକ ଅତ୍ୟନ୍ତ ବିଷାକ୍ତ ତଥା ପ୍ରାଣଘାତକ। ତେବେ ଏହା ମଧ୍ୟରୁ ବିଷାକ୍ତ ଓ ଖାଦ୍ୟ ଉପଯୋଗୀ ଛତୁ ଚିହ୍ନଟ କରିବା ସାଧାରଣ ଲୋକଙ୍କ ପାଇଁ କେତେକ କ୍ଷେତ୍ରରେ କଷ୍ଟକର ହୋଇଥାଏ, ଯାହାଫଳରେ ବର୍ଷାଦିନେ ଛତୁଜନିତ ବିଷପ୍ରକ୍ରିୟା ଯୋଗୁ ଅନେକ ଲୋକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିବା ସହିତ କେତେଜଣ ମୃତ୍ୟୁମୁଖରେ ମଧ ପଡ଼ନ୍ତି। ଇତିହାସରେ ମଧ୍ୟ ଅନେକ ବିଶିଷ୍ଟ ତଥା ମହାପୁରୁଷ ଯଥା ମହାତ୍ମା ବୁଦ୍ଧଦେବ, ରୋମ୍ ସମ୍ରାଟ କ୍ଲାଉଡିଅସ୍, ଲେଖକ ନିକୋଲାସ ଇଭାନ୍ସ, ପଦାର୍ଥ ବିଜ୍ଞାନୀ ଫାରେନ୍‌ହିଟ୍‌ଙ୍କ ପିତାମାତା ଏହି ଛତୁଜନିତ ବିଷକ୍ରିୟାରୁ ମରଣମୁଖରେ ପଡ଼ିଥିବାର ଲୋକମତରେ ପ୍ରଚଳିତ ଅଛି। ଆଗକୁ ଶ୍ରାବଣ ମାସ ଆସୁଥିବାରୁ ସେହି ସମୟରେ ଜନାଦୃତ ଶ୍ରାବଣ କଢ଼ି ଛତୁ ଫୁଟିବା ସହିତ ଅନେକ ଲୋକ ଭୁଲ୍‌ବଶତଃ ବିଷାକ୍ତ ଛତୁ ଆଣି ଭକ୍ଷଣ କରିବାର ସମ୍ଭାବନା ବଢ଼ିଯିବ।

ଆମ ରାଜ୍ୟରେ ପ୍ରତିବର୍ଷ ବର୍ଷାଦିନେ ଅନେକ ଲୋକ ବିଶେଷକରି ଆଦିବାସୀ ଅଞ୍ଚଳର ଲୋକେ ବିଷାକ୍ତ ଛତୁ ଖାଇ ଗୁରୁତର ଅସୁସ୍ଥ ଓ ମୃତ୍ୟୁବରଣ କରୁଥିବାର ଦେଖାଯାଏ। ଏଭଳି ସମସ୍ୟାର ମୁଖ୍ୟ କାରଣ ହେଉଛି କେଉଁଟି ଖାଦ୍ୟଯୋଗ୍ୟ ଓ କେଉଁଟି ବିଷାକ୍ତ ତାହା ଚିହ୍ନଟ କରିବାରେ ସେମାନଙ୍କର ଅକ୍ଷମତା। ଜଙ୍ଗଲ, ବାଡ଼ି, ବିଲ, ପଠା, ହୁଙ୍କା ଆଦିରେ ଏଭଳି ଅନେକ ବିଷାକ୍ତ ଛତୁ ଫୁଟେ, ଯାହା ଖାଦ୍ୟୋପଯୋଗୀ ଛତୁ ପରି ଅବିକଳ ଦେଖାଯାଏ ଓ ସେଥିମଧ୍ୟରେ ଥିବା ସାମାନ୍ୟ ଫରକକୁ କେବଳ ଜଣେ ଛତୁ ବିଶେଷଜ୍ଞ ହିଁ ଜାଣିପାରିବେ। କହିବା ବାହୁଲ୍ୟ ଯେ, ଛତୁର ଚିହ୍ନଟୀକରଣ କରିବା ପାଇଁ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଛତୁର ଉପରିଭାଗ ଛତା ବା କୋନ୍ ପରି ଆକାର ଓ ଡେମ୍ଫରେ ଗୋଲାକାର ଅବୃତି ଥିବା ଛତୁ ବିଷାକ୍ତ ହୋଇଥାଏ। ଯେଉଁ ଛତୁର ଆକାର ଗୋଲାକାର ନ ହୋଇ ଭଙ୍ଗୁର ତଥା ଲୋଚାକୋଚା ଓ ଖଦଖଦଡ଼ିଆ ହୋଇଥାଏ ସେଗୁଡ଼ିକ ବର୍ଜନ କରିବା ଉଚିତ। ମିଠା ବାସ୍ନା ହେଉଥିବା ଛତୁ, ଉଜ୍ଜ୍ୱଳ ରଙ୍ଗଯୁକ୍ତ ଛତୁ ଓ ବାସି ପଚିଯାଇଥିବା ଛତୁ କଦାପି ଖାଦ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏତଦ୍ ବ୍ୟତୀତ ପୋକ ଲାଗିଥିବା ଓ ପୋକଖିଆ ଛତୁ ଖାଇବା ଅନୁଚିତ। ଯେତେବେଳେ କୌଣସି ସ୍ଥାନରୁ ଛତୁ ତୋଳୁଛନ୍ତି ତାହା ଖାଦ୍ୟ ଉପଯୋଗୀ କି ନୁହେଁ ଆପଣଙ୍କର ସନ୍ଦେହ ଅଛି ତେବେ ତାହା ବର୍ଜନ କରିବା ଶ୍ରେୟସ୍କର। ବଜାରରେ ବିକ୍ରି ହେଉଥିବା ଛତୁ ବିଶେଷକରି ପାଳଛତୁ, ଧିଙ୍ଗିରୀ ଛତୁ, ବଟମ ଛତୁ ଆଦି ଚାଷ କରାଯାଏ। କିନ୍ତୁ ତାହା ସତେଜ ଅଛି କି ନାହିଁ ଦେଖିକରି କିଣିବା ଆବଶ୍ୟକ। ଆଜିକାଲି ବଜାରରୁ ଉକ୍ତ ଛତୁର ବିହନ କିଣି ଲୋକମାନେ ନିଜ ଘରେ ଛତୁପଟାଳି କରି ଉତ୍ପାଦନ କରି ବ୍ୟବହାର କଲେଣି, ଯାହା ଭରସାଯୋଗ୍ୟ।

ଏପରି ପରିସ୍ଥିତିରେ ଲୋକମାନଙ୍କୁ ଏହି ସମସ୍ୟାରୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ତରଫରୁ ବି କିଛି ଆଖିଦୃଶିଆ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କେତେଜଣ ବିଶେଷଜ୍ଞଙ୍କୁ ନେଇ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଫୁଟୁଥିବା ଛତୁର ପ୍ରକାରଭେଦ ଓ ଖାଦ୍ୟ ଉପଯୋଗିତା ଉପରେ ଅନୁସନ୍ଧାନ କରାଯାଉ। ସେ ବିଷୟରେ ଏକ ସନ୍ଦର୍ଭ ପ୍ରସ୍ତୁତ କରି ସେହି ଆଧାରରେ ଲୋକମାନଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଜଙ୍ଗଲ ବିଭାଗ ଓ କୃଷି ବିଭାଗର ମିଳିତ ପ୍ରୟାସରେ ଉକ୍ତ ସୂଚନାକୁ କିଛି ସଚିତ୍ର ପ୍ରଚାରପତ୍ର ଓ କ୍ଷୁଦ୍ର ଚଳଚ୍ଚିତ୍ର କରାଯାଇ ଟିଭି, ରେଡିଓ, ଖବରକାଗଜ, ଗାଁ ଗହଳିରେ ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତିରାଜ ପ୍ରତିନିଧି, କୃଷି ଓ ବନ କର୍ମଚାରୀ ତଥା ଅନ୍ୟାନ୍ୟ ମାଧ୍ୟମରେ ଲୋକମାନଙ୍କୁ ଖାଦ୍ୟ ଉପଯୋଗୀ ଓ ବିଷାକ୍ତ ଛତୁକୁ ଚିହ୍ନଟ କରିବାର ଉପାୟ ଜଣାଇ ଦିଆଗଲେ ହୁଏତ ବିଷାକ୍ତ ଛତୁ ଭକ୍ଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା ଓ ଅକାଳ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ଏହା ସହ ଲୋକମାନଙ୍କୁ ଖାଦ୍ୟ ଭାବରେ ପ୍ରୋଟିନ୍‌ର ଏକ ଠିକ୍ ଉତ୍ସ ମିଳିପାରିବ। ଏତଦ୍‌ବ୍ୟତୀତ ଲୋକମାନେ ନିଜେ ସଚେତନ ହେବା ସହ କୌଣସି ଛତୁ ଖାଦ୍ୟ ଭାବରେ ଗ୍ରହଣ କରିବା ପୂର୍ବରୁ ତାହା ବିଷାକ୍ତ କି ନୁହେଁ ଠିକ୍ ଭାବେ ଯାଞ୍ଚ କରିନେବା ଉଚିତ।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ-ଉଚ୍ଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**



କେରଳର ଥିରୁଭାନନ୍ତପୁରମ୍‌ରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ପ୍ରତିବାଦରେ ଯୁବକଂଗ୍ରେସ ପକ୍ଷରୁ ବୁଧବାର ବିକ୍ଷୋଭ ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ପାଣିମାଡ଼ କରୁଛି।

# ୫୦ ବିଧାୟକଙ୍କୁ ଦାୟିତ୍ୱ ଦେଲେ ନବୀନ

ଭୁବନେଶ୍ୱର,୧୭।୭(ଅନିଲ ଦାସ)



## ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟ ଉପରେ ରଖିବେ ନଜର

ପ୍ରଥମ ଥର ପାଇଁ ବିଜୁ ଜନତା ଦଳ ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି। ଏକ ଦୃଢ଼ ବିରୋଧୀ ଦଳ ଭୂମିକା ନିର୍ବାହ ଲାଗି ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଏଥିଲାଗି ସରକାରଙ୍କ ପ୍ରତ୍ୟେକ ବିଭାଗ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜଣେ ଲେଖାଏ ଏପରି କି ଗୋଟିଏ ଗୋଟିଏ ବିଭାଗର କାର୍ଯ୍ୟକଳାପ ଉପରେ ୨/୩ ଜଣ ବିଧାୟକଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ଦଳୀୟ ବିଧାୟକମାନଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି । ନବୀନଙ୍କ ବ୍ୟତୀତ ଦଳର ଅନ୍ୟ ସମସ୍ତ ୫୦ ବିଧାୟକଙ୍କୁ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଛି।

ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରତିଟି କାର୍ଯ୍ୟ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରମିଳା ମଲ୍ଲିକଙ୍କୁ ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର, ବଦ୍ରି ନାରାୟଣ ପାତ୍ରଙ୍କୁ ମହିଳା ଓ ଶିଶୁ ବିକାଶ, ନିରଞ୍ଜନ ପୂଜାରୀଙ୍କୁ ଗୃହ ଓ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଅଶ୍ୱିନୀ ପାତ୍ରଙ୍କୁ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ, ପ୍ରତାପ କେଶରୀ ଦେବଙ୍କୁ ସାଧାରଣ ପ୍ରଶାସନ(ଜିଏ) ଓ ସାଧାରଣ ଅଭିଯୋଗ, ଅରୁଣ କୁମାର ସାହୁଙ୍କୁ ଜଳସମ୍ପଦ, ସାରଦା ପ୍ରସାଦ ନାୟକଙ୍କୁ ଶିଳ୍ପ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅର୍ଥ ଓ ସାଧାରଣ ଉଦ୍ୟୋଗ ବିଭାଗ ଦାୟିତ୍ୱ ଦିଆଯାଇଛି।

ସେହିପରି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଦିଆଯାଇଥିବା ବେଳେ ରାଜେନ୍ଦ୍ର ଢୋଲକିଆଙ୍କୁ ସ୍କୁଲ ଓ ଗଣଶିକ୍ଷା, ମନୋହର ରନ୍ଧାରୀ ଓ ଯୋଗେଶ କୁମାର ସିଂହଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ବ୍ୟୋମକେଶ ରାୟଙ୍କୁ ପୂର୍ତ୍ତ, ଦିବ୍ୟଶଙ୍କର ମିଶ୍ରଙ୍କୁ ଶକ୍ତି, ଗଣେଶ୍ୱର ବେହେରାଙ୍କୁ ଇସ୍ପାତ ଓ ଖଣି, ବର୍ଷା ସିଂ ବରିହାଙ୍କୁ ମିଶନ ଶକ୍ତି, ସନାତନ ମହାକୁଡ଼ଙ୍କୁ କୃଷି ଓ କୃଷକ ସଶକ୍ତୀକରଣ, ସଞ୍ଜୀବ କୁମାର ମଲ୍ଲିକଙ୍କୁ ଏମ୍‌ଏସ୍‌ଏମ୍‌ଇ, କଳିକେଶ ନାରାୟଣ ସିଂହଦେଓଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ଆଇନ, ପ୍ରଦୀପ କୁମାର ଦିଶାରୀ ଓ ଚକ୍ରମଣି କହଁରଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଗ୍ରାମ୍ୟ ଉନ୍ନୟନ, ସୌଭିକ ବିଶ୍ୱାଳଙ୍କୁ ଏସ୍‌ଏସ୍‌ଇପିଡି, ପ୍ରଶାନ୍ତ ବେହେରାଙ୍କୁ ଅବକାରୀ, ଧ୍ରୁବଚରଣ ସାହୁଙ୍କୁ ପର୍ଯ୍ୟଟନ, ତୁଷାରକାନ୍ତି ବେହେରାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅନନ୍ତ ନାରାୟଣ ଜେନାଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ସୁଶାନ୍ତ କୁମାର ରାଉତଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର କାର୍ଯ୍ୟ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ରମେଶ ଚନ୍ଦ୍ର ବେହେରାଙ୍କୁ ଉଚ୍ଚଶିକ୍ଷା, ରୋହିତ ଯୋଶେଫ ତିର୍କୀଙ୍କୁ ସଂଖ୍ୟାଲଘୁ ବ୍ୟାପାର, ସୁଦର୍ଶନ ହରିପାଲଙ୍କୁ ହସ୍ତତନ୍ତ, ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଯୋଜନା, ଅଭିମନ୍ୟୁ ସେଠୀଙ୍କୁ ପୂର୍ତ୍ତ, ଗୌତମ ବୁଦ୍ଧ ଦାସଙ୍କୁ ସୂଚନା ଓ ଲୋକସମ୍ପର୍କ, ସୁବାସିନୀ ଜେନାଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ମାଧବ ଧଡ଼ାଙ୍କୁ ବିଜ୍ଞାନ ଓ ବୈଷୟିକ, ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଶ୍ରମ ଓ କର୍ମଚାରୀ ବୀମା, ସୁଜାତା ସାହୁଙ୍କୁ ମିଶନ ଶକ୍ତି, ନଳିନୀକାନ୍ତ ପ୍ରଧାନଙ୍କୁ ଗୃହ ଓ ନଗର ଉନ୍ନୟନ, ମନୋରମା ମହାନ୍ତିଙ୍କୁ ମହିଳା ଓ ଶିଶୁ ବିକାଶ, ଅରବିନ୍ଦ ମହାପାତ୍ରଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ରମାକାନ୍ତ ଭୋଇଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାରଦା ପ୍ରସନ୍ନ ଜେନାଙ୍କୁ ସମବାୟ, ସୁନୀଲ କୁମାର ମହାନ୍ତିଙ୍କୁ ପର୍ଯ୍ୟଟନ, ନବ କିଶୋର ମଲ୍ଲିକଙ୍କୁ ଗ୍ରାମୀଣ ବିକାଶ, ପ୍ରଦୀପ କୁମାର ସାହୁଙ୍କୁ ଗୃହ ଓ ନଗର ଉନ୍ନୟନ ଏବଂ ରୂପେଶ କୁମାର ପାଣିଗ୍ରାହୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ ଦିଆଯାଇଛି। ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୁଚିନ୍ତିତ ଭାବେ ଘେରିବା ପାଇଁ ବିଜେଡି ଏହି କୌଶଳ ଆପଣାଇଛି ବୋଲି ଚର୍ଚ୍ଚା ହେଉଛି।

# କଂଗ୍ରେସ ଗଠନମୂଳକ ବିରୋଧୀ ଭୂମିକା ନେବ: ଶରତ

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)

## ସଙ୍ଗଠନ ମୁଖ୍ୟଙ୍କୁ ନେଇ ବୈଠକ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମସ୍ତ ଜିଲା ସଭାପତି, ଛାମୁଆ ସଙ୍ଗଠନର ମୁଖ୍ୟ ତଥା ସମସ୍ତ ବିଭାଗର ମୁଖ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଆୟୋଜିତ ଏହି ବୈଠକରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଶାନ୍ତିପ୍ରିୟ ରାଜ୍ୟରେ ସରକାରକୁ ଆସିବାର ମାତ୍ର ମାସକ ମଧ୍ୟରେ ଯେଭଳି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଏବଂ ଭାଜପା ଦ୍ୱାରା ହିଂସାର ବାତାବରଣ ସୃଷ୍ଟି କରାଯାଉଛି ଏହାକୁ ସଭାରେ ସମସ୍ତେ ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଜଣେ କାର୍ଯ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ମାରି ଲହୁଲୁହାଣ କଲେ। ତଥାପି ରାଜ୍ୟପାଳ ଓ ଗୃହ ବିଭାଗକୁ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ନୀରବ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏ ସମ୍ପର୍କରେ ପୀଡ଼ିତ ଅଧିକାରୀ ଜଣଙ୍କ ଏତଲା ଦେଇଥିଲେ ମଧ୍ୟ ପୋଲିସ ହାତବାନ୍ଧି ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଏଏସ୍‌ଓଙ୍କୁ ବଦଳି କରି ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଇ ନୀରବଦ୍ରଷ୍ଟା ସାଜିଛନ୍ତି। ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ଚାଲିଥିବା ବେଳେ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡଦେବା ଲାଗି କଂଗ୍ରେସ ଦାବି କରିଛି। ରାଜ୍ୟରେ ଭାଜପା ଓ ବିଜେଡିର ଭିତିରି ବୁଝାମଣା ରାଜ୍ୟବାସୀଙ୍କୁ ଅବଗତ। ତେଣୁ ଗଠନମୂଳକ ବିରୋଧୀ ଦଳ ଭାବେ କଂଗ୍ରେସ ସଂସଦ ଓ ବିଧାନସଭା ଭିତରେ ଏବଂ ରାଜରାସ୍ତାରେ ଭାଜପା ସରକାର ବିରୋଧରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜୋର୍‌ଦାର କରିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଶରତ କହିଛନ୍ତି। ସେ ଆହୁରି କହିଛନ୍ତି, କଂଗ୍ରେସ ହିଂସାରେ ବିଶ୍ୱାସ ରଖେ ନାହିଁ। କିନ୍ତୁ ଭାଜପା ଯେଭଳି ଆକ୍ରୋଶ ରଖି କଂଗ୍ରେସ କାର୍ଯ୍ୟାଳୟ ଓ ନେତାଙ୍କ ବିରୋଧରେ ଆଚରଣ କରୁଛି ଏହାକୁ ମଧ୍ୟ ଆଗାମୀ ଦିନରେ ଦୃଢ଼ ଭାବେ ଜବାବ ଦିଆଯିବ ବୋଲି ସେ କହିଛନ୍ତି। ବୈଠକରେ ନବନିର୍ବାଚିତ ବିଧାୟକ ଓ ଏମ୍‌ପିଙ୍କୁ ଧନ୍ୟବାଦ ଦେବା ସହ ଚଳିତ ନିର୍ବାଚନରେ ଯେଉଁଭଳି ସମସ୍ତ ବିପରୀତ ପରିସ୍ଥିତି ସତ୍ତ୍ୱେ ଦଳର କାର୍ଯ୍ୟକର୍ତ୍ତା, ବ୍ଲକ୍ ସଭାପତି, ଜିଲା ସଭାପତି, ଛାମୁଆ ସଙ୍ଗଠନ ସହ ସମସ୍ତ ବିଭାଗର କାର୍ଯ୍ୟକର୍ତ୍ତା ନିର୍ବାଚନ ଲଢ଼ିଲେ ସେମାନଙ୍କୁ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କୁ ମଧ୍ୟ ନିର୍ବାଚନ ପରିଚାଳନାରେ ସମସ୍ତ ସହଯୋଗ ପାଇଁ ଧନ୍ୟବାଦ ଦିଆଯାଇଛି।




କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

ACHARYA HARIHAR SISHU BHAWAN (CCI)
At/Po - Sakhigopal, Puri (Odisha), 752014
Advertisement No. - 01/2024 Date - 18.07.2024
Acharya Harihar Sishu Bhawan, Sakhigopal, Dist - Puri invites applications from the interested eligible candidates for filling up the vacant posts in the Child Care Institution (CCI). The posts are purely temporary and contractual in nature. Remuneration / honorarium will be paid as per the norms of ICPS/Mission Vatsalya and details of each post are available in the website of the organization www.ahsbchildcare.org.in under the "career" page. The candidates should refer to the website, apply online and submit the printed and signed hard copy of application & its enclosures to the address - **Secretary, Acharya Harihar Sishu Bhawan, Sakhigopal, Pin - 752014** through speed post / registered post only on / before Dt - 06.08.2024 by 5.00 PM.
Sd./- Secretary
Acharya Harihar Sishu Bhawan
Sakhigopal

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ସଂ. 15-SBP-TRD-OT-2024-25, ତା.11.07.2024ରିଖ
କାର୍ଯ୍ୟର ନାମ : କୋଚିଙ୍ଗ ଡିପୋ ସମ୍ବଲପୁର ଠାରେ ଅଟୋମେଟିକ୍ କୋଚ୍ ୱାସିଙ୍ଗ ପ୍ଲାଣ୍ଟର ସ୍ଥାପନ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।
ଆନୁମାନିକ ମୂଲ୍ୟ : ₹ 38,45,191.24, EMD : ₹76,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.08.2024ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-317/P/24-25

# ୫ ନୁହେଁ, ୨୫ ବର୍ଷ ପର୍ଯ୍ୟନ୍ତ ଶାସନ କରିବ ଭାଜପା: ଉସେଣ୍ଡି



ଲତା ଉସେଣ୍ଡି

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୯ ଏବଂ ୨୦ ତାରିଖରେ ଅନୁଷ୍ଠିତ ହେବ। ବୈଠକରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯୋଗଦେବା କାର୍ଯ୍ୟକ୍ରମ ଥିବା ମଙ୍ଗଳବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଥିଲେ। ସେହି କ୍ରମରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭାଜପା ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି ବୁଧବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଭାଜପା ଦୀର୍ଘଦିନ ଶାସନ କରିବା ଲାଗି ରଣନୀତି ପ୍ରସ୍ତୁତ କରାଯାଇଛି। କେବଳ ୫ ବର୍ଷ ନୁହେଁ, ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଭାଜପା ରାଜ୍ୟରେ ଶାସନ କରିବ। ଏହା ଏକ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଯାହା ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶା ଲୋକଙ୍କ ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି। ଯାହା ପ୍ରତିଶ୍ରୁତି ଦଳ ପକ୍ଷରୁ ଦିଆଯାଇଥିଲା ତାକୁ ପୂରଣ କରିବା ଲାଗି ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରିବୁ। ସାଙ୍ଗଠନିକ ସ୍ତରରେ କାମ କରିବା ହେଉଛି ଏକ ଦୈନିକ କାର୍ଯ୍ୟକ୍ରମ। ସବୁବେଳେ ଏକାଠି ଲୋକଙ୍କ ପାଇଁ କାମ ଜାରି ରଖିବେ। କେବଳ ୫ ବର୍ଷ ନୁହେଁ ୨୫ ବର୍ଷ ପାଇଁ ଦଳ କାମ ଆରମ୍ଭ କରିସାରିଛି ବୋଲି ଉସେଣ୍ଡି କହିଛନ୍ତି।

# ଦେବେ ଯଦି ଦେବେ, ନ ଦେଲେ ନାହିଁ: ବାହିନୀପତି



ତାରାପ୍ରସାଦ ବାହିନୀପତି

ଜୟପୁର, ୧୭।୭(ପବନ ପାଣିଗ୍ରାହୀ)

କଂଗ୍ରେସ ଦଳରେ ବିଧାୟକ ଦଳ ନେତାଙ୍କ ନାମ ଏଯାଏ ଘୋଷଣା ହୋଇନାହିଁ। ଏନେଇ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଭୁବନେଶ୍ୱରରେ ଥିବା ବାହିନୀପତି କହିଛନ୍ତି, ବିଧାୟକ ଦଳର ନେତା କିଏ ହେବେ ତାହା ଏଆଇସିସି, ପିସିସି ସଭାପତି ନିଷ୍ପତ୍ତି ନେବେ। ତାଙ୍କ କାର୍ଯ୍ୟ ସମ୍ପର୍କରେ ଓଡ଼ିଶାବାସୀ ଓ କଂଗ୍ରେସ ଦଳ ଭଲ ଭାବରେ ଜାଣିଛନ୍ତି । ବିଧାୟକ ଦଳ ନେତା ପଦବୀ ଦେବେ ଯଦି ଦେବେ, ନ ଦେଲେ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବାହିନୀପତି ଜୟପୁରରୁ ୫ଥର ବିଧାୟକ ନିର୍ବାଚିତ ହେଲେଣି।

OFFICE OF THE PRINCIPAL
MAHAMAYEE MAHILA MAHAVIDYALAYA
GANDHI NAGAR, BERHAMPUR (Gm), Odisha
e-mail:mmmahavidyalaya@gmail.com, Ph.No.0680-2225335
No.711/MMM/24 Dt.16.07.24
TENDER CALL NOTICE
FOR PROCUREMENT OF BOOKS
Mahamayee Mahila Mahavidyalaya, Berhampur invites tender from licensed and reputed book dealers for supply of books for various departments for an estimated amount of Rs.10,00,000/- (Rupees Ten Lakhs only) at a discounted price. The dealers have to send the books to the college physically or through transport at their own cost. Quotations in sealed envelope citing the percentage of discount are to be submitted to the office of the undersigned either by hand or through post within One Month. The List of recommended books can be downloaded from the college website "mmmv.in". Any tender received after the due date and time shall not be entertained.
The undersigned reserves the right to cancel the tender fully or partially at any time without assigning any reason thereof.
Sd./- Principal
Mahamayee Mahila Mahavidyalaya
Gandhi Nagar, Berhampur

SMALESWARI REGIONAL CO-OP, MILK PRODUCERS' UNION LTD.
GOSHALA (BOUDIAPARA), PO : KALAMATI, SAMBALPUR - 768025
Phone : (0663) 2999015. Mob. No. - 9437122477
TENDER NOTICE
No. CAD-578 : Sealed Techno commercial offers in sealed envelope from Manufacturers / Supplier for supply of 50 Nos. Chaff Cutter (Electric).
The sealed offers along with EMD shall be received at above address upto 5.00 P.M. on 31.07.2024 and shall be opened at the above address on 01.08.2024 at 11.00 A.M. For details please visit our website www.samul.in.
Interested Parties may purchase and submit Tenders by 31.07.2024 up to 5.00 P.M.
Tender Paper cost - Rs. 1000/- + 18% GST = Rs. 1180/-
EMD : Rs. 25,000.00
OIPR-15013/11/0011/2425 General Manager

# ଅଜିତ ପାୱାରଙ୍କ ଦଳରୁ ୪ ନେତାଙ୍କ ଇସ୍ତଫା

## ଶରଦ ପାୱାରଙ୍କ ଏନ୍‌ସିପିରେ ଯୋଗଦେବେ

ପୁଣେ,୧୭।୭

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନ୍ୟାଶନାଲ କଂଗ୍ରେସ ପାର୍ଟି (ଏନ୍‌ସିପି)ର ୪ ଜଣ ଶୀର୍ଷ ନେତା ବୁଧବାର ଦଳ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦଳର ପିମ୍ପ୍ରି-ଚିଞ୍ଚୱାଡ ୟୁନିଟ୍ ସଭାପତି ଅଜିତ ଗବହାନେ ଅଛନ୍ତି। ତାଙ୍କ ସମେତ ୪ ନେତା ଏନ୍‌ସିପି ସଭାପତି ସୁନୀଲ ଟାଟ୍‌କାରେଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ସେମାନେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିରେ ଯୋଗଦେବେ ବୋଲି ଗବହାନେ କହିଛନ୍ତି। ଦଳ ଛାଡ଼ିଥିବା ଅନ୍ୟ ନେତାମାନେ ହେଲେ ପିମ୍ପ୍ରି-ଚିଞ୍ଚୱାଡ ଛାତ୍ର ସଂଗଠନ ମୁଖ୍ୟ ୟାଶ ସାନେ, ପୂର୍ବତନ କର୍ପୋରେଟର ରାହୁଲ ଭୋସଲେ ଏବଂ ପଙ୍କଜ ଭାଲେକର। ଦଳର ପୂର୍ବତନ ସଦସ୍ୟମାନେ ଫେରିବାକୁ ଚାହିଁଲେ, ସେମାନଙ୍କୁ ସ୍ୱାଗତ କରାଯିବ ବୋଲି ଶରଦ ପାୱାର ପୂର୍ବରୁ ସୂଚନା ଦେଇଥିଲେ। ତେବେ ଯେଉଁମାନେ ଦଳକୁ ଦୁର୍ବଳ କରିବାକୁ ଚାହିଁଥିଲେ, ସେମାନଙ୍କୁ ନିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ। ଲୋକ ସଭା ନିର୍ବାଚନରେ ଅଜିତ ପାୱାରଙ୍କ ଦଳର ଶୋଚନୀୟ ପ୍ରଦର୍ଶନ ପରେ ଦଳରେ ଚାପ ବଢ଼ୁଛି। ଏହି ଦଳ ଗୋଟିଏ ଲୋକ ସଭା ଆସନ ଜିତିବାକୁ ସକ୍ଷମ ହୋଇଥିବାବେଳେ ଶରଦଙ୍କ ଦଳ ୮ଟି ଆସନରେ ବିଜୟୀ ହୋଇଥିଲା।



ଅଜିତ ଗବହାନେ

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର ପାଇଁ **ସର୍ବନିମ୍ନ ୧୫ କେଏଲ୍‌ଡି (୨ ନମ୍ବର) କ୍ଷମତା ବିଶିଷ୍ଟ ଏଫ୍‌ଆର୍‌ପିକୁ ନେଇ ଗଠିତ ପ୍ୟାକେଜ୍ ଟାଇପ୍ ଅଣ୍ଡରଗ୍ରାଉଣ୍ଡ ସୁୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଅଗଷ୍ଟ ୧୪, ୨୦୨୪ ପୂର୍ବାହ୍ନ ୧୧ଟା** ଅଟେ ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ଓଡ଼ିଆ ସିନେମା ଶିଳ୍ପର ଭାଗ୍ୟ ବଦଳିବା ଆଶା

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସମସ୍ୟା, ବିବାଦରେ ଫସି ରହିଥିବା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ବିଶେଷକରି ନୂଆ ସରକାର ଆସିବା ପରେ ଓଲିଉଡ୍ ଜଗତ ବେଶ୍ ଉତ୍ସାହିତ ହୋଇପଡିଛି। ବୁଧବାର ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଆଲୋଚନା ପରେ ଓଡ଼ିଆ ସିନେମା ଶିଳ୍ପର ଭାଗ୍ୟ ବଦଳିଯିବ ବୋଲି ନୂଆ ଆଶା ଉଜ୍ଜୀବୀତ ହୋଇଛି।

ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ବର୍ଷ ବର୍ଷ ଧରି ବିବାଦ ଲାଗି ରହିଛି। ସମସ୍ୟାର ସମାଧାନ ନେଇ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ପ୍ରଯୋଜକ, କଳାକାରଙ୍କଠାରୁ ଆରମ୍ଭ କରି କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କ ମନ ଭାଙ୍ଗି ପଡିଛି। ରାଜ୍ୟ ସରକାର ଫିଲ୍ମ ପଲିସି ଘୋଷଣା କରିଥିଲେ ମଧ୍ୟ ତାହା ଏଯାଏ ଲାଗୁ ହୋଇନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ବିଶେଷ ସହଯୋଗ କରୁ ନ ଥିବା ଅଭିଯୋଗ ଉଠୁଛି। ସବ୍‌ସିଡି ନାହିଁ କି ଏଯାଏ ସିନେମା ସମ୍ପର୍କିତ କୌଣସି ଉନ୍ନତିମୂଳକ ପଦକ୍ଷେପ ନାହିଁ। ଏଥିସହ ପ୍ରେକ୍ଷାଳୟ, ବିତରଣ ଭଳି ମୁଖ୍ୟ ସମସ୍ୟା ପ୍ରଯୋଜକଙ୍କ ପାଇଁ ଏକ ବଡ଼ ବାଧକ ସାଜିଛି। ଏବେ ନୂଆ ସରକାର ଆସିବା ପରେ ସିନେମା ସହ ପ୍ରତ୍ୟକ୍ଷ ଜଡ଼ିତ ବ୍ୟକ୍ତିତ୍ୱମାନେ ଏହି ଶିଳ୍ପର ସୁଧାର ଆଣିବା ପାଇଁ ବେଶ୍ ତତ୍ପର ହୋଇଉଠିଛନ୍ତି। ବର୍ତ୍ତମାନ ସିନେମାଗୁଡ଼ିକର ମାନ ବୃଦ୍ଧି ହେବା ଆରମ୍ଭ କରିଥିବାବେଳେ ଭଲ ବିଷୟବସ୍ତୁ ସହ ପ୍ରେକ୍ଷାଳୟରେ ସିନେମା ମଧ୍ୟ ଅନେକ ଦିନ ଯାଏ ଚାଲୁଛି। ବ୍ୟବସାୟୀକରଣରେ ଅଭିବୃଦ୍ଧି ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ହେଲେ ହିଁ ସିନେମା ଶିଳ୍ପରେ ସୁଧାର ଆସିପାରିବ ବୋଲି ଅନେକେ ମତ ରଖୁଛନ୍ତି। ଏପରିସ୍ଥିତିରେ ସିନେମା ଶିଳ୍ପର ବିକାଶ ପାଇଁ ନୂଆ ସରକାରଙ୍କ ନୂଆ ପ୍ରୟାସକୁ ନେଇ ସବୁଠି ବେଶ୍ ଆଲୋଚନା ଚାଲିଛି।



## ନୂଆ ଫିଲ୍ମ ପଲିସି ସହ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା



ଓଡ଼ିଆ ସିନେମାର ବିକାଶ ପାଇଁ କଳିଙ୍ଗ ଷ୍ଟୁଡିଓରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ଆଲୋଚନା ଚାଲିଛି।

କଳିଙ୍ଗ ଷ୍ଟୁଡ଼ିଓଠାରେ ମଙ୍ଗଳବାର ସିନେମା ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ସହ ଉନ୍ନୟନମୂଳକ ପଦକ୍ଷେପ ନେଇ ଆଲୋଚନା ହୋଇଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିଳ୍ପ ବିଭାଗର ସଚିବ ହେମନ୍ତ ଶର୍ମା, ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂ, ଇଡ୍‌କୋର ମ୍ୟାନେଜିଙ୍ଗ ଡାଇରେକ୍ଟର ଭୁପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ରହି ପାରସ୍ପରିକ ଆଲୋଚନା କରିଥିଲେ। ଏହି ଅବସରରେ ଟେକ୍ନିସିଆନଙ୍କଠାରୁ ଆରମ୍ଭ କରି ସିନେମା କଳାକାରଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ନେଇ ଚଳଚ୍ଚିତ୍ର ମହାସଂଘ ଗଠିତ ହୋଇଥିଲା। ପ୍ରଥମେ ଫିଲ୍ମ ପଲିସି ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବରୁ ଫିଲ୍ମ ପଲିସି ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ଏକ ନୂତନ ଫିଲ୍ମ ନୀତି ଅଣାଯିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହ ପ୍ରେକ୍ଷାଳୟ ସମସ୍ୟା ଓ ବିତରଣ ବ୍ୟବସ୍ଥାରରେ ସୁଧାର ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଫିଲ୍ମ ଆର୍କାଇଭ୍, ମ୍ୟୁଜିୟମ୍, ଏକାଡେମୀ ନିର୍ମାଣ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ଚଳଚ୍ଚିତ୍ର ଉନ୍ନୟନ ନିଗମର ଲୋକବଳ ଅଭାବ ଦୂରୀକରଣ, ପ୍ରଯୋଜକଙ୍କୁ ସବ୍‌ସିଡି ପ୍ରଦାନ, ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଭଳି ଅନେକ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା। ଏଥିସହ ମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ କାର୍ଯ୍ୟର ସମୀକ୍ଷା କରିଥିଲେ।

## ଓଏଫ୍‌ଡିସି ଅଧ୍ୟକ୍ଷ ପଦ ଉପରେ ନଜର

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଅଧ୍ୟକ୍ଷ ପଦ ଫାଙ୍କା ପଡ଼ିଛି। ପୂର୍ବ ସରକାରଙ୍କ ପକ୍ଷରୁ ୨ଟି ଟର୍ମରେ ଥିବା ଅଧ୍ୟକ୍ଷଙ୍କ ସମୟରେ ସିନେମା କ୍ଷେତ୍ରରେ କୌଣସି ଉନ୍ନତି ହୋଇନାହିଁ ବୋଲି ଅଭିଯୋଗ ଉଠୁଥିବାବେଳେ ଏଥର ନୂଆ ସରକାରରେ ଅଧ୍ୟକ୍ଷ ଗାଦିରେ କିଏ ବସିବ ସେ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି। ତେବେ ଓଡ଼ିଆ ଚଳଚ୍ଚିତ୍ରର ଜଣାଶୁଣା ଚେହେରା ଅଭିନେତା ଶ୍ରୀତମ ଦାସ, ହରିହର ମହାପାତ୍ରଙ୍କ ଭଳି ଆଉ କେତେଜଣ ପୂରା ଆକ୍ଟିଭ ରହିବା ସହ ସିନେମା କ୍ଷେତ୍ରରେ ହେଉଥିବା ଛୋଟ ବଡ଼ ଆଲୋଚନାରେ ଫ୍ରଣ୍ଟ ଫେସ୍ ଭାବେ ରହିଥିବା ଦେଖିବାକୁ ମିଳୁଛି। ଅଧ୍ୟକ୍ଷ ପଦ କିଏ ହାତେଇବ ସେ ନେଇ ମଧ୍ୟ ଲବି ଚାଲିଥିବା ଶୁଣିବାକୁ ମିଳିଛି। ସିନେ ସମୀକ୍ଷକ ଦିଲୀପ ହାଲି କହିଛନ୍ତି, ପୂର୍ବରୁ ଥିବା ଅଧ୍ୟକ୍ଷ ସରକାରୀ ଦଳର ହୋଇ ମଧ୍ୟ କିଛି କରିପାରିଲେ ନାହିଁ। ଏଥର ମଧ୍ୟ ଯଦି ସରକାରୀ ଦଳର ବ୍ୟକ୍ତି ରୁହନ୍ତି, ତେବେ ପୂର୍ବ ପରି ଅବସ୍ଥା ଯେ ସମାନ ରହିବ ନାହିଁ କିଏ କହିବ। ତେଣୁ ଅଧ୍ୟକ୍ଷ ପଦରେ ନିଜେ ବିଭାଗୀୟ ମନ୍ତ୍ରୀ ନ ହେଲେ ପ୍ରଶାସନିକ ସ୍ତରର କୌଣସି ବରିଷ୍ଠ ଓ ଅଭିଜ୍ଞ ଅଧିକାରୀଙ୍କୁ ଅଧ୍ୟକ୍ଷ ଭାବେ ନିଯୋଜିତ କଲେ ସିନେମା କ୍ଷେତ୍ରରେ ନୂଆ ନୂଆ ପଦକ୍ଷେପ ଆସିବ ବୋଲି ଆଶା କରୁଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅରୁଣ



@ ବୁଲୁ



@ ଦେବାଶିଷ



@ ଆରିଅନ



@ ମାନସ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ୨ଯୁବକ ଗିରଫ

ବାଲିଅନ୍ତା,୧୭।୭(ନୀଳମାଧବ ସାହୁ)

ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ସ୍ଥାନୀୟ ରଙ୍ଗବଜାର ଅଞ୍ଚଳରୁ ୨ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପାହାଳ ଥାନା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଅକ୍ଷୟ ଦାସ (୨୮) ଏବଂ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ଏସ୍.କେ ଆକ୍ରମ (୩୦)। ଏମାନଙ୍କ ନିକଟରୁ ଗୋଟିଏ କାର୍ ଓ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଯୁବତୀଙ୍କ ସହିତ ଇନଷ୍ଟାଗ୍ରାମ ଜରିଆରେ ବନ୍ଧୁତା ସ୍ଥାପନ କରି ପ୍ରେମ ନିବେଦନ କରିଥିଲେ। ପରେ ଯୁବତୀଙ୍କ ଅଜାଣତରେ ତାଙ୍କ ଅଶ୍ଳୀଳ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୩୨୫/୨୪) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିଲା।

## ସରିଲା ଶ୍ରଦ୍ଧାଞ୍ଜଳି ସମାରୋହ

# ଚିତ୍ତାକର୍ଷକ ଥିଲା ନୃତ୍ୟ ମହାକୁମ୍ଭ

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ ଦେବପ୍ରସାଦ ଦାସଙ୍କ ୩୮ତମ ପୂଣ୍ୟତିଥି ଅବସରରେ ତ୍ରିଧାରା ପକ୍ଷରୁ ହେଲ୍‌ଥ ଅନ୍ ଟପ୍ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଶ୍ରଦ୍ଧାଞ୍ଜଳି ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଆୟକର ବିଭାଗର ପୂର୍ବତନ ସଚିବ ପ୍ରଫୁଲ୍ଲ କୁମାର ଦାସ, ତ୍ରିଧାରାର ସ୍ୱର୍ଣ୍ଣ ସମାରୋହ କମିଟି ଅଧ୍ୟକ୍ଷ ତଥା ହେଲ୍‌ଥ ଅନ୍ ଟପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଗୌରବ ରାଲହନ, ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଗୁରୁ ଓ ବରିଷ୍ଠ କଳାକାରଙ୍କୁ 'ଗୁରୁ ଦେବପ୍ରସାଦ ନୃତ୍ୟ ରତ୍ନ ୨୦୨୪' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ମଞ୍ଚରେ ଓଡିଶୀ ନୃତ୍ୟର ମହାକୁମ୍ଭ ଦେଖିବାକୁ ମିଳିଥିଲା। ତ୍ରିଧାରା ଅନୁଷ୍ଠାନର ଶିଳ୍ପୀଙ୍କ ପ୍ରଦର୍ଶନ ବେଶ୍ ଚିତ୍ତାକର୍ଷକ ଥିଲା। ପରେ ନୂଆଦିଲ୍ଲୀର ମଉମାଳା ନାୟକ କଥକ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଆର୍ଟ ଭିଜନ ଓ କୋଲକାତାର ଶିଳ୍ପୀ ଭବ ଶ୍ରୀଙ୍ଗର ଓଡିଶୀ ନୃତ୍ୟକୁ ବେଶ୍ ଚମତ୍କାର ଢଙ୍ଗରେ ପ୍ରତିପାଦିତ କରିଥିଲେ। ଅପରାହ୍ନ ଅଧିବେଶନରେ ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀଙ୍କ ସହ ବିଦ୍ୟା ଡ୍ୟାନ୍ସ ଏକାଡେମୀ, ଗେଲହା ମା କଳା ନିକେତନ, ମା ତାରିଣୀ ନୃତ୍ୟ ଶିକ୍ଷା କେନ୍ଦ୍ର, ଉତ୍କଳିକା ନୃତ୍ୟ ଅନୁଷ୍ଠାନ, ମିହିର ଡ୍ୟାନ୍ସ ଏକାଡେମୀ, ନୃତ୍ୟ ଚନ୍ଦ୍ରିକା, ନୃତ୍ୟମ କଳା ଗବେଷଣା କେନ୍ଦ୍ର, ତ୍ରିନେତ୍ର କଳା କୁଞ୍ଜ, ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ, ନାଟ୍ୟଶାସ୍ତ୍ର, ଜାଗୃତି କଲ୍‌ଚରାଲ ଏକାଡେମୀ, ପ୍ରସନ୍ନକ୍ଷୀ, ନୃତ୍ୟାଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ, କଳା ବିକାଶ କେନ୍ଦ୍ର, ନଟରାଜ କଳା ମନ୍ଦିର ଏବଂ ମୋକ୍ଷ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବାସୁଦେବ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସୁହାନା, ତାପସ ପିକକ୍‌ର ଗୁଡ୍‌ୱିଲ୍ ଆମ୍ବାସାଡର

ଭୁବନେଶ୍ୱର,୧୭।୭ (ଶର୍ମିଷ୍ଠା ପାଣିଗ୍ରାହୀ)

## ୩୫ତମ ପ୍ରତିଷ୍ଠା ଦିବସ

ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର(ପିକକ୍)ର ୩୫ତମ ପ୍ରତିଷ୍ଠା ଦିବସ ବୁଧବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ଚଳଚ୍ଚିତ୍ର ଅଭିନେତ୍ରୀ ସୁହାନା କର ଓ ଅଭିନେତା ତାପସ କୁମାର ଷଡ଼ଙ୍ଗୀଙ୍କୁ ଶିଶୁ ଅଧିକାର ତଥା କଲ୍ୟାଣ ପାଇଁ ନୂତନ ଗୁଡ୍‌ୱିଲ୍ ଆମ୍ବାସାଡର ଭାବେ ଘୋଷଣା କରାଯାଇଥିଲା। ପିକକ୍ ଅଧ୍ୟକ୍ଷା ଡ. ମୀନାକ୍ଷୀ ପଣ୍ଡା ଗୁଡ୍‌ୱିଲ ଆମ୍ବାସାଡରଙ୍କ ନାମ ଘୋଷଣା କରିଥିଲା ବେଳେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସେମାନଙ୍କ ପରିଚୟ କରାଇଥିଲେ। ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷା ରତ୍ନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପିକକ୍‌ର ପୂର୍ବତନ ଗୁଡ୍‌ୱିଲ ଆମ୍ବାସାଡର ଅଭିନେତ୍ରୀ ଭୂମିକା ଦାଶ ଓ ଖେଳାଳି ଆଂଶିକ ରାଉତରାୟ ନବ ନିଯୁକ୍ତ ଗୁଡ୍‌ୱିଲ ଆମ୍ବାସାଡରଙ୍କୁ ଉପାଧି ପ୍ରଦାନକରି ଶୁଭେଚ୍ଛା ଜଣାଇଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ବିଶିଷ୍ଟ କଳାକାର ବାଞ୍ଛାନିଧି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭଜିତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପିକକ୍‌ର ଜ୍ୟୋତିଶଙ୍କର ମହାନ୍ତି, ଅଜ୍ଞନା ଦାସ, ଡ. ସୁମିତ୍ରା ମହାନ୍ତି, ପୂଜା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।





ସୁହାନା କର ଓ ତାପସ କୁମାର ଷଡ଼ଙ୍ଗୀଙ୍କୁ ପିକକ୍‌ର ଗୁଡ୍‌ୱିଲ୍ ଆମ୍ବାସାଡର ଭାବେ ଘୋଷଣା କରାଯାଉଛି।

## ଏସ୍‌ସିବିରେ ହାଉସ୍ ସର୍ଜନ-ନର୍ସିଂ ଅଫିସର ବିବାଦ

# ଆଜିଠୁ ସ୍ୱାଭାବିକ ହେବ ସ୍ୱାସ୍ଥ୍ୟସେବା

- ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଜରୁରୀ ବୈଠକ
- ୧ ମାସ ମଧ୍ୟରେ କମିଟି ଦେବ ରିପୋର୍ଟ

କଟକ,୧୭।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ହାଉସ୍ ସର୍ଜନ-ନର୍ସିଂ ଅଫିସରଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଯୋଗୁ ରୋଗୀ ସେବାରେ ସୃଷ୍ଟ ଅଚଳାବସ୍ଥାରେ ସୁଧାର ଆସିଛି। ବୁଧବାର ଅପରାହ୍ନରେ ବୈଠକ ପରେ ହାଉସ୍ ସର୍ଜନ ସଂଘ ଆନ୍ଦୋଳନରୁ ଓହରିଥିଲାବେଳେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ନିଷ୍ପତ୍ତିରୁ ଓହରି ଯାଇଛି ନର୍ସିଂ ସଂଘ। ଫଳରେ ଗୁରୁବାରଠାରୁ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହେବ। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ସିବି ମେଡିକାଲସ୍ଥିତ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତି ଅଧ୍ୟକ୍ଷ ତଥା କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସାବିତ୍ରୀ ନାୟକ, ମେଡିସିନ ବିଭାଗର ଡା. ଜୟନ୍ତ ପଣ୍ଡା, ଡା. ମନୋଜ ପଟ୍ଟନାୟକ, ଡା. ସାରଦା ସ୍ୱାଇଁଙ୍କ ସମେତ ହାଉସ ସର୍ଜନ ଡାକ୍ତର ସଂଘ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖା, ଜୁନିୟର ଡାକ୍ତର ଆସୋସିଏଶନ, ରେସିଡେଣ୍ଟ ଡାକ୍ତର ଆସୋସିଏଶନର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଏନେଇ ଡା. ଜୟନ୍ତ ପଣ୍ଡା କହିଛନ୍ତି, ବୈଠକରେ ଉଭୟ ପକ୍ଷର ଅଭିଯୋଗ ଶୁଣାଯାଇଛି। ସିଏମ୍‌ସି କମିଶନର ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଏକ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଉପସ୍ଥିତ ସମସ୍ତ ଆସୋସିଏଶନର ସଦସ୍ୟଙ୍କୁ ରୋଗୀ ସେବାରେ ବାଧା ସୃଷ୍ଟି ନ କରିବା ପାଇଁ କୁହାଯାଇଛି। ଏଥିରେ ସମସ୍ତ ସଂଘ ସହମତି ପ୍ରକାଶ କରିଥିବା ପଣ୍ଡା କହିଛନ୍ତି।



ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ହାଉସ୍ ସର୍ଜନ ପ୍ରତିବାଦ କରୁଛନ୍ତି।

ଏସ୍‌ସିବି ନ୍ୟୁ ମେଡିସିନ ବିଭାଗରେ ଗତ ରବିବାର ଜଣେ ରୋଗୀଙ୍କୁ ପ୍ଲାଜ୍‌ମା ଦେବା ନେଇ ନର୍ସିଂ ଅଫିସର ସ୍ନେହସୁଧା ସାହୁ ଓ ଜଣେ ହାଉସ୍ ସର୍ଜନଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ସ୍ନେହସୁଧାଙ୍କୁ କେତେଜଣ ହାଉସ ସର୍ଜନ ଏକ ପ୍ରକୋଷ୍ଠରେ ତାଲା ପକାଇ ମୋବାଇଲ ଛଡାଇ ନେଇଥିଲେ। ଏନେଇ ଉଭୟ ପକ୍ଷରୁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ମିଶ୍ରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ସୁପରିଣ୍ଟେଣ୍ଡେଣ୍ଟ ମିଶ୍ର ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ। ତଦନୁଯାୟୀ ଉକ୍ତ କମିଟି ବିବାଦର ସମାଧାନ ପାଇଁ ମଙ୍ଗଳବାର ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଉଭୟ ନର୍ସିଂ ଅଫିସର ଓ ହାଉସ୍ ସର୍ଜନଙ୍କୁ ଡାକି ପଚରାଉଚରା କରିଥିଲା। ହେଲେ ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ତଦନ୍ତ ସମୟରେ ସୁପରିଣ୍ଟେଣ୍ଡେଣ୍ଟ ମିଶ୍ର ନର୍ସିଂ ଅଫିସର ସ୍ନେହସୁଧାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା କହିବା ସହ ତାଙ୍କ ଫୋନ୍ ଛଡାଇ ନେଇଥିଲେ। ଏହାପରେ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଭୟ ପକ୍ଷ ବିକ୍ଷୋଭ କରିଥିଲେ। ଅଭିଯୋଗ କରିଥିବା ନର୍ସିଂ ଅଫିସରଙ୍କ ବଦଳି ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାରଠାରୁ ଡାକ୍ତରମାନେ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ବୁଧବାର ସକାଳୁ ହାଉସ ସର୍ଜନ ଡାକ୍ତର ସଂଘର ପ୍ରାୟ ୨୫୦ ଡାକ୍ତର ଜରୁରିକାଳୀନ ସେବା ବ୍ୟତ୍ୟତ ଅନ୍ୟ କାର୍ଯ୍ୟ କରି ନ ଥିଲେ। ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ନେଇ ସହମତି ପ୍ରକାଶ କରିଥିଲେ ଏସ୍‌ସିବି ରେସିଡେଣ୍ଟ ଡାକ୍ତର ଆସୋସିଏଶନ, ଜୁନିୟର ଡାକ୍ତର ଆସୋସିଏଶନ ଓ ଛାତ୍ର ସଙ୍ଗଠନ। ଫଳରେ ଏସ୍‌ସିବିରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷରେ ଦୁର୍ବ୍ୟବହାର କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗୁରୁବାରଠାରୁ ୩ ଦିନ ଧରି ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏଥିରେ ଟ୍ରେଣ୍ଡ ନର୍ସିଂ ଆସୋସିଏଶନ, ଷ୍ଟୁଡେଣ୍ଟ ନର୍ସିଂ ୟୁନିୟନ ଓ ସୋସାଇଟି ଅଫ୍ ମିଡ୍‌ୱାଇଭ୍‌ସ ଅଫ ଇଣ୍ଡିଆ ସହମତି ପ୍ରକାଶ କରିଥିଲା।





ଦାରୁଦିଅଁଙ୍କ ସୁନାବେଶ ପାଇଁ କିରୀଟ, ଶ୍ରୀପୟର, ଶ୍ରୀହସ୍ତକୁ ରଥ ଉପରକୁ ନିଆଯାଉଛି।

# ସୁନାବେଶରେ ମହାପ୍ରଭୁ

ପୁରୀ, ୧୭।୭ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ବୁଧବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଭକ୍ତମାନେ ଦାରୁବିଗ୍ରହଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଶ୍ରୀବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହୋଇଥିଲେ। ବିଶ୍ୱନିୟନ୍ତାଙ୍କ ଏହି ଅନନ୍ୟ ବେଶକୁ ସୁନାବେଶ, ରାଜରାଜେଶ୍ୱର ଓ ବଡ଼ତଡ଼ାଉ ବେଶ ବୋଲି କୁହାଯାଏ। ପ୍ରତିବର୍ଷ ବାହୁଡ଼ାଯାତ୍ରା ପରଦିନ ସୁନାବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ତିଥି କ୍ଷୟ କାରଣରୁ ଦୁଇଦିନ ଦଶମୀ ତିଥି ପଡ଼ିଥିଲା। ତେଣୁ ବାହୁଡ଼ାଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିବାବେଳେ ବୁଧବାର ଏକାଦଶୀ ତିଥିରେ ସୁନାବେଶ ଅନୁଷ୍ଠିତ ହୋଇଛି।

ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଅପରାହ୍ନ ୧ଟା ୫୦ରୁ ୨ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ପରେ ମଇଲମ ଓ ଶାଢ଼ି ଖଣ୍ଡୁଆ ଲାଗି ଶେଷହୋଇ ୪ଟା ୧୫ରୁ ୪ଟା ୩୦ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତି ହୋଇଥିଲା। ସର୍ବାଙ୍ଗ ନୀତି ସରିବା ପରେ ଠାକୁରଙ୍କ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ଭଣ୍ଡାରଘରୁ ଭଣ୍ଡାର ମେକାପଙ୍କ ତତ୍ତ୍ୱାବଧାନରେ ସୁନା ଅଳଙ୍କାରଗୁଡ଼ିକୁ ରଥ ଉପରକୁ ଅଣାଯାଇଥିଲା। ସୁନାବେଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସରିଥିଲା। ତିନିଠାକୁର ହସ୍ତ, ପାଦ, କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକିରୀଟ, କଣ୍ଠମାଳ, ବଳା, ବାହୁଟି, କାନ୍ତ, କଟିମେଖଳା, ଓଡ଼ିଆଣୀ, ହଳମୂଷଳ, ରୌପ୍ୟ ଶଙ୍ଖ, ଚକ୍ର, ବାଘନଖ, ବାହାଡ଼ା ମାଳି, କୁଣ୍ଡଳ, ସେବତୀ ମାଳି, ଚନ୍ଦ୍ର, ସୂର୍ଯ୍ୟ, କମରପଟି, ତିଳକ, ଘାଗଡ଼ା ମାଳି, କଦମ୍ବ ମାଳି, ତ୍ରିଖଣ୍ଡିକା, ଆଡକାନି ସହ ବହୁବିଧ ରତ୍ନଅଳଙ୍କାରରେ ସଜେଇ ହୋଇଥିଲେ। ଭକ୍ତମାନେ ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଧାଡ଼ିରେ ଆସି ନନ୍ଦିଘୋଷ ରଥ ବାମପାର୍ଶ୍ୱ ଦେଇ ତିନିରଥ ସମ୍ମୁଖକୁ ଆସି ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନ କରିବା ପରେ ତାଳଧ୍ୱଜ ରଥର ଡାହାଣ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିଥିଲେ। ପ୍ରାୟ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବାବେଳେ ୧୯୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଡ୍ରୋନ କ୍ୟାମେରା ମାଧ୍ୟମରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା କରାଯାଇଥିଲା।








ରଣସେବକମାନେ ଫୁଲ ଓ ତୁଳସୀରେ ପ୍ରସ୍ତୁତ କରିଥିବା ଟୁଳକୁ ନେଉଛନ୍ତି।



ପତିତପାବନଙ୍କ ସୁନାବେଶ।



## ରଥାରୂଢ଼ ଠାକୁରଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କଲେ ଭକ୍ତ

ପୁରୀ, ୧୭।୭ (ଅଜିତ୍ ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଅବସରରେ ବୁଧବାର ରଥାରୂଢ଼ ଦାରୁବିଗ୍ରହଙ୍କ ସୁନାବେଶ ସମ୍ପନ୍ନ ହୋଇଛି। ଏକାଦଶୀ ଅବସରରେ ଭକ୍ତମାନେ ରଥାରୂଢ଼ ଠାକୁରଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କରୁଥିବା ଦେଖିବାକୁ ମିଳିଥିଲା। ରଥ ନିକଟରେ ଚୁଡ଼ାଘଷା ଭୋଗ କରିବା ପାଇଁ ବ୍ରାହ୍ମଣମାନେ ରହିଥିଲେ। ଚୁଡ଼ାଗୁଣ୍ଡ, ନଡ଼ିଆ, ଘିଅ, ଅଳେଇଚ, ଚିନି, ଗୁଡ ଓ ବିଭିନ୍ନ ପ୍ରକାର ମଶଲା ମିଶାଇ ଚୁଡ଼ାଘଷା ପ୍ରସ୍ତୁତ କରାଯାଇଥିଲା। ପରେ ଚୁଡ଼ାଘଷା ତାଳପତ୍ର ଭୋଗେଇରେ ରଖି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଗ କରାଯାଇଥିଲା। ଆଷାଢ଼ ମାସ ଶୁକ୍ଳ ପକ୍ଷ ଏକଦଶୀ ବଡ଼ ଏକାଦଶୀ ଭାବେ ବିବେଚନା କରାଯାଏ। ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କରି ଭକ୍ତମାନେ ଉକ୍ତ ଭୋଗକୁ ପ୍ରସାଦ ଭାବେ ଆନନ୍ଦରେ ପାଉଥିବା ଦେଖିବାକୁ ମିଳିଥିଲା।



ସିଂହଦ୍ୱାର ସମ୍ମୁଖରେ ବିରାଜମାନ ତିନିରଥରେ ମହାପ୍ରଭୁଙ୍କ ସୁନାବେଶକୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁମାନେ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୭।୨୦୨୪

| | |
|---|---|
| ୫,୭୦,୬୩୪ ଟଙ୍କା | |
| ସୁନା | ୫.୫୫୦ ଗ୍ରାମ୍ |
| ରୁପା | ୮.୩୫୦ ଗ୍ରାମ୍ |

# ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ସୁନାବେଶ

ନିମାପଡ଼ା, ୧୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ସୁନାବେଶ ବୁଧବାର ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ସୁବର୍ଣ୍ଣ ରଙ୍ଗର ଜରିରେ ଠାକୁରଙ୍କୁ ସଜ୍ଜିତ କରାଯାଇଥିଲା। ଆଷାଢ଼ ଏକାଦଶୀ ତିଥିରେ ବୁଧବାର ସକାଳେ ଠାକୁରଙ୍କ ମଇଲମ, ମହାସ୍ନାନ, ଆଳତି, ବାଲଭୋଗ, ମଧ୍ୟାହ୍ନରେ ଛେନାପୁରୀ, ମହାପ୍ରସାଦ ଆଦି ଭୋଗଲାଗି ଏବଂ ସମସ୍ତ ନୀତିକାନ୍ତି ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ନ ୩ଟାରେ ଠାକୁରଙ୍କୁ ସୁବର୍ଣ୍ଣ ରଙ୍ଗର ଜରିରେ ସୁନାବେଶ କରାଯାଇଥିଲା। ଏହି ବେଶ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଠାକୁରଙ୍କ ଏହି ଅନନ୍ୟ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଘଣ୍ଟଘଣ୍ଟା, ବାଦ୍ୟ, ଭକ୍ତଙ୍କ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ



ହୋଇଉଠିଥିଲା। ଶ୍ରୀକ୍ଷେତ୍ରରେ ହେଉଥିବା ନୀତିକାନ୍ତି ଅନୁଯାୟୀ ଏଠାରେ କେଉଁ ଆବାହମାନ କାଳରୁ ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ ବୋଲି ପୂଜକ ଲକ୍ଷ୍ମୀଧର ଦାଶ କହିଛନ୍ତି। ସୁନାବେଶ ଅବସରରେ ମନ୍ଦିର ପ୍ରାଙ୍ଗଣରେ ଭଜନ, କୀର୍ତ୍ତନ, ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ ହୋଇଥିଲା।

## ଶ୍ରୀଅନନ୍ତ ବାସୁଦେବଙ୍କ ସୁନାବେଶ

ନୟାହାଟ, ୧୭।୭(ମହମ୍ମଦ ସମସୁଲ୍ ଆରେଫିନ)

ନୟାହାଟ ସିଂଘପାନିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଅନନ୍ତ ବାସୁଦେବଙ୍କ ସୁନାବେଶ ବୁଧବାର ଏକ ଭକ୍ତିମୟ ପରିବେଶ ମଧ୍ୟରେ ମନ୍ଦିର ସମ୍ମୁଖସ୍ଥ ରଥ ଉପରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ରାଜା ଅମିୟ କୁମାର ସାହୁ ମନ୍ଦିର ନିକଟକୁ ଆସି ଭଣ୍ଡାର ଘର ଚାବି ଖୋଲି ଠାକୁରଙ୍କ ସ୍ୱର୍ଣ୍ଣ ଓ ରୁପା ଅଳଙ୍କାର କାଢ଼ି ପୂଜକ ଦୁର୍ଗାଚରଣ ଦାଶଙ୍କୁ ପ୍ରଦାନ କରିଥିଲେ। ଠାକୁରଙ୍କ ଅଳଙ୍କାର ସବୁକୁ ଏକ ଶୋଭାଯାତ୍ରାରେ ରଥ ଉପରକୁ ନିଆଯାଇଥିଲା। ପୂଜକମାନେ ଠାକୁରଙ୍କ ପାଦ, ହାତ, ମୁକୁଟ, କିରୀଟ, ମଥାମଣି, ବେକହାର ଲାଗିକରି ସୁନାବେଶରେ ସଜ୍ଜିତ କରିଥିଲେ। ବେଶ ପରେ ଠାକୁରଙ୍କୁ ଚୁଡ଼ାଘଷା ଭୋଗ ଲାଗି କରାଯିବା ସହିତ ସନ୍ଧ୍ୟା ଆଳତି କରାଯାଇଥିଲା। ଆଳତି ପରେ ରଥ ଉପରେ ଠାକୁରଙ୍କ ସମ୍ମୁଖରେ ବନ୍ଧାଯାଇଥିବା କପଡ଼ାକୁ ଖୋଲି ଦିଆଯାଇଥିଲା। ଭକ୍ତମାନେ ଧାଡ଼ିରେ ଯାଇ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ। ଗୁରୁବାର ଠାକୁରଙ୍କ ଅଧରପଣା ନୀତି, ଶୁକ୍ରବାର ନୀଳାଦ୍ରିବିଜେ କରାଯିବ ବୋଲି ମନ୍ଦିର କମିଟି ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ସାହୁ କହିଛନ୍ତି। ଠାକୁରଙ୍କ ସୁନାବେଶ ଦେଖିବାକୁ ମନ୍ଦିର ସମ୍ମୁଖରେ ପ୍ରବଳ ଭିଡ଼ ଲାଗିଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ପୁରୀର ନନ୍ଦିନୀ ପଟ୍ଟନାୟକ ଏବଂ ସସ୍ମିତା ପଟ୍ଟନାୟକଙ୍କ ଦ୍ୱାରା ଆଇସ୍‌କ୍ରିମ କାଠିରେ ପ୍ରସ୍ତୁତ ମହାପ୍ରଭୁଙ୍କ ସୁନାବେଶ କଳାକୃତି।

## ଅଗଷ୍ଟ ପ୍ରଥମ ସପ୍ତାହରେ କୁଣ୍ଢେଇ କେନାଲରେ ଆସିବ ପାଣି

ଯୋଗେଶ୍ୱରପୁର, ୧୭।୭(ରଶ୍ମିରଞ୍ଜନ ସାହୁ)

ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ବିଲରେ ତଳି ପଡ଼ିପାରୁ ନ ଥିବାବେଳେ କେନାଲ ଶୁଖିଲା ପଡ଼ିଛି। ପାଣି ପାଇଁ ଚାଷୀଙ୍କ ଚିନ୍ତା ବଢିଯାଇଛି। ଏ ନେଇ ପାଣିଛତ୍ର ଜଳସେଚନ ବିଭାଗ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟରରେ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ଚାଷ ପାଇଁ ପାଣି ଆସିବ ବୋଲି କହିଛନ୍ତି।

## ନଦୀ ସୁରକ୍ଷା ପାଇଁ ପୂଜାର୍ଚ୍ଚନା, ଶପଥ



କଣାସ, ୧୭।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ଦୟା, ରାଜୁଆ, ମଲାଗୁଣି, ମକରା ଏବଂ ଲୁଣା ନଦୀର ସୁରକ୍ଷା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପୂଜାର୍ଚ୍ଚନା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବଡାଲ ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମର ସମାଜସେବୀ ତଥା ଦୟା ସୁରକ୍ଷା ଅଭିଯାନ ସଙ୍ଗଠନ ପକ୍ଷରୁ ଭାସ୍କର ସାହୁଙ୍କ ତତ୍ତ୍ୱାବଧାନରେ ଜନ ସଚେତନତା ସୃଷ୍ଟି କରାଯାଇଛି। ଅଡାଲ ଗ୍ରାମରେ ସଂକୀର୍ତ୍ତନ କରି ଲୋକେ ମକରା ନଦୀର ଅଡାଲ ଘାଟ ତୁଠକୁ ଆସି ନଦୀ ପୂଜା କରିବା ସହିତ ନଦୀ ସୁରକ୍ଷା ଦିଗରେ ସହଯୋଗ କରିବେ ବୋଲି ଜଳ ଛୁଇଁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପର୍ବତନ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବଳିୟାରସିଂହ, ଗୋଦାବରୀ ସ୍ୱାଇଁ, ବିଜୟ ପାଇକରାୟ, ଅକ୍ରୁର ମାନ୍ଧାତା, ରାଜ ବାରିକ, ରମେଶ ମାନ୍ଧାତା, ଭୀମସେନ ବରିଶଳ, ରାମ ରଣଜିତ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଖନନ ଯୋଗୁ ଘଟୁଛି ଦୁର୍ଘଟଣା

କଣାସ, ୧୭।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ୨୮ଟି ପଞ୍ଚାୟତକୁ ମେଗା ପ୍ରକଳ୍ପ ପକ୍ଷରୁ ପାନୀୟଜଳ ଯୋଗାଇଦେବା ପାଇଁ ଅନେକ ଗ୍ରାମର ମଝିରାସ୍ତାକୁ ଖୋଳାଯାଇଛି। କେତେକ ଗ୍ରାମରେ ଏପର୍ଯ୍ୟନ୍ତ ପାଇପ ପକାଯାଇନାହିଁ। ପାଇପ ପଡ଼ିଥିବା ଗ୍ରାମଗୁଡ଼ିକରେ ଦୀର୍ଘଦିନ ଧରି ଖୋଳାଯାଇଥିବା ରାସ୍ତା ମରାମତି ହୋଇ ନ ଥିବାରୁ ଦୁର୍ଘଟଣା ଘଟୁଛି। ଗ୍ରାମବାସୀଙ୍କ ଚଳପ୍ରଚଳରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। ଏବେ ବର୍ଷାଦିନ ହୋଇଥିବାରୁ ଲୋକେ ଗାଁଦାଣ୍ଡରେ କିପରି ଯାତାୟାତ କରିବେ ସେଇ ଚିନ୍ତାରେ ପଡ଼ିଛନ୍ତି। ଗାଁ ଦାଣ୍ଡର ଢଳେଇ ରାସ୍ତାଗୁଡିକ ଖୋଳାଯାଇଛି, ସେଥିରେ ଆଣ୍ଠୁଏ ଲେଖାଏ ପାଣି ଜମିରହି ଦୁର୍ଗନ୍ଧମୟ ହେଉଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହିଭଳି ଦୃଶ୍ୟ କାଦୁଆ ପଞ୍ଚାୟତର

### ଗାଁ ଦାଣ୍ଡ କାଦୁଅ, ଲୋକେ ହଇରାଣ

ସାହସପୁର, କଉଡ଼ିଖିଣି ଓ ବଡାଲ ପଞ୍ଚାୟତ ବଡଓରା ଗ୍ରାମ ସହିତ କଣାସ ବ୍ଲକର ଅନେକ ଗ୍ରାମ ଖନନ ପରେ ମରାମତି ହୋଇ ନ ଥିବା ଜଣାପଡିଛି। ପ୍ରକଳ୍ପର ଠିକାଦାର ବାହାର ରାଜ୍ୟର ହୋଇଥିବାରୁ ଗାଁ ଗହଳିର ଲୋକେ ତାଙ୍କ ପାଖରେ ଅଭିଯୋଗ କରିବା ସମ୍ଭବ ହେଉନାହିଁ। ଗ୍ରାମବାସୀ ସରପଞ୍ଚ, ବିଡିଓ ଏବଂ ଜଳପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇ ନିରାଶ ହେଲେଣି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟ କହିଛନ୍ତି, ମୁଁ ଖବର ପାଇବା ପରେ ଠିକା ସଂସ୍ଥାକୁ ଢଳାଇ କରିବାକୁ ଏବଂ ଯେଉଁଠି ସମସ୍ୟା ହୋଇଛି ସେ ସ୍ଥାନରେ ଡଷ୍ଟ ପକାଇବା ପାଇଁ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ପ୍ରସଙ୍ଗରେ ଆଇନମନ୍ତ୍ରୀ-ପୂଜାପଣ୍ଡା ନିଯୋଗର ଆଲୋଚନା

ପୁରୀ, ୧୭।୭(ଅଜିତ୍ କୁମାର ମହାନ୍ତି)

ପୂଜାପଣ୍ଡା ନିଯୋଗ ସହ ବିଭିନ୍ନ ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଆଲୋଚନା କରିଥିବା ନେଇ ସୂଚନା ମିଳିଛି। ବିଶେଷକରି ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ସହ ସେବାୟତ କୂଳର ପିଲାମାନଙ୍କ ପାଇଁ ଆଦର୍ଶ ଗୁରୁକୂଳ ପ୍ରତିଷ୍ଠା ସମ୍ପର୍କରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ରାଜ୍ୟ ସରକାରଙ୍କ ସହଯୋଗ ନେଇ ଆଇନ ମନ୍ତ୍ରୀଙ୍କ ସହ ପୂଜାପଣ୍ଡା ନିଯୋଗ ଆଲୋଚନା କରିଛନ୍ତି। ତେବେ ଆଦର୍ଶ ଗୁରୁକୂଳ ପ୍ରତିଷ୍ଠା ନେଇ ଲାଗି ରହିଥିବା ଜମିଜମା ସମସ୍ୟାକୁ ଖୁବଶୀଘ୍ର ସମାଧାନ କରାଯାଇ ଗୁରୁକୂଳ ପ୍ରତିଷ୍ଠା କରାଯିବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ଆଦର୍ଶ ଗୁରୁକୂଳ ପାଇଁ ବିର୍ଲା କମ୍ପାନୀ ସହ ଏମ୍ଓୟୁ ମଧ୍ୟ ସ୍ୱାକ୍ଷର ହୋଇସାରିଛି। ଅପରପକ୍ଷରେ ଗତ ୧୪ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ପ୍ରଭୁ ଶ୍ରୀଲୋକନାଥଙ୍କ ଠାରୁ ଆଜ୍ଞାମାଳ ଆସିବା ଉପରେ ପୂଜାପଣ୍ଡା ନିଯୋଗ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏ ସମ୍ପର୍କରେ ମଧ୍ୟ ନିଯୋଗ ଆଇନମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

କୋଣାର୍କ, ୧୭।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ବାଲିଦୋକାନ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯତିନ୍ଦ୍ରନାଥ ପାଢୀଙ୍କର ପବିତ୍ର ସଂକ୍ରାନ୍ତି ତିଥିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଶିକ୍ଷକତା କରି ଆଦର୍ଶ ଶିକ୍ଷକ ଭାବେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ପରିଚିତ ଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ତାଙ୍କ ଅବଦାନ ଅତୁଳନୀୟ ରହିଥିଲା। ତାଙ୍କ ବିୟୋଗ ଖବରପାଇ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ବନ୍ଧୁ ପରିଜନ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦର୍ଶନୀବନ୍ତ ନିକଟରେ ଥିବା ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଭକ୍ତିସଙ୍ଗୀତରେ ଭାବମୟ ହେଲା ବଡ଼ଦାଣ୍ଡ

ପୁରୀ, ୧୭।୭(ଅଜିତ୍ କୁମାର ମହାନ୍ତି)

ତୁମେ ମହାବାହୁ, ମୁଁ ଯେ ପତିତଜନ, ତୁମେ ମହାଦାରୁ, ମୁଁ ପରା ଦୀନହୀନ ଭଳି ଭାବଗର୍ଭକ ଭକ୍ତି ସଙ୍ଗୀତରେ ଭାବମୟ ହୋଇଯାଇଛି ଭକ୍ତିମୟ ବଡ଼ଦାଣ୍ଡ। ପାରମ୍ପରିକ ଓ ରୁଚିକର ଭଜନରେ ଆଧ୍ୟାତ୍ମିକ ଜନଜାଗରଣରେ ପବିତ୍ର ସୁନାବେଶ ଅବସରରେ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ କମ୍ପିଉଠିଛି। ବଡ଼ଦାଣ୍ଡର ବଗଲା ଧର୍ମଶାଳା ସମ୍ମୁଖରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ୨୮ତମ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୀତିକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ୨୮ତମ ସୁନାବେଶ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୁରୀ ଲୋକ ସଭା ସଦସ୍ୟ ଡାକ୍ତର ସମ୍ବିତ ପାତ୍ର, ବିଧାୟକ ସୁନୀଲ ମହାନ୍ତି, ପୁରୀ ବ୍ଲକ୍ ଚେୟାରମ୍ୟାନ୍ ତଥା ନାଟ୍ୟ ନିର୍ଦ୍ଦେଶକ ଦିବାକର ପାତ୍ର, କଟକର ଶିଳ୍ପପତି ସନ୍ତୋଷ ବିଶ୍ୱାଳ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀକାନ୍ତ ପରିଜା ପ୍ରମୁଖ ଯୋଗଦାନ କରିଥିଲେ।

### ସମ୍ବିତଙ୍କୁ ଉତ୍କଳରତ୍ନ, ସୁନୀଲଙ୍କୁ ବିଶ୍ୱାବସୁ, ଶ୍ରୀକାନ୍ତଙ୍କୁ ସୁନାବେଶ ସମ୍ମାନ



ସମାରୋହରେ କଣ୍ଠଶିଳ୍ପୀ ଭକ୍ତିସଙ୍ଗୀତ ପରିବେଷଣ କରୁଛନ୍ତି ।

ଏଥିରେ ଉଦ୍‌ବୋଧନ ଦେଇ ଡା. ପାତ୍ର କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତି, ଓଡ଼ିଶୀ-ଛାନ୍ଦ-ଚମ୍ପୂ ସଙ୍ଗୀତ, ଉତ୍କଳୀୟ ନୃତ୍ୟ ଓ ସାହିତ୍ୟର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଗାମୀ ଦିନରେ ଅନେକ ସଂକଳ୍ପ ନେବେ। ସମାରୋହର ସମ୍ପାଦକ ତଥା ଗୀତିକାର ମନୋଜ ଦାସମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଆଶାମୁକୁଲ ବାରିକ୍, ଶୈଳଭାମା, ବିଷ୍ଣୁମୋହନ କବି, କରୁଣାକର, ଡାକ୍ତର ସୁଶାନ୍ତ ପାଣି, ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର ମିଶ୍ର, ଦେବାଂଶୀ ଦାଶ, ମମତାମୟୀ ବିଶ୍ୱାଳ, କୃଷ୍ଣଚନ୍ଦ୍ର ମଲ୍ଲିକ, ପୂଜା ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ର, ନିର୍ମଳା ସୁବୁଦ୍ଧି, ଅନିନ୍ଦିତା ଦାସ, ଗୋପାଳକୃଷ୍ଣ ସାହୁ, ବିଶ୍ୱଜିତ ସ୍ୱାଇଁ, ଧୀରେନ ଓଝା, ଗାୟତ୍ରୀ ମହାପାତ୍ର, ଆରାଧନା, ଅଭିଲିପ୍ସା, ବିଶ୍ୱରୂପା ପଣ୍ଡା, ବିଜୟକୃଷ୍ଣ ସାହୁ ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ରଙ୍କୁ ଉତ୍କଳରତ୍ନ ସମ୍ମାନ, ବିଧାୟକ ସୁନୀଲ ମହାନ୍ତିଙ୍କୁ ବିଶ୍ୱାବସୁ ସମ୍ମାନ, ବରିଷ୍ଠ ଗବେଷକ ଶ୍ରୀକାନ୍ତ ପରିଜା, ବିଶିଷ୍ଟ ଗୀତିକାର ପ୍ରତିମାମଞ୍ଜରୀ ସାହୁ, ସଙ୍ଗୀତଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ କଣ୍ଠଶିଳ୍ପୀ ପୂଜା ପଟ୍ଟନାୟକଙ୍କୁ ସୁନାବେଶ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି, ବିଶ୍ୱନାଥ ମିଶ୍ର ଓ ସନ୍ନ୍ୟାସୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରମେଶ ପ୍ରହରାଜ, ଦୀପକ୍ ଦାସ ମହାପାତ୍ର, ବୀରେନ୍ ନାୟକ, ରବିନାରାୟଣ ରଥ ଓ ନୀଳାଦ୍ରିଭୂଷଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଚାରା ରୋପଣ କରି ସଚେତନତା ବାର୍ତ୍ତା ବାଣ୍ଟିଲେ

ନିମାପଡ଼ା, ୧୭।୭ (ବିଚିତ୍ରାନନ୍ଦ ସାହୁ)



ଥାନା ପରିସରରେ ଚାରାରୋପଣ କରାଯାଉଛି।

ଅଲ୍‌ଟାଇମ୍ ହେଲ୍ପ (ଏ.ଟି.ଏଚ୍) ରକ୍ତ ପରିବାର ଓଡ଼ିଶା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀମାଙ୍କ ସହ ମିଶି ନିମାପଡ଼ା ଥାନା ସବ୍‌ଇନ୍ସପେକ୍ଟର ଦିଲୀପ ପଣ୍ଡା ଥାନା ପରିସରରେ ବିଭିନ୍ନ ଚାରା ରୋପଣ କରିବା ସହ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବୃକ୍ଷ ହି ଜୀବନ, ମା' ପାଇଁ ଗଛଟିଏ, ପରିବେଶ ସୁରକ୍ଷା ପାଇଁ ଚାରାରୋପଣ, ଜଙ୍ଗଲ ସୃଷ୍ଟି, ସବୁଜ ଓଡ଼ିଶା ଗଠନ ଦିଗରେ ମାନବ ସମାଜ ବ୍ରତୀ ହେବା ଆବଶ୍ୟକ ବୋଲି ପଣ୍ଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଲ୍‌ଟାଇମ୍ ହେଲ୍ପ ରକ୍ତ ସଙ୍ଗଠନର ରାଜ୍ୟ ସଭାପତି ରଘୁନାଥ ପଣ୍ଡା, କୋଷାଧ୍ୟକ୍ଷା ସରୋଜିନୀ ସ୍ୱାଇଁ, ରୁଦ୍ରପ୍ରସାଦ ପଣ୍ଡା, ପୁରୀ ଜିଲା ସଭାନେତ୍ରୀ ଜୟଶ୍ରୀ ପାତ୍ର, ଅଶୋକ ବେହେରା, ସରିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଚାରାରୋପଣ କରିଥିଲେ। ମୁଖ୍ୟ ରାସ୍ତାପାର୍ଶ୍ୱ ସମେତ ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରି ସବୁଜିମା ସୃଷ୍ଟି କରିବା ଏ.ଟି.ଏଚ୍ ରକ୍ତ ପରିବାରର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

କୋଣାର୍କ, ୧୭।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ଶ୍ରୀଜଗନ୍ନାଥ ମନ୍ଦିରର ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ସୁନାବେଶ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁନା, ରୁପା ଅଳଙ୍କାରରେ ଆଭୂଷଣ କରାଯାଇ ସୁସଜ୍ଜିତ କରାଯାଇଛି। ସୁନାବେଶ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ।

ଭକ୍ତମାନେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ପୂଜାର୍ଚ୍ଚନା ଓ ଦୀପଦାନ କରି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ସୁନାବେଶ ଭଜନ ସନ୍ଧ୍ୟା କମିଟି ପକ୍ଷରୁ ଆଧ୍ୟାତ୍ମିକ ଓ ଚେତନା ଧର୍ମୀ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟି ସଭାପତି ବୀରବର ସ୍ୱାଇଁ, ସମ୍ପାଦକ ସ୍ୱାଧୀନ କୁମାର ନାୟକ ଓ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଉଛି ।

# ନକଲି ମୃଦୁପାନୀୟ କାରଖାନା ଉପରେ ଚଢ଼ାଉ

ଅସ୍ତରଙ୍ଗ/କାକଟପୁର, ୧୭।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନାରେ ଅଚାନକ ଚଢ଼ାଉ ହୋଇଛି। ଗତ ଏପ୍ରିଲ ୪ରେ ଅସ୍ତରଙ୍ଗ ଅଞ୍ଚଳରେ ନକଲି ପାଣି ବୋତଲ ସହ ମୃଦୁ ପାନୀୟ ବିକ୍ରି ନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ ବୁଧବାର ଅଚାନକ ଅସ୍ତରଙ୍ଗ ବଜାରଠାରୁ କିଛି ଦୂରରେ ଥିବା ଏକ ମୃଦୁ ପାନୀୟ ପ୍ରସ୍ତୁତି କାରଖାନାରେ ଚଢ଼ାଉ କରାଯାଇଛ। ଏହି କାରଖାନାରେ କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବାବେଳେ ଫୁଡ୍ ସେଫଟି ଓ ଟ୍ରେଡ୍ ଲାଇସେନ୍ସ ଅଛି କି ନାହିଁ ଯାଞ୍ଚ କରିଥିଲେ। କିଛି ସାମଗ୍ରୀ ନମୁନାକୁ ପରୀକ୍ଷା ପାଇଁ ଲାବୋରେଟୋରି ନିଆଯାଇଛି। ଚଢ଼ାଉ ସମୟରେ ଫୁଡ ସେଫ୍‌ଟି ଅଫିସର ପ୍ରତୀକ୍ଷା ଦାଶ ମହାପାତ୍ରଙ୍କ ସହ ଅନ୍ୟ ୩ ଅଧିକାରୀ ସାମିଲ ଥିଲେ। କିଛି ଦିନ ହେବ ଅସ୍ତରଙ୍ଗ ଅଞ୍ଚଳରେ ନକଲି ସୋଡ଼ା ବିକ୍ରି ଦ୍ରୁତଗତିରେ ଚାଲିଛି। ଖୁବଶୀଘ୍ର ଉକ୍ତ କାରଖାନାରେ ଚଢ଼ାଉ ହେବ ବୋଲି ସୂଚନା ମିଳିଛି।

ଲୋକଙ୍କ ସରଳତାର ସୁଯୋଗ ନେଇ ବଜାରରେ ବର୍ତ୍ତମାନ ନକଲି ପାଣି ବୋତଲ ଓ ପାଣି ପାଉଚ ବେପାର ର୍‍ୟାକେଟ କାୟା ବିସ୍ତାର କରି ଚାଲିଛି। ପାଣି ଜାର, ବୋତଲ ଓ ପାଉଚ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ନାମୀଦାମୀ କମ୍ପାନୀ ନାଁରେ ଏବଂ ଅନାମଧେୟ ଲେବୁଲ ଓ ଏଥିରେ ଆଇଏସ୍ଆଇ ମାର୍କା ଛାପି ପାଣି ବୋତଲ ବିକ୍ରି କରାଯାଉଛି। ଏଥିରେ ସାଧା ପାଣି ଫିଲିଂ କରି ଠିପି ସିଲ କରିଦିଆଯାଉଛି। ଏହି ପାଣି ଆଦୌ ବିଶୁଦ୍ଧ ନୁହେଁ। ଏହାର ଗୁଣବତ୍ତା ଯାଞ୍ଚ କରିବାକୁ ଓ ବେଆଇନ ପାଣି ବିକ୍ରେତା ଓ ଫାକ୍ଟ୍ରିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନର ନିଘା ନାହିଁ। ସବୁଠୁ ଆଶ୍ଚର୍ଯ୍ୟ କଥା କେଉଁ କେଉଁ କମ୍ପାନୀର ପାଣି ବୋତଲ ବଜାରକୁ ଆସୁଛି ଏ ନେଇ କୌଣସି ଠିକ ତଥ୍ୟ ପ୍ରଶାସନ ପାଖରେ ନାହିଁ।

ଅସ୍ତରଙ୍ଗ ବଜାର ଓ ଗ୍ରାମାଞ୍ଚଳରେ ପାଣି ବୋତଲ ପିଛା ୫ଟଙ୍କାରୁ ଆରମ୍ଭ ହୋଇ ୨୦ଟଙ୍କା ପର୍ଯ୍ୟନ୍ତ ମିଳୁଛି। ବଜାରରେ ବିକ୍ରି ହେଉଥିବା ପାଣି ବୋତଲ ଖାଦ୍ୟ ସାମଗ୍ରୀ ଶ୍ରେଣୀରେ ଆସୁଛି। କିନ୍ତୁ ପାଣି ବୋତଲ ପ୍ରସ୍ତୁତ କରି ବଜାରକୁ



### ଗାଁରୁ ସହର ସବୁଠି ଚାଲିଛି ବେଧଡ଼କ କାରବାର

ଛାଡୁଥିବା ବ୍ୟକ୍ତିବିଶେଷଙ୍କ ପାଖରେ ଆବଶ୍ୟକ ଫୁଡ୍ ଲାଇସେନ୍ସ ନାହିଁ। ବହୁ ସ୍ଥାନରେ ପାଣି ପରୀକ୍ଷଣ ରିପୋର୍ଟ ନ ଥିବା ବେଳେ ଖାଦ୍ୟ ନିରୀକ୍ଷକ ଯାଞ୍ଚ କରିବା ପରେ ବିକ୍ରେତା ଚିନ୍ତା ବଢିଯାଇଛି।

ସରକାରୀ ଗାଇଡ୍‌ଲାଇନ ଅନୁସାରେ, ଲାଇସେନ୍ସ ମିଳିବା ସହ ଆଇଏସ୍ଆଇ ସ୍ୱୀକୃତି ମିଳିବା ପରେ ହିଁ ପାଣି ଫାକ୍ଟ୍ରି ଖୋଲାଯାଇପାରିବ। ପାଣି ବିଶୋଧନ, ବୋତଲରେ ଭରିବା ଓ ଏହାକୁ ସିଲ କରି ବଜାରକୁ ଛାଡିବା ପର୍ଯ୍ୟନ୍ତ ବିଭିନ୍ନ ନିୟମ ରହିଛି। କିନ୍ତୁ ପ୍ରଶାସନ ଲଗାମ ନ ଥିବାରୁ ଅନେକ ଅସାଧୁ ବ୍ୟବସାୟୀ ସେମାନଙ୍କ କାରବାର ବଢାଇବାରେ ଲାଗିଛନ୍ତି। ନକଲି କମ୍ପାନୀ ନାଁରେ ନକଲି ଲେବୁଲ ଲଗାଇ ପାଣି ବୋତଲ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଖରା ଦିନେ ଚାହିଦା ଅଧିକ ବଢୁଥିବାରୁ ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି।ଏହି ପାଣି ସ୍ୱାସ୍ଥ୍ୟ ଉପଯୋଗୀ କି ନୁହେଁ, ଏଥିପାଇଁ ପ୍ରଶାସନ ପକ୍ଷରୁ ଯାଞ୍ଚ ଓ ଚଢ଼ାଉ କଡାକଡି କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



ଇସ୍କନ ମନ୍ଦିର ପରିସରରେ ରଥ ଉପରେ ସୁନାବେଶରେ ତିନିଠାକୁର।



ଶହୀଦନଗରରେ ଅନୁଷ୍ଠିତ ସୁନାବେଶ

# ସୁନାରେ ଝଟକିଲେ ତିନି ଠାକୁର

ଭୁବନେଶ୍ୱର,୧୭।୭ (ଶର୍ମିଷ୍ଠା ପାଣିଗ୍ରାହୀ)



ବାହୁଡ଼ା ଯାତ୍ରା ପରେ ବୁଧବାର ସୁନାବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ସହ ରଥ ଉପରେ ଭଉଣୀ ଦେବୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ର ମଧ୍ୟ ସୁନାରେ ଝଟକିଛନ୍ତି। ତିନିଠାକୁରଙ୍କ ସୁନା ବେଶ ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ଇସ୍କନ ମନ୍ଦିର, ୟୁନିଟ୍-୫ଜଗନ୍ନାଥ ମନ୍ଦିର, କିସ୍ ଶ୍ରୀବାଣୀକ୍ଷେତ୍ର, ଆର୍‌ସିଏମ୍ ଆଦି ସ୍ଥାନରେ ଠାକୁରଙ୍କ ଦିବ୍ୟ ଦର୍ଶନ ପାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ରହିଥିଲା।

## ଇସ୍କନରେ ସୁନାବେଶ

ସନ୍ଧ୍ୟା ୭ଟାରେ ଇସ୍କନ ମନ୍ଦିରଠାରେ ତିନି ଠାକୁରଙ୍କ ସୁନାବେଶ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ସୁନାବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ। ଜୟ ଜଗନ୍ନାଥ ଡାକରେ କମ୍ପି ଉଠିଥିଲା ମନ୍ଦିର ପ୍ରାଙ୍ଗଣ। ଭଜନ ସନ୍ଧ୍ୟା ଓ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ମଧ୍ୟ ହୋଇଥିଲା।

## ୟୁନିଟ୍-୫ ଜଗନ୍ନାଥ ମନ୍ଦିର

ୟୁନିଟ୍-୫ ଜଗନ୍ନାଥ ମନ୍ଦିରଠାରେ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଆରତି ପରେ ବିଗ୍ରହମାନଙ୍କୁ ତାରକଶି, ସୋଲ, କାଗଜ, ରଙ୍ଗୀନ ମାଳି ଆଦିରେ ସୁବର୍ଣ୍ଣ ଆବରଣ ଦିଆଯାଇଥିବା ବିଭିନ୍ନ ଅଙ୍ଗ, ଅଳଙ୍କାର, ଆଭୂଷଣରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ରଥ ଉପରେ ସୁନାବେଶ ଦର୍ଶନ କରିବା ସହିତ ଭଜନ ସମାରୋହରେ ଶ୍ରୀ ଜଗନ୍ନାଥ ସଙ୍ଗୀତ ଶୁଣିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ତରଫରୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।

## କିସ୍ ଶ୍ରୀବାଣୀକ୍ଷେତ୍ର

କିସ୍ ପରିସର ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି। ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ବହୁ ଭକ୍ତ ସମାଗମ ହୋଇଥିଲା। ଠାକୁରମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଆଦି ଦିଆଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇଥିଲା। ଶ୍ରୀପୟର, ଶ୍ରୀଭୁଜ, ଶ୍ରୀକିରିଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଦ୍ଧମାନ ଲାଗି କରାଯାଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କ ଏହି ମହାବେଶ ଅତି ସୁନ୍ଦର ଭାବେ ପରିବେଶକୁ ଆଧ୍ୟାତ୍ମିକମୟ କରି ତୋଳିଥିଲା। ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଜଗନ୍ନାଥ ମନ୍ଦିର।







ଭିଏସ୍‌ଏସ୍‌ନଗର, ୟୁନିଟ୍-୫ ଓ ଆର୍‌ସିଏମ୍ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। (ଫଟୋ: ବିକାଶ ନାୟକ)

## ସ୍ତ୍ରୀକୁ ଛୁରାମାଡ କରିଥିବା ସ୍ୱାମୀ ବର୍ଷକ ପରେ ଗିରଫ

ଭୁବନେଶ୍ୱର,୧୭।୭ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀକୁ ଛୁରିରେ ଆକ୍ରମଣ କରିବା ଘଟଣାର ବର୍ଷକ ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଛତିଶଗଡ ରାୟପୁରର ଦୀପକ ସେନ୍ଦ୍ରେ। ମହିଳାଙ୍କ ଭାଇ ରାଜୁ ନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୭୨/୨୦୨୩ ରୁଜୁ କରି ତଦନ୍ତ ଚଳାଇଥିଲା। ରାଜୁଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଭଉଣୀ ୨୦୧୧ରେ ଅଭିଯୁକ୍ତ ଦୀପକଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ସନ୍ତାନ ଅଛନ୍ତି। ଆର୍ଥିକ ସମସ୍ୟା ଓ ଅନ୍ୟ କିଛି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଗତବର୍ଷ ଫେବୃଆରୀ ୧୨ରେ ଉଭୟଙ୍କ ମଧ୍ୟରେ ପୁଣି ଝଗଡା ହୋଇଥିଲା। ପରେ ସ୍ଥାନୀୟ ବିସ୍କୁଟ ଫ୍ୟାକ୍ଟ୍ରି ନିକଟରେ ଅଭିଯୁକ୍ତ ଦୀପକ ଏକ ଛୁରି ଆଣି ସ୍ତ୍ରୀଙ୍କ ପେଟକୁ ଭୁଶି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ବିଦ୍ୟୁତ୍ ଖୁଣ୍ଟ ଚୋରି ବେଳେ ଧରାପଡିଲେ

ବାରଙ୍ଗ,୧୭।୭(ଲିଙ୍ଗରାଜ ରାଉତ)

ଟ୍ରକ୍‌ରେ ବିଦ୍ୟୁତ୍ ଖୁଣ୍ଟ ଚୋରି କରି ନେଉଥିବାବେଳେ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ମଞ୍ଚେଶ୍ୱର ଥାନା ପୁରୁଷୋତ୍ତମ ବସ୍ତିରେ ରହୁଥିବା ପୁରୀ ବଳଙ୍ଗା ଥାନା ରେସିଙ୍ଗାର କେଦାରନାଥ ସ୍ୱାଇଁ। ତାଙ୍କଠାରୁ ୨ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରକ୍ (ଓଡି୦୨ ଆର ୮୭୪୯) ଜବତ ହୋଇଛି। ସମ୍ପୃକ୍ତ ଅନ୍ୟମାନେ ଫେରାର ଅଛନ୍ତି।

## ଭାଗଚାଷୀଙ୍କ ପାଇଁ ଯଥାର୍ଥ ନିୟମ ହେଉ

ଭୁବନେଶ୍ୱର, ୧୭।୭(ଅନୁରାଧା ମହାରଣା)

ରାଜ୍ୟରେ ଖରିଫ ଧାନ ସଂଗ୍ରହ ନଭେମ୍ବର ପହିଲାରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ପରିଚାଳିତ ହେବ। ଏଥିପାଇଁ ଚାଷୀ ପଞ୍ଜୀକରଣ ଜୁଲାଇ ୧୫ରୁ ଆରମ୍ଭ ହୋଇଛି। ମାତ୍ର ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଭାଗଚାଷୀଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ନ ଥିବା ଓଡିଶା କୃଷକ ସଭା ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ସରକାର ପ୍ରକାଶ କରିଥିବା ବିଜ୍ଞାପନରେ କୌଣସି ନୂତନତ୍ୱ ନାହିଁ। ଏହିଭଳି ବିଜ୍ଞାପନ ପ୍ରତିବର୍ଷ ପ୍ରକାଶ ହୁଏ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭାଗଚାଷୀ ଚରମ ଅବହେଳାର ଶିକାର ହୋଇଛନ୍ତି। ଭାଗଚାଷୀ ସହମତି ପତ୍ର କେଉଁଠାରୁ ଆଣିବେ ଓ ଜମି ମାଲିକମାନେ ଫସଲ ବିକ୍ରି ପାଇଁ ସହମତି ପତ୍ର ଦେବେ କି ବୋଲି ପ୍ରଶ୍ନ କରାଯାଇଛି। ଓଡିଶାରେ ହାରାହାରି ୭୦%ରୁ ଉର୍ଦ୍ଧ୍ୱ ଜମି ଭାଗଚାଷୀଙ୍କ ଦ୍ୱାରା ଚାଷ ହେଉଥିବାବେଳେ ସେମାନଙ୍କ ସମ୍ପର୍କରେ କୌଣସି ସର୍ଭେ କରାଯାଇ ତଥ୍ୟ ସଂଗ୍ରହ ହୋଇନାହିଁ। ଗ୍ରାମୀଣ ଓଡିଶାରେ ଚାଷର ସମସ୍ତ ବୋଝ ଭାଗଚାଷୀମାନେ ହିଁ ମୁଣ୍ଡାଇଛନ୍ତି ବୋଲି ସଂଗଠନ କହିଛି। ଭାଗଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ସେମାନଙ୍କୁ ପ୍ରଥମେ ଚିହ୍ନଟ କରନ୍ତୁ। ଚାଷୀର ମାନ୍ୟତା ଦେବା ସହ ଚାଷୀ ଯେଉଁସବୁ ସରକାରୀ ସୁବିଧା ପାଉଛନ୍ତି, ସେହି ସମସ୍ତ ସୁବିଧାଗୁଡିକୁ ଭାଗଚାଷୀଙ୍କୁ ପ୍ରଦାନ କରିବା ପାଇଁ ଯଥାର୍ଥ ନିୟମ ପ୍ରଣୟନ କରନ୍ତୁ। ଭାଗଚାଷୀଙ୍କୁ ମଣ୍ଡିର ପରିଧି ମଧ୍ୟକୁ ଆଣିବା ପାଇଁ ସରକାର ଅବିଳମ୍ବେ ଏହି ପଦକ୍ଷେପ ଗ୍ରହଣ ଓଡିଶା କୃଷକ ସଭା ତରଫରୁ ଦାବି କରିଛି।

# ଥାନା ଘେରିଲେ ମୁସ୍‌ଲିମ ସାହିବାସିନ୍ଦା

## ପୋଲିସ ଭୁଲ୍ ସୂଚନା ଦେଇଥିବା ଅଭିଯୋଗ

ଭୁବନେଶ୍ୱର,୧୭।୭(ସୂର୍ଯ୍ୟକାନ୍ତ ବେହେରା)



ପୋଲିସ ଭୁଲ୍ ସୂଚନା ଦେବା ଅଭିଯୋଗରେ ମୁସ୍‌ଲିମ ସାହିର ଶତାଧିକ ଲୋକ ବୁଧବାର ଇନ୍‌ଫୋସିଟି ଥାନା ଘେରାଇ କରିଥିଲେ। ଥାନା ଆଗରେ ହୋହଲ୍ଲା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିବା ସହ ଲୋକେମାନେ ଧାରଣାରୁ ହଟିଥିଲେ।

ଅଭିଯୋଗଅନୁସାରେ, ମଙ୍ଗଳବାର ଇନ୍‌ଫୋସିଟି ଥାନା ପୋଲିସ ବେଆଇନ ନିଶା କାରବାର ଅଭିଯୋଗରେ ସ୍ଥାନୀୟ ଅମୋଲ ସାହୁ ଓ ମହିମାନଗରର ଖିରେନ ରାଉତଙ୍କୁ ଗିରଫ କରି ଜେଲ ପଠାଇଥିଲା। ହେଲେ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ପଥରଗାଡିଆ ଅଞ୍ଚଳରୁ ଧରିଥିବା ବେଳେ ମୁସଲିମ ସାହି ମସ୍‌ଜିଦ କଲୋନୀ ଅଞ୍ଚଳରୁ ଧରା ହୋଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲା। ତେଣୁ ସମ୍ପ୍ରଦାୟକ ଲଗାଇ ପୋଲିସ କେସ୍ କରିଥିବାରୁ ସମାଜକୁ ଖରାପ ମେସେଜ ଯାଉଥିବା ଅଭିଯୋଗ ଆଣି ଥାନା ଘେରାଉ କରାଯାଇଥିଲା ବୋଲି ବିକ୍ଷୋଭକାରୀମାନେ କହିଛନ୍ତି।

## ମନ୍ତ୍ରମୁଗ୍ଧ କଲା ଏକକ ଓଡ଼ିଶୀ ଅଭିନୟ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ନୃତ୍ୟ ଶିଳ୍ପୀମାନେ।

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

### ପରିପୂର୍ଣ୍ଣା ଉଦ୍‌ଯାପିତ

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ୮ମ ନୃତ୍ୟ ସମାରୋହ 'ପରିପୂର୍ଣ୍ଣା-୨୦୨୪ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପରିଚୟ ଫାଉଣ୍ଡେଶନର ଅଧ୍ୟକ୍ଷା ଡ. ରୋଜାଲିନ ପାଇଶାଣୀ, ଓଡ଼ିଶୀ ଗୁରୁ ଧନେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଶ୍ରୀ ମନୀଷାଙ୍କ ଦ୍ୱାରା 'ଶ୍ୟାମ ସମ କମନୀୟ ନାହିଁ କେ ଆଉ', ଇତିଶ୍ରୀ ପ୍ରିୟଦର୍ଶିନୀଙ୍କ 'ଏହି କଳି ଶ୍ରୀ ଛାମୁରେ', ସୁଶ୍ରୀ ଦୀପ୍ତିଙ୍କ 'ମୋହନେ ଦେଲି ଚାହିଁ', ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ 'ଚମକେ ଚପଳା' ଗୀତ ଉପରେ ପର୍ଯ୍ୟବସିତ ଏକକ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହିତ ମାଲେସିଆର ସଂଘମିତ୍ରା, ଦିଲ୍ଲୀରୁ ଆସିଥିବା ଆଫ୍ରିନ ଏବଂ ଇତିଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଏକକ ଓଡ଼ିଶୀ ଅଭିନୟ ଦ୍ୱାରା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ଅତିଥିମାନେ ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ଗୋପାଳ କୃଷ୍ଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦିକା ଓ ଉପସଭାପତି ନମ୍ରତା ଚଢା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ବିଶ୍ୱଜିତ୍ ବଳିଆରସିଂହ।



କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରୀଜୀଉଙ୍କ ସୁନାବେଶ।



ଆଠଗଡ଼ର ଅଟ୍ଟାଳି ଜଗନ୍ନାଥ।



ରାଣୀହାଟ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖରେ ଠାକୁର ସୁନାବେଶରେ ଦର୍ଶନ ଦେଉଛନ୍ତି।

# ସୁନାବେଶରେ ଶ୍ରୀଜୀଉ

କଟକ/ଚୌଦ୍ୱାର/ଖୁଣ୍ଟୁଣୀ/ ଆଠଗଡ଼, ୧୭।୭ (କାର୍ତ୍ତିକ ସାହୁ/ ଆଶୁତୋଷ ଦାସ /ସଚ୍ଚିଦାନନ୍ଦ ପଣ୍ଡା/ ସତ୍ୟ ପ୍ରସାଦ ରଥ)

କଟକ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିର ପକ୍ଷରୁ ବୁଧବାର ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ କରାଯାଇଥିଲା। ବିଶେଷକରି ଦୋଳମୁଣ୍ଡାଇସ୍ଥିତ ଶ୍ରୀ ଶ୍ରୀ ପତିତପାବନଜୀଉ, ରାଣୀହାଟର ବଳଦେବଜୀଉ, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଓ ଯୋବ୍ରା ନୂଆସାହି ଜଗନ୍ନାଥ ମନ୍ଦିର ପକ୍ଷରୁ ରଥ ଉପରେ ଠାକୁରଙ୍କ ସୁନାବେଶ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ପୋଲିସ ଅଧିକାରୀ ଓ କର୍ମଚାରୀ ରଥ ଚତୁଃପାର୍ଶ୍ୱରେ ଭିଡ଼ ନିୟନ୍ତ୍ରଣ ସହ ଆପରାଧିକ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ।

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାର୍‌ବାଟିଆ ହାଉସିଂ ବୋର୍ଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରଠାରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ କାଉନସିଲର ବିଜୟ କୁମାର ମଲ୍ଲିକ, ମୀନକେତନ ପଣ୍ଡା, ପୂଜକ ନରହରି ପଣ୍ଡା, ରଞ୍ଜନ କୁମାର ବାରିକ, ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଚୌଦ୍ୱାର ମଙ୍ଗଳା ସାହି ଜଗନ୍ନାଥ ମନ୍ଦିର, ଓଟିଏମ୍ କଲୋନି, କପାଳେଶ୍ୱର, ବିଲ୍ଟୁ ବଜାର ଜଗନ୍ନାଥ ମନ୍ଦିରଠାରେ ଶ୍ରୀଜୀଉଙ୍କ ସୁନାବେଶ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରୀଜୀଉଙ୍କ ସୁନାବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

ସେହିପରି ଖୁଣ୍ଟୁଣୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେଖିବା ପାଇଁ ଖୁଣ୍ଟୁଣୀ, ଡାଳଭାଗ, ଭୋଗରା, କଣ୍ଡରେଇ, ରାଧାକିଶୋରପୁର ପଞ୍ଚାୟତରୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ରଥ ନିକଟରେ ଭିଡ଼ ଜମାଇଥିଲେ। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମବାସୀଙ୍କ ସମେତ ଜଗନ୍ନାଥ ଯୁବ ପରିଷଦର କର୍ମକର୍ତ୍ତାମାନେ ରଥ ନିକଟରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ଚରୁଅନ୍ନ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ଆଠଗଡ଼ର ପାୟଲ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

ଆଠଗଡ ଗଡ଼ଜାତର ପ୍ରତୀକ ଶ୍ରୀ ଶ୍ରୀ ଅଟ୍ଟାଳି ଜଗନ୍ନାଥ ଦେବଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜଉଙ୍କୁ ୬୬୧.୦୫ର ଗ୍ରାମର ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ସେହିପରି ଜଗନ୍ନାଥ ବଲ୍ଲଭ ମଠରେ ବିଜେ ୩ ଠାକୁରଙ୍କୁ ୫୩୧.୫୨୫ମିଲିଗ୍ରାମ ସୁନାରେ ଅଳଙ୍କୃତ କରାଯାଇଥିଲା। ଅପରାହ୍ନରେ ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ତତ୍ତ୍ୱାବଧାନରେ ଓ ତହସିଲଦାର କ୍ଷେତ୍ର ମୋହନ ସ୍ୱାଇଁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ପ୍ରସନ୍ନମଣି ଦେବଙ୍କ ବାହୁଡ଼ାଯାତ୍ରା, ସୁନାବେଶ



ତିଗିରିଆ/ସାଲେପୁର ୧୭।୭ (ଜାଫର ଖାଁ/ ଅରବିନ୍ଦ ଭୂୟାଁ)

**ଅଧରପଣା ନୀତି ସମ୍ପନ୍ନ**

ପୁରୀ ଶ୍ରୀ ମନ୍ଦିରର ବାହୁଡ଼ା ଯାତ୍ରା ପରଦିନ ପରମ୍ପରା ଅନୁଯାୟୀ ତିଗିରିଆ ବ୍ଲକ ନିଜିଗଡସ୍ଥିତ ପ୍ରସନ୍ନମଣି ଦେବଙ୍କ ବାହୁଡ଼ାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ସୁନାବେଶ ଓ ଅଧରପଣା ନୀତି ସମ୍ପନ୍ନ ହୋଇଛି। ତିଗିରିଆ ଥାନା ଛକସ୍ଥିତ ମାଉସୀ ମା'ମନ୍ଦିରରୁ ଅପରାହ୍ନରେ ୩ ରଥ ଶ୍ରୀମନ୍ଦିର ମୁହାଁ ହୋଇ ବଳଗଣ୍ଡିସ୍ଥିତ ବଡ଼କୁଅ ନିକଟସ୍ଥ ବଡଦାଣ୍ଡରେ ପହଞ୍ଚିଥିଲା। ଏହାପରେ ୩ ଠାକୁର ବିଭିନ୍ନ ସୁନା ଅଳଙ୍କାରରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶୁକ୍ରବାର ଶ୍ରୀଜୀଉଙ୍କ ନୀଳାଦ୍ରୀବିଜେ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସେହିପରି ସାଲେପୁର ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିର ପରିସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଉପରେ ସୁନାବେଶ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ବିଶେଷ କରି ସାହେଶ୍ୱରୀ ପୀଠରେ ଥିବା ଜଗନ୍ନାଥ ମନ୍ଦିର ଓ ରୋଧପୁର ଗ୍ରାମରେ ଶ୍ରୀଜୀଉଙ୍କ ସୁନାବେଶରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

**ସଂକ୍ଷେପରେ**

## ନାବାଳିକା ବଳାତ୍କାର, ଥାନାରେ ମାମଲା

କଟକ ସଦର,୧୭।୭(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ନାବାଳିକାଙ୍କ ମା' ମଙ୍ଗଳବାର ଥାନାରେ ଲିଖିତ ଏତଲା ଦେବା ପରେ ଦଫା ୩୭୬ ଅନୁଯାୟୀ ପୋଲିସ ଏକ ମାମଲା(ନଂ.୨୧୧/୨୪) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣଙ୍କ ବନ୍ଧୁଘରେ ରହି ଦଶମ ଶ୍ରେଣୀରେ ପଢୁଛନ୍ତି। ଶନିବାର ସେ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ବୁଧବାର କଟକ ବଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯିବା ପରେ ନାବାଳିକା ଜଣଙ୍କ ଅନ୍ତଃସତ୍ତ୍ୱା ଥିବା ଜଣାପଡିଛି। ଗୁରୁବାର ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ନାବାଳିକାଙ୍କୁ ହାଜର କରାଯାଇ ବୟାନ ରେକର୍ଡ କରାଯିବ। ଅଭିଯୁକ୍ତ ଜଣଙ୍କ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ

କଟକ,୧୭।୭ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ ଦୁଇମାସିଆ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଗଡ଼ଖାଇ ମଧ୍ୟସ୍ଥ ସତ୍ୟବ୍ରତ ଷ୍ଟାଡିୟମ ପରିସର ଓ ରାସ୍ତା ସଫେଇ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ, କମିଶନର ବିଜୟ ଦାସ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର ବସନ୍ତ ବେହେରା, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ସମସ୍ତ ସାନିଟାରୀ ଇନ୍ସପେକ୍ଟର, ସିଏମ୍‌ସିର କର୍ମଚାରୀ ଦେବେନ୍ଦ୍ର ପାଣିଗ୍ରାହୀ, ସୟଦ ଶେଖାୱତ୍ ଅଲି, ଜନସାଧାରଣ, ସ୍ଥାନୀୟ ଅଞ୍ଚଳର ମୁରବୀମାନେ ଯୋଗଦେଇ ସଫେଇ କରିଥିଲେ। ଡ୍ରେନ୍ ସଫା, ରାସ୍ତା ମରାମତି, ବାହାରେ ଅଳିଆ ନ ପକାଇ ସିଏମ୍‌ସି ଦ୍ୱାରା ନିୟୋଜିତ ଅଳିଆ ଗାଡ଼ିରେ ଦେବା ଉପରେ ମେୟର ଗୁରୁତ୍ୱାରୋପ କରିଛନ୍ତି।

## 'ଆତ୍ମନିର୍ଭରଶୀଳ ହୁଅନ୍ତୁ ଯୁବବର୍ଗ'



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କଟକ,୧୭।୭ (କାର୍ତ୍ତିକ ସାହୁ)

**ଜନ ଶିକ୍ଷଣ ସଂସ୍ଥାନରେ ବିଶ୍ୱ ଯୁବ ଦକ୍ଷତା ଦିବସ**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ଜନ ଶିକ୍ଷଣ ସଂସ୍ଥାନର ସିଡିଏସ୍ଥିତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍‌ଡିଏସ୍‌ଡିଇର ଯୁଗ୍ମ ନିର୍ଦ୍ଦେଶକ ବି. ରବି, ମୁଖ୍ୟବକ୍ତା ଭାବେ ଡିଏସ୍‌ଡିଇର ଉପନିର୍ଦ୍ଦେଶକ ସଂକେତ ସିନ୍ଧେ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ଦକ୍ଷତା ବିକାଶ ଓ ଜିଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ଦାସ ଯୋଗଦେଇ ଦକ୍ଷତା ଦିବସର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଆଗେଇଆସି ଯୁବବର୍ଗ ଆତ୍ମନିର୍ଭରଶୀଳ ହୁଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଦକ୍ଷତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ୩ ଦିନରେ ୫ ଡେଙ୍ଗୁ ରୋଗୀ ଚିହ୍ନଟ

କଟକ,୧୭।୭(ଶିଲ୍ପା ପ୍ରିୟଦର୍ଶିନୀ)

କଟକରେ ଧୀରେ ଧୀରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୩ ଦିନ ମଧ୍ୟରେ ୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବି ମେଡିକାଲରେ ରକ୍ତ ନମୁନା ପରୀକ୍ଷା କରିବା ପରେ ସେମାନଙ୍କଠାରେ ଡେଙ୍ଗୁ ଲକ୍ଷଣ ଦେଖାଦେଇଥିବା ଜଣାପଡିଛି। ଏହି ୫ ଜଣଙ୍କ ମଧ୍ୟରେ କଟକ ପଟ୍ଟାପୋଲ, ଓଡ଼ିଆ ବଜାର, ଓଏମ୍‌ପି, ମାଲଗୋଦାମ ଓ ବାଙ୍କୀ ଅଞ୍ଚଳର ଜଣେ ଲେଖାଏ ରୋଗୀ ରହିଛନ୍ତି। ତେବେ କୌଣସି ଆକ୍ରାନ୍ତ ମେଡ଼ିକାଲରେ ଭର୍ତ୍ତି ହୋଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ଏନେଇ ସେ ଜିଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏନେଇ ଲୋକଙ୍କୁ ସଚେତନ କରାଯାଉଛି। ଘର ପାର୍ଶ୍ୱରେ ଆବର୍ଜନା ଜମା ନ କରିବା, ଶୋଇବା ସମୟରେ ମଶାରୀ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଡେଙ୍ଗୁରୋଗୀଙ୍କ ପାଇଁ ମେଡିକାଲରେ ବେଡ୍ ପ୍ରସ୍ତୁତ ରଖାଯାଇଛି। ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା ବେଉରା କହିଛନ୍ତି।

## ବିଦ୍ୟାଳୟର ଗରିମା ରକ୍ଷା କରିବା ପାଇଁ ଯତ୍ନବାନ୍ ହୁଅନ୍ତୁ ଛାତ୍ରୀଛାତ୍ର



ହୀରକ ଜୟନ୍ତୀ ଉତ୍ସବରେ ଅତିଥି ଓ କୃତୀ ପ୍ରତିଯୋଗୀ।

ନିଶ୍ଚିନ୍ତକୋଇଲି,୧୭।୭(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଟକ ଜିଲା ଶିକ୍ଷାଧିକାରୀ ଡ.ସନ୍ତୋଷ କୁମାର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଧାନ କହିଥିଲେ, ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ବିଦ୍ୟାଳୟର ଗରିମା ରକ୍ଷା କରିବାକୁ ଯତ୍ନବାନ ହୁଅନ୍ତୁ। ବିଶିଷ୍ଟ ଅତିଥିଭାବେ କଟକ ଜିଲାପାଳ ଅରିନ୍ଦମ ଡାକୁଆ, ମୁଖ୍ୟବକ୍ତାଭାବେ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମନୋରଞ୍ଜନ ମଲିକ, ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମଲ୍ଲିକ, ସରପଞ୍ଚ ମଧୁସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ନୃତ୍ୟ ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାରେ କୃତୀପିଲାମାନଙ୍କୁ ପୁରସ୍କୃତ କରାଯିବା ସହ ଆନ୍ତଃବିଦ୍ୟାଳୟସ୍ତରୀୟ ହୀରକ ପ୍ରତିଭା ସମ୍ମାନ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଖବରଦାତା ନିର୍ମଳ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



କଟକ,୧୭।୭(କାର୍ତ୍ତିକ ସାହୁ)

ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଚୌଧୁରୀବଜାରସ୍ଥିତ କଟକ ପ୍ରେସ୍ କ୍ଲବ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖବରଦାତା ମୁରଲୀଧର ସାମଲ, ଆଲୋକ ନାୟକ, ତପନ ସାହୁ, ପ୍ରତାପ ଚନ୍ଦ୍ର ସେନାପତି, ଦେବାଶିଷ ଜେନା, ଅବିନାଶ ଗୁରୁ, ରାଜେନ୍ଦ୍ର ଛୋଟରାୟ, ପ୍ରକାଶକ ଅଜିତ ମହାପାତ୍ର ଓ ମନୋରଞ୍ଜନ ମହାପାତ୍ର, ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ ନିର୍ମଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଣ୍ଡାଙ୍କ ସାମ୍ବାଦିକତା ବୃତ୍ତି ଓ ଜୀବନାଦର୍ଶ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଶାଶୁଙ୍କୁ ଘୋଷାରି ମାଡ଼ ମାରିଲେ ବୋହୂ

କଟକ,୧୭।୭ (କାର୍ତ୍ତିକ ସାହୁ)

ହଜିଗଲା ମାନବିକତା। ୭୦ ବର୍ଷୀୟା ଶାଶୁଙ୍କୁ ନିର୍ଯାତନା ସହ ମାଡ଼ ମାରିବାକୁ ପଛାଇଲେ ନାହିଁ ବୋହୂ। ବୃଦ୍ଧାବସ୍ଥାରେ ସାହା ହେବା ବଦଳରେ ପାଳିତ ପୁତୁରାଙ୍କ ସ୍ତ୍ରୀ ସାଜିଲେ ବଇରି। ଏପରି ଏକ ସ୍ପର୍ଶକାତର ଘଟଣା ଘଟିଛି ମଙ୍ଗଳାବାଗ ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳରେ। ତେବେ ବୃଦ୍ଧା ମୀନା ବେହେରା(୭୦)ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅପରପକ୍ଷରେ ଅଭିଯୁକ୍ତ ବୋହୂ ପୋଲିସ ଭୟରେ କେଉଁଆଡ଼େ ଫେରାର ହୋଇଯାଇଥିବା ମଙ୍ଗଳାବାଗ ପୋଲିସ ସୂତ୍ରରୁ ପ୍ରକାଶ।

ସୂଚନା ଅନୁସାରେ, ନୂଆପାଟଣା ଅଞ୍ଚଳର ବୈଦ୍ୟନାଥ ମନ୍ଦିର ନିକଟରେ ମୀନାଙ୍କ ଘର। ଦୀର୍ଘବର୍ଷ ହେବ ମୀନାଙ୍କ ସ୍ୱାମୀ ବାବାଜୀ ବେହେରାଙ୍କ ମୃତ୍ୟୁ ହୋଇସାରିଛି। ନିଜର କେହି ଜନ୍ମିତ ପିଲା ନ ଥିବାରୁ ମୀନା ସମ୍ପର୍କୀୟ ପୁତୁରାଙ୍କୁ ଆଣି ପୁଅ ଭାବେ ପାଳିଥିଲେ। ସେ ପୁତୁରାଙ୍କ ବିବାହ ଅଲିଶା ବଜାର ଅଞ୍ଚଳର ସୁଧା ବେହେରାଙ୍କ ସହ କରାଇଥିଲେ। ବିବାହ ପରେ ସେମାନଙ୍କର ଗୋଟିଏ ପୁଅ ହୋଇଥିଲା। ମାତ୍ର ବିଧିର ବିଧାନ ବିଚିତ୍ର। କିଛିବର୍ଷ ତଳେ ଏକ ଦୁର୍ଘଟଣାରେ ପୁତୁରାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ବୋହୂଙ୍କ ବ୍ୟବହାର ବଦଳିଗଲା। ସେ ବୃଦ୍ଧାଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ। ଠିକ୍ ଭାବେ ଖାଇବାକୁ ନ ଦେଇ ଘରେ ବିଭିନ୍ନ କାମ କରାଇଲେ। ବେଳେବେଳେ ବୃଦ୍ଧାଙ୍କୁ ଓପାସ ରହିବାକୁ ବି ପଡୁଥିଲା। ଏପରି କି ବେଳେବେଳେ ରାତିରେ ବୃଦ୍ଧାଙ୍କୁ ଘରେ ପୂରାଇ ବି ଦେଉ ନ ଥିଲେ। ଫଳରେ ମୀନା ପଡ଼ୋଶୀଙ୍କ ସହାୟତାରେ ଯେନତେନ ପ୍ରକାରେ ଚଳି ଯାଉଥିଲେ। ଦିନକୁ ଦିନ ମାନସିକ ଓ ଶାରୀରିକ ନିର୍ଯାତନା ବଢ଼ିବାରେ ଲାଗିଲା। ଗତ ୧୧ ତାରିଖ ମଧ୍ୟାହ୍ନରେ କୌଣସି କାରଣରୁ ବୋହୂ ସୁଧା ବିରକ୍ତ ହୋଇ ମୀନାଙ୍କୁ ଗାଳିଗୁଲଜ କରିବା ସହ ଘୋଷାରି ଆଣି ତଳେ ପକାଇ ମାଡ଼ ମାରିଥିଲେ। ଏହାଦ୍ୱାରା ବୃଦ୍ଧାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଏଭଳି ଘଟଣାର ଦୃଶ୍ୟକୁ କେହି ଜଣେ ମୋବାଇଲରେ ରେକର୍ଡିଂ କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଭାଇରାଲ ହୋଇଥିଲା। ମୀନା ମଙ୍ଗଳାବାଗ ଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ପ୍ରଥମେ ତାଙ୍କୁ ଏସ୍‌ସିବି ମେଡିକାଲ ନେଇ ଚିକିତ୍ସା କରାଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୫(୨), ୨୯୬, ୩୫୧(୩) ଅନୁଯାୟୀ ମାମଲା (ନଂ. ୧୭୬/୨୪) ରୁଜୁ କରିଛି। ପୋଲିସ ଦୁଇ ଥର ନୂଆପାଟଣା ଏବଂ ସୁଧାଙ୍କ ବାପଘରେ ଚଢ଼ାଉ କରିଛି। ମାତ୍ର ଘଟଣା ପରଠୁ ବୋହୂଙ୍କର ପତ୍ତା ମିଳିନାହିଁ।


ସୁନାବେଶ

ଖୋର୍ଦ୍ଧା ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)।


କୃଷ୍ଣପ୍ରସାଦ ପାରିକୁଦଗଡ଼ର ଶ୍ରୀଜଗନ୍ନାଥ।


ବାଣପୁରର ଶ୍ରୀରଙ୍କନାଥ ଦେବ।


ଜଟଣୀ କୁଦିଆରୀ ଗ୍ରାମସ୍ଥିତ ଦଧିବାମନ ଦେବ।

# ସୁନାବେଶରେ ଦର୍ଶନଦେଲେ ତିନିଠାକୁର

ଖୋର୍ଦ୍ଧା,୧୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜାଗୁଲିପାଟଣା ସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ) ଦେବ ଆଷାଢ଼ ଶୁକ୍ଳ ହରିଶୟନ ଏକାଦଶୀ ତିଥିରେ ରଥରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜୀଉମାନଙ୍କୁ ରୁପାରେ ସୁନାଛାଉଣି ସୁନା ମୁକୁଟ, କିରୀଟ, କୁଣ୍ଡଳ, ହାର, ବାଜୁ ଆଦି ଲାଗି କରାଯାଇଥିଲା। ଶ୍ରୀଜୀଉମାନଙ୍କ ସୁନାବେଶ ଦର୍ଶନ ଲାଗି ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଜମିଥିଲା। ରଥାରୂଢ଼ ଠାକୁରମାନଙ୍କ ସୁନାବେଶ ଦର୍ଶନରେ ଭକ୍ତ ବିଭୋର ହୋଇପଡ଼ିଥିଲେ। ଘଣ୍ଟ, କାହାଳି, ମୃଦଙ୍ଗ ବାଦ୍ୟଯନ୍ତ୍ର ସହ ଜୟ ଜୟକାର ଧ୍ୱନିରେ କମ୍ପିଥିଲା ଜାଗୁଲିପାଟଣା ପରିବେଶ। ବୁଧବାର ଭୋର ୫ଟାରେ ରଥାରୂଢ଼ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ହୋଇଥିଲା। ମଇଲମ, ତଡ଼ପ ଲାଗି, ଅବକାଶ, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ପରେ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କ ସୁନାବେଶ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବେଶରେ ସୁନା ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟା ୬ଟାରେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ହୋଇଥିଲା। ଏହି ସମୟରେ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ଧାଡିରେ ଆସି ମହିଳା, ପୁରୁଷ ଭକ୍ତମାନେ ରଥାରୂଢ ଠାକୁରଙ୍କ ଦର୍ଶନ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ(ସଦର) ଦିଲୀପ ଦାସ କହିଛନ୍ତି, ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିଲା।

ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ସ୍ଥିତ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ସୁନାବେଶରେ ଦର୍ଶନ ଦେଇଛନ୍ତି। ବୁଧବାର ଭୋର ୫ଟାରେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତି ହୋଇ ଗୋପାଳ ବଲ୍ଲଭ ଅର୍ପଣ ପରେ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ ସୁନାବେଶ ଆରମ୍ଭ ହୋଇ ୪ଟା ସୁଦ୍ଧା ଠାକୁରମାନଙ୍କୁ ସୁନା ଛାଉଣିଦିଆ ମୁକୁଟ, କିରୀଟ, କୁଣ୍ଡଳ, ହାର ଲାଗି ହୋଇଥିଲା। ସୁନାବେଶରେ ଝଟକିଥିଲେ ଶ୍ରୀଜୀଉ। ଅପରାହ୍ନ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଦର୍ଶନ ଲାଗି ରହିଥିଲା। ଭକ୍ତମାନେ ରଥାରୂଢ ଠାକୁରମାନଙ୍କ ସୁନାବେଶ ଦର୍ଶନ କରି ଆତ୍ମବିଭୋର ହୋଇଉଠିଥିଲେ। ଭକ୍ତଙ୍କ ଲାଗି ସାଂସ୍କୃତିକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।

ଖୋର୍ଦ୍ଧା ଦଧିମାଛଗାଡିଆ ମହାପ୍ରଭୁଙ୍କ ଦାରୁକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରଭୁ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଦେବଦୁର୍ଲ୍ଲଭ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଘଣ୍ଟ କାହାଳୀ, ମୃଦଙ୍ଗ ବାଦ୍ୟଯନ୍ତ୍ର ସହ ଜୟ ଜୟକାର ମନ୍ତ୍ରଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କ ଲାଗି ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।


ବାଣପୁର ବଡ଼ହନ୍ତୁଆଡ଼ ଶ୍ରୀଶ୍ରୀଚରଣ ଟକାଦେବ।




## ତୃତୀୟାଦେବଙ୍କ ସୁନାବେଶ

ବୋଲଗଡ଼,୧୭।୭
(ଦେବବ୍ରତ ହୋତା)

ବୋଲଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖ ରଥ ଉପରେ ତୃତୀୟାଦେବ ସୁନାବେଶରେ ବୁଧବାର ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସକାଳେ ମହାପ୍ରଭୁଙ୍କ ମଙ୍ଗଳଆଳତି, ମଇଲମ, ସକାଳ ଧୂପ, ମଧ୍ୟାହ୍ନ ଧୂପ ଆଦି ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ସୁନାବେଶ ଆରମ୍ଭ ହୋଇଥିଲା। ଭକ୍ତମାନେ ରାଜରାଜେଶ୍ୱର ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ବେଳେ ଏହି ଦିବ୍ୟଦର୍ଶନ ରାତି ୧୧ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ଅବସରରେ ସଙ୍ଗୀତଜ୍ଞ ଅବିନାଶ ସୁବୁଦ୍ଧିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଜଟଣୀ ବାଛରାପାଟଣାସ୍ଥିତ ଶ୍ରୀଜୀଉ।

# ସ୍ଥାନୀୟ ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କୁ ଅଣଦେଖା

ବେଗୁନିଆ,୧୭।୭(ହରପ୍ରସନ୍ନ ପଣ୍ଡା)

**ସମୀକ୍ଷା ବୈଠକ ନାଁରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**
- ବିକାଶମୂଳକ କାର୍ଯ୍ୟର ହିସାବ ମାଗିଲେ ଜଗଦ୍ଦେବ
- ବିଡିଓଙ୍କୁ କୈଫିୟତ ମଗାଯିବ: ବେଗୁନିଆ ବିଧାୟକ

ବେଗୁନିଆ ବ୍ଲକ ସଭାଗୃହ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପରିଷଦ ସଭ୍ୟ ଅନାଦି ସାହୁ, ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳି, ବିଡିଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ସେହିପରି ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ବେଗୁନିଆରେ ଗତ ୫ବର୍ଷରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ହିସାବ ବିଧାୟକ ଜଗଦ୍ଦେବ ମାଗିଥିଲେ। ଏପରିକି ସମସ୍ତ ପ୍ରକଳ୍ପର ହିସାବ ଦିଅ ବୋଲି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ତେବେ ଉକ୍ତ ବୈଠକକୁ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଏବଂ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କୁ ଡକା ନ ଯାଇ ଅଣଦେଖା କରାଯାଇଛି। ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଏମ୍‌ପିଙ୍କ ସମୀକ୍ଷା ବୈଠକ ନାଁରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ କହିଛନ୍ତି, ସମୀକ୍ଷା ବୈଠକ ସମ୍ପର୍କରେ କେହି ଜଣାଇନାହାନ୍ତି। ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଖୋର୍ଦ୍ଧା ବିଧାୟକ ଜଗଦ୍ଦେବ ସମୀକ୍ଷା ବୈଠକ କରିବା ନିନ୍ଦନୀୟ। ଏନେଇ ବିଡିଓଙ୍କୁ କୈଫିୟତ ମଗାଯିବ। ଏଥିସହ ଜଗଦ୍ଦେବ ବେଗୁନିଆର ମୋହ ଛାଡ଼ନ୍ତୁ ବୋଲି କହିଛନ୍ତି। ସେହିପରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି କହିଛନ୍ତି, ସମ୍ବିଧାନର ମୌଳିକ ରୂପରେଖକୁ ବିଡିଓ ଭୁଲି ଯାଇଛନ୍ତି। ଅଧ୍ୟକ୍ଷଙ୍କୁ ସୂଚନା ନ ଦେଇ ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିବା ମର୍ମାହତ କରିଛି। ତେବେ ଏନେଇ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ସମୀକ୍ଷା ବୈଠକ ହେବ ବୋଲି ଏମ୍‌ପିଙ୍କ ପକ୍ଷରୁ ଚିଠି କରାଯାଇଥିଲା। ଆୟୋଜିତ ବୈଠକକୁ ଏମ୍‌ପି ଷଡ଼ଙ୍ଗୀ ଯୋଗଦେବାକୁ ଆସିଥିବା ବେଳେ ଖୋର୍ଦ୍ଧା ବିଧାୟକ ଜଗଦ୍ଦେବ ତାଙ୍କ ସହିତ ଆସିଥିଲେ। ତେବେ ଅନ୍ୟପ୍ରସଙ୍ଗରେ ବିଡିଓ ଉତ୍ତର ଦେବାକୁ ମନାକରିଦେଇଥିଲେ।



କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

# ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ହୋହଲ୍ଲା

ବୋଲଗଡ଼,୧୭।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ତୁମୁଳକାଣ୍ଡ ଘଟିଛି। ଭାରତୀୟ ଜନତା ପାର୍ଟିର କର୍ମୀମାନେ ହୋହଲ୍ଲା କରିବା ସହ ବିଡିଓଙ୍କୁ ଘେରାଉ କରିଥିଲେ। ସୂଚନା ମୁତାବକ, ନିର୍ବାଚନ ପରେ ବୋଲଗଡ଼ ବ୍ଲକରେ ବିଭିନ୍ନ ବର୍ଗର ୨୪୩ଜଣଙ୍କୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚରେ ସ୍ଥାନୀୟ ୨୫ନଂ. ଜିଲାପରିଷଦ ଜୋନର ନିର୍ବାଚିତ ସଭ୍ୟା ସୁନନ୍ଦିତା ସାହୁଙ୍କ ବଦଳରେ ତାଙ୍କ ସ୍ୱାମୀ ଶୁଭେନ୍ଦୁ ସାହୁ ମଞ୍ଚାସୀନ ଥିଲେ।


ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପା ନେତା ଓ କର୍ମୀଙ୍କ ପ୍ରତିବାଦ।

**ବିଡିଓଙ୍କୁ ଘେରିଲେ ଭାଜପା କର୍ମୀ**

ସେହିପରି ନୂତନ ଭାବେ ପ୍ରଦତ୍ତ ଭତ୍ତା କାର୍ଡରେ ୫-ଟିର ଲୋଗୋ ଲାଗିଥିଲା। ଭାଜପା ରାଜ୍ୟପରିଷଦ ସଭ୍ୟ ତଥା ଅଧିବକ୍ତା ଲୋତକବିନ୍ଦୁ ପଟ୍ଟନାୟକଙ୍କ ନେତୃତ୍ୱରେ ଭାଜପା କର୍ମୀ ଅଜିତ୍ ପଟ୍ଟନାୟକ, ସୁମନ୍ତ ପ୍ରଧାନ, ସଞ୍ଜୟ ବେହେରା, ବିନୋଦ ମହାରଣା, ଅଭି ପଟ୍ଟନାୟକ, କର୍ପୂର ସାହୁ, ସରବୁଦ୍ଦିନ ଖାଁ, ଅଫଜଲ୍ଲା ଅଲ୍ଲୀ ଖାଁ, ଜଗବନ୍ଧୁ ମୁଦୁଲି, ଅଶୋକ ଜେନା ପ୍ରମୁଖ ବ୍ଲକ କାର୍ଯ୍ୟାଳୟ ଭିତରେ ପଶି ଶୁଭେନ୍ଦୁ ସାହୁ ମଞ୍ଚ ଉପରେ ବସିବାକୁ ବିରୋଧ କରି ହୋହଲ୍ଲା କରିଥିଲେ। ଏଥିସହ ଭତ୍ତା ବହିରେ ୫-ଟିର ଲୋଗୋ କାହିଁକି ଲାଗିଛି ବୋଲି ପ୍ରତିବାଦ କରି ବିଡିଓଙ୍କୁ ଘେରାଉ କରିଥିଲେ। ପରେ ଭାଜପା କର୍ମୀମାନଙ୍କୁ ବିଡିଓ ଶରତ କୁମାର ମଲ୍ଲିକ ବୁଝାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

## ଓ୍ୱୟୁଡବ୍ଲ୍ୟୁଜେ ସାଙ୍ଗଠନିକ ବୈଠକ, ନୂତନ କର୍ମକର୍ତ୍ତା ଚୟନ

ଖୋର୍ଦ୍ଧା,୧୭।୭(ପ୍ରଭାତ ପାଣିଗ୍ରାହୀ)

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ(ଓ୍ୱୟୁଡବ୍ଲ୍ୟୁଜେ) ଖୋର୍ଦ୍ଧା ଜିଲା ଶାଖାର ସାଙ୍ଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବରିଷ୍ଠ ସଭ୍ୟ ଇଶ୍ୱର ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ଶାଖା ସହ ଜଡିତ ଜିଲାର ବିଭିନ୍ନ ବ୍ଲକ, ସହରାଞ୍ଚଳରେ କାର୍ଯ୍ୟରତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରିବେଶ ସନ୍ତୁଳନ ପାଇଁ ଶାଖା ପକ୍ଷରୁ ସଚେତନତା, ଚାରାରୋପଣ କରାଯିବ। ସମ୍ପାଦକ ଦିଲୀପ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ପ୍ରକାଶ ହାତୀ ବର୍ଷ ବ୍ୟାପୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରବୀଣ ଭଞ୍ଜ ବିଗତ ବର୍ଷ ବିଭିନ୍ନ କାର୍ଯ୍ୟ ଖର୍ଚ୍ଚର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଗାମୀ ଏକ ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ ଗଠନ ହୋଇଥିଲା। ସର୍ବସମ୍ମତିକ୍ରମେ ପ୍ରକାଶ ହାତୀ ସଭାପତି, ସୟଦ ଲିୟାକତ ଅଲ୍ଲୀ ଓ ଧୀରେନ ପ୍ରତିହାରୀ ଉପସଭାପତି, ଦିଲୀପ ପଟ୍ଟନାୟକ ସମ୍ପାଦକ, ଯୁଗ୍ମ ସମ୍ପାଦକ ଭାବେ ସନ୍ତୋଷ ବାରିକ, ସନ୍ତୋଷ ଚୌଧୁରୀ ମନୋନୀତ ହୋଇଥିବା ବେଳେ ଆକାଶ ବିଶ୍ୱାଳ କୋଷାଧ୍ୟକ୍ଷ, ମହମ୍ମଦ ମୋତାହାର ୟୁସୁଫ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ବରିଷ୍ଠ ସଭ୍ୟ ଲଳିତ ମୋହନ ମହାପାତ୍ର, ରଞ୍ଜିତ ସାମନ୍ତରାୟ, ପ୍ରବୀଣ ଭଞ୍ଜ, ରଞ୍ଜିତ ପାଟଶାଣୀ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କୁ କୂଅରୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

ବେଗୁନିଆ,୧୭।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ଏକଡ଼ାଳିଆ ଗ୍ରାମର ଜଣେ ଯୁବକଙ୍କୁ କୂଅରୁ ସ୍ଥାନୀୟ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ଧାର କରି ବୋଲଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ସତ୍ୟ ରଞ୍ଜନ ସାଇଁଙ୍କ ସୂଚନା ଅନୁଯାୟୀ, ଏକଡ଼ାଳିଆ ଗ୍ରାମର ପ୍ରଫୁଲ୍ଲ ଦେହୁରି ୫୫ଫୁଟ ଗଭୀର ଏକ କୂଅରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିବୀର କମଳ ଲୋଚନ ମହାନ୍ତି (୧୯୮୦)କୂଅରେ ପଶି ଅକ୍ଷତ ଅବସ୍ଥାରେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ବୋଲଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥଥିବା ଜଣାପଡିଛି।

# ଧର୍ମଗୁରୁଙ୍କୁ ମନେପକାଇଲେ ଶିୟା ସମ୍ପ୍ରଦାୟ

ଜଟଣୀ,୧୭।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀରେ ବୁଧବାର ଶିୟା ସମ୍ପ୍ରଦାୟ ପକ୍ଷରୁ ମହରମ ପାଳିତ ହୋଇଯାଇଛି। ଶିୟା ସମ୍ପ୍ରଦାୟର ଧର୍ମଗୁରୁ ଇମାମ ହୁସେନଙ୍କ ବଳିଦାନକୁ ମନେପକାଇ ଏହି ପର୍ବ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ସକାଳେ ପ୍ରଥମେ ଫଜର ନମାଜ ଏବଂ ଜହର ନମାଜ ପାଠ କରାଯାଇଥିଲା। ମଧ୍ୟାହ୍ନରେ ଲଙ୍ଗର ତଥା ଫତିଆ ହେବା ପରେ ସମସ୍ତ ଶିୟା ମହିଳା, ପୁରୁଷ, ଯୁବତୀ ଯୁବକ ଏକାଠି ଖାଇବା ପରେ ପଞ୍ଜା ବାହାରିଥିଲା। ସ୍ଥାନୀୟ ବାଲିଛକ ମୁଣ୍ଡିଆସାହିସ୍ଥିତ ହୁସେନି ଇମାମବାଡାରୁ ଶିୟା ସମ୍ପ୍ରଦାୟର ପୁରୁଷ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସହର ପରିକ୍ରମା କରି ଶେଷରେ ରାଜାବାଜରସ୍ଥିତ ଇମାମବାଡାଠାରେ ଏହି ମାତମ ଶେଷ ହୋଇଥିଲା। ଏହି ମାତମ ଶୋଭାଯାତ୍ରାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆୟୋଜକ ହୁସୈନୀ ଇମାମବାଡା ଜଟଣୀର ସଭାପତି ସୟଦ ନୌସିର ଅଲ୍ଲୀ କହିଛନ୍ତି, ଇମାମ ହୁସେନ ଏବଂ ତାଙ୍କ ସହଯୋଗୀଙ୍କ ନୈତିକ ମୂଲ୍ୟବୋଧ, ନୀତିଶିକ୍ଷା ପାଇଁ ଯେଉଁ ବଳିଦାନ ଦେଇଛନ୍ତି ତାକୁ ରକ୍ଷା କରି ସେ ନୀତି ଆଦର୍ଶରେ ମାନବ ସମାଜକୁ ବାଟ ଦେଖାଇବା ପାଇଁ ୧୯୬୯ ମସିହାରୁ ଜଟଣୀରେ ସୟଦ ମହମ୍ମଦ ଅଲି ଏହି ମାତମ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ପାଳନ ହୋଇଆସୁଛି। ଚଳିତବର୍ଷ ମାତମ ଶୋଭାଯାତ୍ରାରେ ଦେଶର ବିଭିନ୍ନ ରାଜ୍ୟରୁ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ମହାପୁରୁଷଙ୍କ ବଳିଦାନକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶିୟା ଭାଇ ଭଉଣୀମାନେ ମହରମ ଅବସରରେ ମାତମ ଶୋଭାଯାତ୍ରା ପାରମ୍ପରିକ ପବିତ୍ର ପତାକା ସହିତ ଜାତୀୟ ପତାକାକୁ ଶୋଭାଯାତ୍ରାରେ ଧରି ସହର ପରିକ୍ରମା କରି ଭାଇଚାରା ଏବଂ ଏକତାର ପରିଚୟ ପ୍ରଦାନ କରିଥିଲେ। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶଂସା କରାଯାଇଛି।


ଶିୟା ସମ୍ପ୍ରଦାୟଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ଓ ମାତମ୍।

## ଜେଲରେ ଏଲ୍‌ଜିବିଟିକ୍ୟୁ+ ସମୁଦାୟର ଅଧିକାର ନିଶ୍ଚିତ କର: କେନ୍ଦ୍ର

**ନୂଆଦିଲ୍ଲୀ,୧୭।୭**

ଦେଶର ଜେଲଗୁଡ଼ିକରେ ବନ୍ଦୀ ଜୀବନ ବିତାଉଥିବା ଏଲ୍‌ଜିବିଟିକ୍ୟୁ+ ସମୁଦାୟର ଅଧିକାର ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ବୁଧବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ନିର୍ଦ୍ଦେଶନାମା ସମ୍ପର୍କିତ ପତ୍ର ସବୁ ରାଜ୍ୟକୁ ପଠାଯାଇଛି। ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲକୁ ଯାଉଥିବା ଏଲ୍‌ଜିବିଟିକ୍ୟୁ+ ବନ୍ଦୀମାନେ କାରାଗାର ଭିତରେ ସେମାନଙ୍କ ଲିଙ୍ଗଗତ ପ୍ରଭେଦ ଯୋଗୁ ସମାନ ଅଧିକାର ପାଉନାହାନ୍ତି। ଏପରି କି ସେମାନେ ହିଂସା ଓ ଅସମ୍ମାନର ଶିକାର ହେଉଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ଏହା ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ମଡେଲ ପ୍ରିଜନ୍ ମାନୁଆଲ-୨୦୧୬ ଅନୁସାରେ ଏହି ବର୍ଗର ବନ୍ଦୀମାନଙ୍କୁ ସେମାନଙ୍କ ପରିବାର ସଦସ୍ୟ/ ସମ୍ପର୍କୀୟ ଏବଂ ଓକିଲଙ୍କ ସହ ସାକ୍ଷାତ୍ ଅନୁମତି ଦିଆଯିବା ଉଚିତ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

## କର୍ନାଟକ ଘରୋଇ କମ୍ପାନୀ ନିଯୁକ୍ତିରେ ସଂରକ୍ଷଣ

# ବିବାଦ ପରେ ନିଷ୍ପତ୍ତି ସ୍ଥଗିତ

**ବେଙ୍ଗାଲୁରୁ,୧୭।୭(ପି.ଟି.)**

କର୍ନାଟକରେ ଘରୋଇ କମ୍ପାନୀ ଚାକିରିରେ ସ୍ଥାନୀୟ ଯୁବତୀଯୁବକମାନଙ୍କ ନିମନ୍ତେ ସଂରକ୍ଷଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଥିଲା। ତେବେ ଏହାକୁ ନେଇ ବିବାଦ ଉଠିବାରୁ ସରକାର ବୁଧବାର ନିଷ୍ପତ୍ତି ସ୍ଥଗିତ ରଖିଛନ୍ତି।

ମ୍ୟାନେଜ୍‌ମେଣ୍ଟ ଚାକିରିରେ ସ୍ଥାନୀୟ ଆଶାୟୀଙ୍କ ପାଇଁ ୫୦ ପ୍ରତିଶତ ଏବଂ ଅଣପରିଚାଳନାଗତ ନିଯୁକ୍ତିରେ ୭୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବା ପାଇଁ ରାଜ୍ୟର କଂଗ୍ରେସ ସରକାର ନିଷ୍ପତ୍ତି ନେଇଥିଲେ। ସେହିପରି ଘରୋଇ ସଂସ୍ଥାର ଗ୍ରୁପ୍ ସି ଏବଂ ଗ୍ରୁପ୍ ଡି ପଦବୀଗୁଡ଼ିକରେ ସ୍ଥାନୀୟ ପ୍ରାର୍ଥୀମାନଙ୍କ


ସିଦ୍ଧାରାମାୟା

ନିମନ୍ତେ ୧୦୦ ପ୍ରତିଶତ ସଂରକ୍ଷଣ ସୁବିଧା ଦେବା ପାଇଁ ସ୍ଥିର କରାଯାଇଥିଲା। ସୋମବାର ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଘୋଷଣା କରିଥିଲେ। ଘରୋଇ ସଂସ୍ଥା, ଶିଳ୍ପ ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକ ଏହାକୁ ଘୋର ବିରୋଧ କରିଥିଲେ। ବିବାଦ ଦେଖାଦେବା ପରେ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରୁ ଉକ୍ତ ପୋଷ୍ଟକୁ ହଟାଇଦେଇଥିଲେ।

କର୍ନାଟକର ସମସ୍ତ ଘରୋଇ ଶିଳ୍ପସଂସ୍ଥାରେ ଥିବା ଗ୍ରୁପ୍ ସି ଏବଂ ଡି ପଦବୀଗୁଡ଼ିକରେ ୧୦୦ ପ୍ରତିଶତ କାନାଡିଗାଙ୍କୁ ନିଯୁକ୍ତି ଦେବା ବାଧ୍ୟତାମୂଳକ। ରାଜ୍ୟ କ୍ୟାବିନେଟ୍ ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରିଛି। କାନାଡିଗାମାନଙ୍କ କଲ୍ୟାଣ ଦେଖିବା ଆମ ସରକାରଙ୍କର ପ୍ରାଥମିକତା ବୋଲି ସିଦ୍ଧାରାମାୟା ଏକ୍ସ'ରେ ପୋଷ୍ଟ କରିଥିଲେ। ପରେ ସେ ଏହାକୁ ଡିଲିଟ୍ କରି ଏକ ସଂଶୋଧିତ ବାର୍ତ୍ତା ପୋଷ୍ଟ କରିଥିଲେ। ରାଜ୍ୟର ଘରୋଇ ଶିଳ୍ପ ଓ ଅନ୍ୟାନ୍ୟ ସଂସ୍ଥାର ପ୍ରଶାସନିକ ପଦବୀରେ ନିଯୁକ୍ତି ଲାଗି ୫୦% ଏବଂ ଅଣପ୍ରଶାସନିକ ପଦବୀରେ ନିଯୁକ୍ତି ନିମନ୍ତେ ୭୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍‌କୁ ସୋମବାର କ୍ୟାବିନେଟ ମଞ୍ଜୁରୀ ଦେଇଥିବା ମୁଖ୍ୟମନ୍ତ୍ରୀ ଏଥିରେ ଲେଖିଥିଲେ। ଏହା ସତ୍ତ୍ୱେ ବିରୋଧ ଜାରି ରହିବାକୁ ସରକାର ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି। ପରବର୍ତ୍ତୀ କ୍ୟାବିନେଟ ବୈଠକରେ ବିସ୍ତୃତ ଆଲୋଚନା ପରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସ'ରେ ସୂଚନା ଦେଇଛନ୍ତି।

## ଋଷି ସୁନକଙ୍କ ସ୍ଥାନ ନେଇପାରନ୍ତି ପ୍ରୀତି ପଟେଲ



**ଲଣ୍ଡନ,୧୭।୭**

ବ୍ରିଟେନ୍ ପାର୍ଲାମେଣ୍ଟର ନିମ୍ନ ସଦନ ହାଉସ୍ ଅଫ୍ କମନ୍ସର ବିରୋଧୀ ଦଳ ନେତା ଋଷି ସୁନକଙ୍କ ସ୍ଥାନ ନେଇପାରନ୍ତି ପୂର୍ବତନ ଗୃହ ସଚିବ ପ୍ରୀତି ପଟେଲ। ସୁନକଙ୍କୁ କଞ୍ଜରଭେଟିଭ୍ ପାର୍ଟି ନେତା ପଦରୁ ହଟାଇବା ପାଇଁ ଭାରତୀୟ ବଂଶୋଦ୍ଭବ ପ୍ରୀତି ଯୋଜନା କରୁଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଜୁଲାଇ ୪ରେ ଅନୁଷ୍ଠିତ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲେବର ପାର୍ଟି କ୍ଷମତାସୀନ ହେବା ସହ କିର୍ ଷ୍ଟାର୍ମର ଦେଶର ନୂତନ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହି ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ଅନେକ ନେତା ହାରିଯାଇଥିଲେ ମଧ୍ୟ ୫୨ ବର୍ଷୀୟା ପ୍ରୀତି ନିଜ ୱିଥାମ୍ ଆସନ ସୁରକ୍ଷିତ ରଖିପାରିଛନ୍ତି। ସୁନକ୍ ତାଙ୍କ ଉତ୍ତରାଧିକାରୀ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ପଦରେ ରହିବେ। ଡେଭିଡ୍ କାମେରୁନ୍ କ୍ୟାବିନେଟରେ ଦକ୍ଷତା ପ୍ରତିପାଦିତ କରିଥିବା ପ୍ରୀତି ଥେରେସା ମେ' ଏବଂ ବୋରିସ ଜନ୍‌ସନ ସରକାରରେ ମଧ୍ୟ ମନ୍ତ୍ରୀ ଥିଲେ।


ବନ୍ୟାରେ ଉତ୍ତର ପ୍ରଦେଶର ଗୋରଖପୁର ଜଳମଗ୍ନ ହୋଇଯାଇଛି।

## ମହରମ ଶୋଭାଯାତ୍ରା ବେଳେ କରେଣ୍ଟ ଲାଗି ୪ ମୃତ, ୨୬ ଆହତ

**ଲକ୍ଷ୍ମୌ,୧୭।୭**

ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବୁଧବାର ମହରମ ପାଳନ ବେଳେ ବିଦ୍ୟୁତ୍ ଆଘାତରେ ୪ ମୁସଲମାନଙ୍କ ମୃତ୍ୟୁ ଘଟିଥିବାବେଳେ ୨୬ ଆହତ ହୋଇଛନ୍ତି। ଗୋଣ୍ଡା, ପ୍ରତାପଗଡ଼, ବଲିଆ, ସନ୍ଥ କବୀର ନଗର ଓ କନୌଜ ଜିଲାରେ ତାଜିଆ ଶୋଭାଯାତ୍ରା ବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଗୋଣ୍ଡାରେ ଶୋଭାଯାତ୍ରା ଚାଲିଥିବାବେଳେ ୧୨ ବର୍ଷୀୟ ଅଶ୍ରଫ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ସେହିପରି ତେଲିଆନପୁରୱା ଗ୍ରାମ ଦେଇ ଶୋଭାଯାତ୍ରା ଯାଉଥିବାବେଳେ ବିଦ୍ୟୁତ୍ ତାର ସହ ତାଜିଆ ଲାଗିଯିବାରୁ ୪ ଜଣ ଆହତ ହୋଇଥିଲେ। ପ୍ରତାପଗଡ଼ରେ ଅନୁରୂପ ଘଟଣା ଘଟି ମହମ୍ମଦ ୱାଶିଫ୍ (୨୫)ଙ୍କ ଜୀବନ ଯାଇଛି। ଭାଟପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଆହତ ହୋଇଛନ୍ତି। କନୌଜରେ ମହରମ ଶୋଭାଯାତ୍ରା ଦେଖିବା ପାଇଁ ଏକତ୍ରିତ ହୋଇଥିବା ଲୋକଙ୍କ ଉପରେ ଛାତ ଭୁଶୁଡ଼ି ପଡ଼ିବାରୁ ଜଣେ ଶିଶୁର ମୃତ୍ୟୁ ଘଟିଛି ଓ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ପୟାଗପୁରର ସଞ୍ଜାଉଲି ଗ୍ରାମରେ ଶୋଭାଯାତ୍ରା ବେଳେ ୨ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୧୪ ଆହତ ହୋଇଛନ୍ତି।

## ୟୁପି ସରକାରଙ୍କ ହାତକୁ ଗଲା ଅତିକ୍ ଅହମଦଙ୍କ ୫୦ କୋଟିର ସମ୍ପତ୍ତି

**ଲକ୍ଷ୍ମୌ,୧୭।୭**

ମୃତ ଗ୍ୟାଙ୍ଗଷ୍ଟର ଅତିକ୍ ଅହମଦଙ୍କ ପ୍ରୟାଗରାଜରେ ଥିବା ୫୦ କୋଟି ଟଙ୍କାର ସମ୍ପତ୍ତିକୁ ଉତ୍ତରପ୍ରଦେଶ ସରକାର ହାତକୁ ନେଇଛନ୍ତି। ଆପରାଧିକ କାର୍ଯ୍ୟକଳାପରୁ ହାସଲ କରିଥିବା ବେଆଇନ ଅର୍ଥରେ ଅତିକ୍ ଏହି ସମ୍ପତ୍ତି କିଣିଥିବା ଅଭିଯୋଗ ହୋଇଥିଲା। ସରକାରୀ ଓକିଲ ଗୁଲାବ



ଚନ୍ଦ୍ର ଅଗ୍ରହରି କହିଛନ୍ତି, ଅତିକ୍ ବେଆଇନ ଅର୍ଥରେ ୨.୩୭୭ ହେକ୍ଟର ଜାଗା ହୁବାଲାଲ୍ ଜାଲ୍ ନାଁରେ କିଣିଥିଲେ। ପୋଲିସ ଏହାକୁ ୨୦୨୩ ନଭେମ୍ବରରେ ବାଜ୍ୟାପ୍ତ କରିଥିଲା। ପ୍ରକାଶ ଯେ, ଶତାଧିକ ଆପରାଧିକ ମାମଲାରେ ସମ୍ପୃକ୍ତ ଅତିକ୍ ଓ ତାଙ୍କ ଭାଇ ଅଶ୍ରଫଙ୍କୁ ଗତବର୍ଷ ଏପ୍ରିଲ ୧୫ରେ ଜେଲରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲକୁ ନିଆଯାଉଥିବାବେଳେ ଆତତାୟୀଙ୍କ ଗୁଳିମାଡ଼ରେ ଉଭୟ ପ୍ରାଣ ହରାଇଥିଲେ।

## କମଲା ହାରିସ୍ ରାଷ୍ଟ୍ରପତି ହୋଇପାରିବେ: ବାଇଡେନ୍

**ୱାଶିଂଟନ,୧୭।୭**

ଆମେରିକାର ଉପରାଷ୍ଟ୍ରପତି କମଲା ହାରିସ୍ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହୋଇପାରିବେ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ବାଇଡେନ୍‌ଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ ଡେମୋକ୍ରାଟିକ୍ ପ୍ରାର୍ଥୀ ପଦରୁ ଓହରିବା ନେଇ ଚାପ ବଢ଼ିବାରେ ଲାଗିଥିବାବେଳେ ତାଙ୍କର ଏହି ମନ୍ତବ୍ୟ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଭାରତୀୟ ବଂଶୋଦ୍ଭବ ହାରିସ୍ ବାଇଡେନ୍‌ଙ୍କ ସ୍ଥାନ ନେଇ ନଭେମ୍ବର ୫ରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ଜିତିଲେ, ଆମେରିକା ଇତିହାସରେ ସେ ପ୍ରଥମ ଅଣଶ୍ୱେତାଙ୍ଗ ମହିଳା ରାଷ୍ଟ୍ରମୁଖ୍ୟ ହେବେ।

ନ୍ୟାଶନାଲ ଆସୋସିଏଶନ ଫର୍ ଦି ଆଡଭାନ୍ସମେଣ୍ଟ ଅଫ୍ କଲର୍ଡ ପିପୁଲ୍ (ଏନ୍‌ଏଏସିପି)ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧିତ କରି ୮୧ ବର୍ଷୀୟ ବାଇଡେନ୍ କହିଛନ୍ତି, ରାଷ୍ଟ୍ରପତି ହେବା ପାଇଁ ହାରିସ୍‌ଙ୍କ ସାମର୍ଥ୍ୟ ରହିଛି। ତେବେ ଶାସକ ଦଳ ପକ୍ଷରୁ ହ୍ୱାଇଟ୍ ହାଉସ୍ ଦୌଡ଼ରୁ ବାଇଡେନ୍ ଓହରୁ ନ ଥିବା ବିଷୟ ପୁଣିଥରେ ସ୍ପଷ୍ଟ କରିଛନ୍ତି। ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ କମଲା ହାରିସ୍ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ କିଏ ବିଜୟୀ ହେବେ ସେ ନେଇ ସିଏନ୍‌ଏନ୍ ପକ୍ଷରୁ ସର୍ଭେ କରାଯାଇଥିଲା। ଏଥିରେ ଟ୍ରମ୍ପଙ୍କ ସପକ୍ଷରେ ୪୭ ପ୍ରତିଶତ ଏବଂ ହାରିସ୍‌ଙ୍କ ସପକ୍ଷରେ ୪୫ ପ୍ରତିଶତ ରହିଥିବା ଜଣାପଡ଼ିଥିଲା।


ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଉପରାଷ୍ଟ୍ରପତି କମଲା ହାରିସ୍।

## ସବ୍‌କା ସାଥ୍, ସବ୍‌କା ବିକାଶ ଦରକାର ନାହିଁ: ଶୁଭେନ୍ଦୁ



**କୋଲକାତା,୧୭।୭**

ପଶ୍ଚିମବଙ୍ଗ ଲୋକ ସଭା ନିର୍ବାଚନରେ ଭାଜପାର ଦୁର୍ବଳ ପ୍ରଦର୍ଶନ ପାଇଁ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସଂଖ୍ୟାଲଘୁଙ୍କୁ ଦାୟୀ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ କମିଟିର ପରିବର୍ଦ୍ଧିତ ଅଧିବେଶନକୁ ସମ୍ବୋଧିତ କରି ଦଳର ବରିଷ୍ଠ ନେତା ଶୁଭେନ୍ଦୁ କହିଛନ୍ତି, ଭାଜପାର ସଂଖ୍ୟାଲଘୁ ମୋର୍ଚ୍ଚାକୁ କରାଯିବା ଜରୁରୀ। ସେହିପରି ଭାଜପା 'ସବ୍‌କା ସାଥ୍ ସବ୍‌କା ବିକାଶ' ସ୍ଲୋଗାନକୁ ମଧ୍ୟ ତ୍ୟାଗକରି 'ହମ୍ ଉନ୍‌କେ ସାଥ୍ ଜୋ ହମାରେ ସାଥ୍' ସ୍ଲୋଗାନକୁ ଆପଣାଇବା ଉଚିତ ବୋଲି ସେ ଆହ୍ୱାନ ଦେଇଛନ୍ତି। ଶୁଭେନ୍ଦୁଙ୍କ ଏହି ମନ୍ତବ୍ୟକୁ ନେଇ ପଶ୍ଚିମବଙ୍ଗରେ ବିବାଦ ସୃଷ୍ଟି ହୋଇଛି। ରାଜ୍ୟର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ମୁସଲମାନ ସମ୍ପ୍ରଦାୟର। ପ୍ରକାଶ ଯେ, ୨୦୧୪ ଲୋକ ସଭା ନିର୍ବାଚନ ବେଳେ ଭାଜପା ସବ୍ କା ସାଥ୍ ସବ୍‌କା ବିକାଶ ନାରା ଦେଇ କ୍ଷମତାସୀନ ହୋଇଥିଲା। ୨୦୧୯ ନିର୍ବାଚନରେ ବେଳେ ଏହାର ସ୍ଲୋଗାନ ଥିଲା ସବ୍‌କା ସାଥ୍ ସବ୍‌କା ବିକାଶ ସବ୍‌କା ବିଶ୍ୱାସ।

**ଫୁର୍‌ସତ୍**

# ବିନା ଦୁଗ୍ଧରେ ଲହୁଣି

**ଆମେରିକୀୟ ଷ୍ଟାର୍ଟଅପ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ**

**ୱାଶିଂଟନ୍**

ଆମେରିକାର କାଲିଫର୍ନିଆସ୍ଥିତ ସାବୋର ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ କ୍ଷୀର କିମ୍ବା ଅନ୍ୟ କୌଣସି ଦୁଗ୍ଧ ଜାତୀୟ ଉତ୍ପାଦ ବ୍ୟବହାର ନ କରି ଲହୁଣି ପ୍ରସ୍ତୁତ କରିପାରୁଥିବା ନେଇ ଦାବି କରିଛି। ବାୟୁରୁ ଅଙ୍ଗାରକାମ୍ଳ, ଉଦ୍‌ଜାନ ଏବଂ ଅମ୍ଳଜାନର ମିଶ୍ରଣକୁ ବ୍ୟବହାର କରି ଏହି ଲହୁଣି ପ୍ରସ୍ତୁତ କରାଯାଉଛି ବୋଲି ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କ ସମର୍ଥିତ ଏହି ଷ୍ଟାର୍ଟଅପ୍ କମ୍ପାନୀ କହିଛି। ଉକ୍ତ ପ୍ରକ୍ରିୟାରେ ପ୍ରଥମେ ବାୟୁରୁ ଅଙ୍ଗାରକାମ୍ଳ ଗ୍ୟାସ ଓ ଜଳରୁ ଉଦ୍‌ଜାନ ଗ୍ୟାସ୍ ନିଆଯାଇ ଗରମ କରାଯାଇଥାଏ। ଏହା ପରେ



ଫ୍ୟାଟି ଏସିଡ୍‌କୁ ଅଲଗା କରିବା ପାଇଁ ଉକ୍ତ ମିଶ୍ରଣକୁ ଅକ୍ସିଡାଇଜ୍ କରାଯାଏ। ଫଳରେ କ୍ଷୀର ଏହଂ ବିଭିନ୍ନ ଦୁଗ୍ଧ ଜାତୀୟ ପଦାର୍ଥ ଭଳି ଚର୍ବି ଉତ୍ପନ୍ନ ହୋଇଥାଏ, ଯାହା ଲହୁଣିକୁ ସ୍ୱାଦିଷ୍ଟ କରିଥାଏ ବୋଲି ସାବୋର ପକ୍ଷରୁ ଦାବି କରାଯାଇଛି। ସାବୋରର ମୁଖ୍ୟ କାର୍ଯ୍ୟ ନିର୍ବାହୀ କ୍ୟାଥ୍‌ଲିନ ଆଲେକ୍ସଜାଣ୍ଡର କହିଛନ୍ତି, ବଜାରରେ ବର୍ତ୍ତମାନ ସୁଦ୍ଧା ଏଭଳି ଲହୁଣି ବିକ୍ରି ହୋଇନାହିଁ। ଏହି ଦୁଗ୍ଧମୁକ୍ତ ଲହୁଣି ବିକ୍ରି ପାଇଁ ସରକାରଙ୍କଠାରୁ ଅନୁମୋଦନ ଆବଶ୍ୟକ, ତେଣୁ କମ୍ପାନୀ ପକ୍ଷରୁ ଏଦିଗରେ କାର୍ଯ୍ୟ କରାଯାଉଛି।

ସେପଟେ ଏହି ପଦକ୍ଷେପକୁ ସମର୍ଥନ କରି ବିଲ୍ ଗେଟ୍‌ସ କହିଛନ୍ତି, ବିନା ଦୁଗ୍ଧ ଜାତୀୟ ପଦାର୍ଥରେ ଲହୁଣୀ ଉତ୍ପାଦିତ ହେବା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଆଇସ୍‌କ୍ରିମ, ପନୀର, କ୍ଷୀର ଆଦି ବିଭିନ୍ନ ଦୁଗ୍ଧ ଜାତୀୟ ଖାଦ୍ୟକୁ ବ୍ୟବହାର ନ କରି ଲହୁଣି ଉତ୍ପାଦ କରିବା ପାଇଁ ସାବୋର ଦୀର୍ଘ ସମୟ ଧରି ପରୀକ୍ଷାନୀରିକ୍ଷା କରିଆସୁଛି। ଏହି ପ୍ରକ୍ରିୟାରେ କୌଣସି ଗ୍ରୀନ୍ ହାଉସ୍ ଗ୍ୟାସ ରିଲିଜ୍ ହେଉ ନ ଥିବାରୁ ଦୁଗ୍ଧମୁକ୍ତ ଲହୁଣି ଉତ୍ପାଦନର ଅଭିନବ ଉପାୟ ପରିବେଶ ପାଇଁ ଲାଭଦାୟକ ହୋଇପାରିବ ବୋଲି ବିଲ୍ ଗେଟ୍‌ସ କହିଛନ୍ତି। ସୂଚନାଯୋଗ୍ୟ, ଜାତିସଂଘ ରିପୋର୍ଟ ଅନୁଯାୟୀ ଆମେରିକାରେ ସବୁଜ ଗୃହ ବାଷ୍ପ ଉତ୍ସର୍ଜନର ୧୪.୫% ଅଂଶ ପାଇଁ ପଶୁପାଳନ ଶିଳ୍ପ ଦାୟୀ। ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟର ବ୍ୟବହାରକୁ ହ୍ରାସ କରାଗଲେ ପଶୁପାଳନ ଶିଳ୍ପ ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ହ୍ରାସ କରାଯାଇପାରିବ ବୋଲି ସାବୋର ପକ୍ଷରୁ କୁହାଯାଇଛି।

## ଇନ୍‌ଷ୍ଟାରେ ପ୍ରିନ୍ସେସ୍‌ଙ୍କ ୩ ତଲାକ୍

**ଦୁବାଇ**

ଦୁବାଇ ଶାସକଙ୍କ ଝିଅ ଶଇଖା ମହରା ବିଣ୍ଟ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକ୍‌ତୋଉମ୍ ଇନ୍‌ଷ୍ଟାଗ୍ରାମରେ ନିଜ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦ ବିନ୍ ରାଶିଦ୍ ବିନ୍ ଅଲ୍ ମକ୍‌ତୋଉମ୍‌ଙ୍କୁ ଛାଡ଼ପତ୍ର ଦେଇଛନ୍ତି। ପ୍ରିନ୍ସେସ୍ ମହରା ଏକ ପୋଷ୍ଟରେ ଲେଖିଛନ୍ତି, ଡିଅର୍ ହଜ୍‌ବ୍ୟାଣ୍ଡ। ତୁମେ ଅନ୍ୟ ସାଥୀମାନଙ୍କ ସହ ବ୍ୟସ୍ତ ରହୁଛ। ତେଣୁ ମୁଁ ତୁମକୁ ଛାଡ଼ପତ୍ର ଦେଉଛି। ଆଇ ଡିଭୋର୍ସ ୟୁ। ଆଇ ଡିଭୋର୍ସ ୟୁ। ଆଇ ଡିଭୋର୍ସ ୟୁ। ଟେକ୍ କେୟାର। ୟୋର୍ ଏକ୍ସ-ୱାଇଫ୍। ୨ ମାସ ତଳେ ନିଜ ପ୍ରଥମ ପିଲାକୁ ଜନ୍ମ ଦେଇଥିବା ମହରାଙ୍କ ଏହି ପଦକ୍ଷେପ ସୋସିଆଲ ମିଡିଆରେ ସେନ୍‌ସେଶନ୍ ସୃଷ୍ଟି କରିଛି। ଏହି କପଲ୍ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। ଏଥିସହ ନିଜ ନିଜ ପ୍ରୋଫାଇଲରେ ଥିବା ପରସ୍ପରର ଫଟୋକୁ ମଧ୍ୟ ଡିଲିଟ୍ କରିଛନ୍ତି। ପ୍ରକାଶ ଯେ, ୧୯୯୪ ଫେବୃୟାରୀ ୨୬ରେ ଜନ୍ମିତ ଶଇଖା ମହରା ହେଉଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭାଇସ୍ ପ୍ରେସିଡେଣ୍ଟ ଏବଂ ପ୍ରାଇମ୍ ମିନିଷ୍ଟର ତଥା ଦୁବାଇ ଶାସକଙ୍କ ଝିଅ। ସେ ୟୁଏଇରେ ମହିଳା ସଶକ୍ତୀକରଣ ପାଇଁ ସ୍ୱର ଉତ୍ତୋଳନ କରିଥାଆନ୍ତି। ବ୍ରିଟେନ୍‌ର ଏକ ୟୁନିଭର୍ସିଟିରୁ ଇଣ୍ଟରନ୍ୟାଶନାଲ ରିଲେଶନ୍ସରେ ଡିଗ୍ରୀ ହାସଲ କରିଛନ୍ତି। ୨୦୨୩ ଜୁନ୍‌ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।


ଶଇଖା ମହରା

# ଶାନ୍ତି ପାଇଁ ଜୀବନ ଉତ୍ସର୍ଗ କରିଥିଲେ

**ଆଜି ଅନ୍ତର୍ଜାତୀୟ ମଣ୍ଡେଲା ଦିବସ**

ସମଗ୍ର ବିଶ୍ୱରେ ଅନେକ ମହାନ ବ୍ୟକ୍ତି ଜନ୍ମ ନେଇଛନ୍ତି, ଯେଉଁମାନେ ସେମାନଙ୍କର କାର୍ଯ୍ୟ ଏବଂ ଚିନ୍ତାଧାରା ସହିତ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏପରି ଲୋକମାନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ନେଲସନ ମଣ୍ଡେଲା ଅନ୍ୟତମ। ସେ ନିଜର ସମଗ୍ର ଜୀବନକୁ ଶାନ୍ତି ତଥା ବର୍ଣ୍ଣବୈଷମ୍ୟ ବିରୋଧରେ ଉତ୍ସର୍ଗ କରିଥିଲେ। ଜୁଲାଇ ୧୮ରେ ମାଣ୍ଡେଲାଙ୍କ ଜନ୍ମଦିନକୁ ଅନ୍ତର୍ଜାତୀୟ ମଣ୍ଡେଲା ଦିବସ ଭାବରେ ପାଳନ କରାଯାଏ।

ଏହି ଦିବସ ପ୍ରଥମେ ଜୁଲାଇ ୧୮, ୨୦୧୦ରେ ପାଳନ କରାଯାଇଥିଲା।



ଏହାପୂର୍ବରୁ ନଭେମ୍ବର ୨୦୦୯ରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ନେଲସନ ଅନ୍ତର୍ଜାତୀୟ ମଣ୍ଡେଲା ଦିବସ ପାଳନ କରିବାକୁ ଘୋଷଣା କରିଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ଜୁଲାଇ ୧୮ରେ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବରେ ପାଳନ କରାଯାଏ। ନେଲସନ ମଣ୍ଡେଲା ତାଙ୍କର ସମଗ୍ର ଜୀବନ ରଙ୍ଗଭେଦ ବିରୋଧରେ ଏବଂ ଶାନ୍ତି ପାଇଁ ଲଢିଥିଲେ। ଏହି ଦିନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଦାରିଦ୍ର୍ୟ, ସାଂସ୍କୃତିକ ବିବିଧତା, ଶାନ୍ତି ଏବଂ ସମନ୍ୱୟ ସହ ଲଢିବାକୁ ଉତ୍ସାହିତ କରିବା।

ସମଗ୍ର ବିଶ୍ୱରେ ଶାନ୍ତି ପାଇଁ ନେଲସନ ମଣ୍ଡେଲାଙ୍କ ଅକ୍ଳାନ୍ତ ଉଦ୍ୟମକୁ ଦୃଷ୍ଟିରେ ରଖି ୨୦୧୪ରେ ମିଳିତ ଜାତିସଂଘ ସାଧାରଣ ସଭା ମଧ୍ୟ ନେଲସନ ମଣ୍ଡେଲା ପୁରସ୍କାର ଦେବାକୁ ଘୋଷଣା କରିଥିଲା। ଏହି ପୁରସ୍କାର ପ୍ରତି ପାଞ୍ଚ ବର୍ଷରେ ଥରେ ଦିଆଯାଏ। ଯେଉଁମାନେ ମାନବିକତାର ସେବାରେ ନିଜର ସମସ୍ତ ଜୀବନକୁ ଉତ୍ସର୍ଗ କରିଛନ୍ତି ସେମାନଙ୍କ ସଫଳତାକୁ ଚିହ୍ନିବା ପାଇଁ ଏହି ପୁରସ୍କାର ଦିଆଯାଏ।

# ଚଳିତ ଆର୍ଥିକ ବର୍ଷରେ ୨୦,୦୦୦ କୋଟିର ପୁଞ୍ଜି ନିବେଶ କରିବ ଟାଟା ପାୱାର

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

■କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ଏବଂ ଡିସ୍‌କମ୍ ସମ୍ପ୍ରସାରଣ ସୁଯୋଗର ଅନୁସନ୍ଧାନ

■ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଉପଭୋକ୍ତା ବ୍ୟବସାୟ ଉପରେ ବର୍ଦ୍ଧିତ ଗୁରୁତ୍ୱ


ନଟରାଜନ ଚନ୍ଦ୍ରଶେଖରନ

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ପାୱାର (ଭାରତର ଅନ୍ୟତମ ଅଗ୍ରଣୀ ସମନ୍ୱିତ ଶକ୍ତି କମ୍ପାନୀ ଟାଟା ପାୱାର)ର ୧୦୫ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅଂଶୀଦାରମାନଙ୍କ ଏଜିଏମ୍ ମଧ୍ୟ ଆୟୋଜନ କରିଛି। ଏହି ପରିପ୍ରେକ୍ଷୀରେ ଟାଟା ପାୱାରର ଅଧ୍ୟକ୍ଷ ନଟରାଜନ ଚନ୍ଦ୍ରଶେଖରନ ଅଂଶୀଦାରମାନଙ୍କୁ ଦେଇଥିବା ଅଭିଭାଷଣରେ କହିଛନ୍ତି, କମ୍ପାନୀର ସୁଦୃଢ଼ ଆର୍ଥିକ ଓ ପରିଚାଳନାଗତ ପ୍ରଦର୍ଶନ,ନିରନ୍ତର ଅଭିବୃଦ୍ଧି, ଆର୍ଥିକ ସଚେତନତା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ଉତ୍କର୍ଷ ଦିଗରେ ଏହାର ପ୍ରତିବଦ୍ଧତାର ସଙ୍କେତ।

ଏ ସମ୍ପର୍କରେ ଟାଟା ପାୱାରର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ କହିଛନ୍ତି, ଟାଟା ପାୱାର ଚଳିତ ଆର୍ଥିକ ବର୍ଷରେ ୨୦,୦୦୦କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଯୋଜନା ରଖିଛି। ଏହା ୨୦୨୩-୨୪ ଆର୍ଥିକ ବର୍ଷରେ ନିବେଶ କରାଯାଇଥିବା ୧୨,୦୦୦କୋଟି ଟଙ୍କାଠାରୁ ଅଧିକ। ଏହାର ଏକ ବଡ଼ ଅଂଶ କମ୍ପାନୀର ଅକ୍ଷୟ ଶକ୍ତି ପୋର୍ଟଫୋଲିଓକୁ ତ୍ୱରାନ୍ୱିତ କରିବା ଏବଂ ସଞ୍ଚରଣ ଏବଂ ବିତରଣ ବ୍ୟବସାୟରେ ସନ୍ତୁଳନ ରକ୍ଷା କରିବାରେ ଖର୍ଚ୍ଚହେବ। ସରକାରଙ୍କ ନୀତି ଅନୁଯାୟୀ ଏହି ସୁଯୋଗ ସୃଷ୍ଟି ହେଲେ ସରକାର ଅନ୍ୟ ରାଜ୍ୟରେ ନୂତନ ବିତରଣ ସମ୍ପ୍ରସାରଣ ସୁଯୋଗ ବ୍ୟତୀତ ଆବଶ୍ୟକ ଅନୁମତି ଦେବା ପରେ କମ୍ପାନୀ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟରରେ ଅଂଶଗ୍ରହଣ କରିବାକୁ ସୁଯୋଗର ଅନୁସନ୍ଧାନ କରିବ।

କମ୍ପାନୀ ବିଶେଷକରି ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ଅକ୍ଷୟ ଶକ୍ତି ଯୋଗାଇବା ଉପରେ ଧ୍ୟାନଦେବା ସହ ଭାରତର ସବୁଜ ଶକ୍ତି ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ରହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଯୋଗୁ ବଜାର ଅଂଶ ବୃଦ୍ଧି ଲକ୍ଷ୍ୟ ରଖି ରୁଫ୍‌ଟପ୍ ସୌରଶକ୍ତିରେ ଅଭିବୃଦ୍ଧି ଘଟିଛି। ବର୍ତ୍ତମାନର ୧୨.୫ନିୟୁତ ଉପଭୋକ୍ତାଙ୍କଠାରୁ ବିତରଣ ବ୍ୟବସାୟ ସମ୍ପ୍ରସାରଣ ମାଧ୍ୟମରେ ୫୦ନିୟୁତ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି।

କମ୍ପାନୀର ସମନ୍ୱିତ ରାଜସ୍ୱ ୧୦% ବୃଦ୍ଧି ପାଇ ୬୧,୫୪୨କୋଟି ଟଙ୍କାରେ ପହଞ୍ଚିଛି। ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୨% ବୃଦ୍ଧି ପାଇ ୪,୨୮୦କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀ ଏହାର ବାଲାନ୍ସ ଶିଟ୍‌କୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିଛି ଏବଂ ଏହାର ଅଭିବୃଦ୍ଧି ଯୋଜନାକୁ ପାଣ୍ଠି ଯୋଗାଇବା ପରେ ମଧ୍ୟ ଇକ୍ୱିଟି ୧ରୁ କମ୍ ନିଟ୍ ଋଣ ବଜାୟ ରଖିଛି। ଉଭୟ ଆଗରୁ କାର୍ଯ୍ୟକ୍ଷମ ଥିବା ଏବଂ ଏବେ ଚାଲୁ ରହିଥିବା ପ୍ରକଳ୍ପରୁ ବର୍ତ୍ତମାନର ୯ ଗିଗାୱାଟ୍‌ରୁ ୫ ବର୍ଷ ମଧ୍ୟରେ ୧୫ଗିଗାୱାଟ ସ୍ୱଚ୍ଛ ଶକ୍ତି ପୋର୍ଟଫୋଲିଓ ପାଇଁ ଲକ୍ଷ୍ୟ ରଖାଯାଇଛି। ତାମିଲନାଡୁଠାରେ ନୂତନ ୪.୩ ଗିଗାୱାଟ ସୌର ସେଲ୍ ଏବଂ ମଡ୍ୟୁଲ ଉତ୍ପାଦନ କାରଖାନା ସ୍ଥାପନ କରାଯିବ। ୫୩୦ରୁ ଅଧିକ ସହରରେ ୫,୫୦୦ସାର୍ବଜନୀନ ଓ କ୍ୟାପ୍ଟିଭ୍ ଚାର୍ଜର ଏବଂ ୮୬,୦୦୦ରୁ ଅଧିକ ହୋମ୍ ଚାର୍ଜର୍ ଲଗାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ 'ଘର ଘର ସୌର' କାର୍ଯ୍ୟକ୍ରମ ମାଧ୍ୟମରେ ଘରକୁ ସୌରଶକ୍ତି ଯୋଗାଇବା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବର୍ତ୍ତମାନ ସୁଦ୍ଧା ୨ଗିଗାୱାଟରୁ ଅଧିକ ରୁଫ୍‌ଟପ୍ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛିଏବଂ ୨,୮୦୦କୋଟି ଟଙ୍କାର ବରାଦ ବୁକିଂ ରହିଛି।

ଏହାର ପ୍ରଦର୍ଶନକୁ ଆଧାରକରି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ୧ଟଙ୍କାର ଇକ୍ୱିଟି ଶେୟାର ପିଛା ୨ଟଙ୍କା ଲାଭାଂଶ ଦେବାକୁ ସୁପାରିସ କରିଛନ୍ତି।

# ଅଲ୍ ନ୍ୟୁ କେଏଫ୍‌ସି ରୋଲ୍‌ସ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ ତଥା କେଏଫ୍‌ସିର ନୂତନ ଉତ୍ପାଦ 'ଅଲ୍ ନ୍ୟୁ କେଏଫ୍‌ସି ରୋଲ୍‌ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ନୂତନ ତଥା ସ୍ୱାଦିଷ୍ଟ ସ୍ୱତନ୍ତ୍ର ରୋଲ୍‌ଗୁଡ଼ିକୁ ଗ୍ରାହକ କେଉଁଠାରେ ବି ଖାଇପାରିବେ। ଗ୍ରାହକ ଏହାକୁ ଥାଇ ସ୍ୱାଇସି, କୋରିଆନ ଟ୍ୟାଙ୍ଗି, ଆମେରିକାନ ନାସ୍‌ଭିଲ୍ଲେ, ଇଣ୍ଡିଆନ ତନ୍ଦୁରୀ ଓ ଇଣ୍ଡିଆନ ସ୍ୱାଇସି ଭେଜ୍ ସମେତ ୫ଟି ଆକର୍ଷଣୀୟ ରେଞ୍ଜ୍ ମଧ୍ୟରୁ ଚୟନ କରିପାରିବେ। ଉପଭୋକ୍ତାମାନେ କେବଳ ୯୯ଟଙ୍କାରେ ଯେକୌଣସି ନୂଆ କେଏଫ୍‌ସି ରୋଲ୍‌କୁ କ୍ରୟକରିପାରିବେ। ଏପରିକି କ୍ଲାସିକ୍ ଆମେରିକାନ ନାସ୍‌ଭିଲ୍ଲେ ରୋଲ୍ ମିଳିତ ଭାବେ ଏକ ଗରମ, ଫ୍ଲାକି ପରାଠାରେ ରାପ୍ ହୋଇଥିବା କ୍ରଂଚି ଚିକେଟ ଫିଲେଟ, ପିଆଜ, ସ୍ୱାଇସି ଗାର୍ଲିକ ଓ ନାସ୍‌ଭିଲ୍ଲେ ଚିଲ୍ଲୀ ପେପର ସସ୍ ସହ ଆସୁଥିବାବେଳେ ଥାଇ ସ୍ୱାଇସି ରୋଲ୍ ଜୁସି ଚିକେନକୁ ଭେଜିସ୍ ସହ ମିଶ୍ରଣ କରୁଛି ଏବଂ ଏହାକୁ ଥାଇ ସିରାଚା ଓ ଡାଇନାମାଇଟ ସସ୍‌ଗୁଡ଼ିକ ସହ ମିଶ୍ରଣ କରିଛି। ଯଦି ଉପଭୋକ୍ତାମାନେ କିଛି ଭିନ୍ନ ସ୍ୱାଦର ସନ୍ଧାନ କରୁଛନ୍ତି, ତେବେ କୋରିଆନ ଟ୍ୟାଙ୍ଗି ରୋଲ୍‌ର ଏକ ବାଇଟ୍‌ର ସ୍ୱାଦ ଚାଖନ୍ତୁ, ଯାହା କୋରିଆନ ସ୍ୱାଦ କିମ୍ଚି ସହ କେଏଫ୍‌ସିର ଫିଙ୍ଗର ଲିକିନ୍ ଟେଷ୍ଟକୁ ମିଶ୍ରଣ କରୁଛି।

# ଓପୋର ନୂଆ ରେନୋ୧୨ ସିରିଜ




ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ଓପୋ ଇଣ୍ଡିଆର ନୂଆ 'ରେନୋ୧୨ ୫ଜି ସିରିଜ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ବଜାରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଫୋନ୍‌ଗୁଡ଼ିକର ଉପଲବ୍ଧତାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରାଣ୍ଡର ଏହା ପ୍ରଥମ ପଦକ୍ଷେପ ହୋଇଥିଲାବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସମସ୍ତ ପ୍ରକାର ବୈଶିଷ୍ଟ୍ୟ ଏହି ସିରିଜରେ ଉପଲବ୍ଧ ରହିଛି। ଏପରିକି ଏହି ନୂତନ ସିରିଜରେ ଜଟିଳ ଫଟୋ ଏଡିଟିଂର ସମସ୍ୟା ବିନା ତ୍ରୁଟିହୀନ ଓ ମଜାଦାର ଫଟୋଗୁଡ଼ିକ ପାଇଁ ଏଆଇ ଇରେଜର ୨.୦, ଏଆଇ କ୍ଲିୟର ଫେସ୍, ଏଆଇ ବେଷ୍ଟ ଫେସ୍ ଓ ସ୍ମାର୍ଟ ଇମେଜ ମ୍ୟାଟିଂ ୨.୦ ଭଳି ଫିଚର ସାମିଲ ରହିଛି। ସେହିଭଳି ଏହି ଡିଭାଇସ୍‌ରେ ଗୁଗଲ ଜେମିନି ଏଲ୍‌ଏଲ୍‌ଏମ୍ ଦ୍ୱାରା ପରିଚାଳିତ ଏଆଇ ଟୁଲ୍‌ବକ୍ସ ମଧ୍ୟ ସାମିଲ ରହିଛି, ଯେଉଁଥିରେ ଦୈନନ୍ଦିନ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଏଆଇ ରାଇଟର,ଏଆଇ ସମରୀ ଓ ଏଆଇ ସ୍ପିକ୍ ଭଳି ଫିଚର ସାମିଲ ରହିଛି।

ଏ ସମ୍ପର୍କରେ ଓପୋ ଇଣ୍ଡିଆର ମୁଖ୍ୟ (ପ୍ରଡକ୍ଟ ଷ୍ଟ୍ରାଟେଜି ବିଭାଗ) ପିଟର ଡୋୟଙ୍ଗ୍ ଲି କହିଛନ୍ତି, ରେନୋ ୧୨ ସିରିଜ୍ ଓପୋ ପାଇଁ ଏକ ବଡ଼ ସଫଳତାକୁ ଚିହ୍ନିତ କରିଛି। କାରଣ ଆମେ ଏଆଇ ଫୋନ୍‌ର ଗ୍ରହଣୀୟତାକୁ ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛୁ।

# ଷ୍ଟୁଡେଣ୍ଟ ସାଫିରୋ ଫୋରେକ୍ସ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଉତ୍ପାଦ 'ଷ୍ଟୁଡେଣ୍ଟ ସାଫିରୋ ଫୋରେକ୍ସ କାର୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି କାର୍ଡ ବିଦେଶକୁ ପାଠପଢ଼ିବା ଲାଗି ଯାଉଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଲାଗି ସ୍ୱତନ୍ତ୍ର ଭାବେ 'ପ୍ରିମିୟମ୍ ଫୋରେକ୍ସ ପ୍ରିପେଡ୍ କାର୍ଡ' ପ୍ରସ୍ତୁତ କରାଯାଇଛି। ସେହିଭଳି ଭିସା ଦ୍ୱାରା ପ୍ରାୟୋଜିତ ଥିବା ଏହି କାର୍ଡ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଲାଭ ଓ ସୁବିଧା ପ୍ରଦାନ କରିବା ସହ ସେମାନଙ୍କ ଅଭିଭାବକମାନେ ବିଦେଶରେ ହେଉଥିବା ଶିକ୍ଷା ସମ୍ପର୍କିତ ଖର୍ଚ୍ଚ ଯଥା ନାମଲେଖା ଫି', କୋର୍ସ ଫି', ଦୈନନ୍ଦିନ ଖର୍ଚ୍ଚ, ପରିବହନ, ଡାଇନିଂ ଓ ଗ୍ରୋସରି ଖର୍ଚ୍ଚ ଆଦିର ପରିଚାଳନା କରିପାରିବେ।

ଏହି କାର୍ଡରେ ୧୫ ପ୍ରକାର ମୁଦ୍ରା ଭର୍ତ୍ତି ସହ କାରବାର କରାଯାଇପାରିବ। ସେହିପରି ବ୍ୟାଙ୍କ ପକ୍ଷରୁ କୌଣସି ମୁଦ୍ରା ଅଦଳବଦଳ ପାଇଁ ମେକ୍ ଅପ୍ ଚାର୍ଜ ଲାଗୁ କରାଯିବ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଗୋଟିଏ ଫୋରେକ୍ସ କାର୍ଡ ଜରିଆରେ ସୁବିଧାରେ ସାରା ବିଶ୍ୱ ଭ୍ରମଣ କରିପାରିବେ। ଉଚ୍ଚଶିକ୍ଷା ଲାଗି ବିଦେଶ ଯାଉଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ହୋଇଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଏହି କାର୍ଡ ଆଣିଛି। ଆଇସିଆଇସିଆଇ ବ୍ୟାଙ୍କ ଷ୍ଟୁଡେଣ୍ଟ ସାଫିରୋ ଫୋରେକ୍ସ କାର୍ଡରେ ୧୫,୦୦୦ ଟଙ୍କାର ଯୋଗଦେବା ଲାଭ ସହିତ ଅନେକ ସ୍ୱତନ୍ତ୍ର ସୁବିଧା ରହିଛି।

# ବେନେଲି-କିୱେର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ ବାଇକ୍ ବ୍ରାଣ୍ଡ 'ବେନେଲି-କିୱେ ଇଣ୍ଡିଆ'ର ଏକ୍ସକ୍ଲୁସିଭ ଆଉଟଲେଟ (ନୂତନ ଶୋ'ରୁମ୍) ନିକଟରେ ବ୍ରହ୍ମପୁରର ସାପୁଆନାଳଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ମେସର୍ସ ଚିଆରା ମୋଟର୍ସ ଆନୁକୂଲ୍ୟରେ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଏଠାରେ ବ୍ରାଣ୍ଡର ସେଲ୍‌ସ, ସର୍ଭିସ୍ ଓ ସ୍ପେୟାର (୩ ଏସ୍) ସୁବିଧା ମଧ୍ୟ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏହି ଅବସରରେ ବେନେଲି-କିୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝବାଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଲର ପ୍ରିନ୍ସିପାଲ ତଥା ମେସର୍ସ ଚିଆରା ମୋଟର୍ସର ଏମ୍‌ଡି ଅକ୍ଷୟ କୁମାର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଡିଲର ପ୍ରିନ୍ସିପାଲ, ବେନେଲି -କିୱେ ବ୍ରହ୍ମପୁରଙ୍କ ଦ୍ୱାରା ୬୧ଟି ଟଚ୍ ପଏଣ୍ଟରେ ଏକ ଶକ୍ତିଶାଳୀ ନେଟ୍‌ୱର୍କ ପ୍ରତିଷ୍ଠା କରିଛି। ଏହି ଶୋ'ରୁମ୍‌ଟି ଏକ ଆକର୍ଷଣୀୟ ପରିସର ମଧ୍ୟରେ ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବିକାଶ ଝବାଖ, ପରିଚାଳନା ନିର୍ଦ୍ଦେଶକ, ବେନେଲି-କିୱେ ଇଣ୍ଡିଆ କହିଛନ୍ତି,ଏ ସମ୍ପର୍କରେ ବେନେଲି-କିୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝବାଖ କହିଥିଲେ, ଗ୍ରାହକଙ୍କ ନିକଟତର ହେବା ଲାଗି ଆମେ ସାରା ଭାରତରେ ଆମର ନେଟ୍‌ୱର୍କର ବିସ୍ତାର କରୁଛୁ। ଏପରିକି ଏହି ସମ୍ପ୍ରସାରଣ ଗ୍ରାହକଙ୍କୁ କେବଳ ବ୍ରାଣ୍ଡର ଅଗ୍ରଣୀ ସୁପରବାଇକ୍ ଅନୁଭବ କରିବାକୁ ଅନୁମତି ଦେଇ ନ ଥାଏ ବରଂ ଅତୁଳନୀୟ ଗ୍ରାହକ ସେବା ମଧ୍ୟ ପ୍ରଦାନ କରିଥାଏ।

# ତନିସ୍କର ନୂତନ କଲେକ୍ସନ 'ସଙ୍ଗ୍ ଅଫ୍ ସୁନ୍ଦରବନ୍'




ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ 'ତନିସ୍କ'ର ନୂତନ କଲେକ୍ସନ 'ସଙ୍ଗ୍ ଅଫ୍ ସୁନ୍ଦରବନ୍'ର ଆନୁଷ୍ଠାନିକ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତନିସ୍କ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ତନିସ୍କର ଏବିଏମ୍ ଆର୍ଯ୍ୟେନ୍ଦୁ ବୁନ୍ଦେଲଙ୍କ ସମେତ ବିଏ ଯୋଗେନ୍ଦ୍ର ହଂସ, ମାଣିକ ହଂସ, ଅକ୍ଷୟ ହଂସ ଏବଂ ବିବେକ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ତନିସ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଫେଷ୍ଟିଭାଲ ଅଫ୍ ଡାଇମଣ୍ଡସ୍'ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା।

ସେହିଭଳି ତନିସ୍କ ପକ୍ଷରୁ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। ଏହା ସହ ଗ୍ରାହକ ୧୦୦% କରେଣ୍ଟ ଭାଲ୍ୟୁ ସହ ନିଜ ପୁରୁଣା ସୁନାକୁ ବଦଳାଇ ଆକର୍ଷଣୀୟ ନୂଆ ହୀରା ଗହଣା ମଧ୍ୟ ପାଇପାରିବେ। ଏପରିକି ହୀରା କାନଫୁଲ, ବ୍ରେସ୍‌ଲେଟ୍, ନେକ୍‌ଲେସ୍, ମୁଦି ଏବଂ ଅନ୍ୟାନ୍ୟ ଗହଣାର ବିସ୍ତୃତ ତଥା ନୂତନ ଡିଜାଇନ ମଧ୍ୟ ପାଇପାରିବେ। ସେହିପରି ତନିସ୍କର 'ଫେଷ୍ଟିଭାଲ ଅଫ୍ ଡାଇମଣ୍ଡସ' କାର୍ଯ୍ୟକ୍ରମ ଜରିଆରେ ଗ୍ରାହକ ୧୦,୦୦୦ ରୁ ଊର୍ଦ୍ଧ୍ୱ ପ୍ରାକୃତିକ ହୀରା ଗହଣାର ବ୍ୟାପକ ଡିଜାଇନରୁ ନିଜ ମନ ପସନ୍ଦର ଗହଣା ଚୟନ କରିପାରିବେ। ଏପରିକି ପ୍ରତ୍ୟେକ ପସନ୍ଦ ଏବଂ ଅବସର ପାଇଁ ଏଗୁଡ଼ିକ ଉଦ୍ଦିଷ୍ଟ ରହିଛି ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଅପରପକ୍ଷରେ ଉତ୍କୃଷ୍ଟ ଲାଳିତ୍ୟକୁ ଦର୍ଶାଉଥିବା କାଳଜୟୀ ସଲିଟାୟାରଠାରୁ ଆରମ୍ଭକରି ବିଶେଷ କଳାକୃତିକୁ ଦର୍ଶାଉଥିବା ଜଟିଳ ମଲ୍ଟି ଷ୍ଟୋନ୍ ଡିଜାଇନ,ପ୍ରତ୍ୟେକ ପିସ୍ ଗହଣା ହୀରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଚମକକୁ ଏହା ପ୍ରଦର୍ଶିତ କରୁଛି। ନ୍ୟୁନତମ ଡିଜାଇନ ହେଉ ଅବା ଷ୍ଟେଟ୍‌ମେଣ୍ଟ ପିସ୍,ତନିସ୍କ ଆକର୍ଷଣୀୟ ବର୍ଗର କଟ୍, କ୍ୟାରେଟ୍ ଏବଂ ସେଟିଂସ ପ୍ରଦାନ କରୁଛି।

# ବନ୍ଧନ ବ୍ୟାଙ୍କର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ବନ୍ଧନ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ଏନ୍‌ହାନ୍‌ସଡ ଟ୍ରେଡ୍ ପ୍ରଡକ୍ଟସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶ୍ୱବ୍ୟାପୀ ବ୍ୟବସାୟିକ କାରବାରକୁ ସୁଗମ କରିବା ପାଇଁ ବିଭିନ୍ନ ପ୍ରକାର ବାଣିଜ୍ୟ ଉତ୍ପାଦ ଶୁଭାରମ୍ଭ ହୋଇଛି। ଏହି ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରୀୟ କାରବାରର ବିଭିନ୍ନ ଦିଗକୁ ସୁବ୍ୟବସ୍ଥିତ ଏବଂ ସୁରକ୍ଷିତ କରିବା, ବ୍ୟବସାୟଗୁଡ଼ିକ ପାଇଁ ସୁଗମ ପରିଚାଳନା ଏବଂ ଅଧିକ ଆର୍ଥିକ ନମନୀୟତା ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଉତ୍ପାଦଗୁଡ଼ିକ ଉଭୟ ଆମଦାନିକାରୀ ଏବଂ ରପ୍ତାନିକାରୀଙ୍କୁ ସେବା ପ୍ରଦାନକରି ବିବିଧ ବ୍ୟବସାୟିକ ଆବଶ୍ୟକତା ପୂରଣ କରିବା ଏବଂ ବିଶ୍ୱ ବାଣିଜ୍ୟ କାରବାର ଉପରେ ବିଶ୍ୱାସକୁ ବଢ଼ାଇବା ପାଇଁ ଉପଯୁକ୍ତ ସମାଧାନ ପ୍ରଦାନ କରୁଛି। ଅନ୍ତର୍ଜାତୀୟ ବାଣିଜ୍ୟରେ ନିୟୋଜିତ ଆମର ମୂଲ୍ୟବାନ୍ ଗ୍ରାହକଙ୍କ ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ରେମିଟାନ୍ସ, ଲେଟର ଅଫ୍ କ୍ରେଡିଟ୍ (ଏଲ୍‌ସି), ରପ୍ତାନି ଆମଦାନୀ ସଂଗ୍ରହ ବିଲ୍, ବିଲ୍/ଇନ୍‌ଭଏସ୍ ରିହାତି ଇତ୍ୟାଦି ଉତ୍ପାଦ ଆରମ୍ଭ କରିଛି। ଏହି ନୂତନ ଉତ୍ପାଦ ଏବଂ ସୁବିଧାଗୁଡ଼ିକ ଆମର ଏସ୍‌ଏମ୍‌ଇ ଏବଂ କର୍ପୋରେଟ ଗ୍ରାହକମାନଙ୍କୁ ବିଶ୍ୱସ୍ତରରେ ସେମାନଙ୍କ ବ୍ୟବସାୟ ବିସ୍ତାର କରିବାର ସୁଯୋଗ ସହ ସଶକ୍ତ କରିବ। ଏପରିକି ଖୁଚୁରା ଗ୍ରାହକମାନେ ମଧ୍ୟ ଅନ୍ୟ ଦେଶକୁ ଅର୍ଥ ପ୍ରେରଣ ପାଇଁ ଏହି ସୁବିଧା ବ୍ୟବହାର କରିପାରିବେ। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଇଡି ଏବଂ ସିବିଓ ରାଜିନ୍ଦର ବାବର କହିଛନ୍ତି, ଅନ୍ତର୍ଜାତୀୟ ବାଣିଜ୍ୟର ଜଟିଳତାକୁ ଦୂରକରିବାରେ ଏହା ବେଶ୍ ସହାୟକ ହେବ। ଏପରିକି ଆମର ଗ୍ରାହକମାନଙ୍କୁ ସହଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ।

# ୧୯ରେ କିଷାନ ଦିବସ ପାଳନ କରିବ ବିଓଆଇ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)


ପି.ଆର୍.ରାଜାଗୋପାଲ

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'କିଷାନ ଦିବସ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କ ସର୍ବଭାରତୀୟସ୍ତରର (ସାରା ଦେଶ) ରେ ଏହି ଦିବସ ପାଳନ କରିବ ବୋଲି ବିଓଆଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୧୩.୬ ଲକ୍ଷ କୋଟି ଟଙ୍କାର ମୋଟ୍ ବ୍ୟବସାୟ ସହ ୫୧୦୦ରୁ ଅଧିକ ଶାଖା ନେଟ୍‌ୱର୍କ ଥିବା ବିଓଆଇ ୨୦୨୪ ଜୁଲାଇ ୧୯ରେ କିଷାନ ଦିବସ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବିଓଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.ଆର୍.ରାଜାଗୋପାଲ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେହିଭଳି ରାଜାଗୋପାଲ ବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଙ୍କ ସମେତ ବ୍ୟାଙ୍କର ୪ଟି ଅଞ୍ଚଳ ଯଥା ବାରିପଦା, ଭୁବନେଶ୍ୱର, କେନ୍ଦୁଝର ଏବଂ ସମ୍ବଲପୁର ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏପରିକି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟକ୍ରମ ପୁରୀର ପିପିଲିଠାରେ ଅନୁଷ୍ଠିତ ହେବ ବୋଲି ବିଓଆଇ ପକ୍ଷରୁ କୁହାଯାଇଛି।

# ସ୍କାମରଙ୍କ ନଜରରେ ଆଇଟିଆର୍ ରିଫଣ୍ଡ

ଭୁବନେଶ୍ୱର୧୭।୭(ଅନୁରାଧା ମହାରଣା)

**ସତର୍କକଲା ଆୟକର ବିଭାଗ**

ଆୟକର ରିଟର୍ନ ଦାଖଲ କରିବାର ଶେଷ ତାରିଖ ପାଖେଇ ଆସୁଛି। ରିଟର୍ନ ଦାଖଲକରିବା ପରେ ଅନେକ ଲୋକ ବର୍ତ୍ତମାନ ସେମାନଙ୍କ ରିଫଣ୍ଡ ପାଇଁ ଅପେକ୍ଷା କରିଛନ୍ତି। ଅନ୍ୟପଟେ ସାଇବର ଠକଙ୍କ ନଜର ଏହି ଶ୍ରେଣୀର ବ୍ୟକ୍ତିଙ୍କ ଉପରେ ରହିଛି। ଏନେଇ ଆୟକର ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆୟକର ବିଭାଗ ବୁଧବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ସୂଚନା ଦେଇଛି ଯେ ଟିକସଦାତାଙ୍କୁ ନକଲି ପପ୍-ଅପ୍ ବାର୍ତ୍ତାଠାରୁ ଦୂରେଇରହିବା ଉଚିତ। ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଚୋରି କରିବା ପାଇଁ ସାଇବର ଅପରାଧୀମାନେ ଆୟକର ରିଫଣ୍ଡକୁ ଅସ୍ତ୍ର ଭାବରେ ବ୍ୟବହାର କରିପାରନ୍ତି। ଅପରାଧୀମାନେ ନକଲି ମେସେଜ୍ ପଠାଇ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରିପାରନ୍ତି। ରିଫଣ୍ଡ ଠକେଇର ଅନେକ ମାମଲା ସାରା ଦେଶରେ ପଦାକୁ ଆସିବା ପରେ ଆୟକର ବିଭାଗ ଟିକସଦାତାଙ୍କୁ ପରାମର୍ଶ ଦେଇଛି। ଆୟକର ବିଭାଗ ଅନୁଯାୟୀ, ସାଇବର ଠକମାନେ ପଠାଉଥିବା ନକଲି ମେସେଜ୍‌ରେ ଆପଣଙ୍କ ରିଫଣ୍ଡ ଅନୁମୋଦନ ହୋଇଥିବା ଉଲ୍ଲେଖ ରହିଥାଏ। ଏହି ଟଙ୍କା ଶୀଘ୍ର ଉପଭୋକ୍ତାଙ୍କ ଆକାଉଣ୍ଟରେ ଜମାହେବା ପାଇଁ ନିମ୍ନରେ ଦିଆଯାଇଥିବା ଲିଙ୍କ୍ ପରିଦର୍ଶନ କରି ଆପଣ ଆପଣଙ୍କର ଆକାଉଣ୍ଟ ନମ୍ବର ଯାଞ୍ଚ କରିପାରିବେ କିମ୍ବା ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଅପ୍‌ଡେଟ୍ କରିପାରିବେ ବୋଲି ଏଥିରେ ଦର୍ଶାଯାଇଥାଏ। ଏପରି ମେସେଜ୍‌ର ରିପ୍ଲାଏ ନ କରିବା ପାଇଁ ବିଭାଗ ପରାମର୍ଶ ଦେଇଛି। ବିଭାଗ ଅନୁଯାୟୀ, ଏହି ଲିଙ୍କ୍ ଟିକସଦାତାଙ୍କୁ ଏକ ନକଲି ୱେବ୍‌ସାଇଟକୁ ନେଇଥାଏ। ସେଠାରେ ଖାତା ଅପ୍‌ଡେଟ୍ କରିବାବେଳେ ଏକ ଓଟିପି ପଠାଯାଏ। ଓଟିପି ପ୍ରବେଶ କରିବା ମାତ୍ରେ ସ୍କାମରମାନେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନିଅନ୍ତି। ଆୟକର ବିଭାଗ ଏପରି କୌଣସି ମେସେଜ୍ କିମ୍ବା ଇ-ମେଲ୍ ପଠାଇ ନ ଥାଏ ବରଂ ସିଧାସଳଖ ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ରିଫଣ୍ଡ ପଠାଯାଏ ବୋଲି ବିଭାଗ କହିଛି।

# 'ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ'

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଏସ୍‌ବିଆଇ କନେକ୍ଟ' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ କଷ୍ଟମର ସର୍ଭିସ୍ ପଏଣ୍ଟ (ସିଏସ୍‌ପି), ବ୍ୟାଙ୍କ କରେସ୍‌ପଣ୍ଡେନ୍ସ(ବିସି) ଏବଂ ରୁରାଲ ସେଲ୍‌ଫ ଏମ୍ପ୍ଲୟମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ(ଆର୍‌ଏସ୍‌ଇଟିଆଇ)ର ନିର୍ଦ୍ଦେଶକମାନଙ୍କ ଏକ ବୈଠକ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଦୀନେଶ ପୃଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡିଏଫ୍‌ଏସ୍‌ର ପ୍ରିନ୍ସିପାଲ କୋର୍ଡିନେଟର ଗୋଲକ ବିହାରୀ ପଣ୍ଡା, ଏସ୍‌ବିଆଇ କର୍ପୋରେଟ ସେଣ୍ଟର ମୁମ୍ବାଇର ମହାପ୍ରବନ୍ଧକ (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ପ୍ରମୋଦ କୁମାର ବଂଶଲଙ୍କ ସମେତ ଏସ୍‌ବିଆଇର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଦୀନେଶ ପୃଥୀ କହିଥିଲେ, ଆମେମାନେ ମିଳିତ ହୋଇ କାମ କଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଏପରିକି ଆର୍ଥିକ ଅନ୍ତର୍ଭୁକ୍ତିମାନଙ୍କୁ ପ୍ରୋତ୍ସାହନ ଦେବା ଏବଂ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ସାମିଲ କରାଇବାରେ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ୮୦ ରୁ ଅଧିକ ସିଏସ୍‌ପି, ବିସି ଓ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକମାନେ ଯୋଗଦେଇଥିଲେ।

# ପୁରୀ ରଥଯାତ୍ରା ମହୋତ୍ସବରେ ବେଦାନ୍ତର ନିଃଶୁଳ୍କ ସେବା

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ମହୋତ୍ସବରେ ସାମିଲ ହୋଇଥିଲା। ଏହି ଅବସରରେ କମ୍ପାନୀ ଅଗଣିତ ଭକ୍ତଙ୍କୁ ସେବା ଯୋଗାଇବା ସହ ମାଗଣା ପ୍ରସାଦ ଓ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରିଥିଲା। ଏପରିକି ଏହି ୯ଦିନିଆ ମହୋତ୍ସବରେ ଯୋଗଦେଇଥିବା ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ବିଭିନ୍ନ ପ୍ରକାର ନିଃଶୁଳ୍କ ସେବା କମ୍ପାନୀର ସ୍ୱେଚ୍ଛାସେବୀଙ୍କ ଜରିଆରେ ଯୋଗ ଦିଆଯାଉଛି। ସେହିଭଳି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପୁରୀ ବେଶ ପରିଚିତ ଥିଲାବେଳେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ହଜାର ହଜାର ଭକ୍ତ ପୁରୀ ବଡ଼ଦାଣ୍ଡରେ ଏକତ୍ରିତ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭଜନ ସନ୍ଧ୍ୟା ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ସହ ଓର୍‌ମାସ ଦ୍ୱାରା ଆୟୋଜିତ ପୁରୀ ପଲ୍ଲିଶ୍ରୀ ମେଳାରେ ଚୟନ ହୋଇଥିବା ପ୍ରକଳ୍ପଗୁଡ଼ିକୁ ମଧ୍ୟ କମ୍ପାନୀ ଉପସ୍ଥାପିତ କରିଥିଲା। ସେହିପରି ଏକା ସାଙ୍ଗରେ କମ୍ପାନୀ କର୍ମଚାରୀ,ବ୍ୟବସାୟିକ ଭାଗୀଦାରି ଓ ସେମାନଙ୍କ ପରିବାର ଉତ୍ସାହର ସହ ଯୋଗଦେଇ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ଠାରେ ଥିବା ଟାଉନଶିପ ଏବଂ ଛତିଶଗଡ଼ର କୋର୍ବାଠାରେ ମଧ୍ୟ ରଥଯାତ୍ରା ପାଳନ କରିଥିଲେ। ଅପରପକ୍ଷରେ ବେଦାନ୍ତର ଝାରସୁଗୁଡ଼ାସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ୧୯,୫୦୦ ବର୍ଗଫୁଟ ବିସ୍ତାର କରିଛି ଓ ଏଠାରେ ଅଗଣିତ ଭକ୍ତଙ୍କ ମହାସମାଗମ ହୋଇଥିଲା। ଏହା ବ୍ୟତୀତ କଳାହାଣ୍ଡିର ଲାଞ୍ଜିଗଡ଼ଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ ହୋଇଥିଲାବେଳେ ରଥଯାତ୍ରା ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି,ବେଦାନ୍ତ ଆଲୁମିନିୟମ ବହୁ ବର୍ଷ ଧରି ପୁରୀ ରଥଯାତ୍ରା ଉତ୍ସବରେ ଯୋଗଦେଇଆସିଛି। ଏପରିକି ପ୍ରତିବର୍ଷ କମ୍ପାନୀ ଲକ୍ଷ ଲକ୍ଷ ଭକ୍ତଙ୍କ ସେବା କରିବାର ସୌଭାଗ୍ୟ ଅର୍ଜନ କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟର ମୂଳଦୁଆ ସହ ବେଦାନ୍ତ ଆଲୁମିନିୟମ ସମ୍ପୃକ୍ତ ଅଞ୍ଚଳର ଜୀବନ୍ତ ସାଂସ୍କୃତିକ ଉତ୍ତରାଧିକାରୀଙ୍କୁ ପ୍ରୋତ୍ସାହିତ ତଥା ସଂରକ୍ଷିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି।

**ମାଓବାଦୀ ଶହୀଦ ସ୍ତମ୍ଭ ଧ୍ୱଂସକଲେ ଯବାନ**

ମାଲକାନଗିରି, ୧୭।୭ (ଦୁର୍ଯ୍ୟୋଧନ ପତ୍ର): ଛତିଶଗଡ଼ର ସୁକ୍‌ମା ଜିଲାର କିଷ୍ଟରାମ ଜଙ୍ଗଲରେ ମାଓବାଦୀଙ୍କ ଶହୀଦସ୍ତମ୍ଭକୁ ଧ୍ୱଂସ କରିଛନ୍ତି ଯବାନ। ସୂଚନା ଅନୁଯାୟୀ, କିଷ୍ଟରାମ ଜଙ୍ଗଲରେ ପୋଲିସ ଓ ବିଭିନ୍ନ ବାଟାଲିଅନର ଯବାନମାନେ ମାଓବାଦୀ ଦମନ ନିମନ୍ତେ ତଲାସି ଅଭିଯାନ କରୁଥିଲେ। ତେବେ ଏହି ସମୟରେ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଏକ ଶହୀଦସ୍ତମ୍ଭକୁ ଯବାନମାନେ ଠାବକରି ଏହାକୁ ଧ୍ୱଂସକରି ଦେଇଥିଲେ। ଏହା ଲୋକଙ୍କ ମଧ୍ୟରେ ମାଓବାଦୀ ଭୟ ଦୂରକରିବ ବୋଲି କୁହାଯାଉଛି।



ମହରମ୍ ଅବସରରେ ବୁଧବାର ଭୁବନେଶ୍ୱର ଶିରିପୁର ଛକଦେଇ ମୁସଲିମ୍ ସମ୍ପ୍ରଦାୟର ଲୋକେ ତାଜିଆ ଶୋଭାଯାତ୍ରାରେ ଯାଉଛନ୍ତି। (ଫଟୋ– ବିକାଶ ନାୟକ)

# ୪ ମାସ ପାଇଁ ଶୟନ ଗଲେ ମହାପ୍ରଭୁ

## ହରିଶୟନ ଏକାଦଶୀ ନୀତି ସମ୍ପନ୍ନ

**ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)**

ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥି ଅବସରରେ ବୁଧବାର ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ପୌରାଣିକ କଥାବସ୍ତୁ ଅନୁଯାୟୀ ଏହି ଦିନଠାରୁ ଦୀର୍ଘ ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ। ତେଣୁ ବିବାହ, ବ୍ରତଘର ଆଦି କାର୍ଯ୍ୟ ଏହି ୪ମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭ କାର୍ଯ୍ୟ ହୋଇଥାଏ।

ଆଷାଢ଼ ମାସ ଶୁକ୍ଳପକ୍ଷ ଏକାଦଶୀକୁ ହରିଶୟନ ଏକାଦଶୀ ବୋଲି କୁହାଯାଏ। ଏହି ଦିନଠାରୁ ଦୀର୍ଘ ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନି, ସାଧୁସନ୍ଥ, ମହାପୁରୁଷ ଏବଂ ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକେ ଚତୁର୍ମାସ୍ୟା ବ୍ରତ ପାଳନ କରନ୍ତି। ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ତେବେ ଏକାଦଶୀ ଅବସରରେ ରଥରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ସୁନାବେଶ ମଇଲମ ହୋଇଥିଲା। ପରେ ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ, ମଇଲମ ପରେ ଶୟନ ଠାକୁର ରଥ ଉପରକୁ ବିଜେ କରିଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ଶୟନ ଠାକୁର ତିନିମୂର୍ତ୍ତି ସୁବର୍ଣ୍ଣ ପ୍ରତିମାଙ୍କୁ ରଥ ଉପରକୁ ଆଣିଥିଲେ। ତିନିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଭୁବନେଶ୍ୱରୀ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀନାରାୟଣଙ୍କୁ ବିଜେ କରାଯାଇଥିଲା। ଶୟନ ଠାକୁର ରଥାରୂଢ଼ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ହେଲା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସର୍ବାଙ୍ଗ, ନୂଆ ପତନି ଲୁଗା ଓ ମାଳଫୁଲ ଲାଗି ନୀତି ସମ୍ପନ୍ନ କରାଯାଇଥିଲା। ବଲ୍ଲଭ ବଡ଼ସିଂହାର ବେଶ ସମ୍ପନ୍ନ ହେବା ପରେ ପୂଜାପଣ୍ଡା ସାମନ୍ତମାନଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ବଲ୍ଲଭ ବଡ଼ସିଂହାର ଭୋଗ ପୂଜା ସମ୍ପନ୍ନ ପରେ ହରିଶୟନ ନୀତି ହୋଇଥିଲା। ଶୟନ ଠାକୁରମାନଙ୍କୁ ହାତରେ ବିଜେ କରାଇ ପୂଜାପଣ୍ଡା ସାମନ୍ତ ଭଣ୍ଡାର ଦୁଆର ନିକଟକୁ ନେଇଥିଲେ। ଭଣ୍ଡାର ଦୁଆରେ ବିଧି ମୁତାବକ ଶୟନ ନୀତି ଅନୁଷ୍ଠିତ ହୋଇଥିଲା। କୋଠ ସୁଆଁସିଆ ଦେଇଥିବା ଟାଟ ପେଡ଼ି, ଦରଜିଙ୍କ ଶେଯ ଓ ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଇଥିଲା। ମୁଦିରସ୍ତ ପ୍ରସାଦଲାଗି କରିବା ସହ ପୁଷ୍ପାଞ୍ଜଳି, କର୍ପୁର ଆଳତି, ସଞ୍ଜ ଆଳତି ଓ ବନ୍ଦାପନା ଆଦି କରିଥିଲେ। ପରେ ପେଡ଼ିକୁ ବନ୍ଦ କରାଯାଇଥିଲା। ସମସ୍ତେ ଆସିବା ପରେ ଶୟନ ଘରକୁ ବନ୍ଦ କରାଯାଇଥିଲା। ଆଷାଢ଼ ଦ୍ୱାଦଶୀ ତିଥିରେ ଗରୁଡ଼ ଶୟନ ନୀତି ଅନୁଷ୍ଠିତ ହେବ।

# ସର୍ବନିମ୍ନସ୍ତରକୁ ଖସିଲା ଇନ୍ଦ୍ରାବତୀ ଜଳଭଣ୍ଡାର

**ଭବାନୀପାଟଣା, ୧୭।୭(ଉତ୍ତମ କୁମାର ଦାଶ)**

ଚଳିତବର୍ଷ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନ ହେବା ଯୋଗୁ କଳାହାଣ୍ଡି ଜିଲାର ଲାଇଫ୍‌ଲାଇନ (ଜୀବନରେଖା) କୁହାଯାଉଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର ସର୍ବନିମ୍ନ ସ୍ତରରେ ରହି ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଜିଲାରେ ଗତ ୨ଦିନରେ ସାମାନ୍ୟ ବର୍ଷା ହେବା ଫଳରେ ଜଳଭଣ୍ଡାରର ଜଳସ୍ତର ମାତ୍ର ୦.୩୧ ମିଟର ବୃଦ୍ଧି ହୋଇ ୬୨୭.୬୫ମିଟରରେ ପହଞ୍ଚିଛି। ପୂର୍ବବର୍ଷ ଏହିସମୟରେ ଜଳସ୍ତର ୬୨୯.୮୬ମିଟର ରହିଥଲା। ନଦୀଗୁଡିକର ଉପରି ଭାଗରେ ପର୍ଯ୍ୟାପ୍ତ ପରିମାଣରେ ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଖଣି ଉତ୍ତୋଳନ ହେତୁ ବର୍ଷା ପରିମାଣ କମୁଛି। ଫଳରେ ଇନ୍ଦ୍ରାବତୀ, କାଣବିନ୍ଧା, ପେଟଫୁଲା ଭଳି ଚିରସ୍ରୋତା ନଦୀମାନଙ୍କରେ ଜଳ ପ୍ରବାହ କମିବାରେ ଲାଗିଛି।

ଇନ୍ଦ୍ରାବତୀ ଜଳଭଣ୍ଡାର ପରିଧି ୨୬୩୨ବର୍ଗ କି.ମି. ରହିଛି। ଏହି ଇଲାକାରେ ରହିଥିବା ଅନେକ ଝରଣା, ଛୋଟ ବଡ଼ ନଦୀ ଓ ଚାରି ପ୍ରମୁଖ ନଦୀ କପୁର, ମୁରାନ, ପୋଡ଼ା ଗଡ ଓ ଇନ୍ଦ୍ରାବତୀ ୧୧୦ବର୍ଗ କି.ମି. ପରିବ୍ୟାପ୍ତ ଜଳଭଣ୍ଡାରକୁ ପରିପୁଷ୍ଟ କରିଥାଏ। ଚଳିତ ଖରିଫ ଚାଷ ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପରୁ ୧,୧୮,୦୪୧ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନକଲେ ମାତ୍ର ୦.୬୫ମିଟର ପାଣି ଜଳ ସେଚନରେ ଉପଯୋଗ ହୋଇପାରେ ବୋଲି ଜଣାପଡିଛି। ଇନ୍ଦ୍ରାବତୀର ଡେଡ୍ ଷ୍ଟୋରେଜ ଲେଭଲ ୬୨୫ମିଟର ରହିଥିବା ବେଳେ ମୁହାଣରେ ପଙ୍କ ଜମାଟ ବାନ୍ଧିଥିବାରୁ ୬୨୭ମିଟର ପହଞ୍ଚିଲା ବେଳକୁ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ପୂର୍ବ ଇତିହାସକୁ ଅନୁଧ୍ୟାନକଲେ ୨୦୧୫ ଜୁଲାଇ ୩୧ତାରିଖ ସୁଦ୍ଧା ଜଳସ୍ତର ୬୩୦.୪୩ ମିଟର, ୨୦୧୬ରେ ୬୩୨.୮୪ମିଟର, ୨୦୧୭ରେ ୬୩୨.୦୮ ମିଟର, ୨୦୧୮ରେ ୬୩୪.୬୪ ମିଟର, ୨୦୧୯ରେ ୬୩୩.୫ ମିଟର, ୨୦୨୦ରେ ୬୩୦.୮୦ମିଟର, ୨୦୨୧ରେ ୬୩୦.୧୦ ମିଟର, ୨୦୨୨ରେ ୬୩୩.୦୯ ମିଟର, ୨୦୨୩ରେ ୬୨୯.୮୬ ମିଟର ରହିଥିଲା। ଆଗାମୀ ଦିନରେ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନ ହେଲେ ଜଳସେଚନ ସହ ବିଜୁଳି ଉତ୍ପାଦନରେ ଅଗ୍ରଣୀ ଭୂମିକା ରଖିଆସିଥିବା କଳାହାଣ୍ଡିର ଜୀବନରେଖା ପାଇଁ ବିପଦର ଘଣ୍ଟି ବାଜିବା ପୂର୍ବରୁ ସରକାର ବିହିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।


ଇନ୍ଦ୍ରାବତୀ ଜଳଭଣ୍ଡାର

# ଆଜି ଅଧରପଣା ନୀତି

**ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)**

ସରି ଆସୁଛି ଚଳିତ ବର୍ଷର ଘୋଷଯାତ୍ରା। ବୁଧବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ଅଧରପଣା ନୀତି ଅନୁଷ୍ଠିତ ହେବ। ରଥାରୂଢ଼ ଠାକୁରମାନଙ୍କୁ ଲାଗିହେବ ପଣା। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାଟିହାଣ୍ଡିରେ ପଣା ରଖାଯାଇ ଭୋଗ କରାଯାଉଥିବାରୁ ଏହି ନୀତିକୁ ଅଧରପଣା ନୀତି କୁହାଯାଇଥାଏ। ତିନି ବାଡ଼ରେ ତିନି ରଥ ଉପରେ ତିନୋଟି ଲେଖାଏ ହିସାବରେ ମୋଟ ୯ଟି ହାଣ୍ଡିରେ ପଣାଭୋଗ କରାଯିବ।



ପୂର୍ବରୁ ୧୨ ହାଣ୍ଡିରେ ଏବଂ ୩ଦିନ ଧରି ଅଧରପଣା ନୀତି ଅନୁଷ୍ଠିତ ହେଉଥିଲା ବୋଲି ଶୁଣିବାକୁ ମିଳେ। ତେବେ ବର୍ତ୍ତମାନ ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡ଼ି ଅଧରପଣା ପ୍ରସ୍ତୁତ କରାଯାଏ। ନୀତି ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟରେ ଥିବା ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପଣା ପ୍ରସ୍ତୁତ ହୋଇ ଅଧର ଚୁମ୍ବିତ ମାଟି ହାଣ୍ଡିଗୁଡିକରେ ରଖାଯାଏ। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଦାରୁବିଗ୍ରହମାନଙ୍କୁ ଭୋଗ ଲଗାଇଥାନ୍ତି। ଏହାପରେ ଠାକୁରମାନଙ୍କ ସମ୍ମୁଖରେ ପଣାହାଣ୍ଡିଗୁଡିକୁ ଭାଙ୍ଗି ଦିଆଯାଇଥାଏ। ଜନଶ୍ରୁତି ଅନୁଯାୟୀ, ତିନିରଥରେ ଠାକୁରଙ୍କ ସାଥିରେ ୩୩ କୋଟି ଦେବଦେବୀ, ଅସୁର, ଅଶରୀରୀ, କିନ୍ନର, ନାଗ, ଚଣ୍ଡୀ, ଚାମୁଣ୍ଡା, ଭୂତ, ପ୍ରେତ ଯାଇଥାନ୍ତି। ସେଥିପାଇଁ ଠାକୁରମାନଙ୍କୁ ଅର୍ପିତ ହୋଇଥିବା ଅଧରପଣା ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଇଥାଏ। ଯାହାଫଳରେ ଦେବ ଦାନବ ଚଣ୍ଡୀ ଚାମୁଣ୍ଡା ସମସ୍ତ ମହାପ୍ରଭୁଙ୍କ ପଣାପାଇ ତୃପ୍ତି ହୋଇ ସ୍ୱସ୍ଥାନକୁ ଫେରିଯାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି କାରଣରୁ ସାଧାରଣତଃ ଏହି ପଣା କାହାକୁ ଦିଆଯାଇ ନ ଥାଏ। ଏପରିକି ସେବକମାନେ ମଧ୍ୟ ପଣା ପିଇ ନ ଥାନ୍ତି।

# ତାମିଲନାଡୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

## ପାହାଡ଼ ତଳୁ ମିଳିଲା ମୃତଦେହ, ଦାଦନ ଖଟିବାକୁ ଯାଇଥିଲେ

**ମୋରଡ଼ା,୧୭।୭(ସ୍ମାରକ ମାଜୀ)**

ଦାଦନ ଖଟିବାକୁ ତାମିଲନାଡୁ ଯାଇ ନିଖୋଜ ଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତଦେହ ସେଠାକାର ଏକ ପାହାଡ଼ ତଳୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ବଡଫେରା ଗ୍ରାମର ରାମଦାସ ମାର୍ଣ୍ଡିଙ୍କ ପୁଅ କାରୁ (୧୯) ଦାଦନ ଖଟିବାକୁ ଗତ ମେ ମାସରେ ତାମିଲନାଡୁ ଯାଇଥିଲେ। ସେଠାକାର ତେରାମ ବାଲୁର ଜିଲା ଅଧୀନ ଇରୁର ନାମକ ଏକ ସ୍ଥାନରେ ପାହାଡ଼ ନିକଟରେ କ୍ରଶର ଫ୍ୟାକ୍ଟ୍ରିରେ ମାସିକ ୧୦ହଜାର ଟଙ୍କା ମଜୁରୀରେ କାମ କରୁଥିଲେ। ଗତ ଜୁଲାଇ ୧୩ ତାରିଖଠାରୁ କାରୁ ନିଖୋଜ ଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ନିକଟସ୍ଥ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ସେଠାକାର ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବୁଧବାର ସକାଳେ କାରୁଙ୍କ ମୃତଦେହ ସେଠାକାର ପାହାଡ଼ ତଳୁ ପୋଲିସ ଜବତ କରିଥିଲା।



କାରୁଙ୍କ ପରିବାର ଗରିବ ଶ୍ରେଣୀର। ତାଙ୍କ ସ୍ତ୍ରୀ ଯାସ୍ମି ମାର୍ଣ୍ଡି ଏବେ ୭ ମାସର ଅନ୍ତଃସତ୍ତ୍ୱା ଅଛନ୍ତି। କାରୁଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ମାଟିକୁ ଫେରିବ ବୋଲି ସୂଚନା ମିଳିଛି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୭ ବର୍ଷରେ ୮୪ ହଜାର ଶିଶୁ ଉଦ୍ଧାର

## ଆର୍‌ପିଏଫ୍‌ର 'ଅପରେଶନ୍ ନନ୍ହେ ଫରିସ୍ତେ'

**ଭୁବନେଶ୍ୱର,୧୭।୭ (ଅନୁରାଧା ମହାରଣା)**

୨୦୧୮ ମେ'ରୁ ୨୦୨୪ ମେ' ମଧ୍ୟରେ ରେଳପଥ ସୁରକ୍ଷା ବଳ (ଆରପିଏଫ୍) ୮୪ ହଜାରରୁ ଅଧିକ ଶିଶୁଙ୍କୁ ଉଦ୍ଧାର କରିଛି। ବିଭିନ୍ନ ଭାରତୀୟ ରେଳ ଜୋନ୍‌ରେ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲାମାନଙ୍କୁ ଉଦ୍ଧାର କରିବା ପାଇଁ ଆରମ୍ଭ ହୋଇଥିବା ଅଭିଯାନ 'ଅପରେଶନ୍ ନନ୍ହେ ଫରିସ୍ତେ' ଅଧିନରେ ଏହି ଉଦ୍ଧାର କାର୍ଯ୍ୟ କରାଯାଇଛି। ଗତ ସାତ ବର୍ଷ ମଧ୍ୟରେ ଆର୍‌ପିଏଫ୍ ଷ୍ଟେଶନ ଏବଂ ଟ୍ରେନରେ ବିପଦରେ ଥିବା ୮୪,୧୧୯ ଜଣ ଉଦ୍ଧାର କରିବାରେ ସକ୍ଷମ ହୋଇଛି।

ଏହି ଅଭିଯାନ ସମ୍ପର୍କିତ ଆରପିଏଫ୍ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ୨୦୧୮ରେ ମୋଟ ୧୭,୧୧୨ ପିଲାଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୩,୧୮୭ ପିଲା ଘରୁ ଲୁଚି ପଳାଇ ଆସିଥିବା ଜଣାପଡ଼ିଛି। ନିଖୋଜ ଶିଶୁଙ୍କ ସଂଖ୍ୟା ୨,୧୦୫ ରହିଥିବାବେଳେ ପରିତ୍ୟକ୍ତ ଅବସ୍ଥାରେ ୧,୦୯୧ ଶିଶୁଙ୍କୁ ଠାବ କରାଯାଇଥିଲା। ୪୦୦ ପିଲା ଗରିବ, ୮୭ଜଣ ଅପହରଣ ହୋଇଥିଲେ, ୭୮ଜଣ ମାନସିକ ବିକାରଗ୍ରସ୍ତ ଏବଂ ୧୩୧ ଜଣଙ୍କୁ ବିଭିନ୍ନ ରାସ୍ତାରୁ ଉଦ୍ଧାର କରାଯାଇଛି। ୨୦୧୯ରେ ଉଦ୍ଧାର ହୋଇଥିବା ମୋଟ ୧୫,୯୩୨ ଶିଶୁଙ୍କ ମଧ୍ୟରୁ ୧୨,୭୦୮ ଶିଶୁ ଘର ଛାଡ଼ି ଚାଲିଥିବାବେଳେ ୧,୪୫୪ ନିଖୋଜ, ୧୦୩୬ଜଣଙ୍କୁ ପରିବାର ତ୍ୟାଗ କରିଥିବା ଜଣାପଡ଼ିଛି। ସେହିପରି ୩୫୦ ଗରିବ ଶ୍ରେଣୀର, ୫୬ଜଣ ଅପହୃତ, ୧୨୩ ମାନସିକ ବିକାରଗ୍ରସ୍ତ ଏବଂ ୧୭୧ ଭୂମିହୀନ ଶିଶୁ ରହିଛନ୍ତି। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ୨୦୨୦ରେ ୫,୦୧୧ ପିଲାଙ୍କୁ ଉଦ୍ଧାର କରିବାରେ ଆର୍‌ପିଏଫ୍ ସଫଳ ହୋଇଥିଲା। ସେହିପରି ୨୦୨୧ରେ ଆର୍‌ପିଏଫ୍ ୧୧,୯୦୭ ପିଲାଙ୍କୁ ଉଦ୍ଧାର କରିଛି। ୨୦୨୨ରେ ସର୍ବାଧିକ ୧୭,୭୫୬ ପିଲାଙ୍କୁ ଉଦ୍ଧାର କରାଯାଇଛି। ଏହି ବର୍ଷ ୧୪,୬୦୩ ଜଣ ଶିଶୁ ଘରୁ ଲୁଚି ପଳେଇଯାଇଥିବାବେଳେ ୧,୧୫୬ ଜଣ ନିଖୋଜ, ୧୦୩୫ ଜଣ ପରିତ୍ୟକ୍ତ ଶିଶୁ, ୩୮୪ ଗରିବଶ୍ରେଣୀର ଶିଶୁ, ୧୬୧ ଜଣ ଅପହୃତ, ୮୬ଜଣ ମାନସିକ ବିକାରଗ୍ରସ୍ତ ଶିଶୁ ଏବଂ ୨୧୨ ଭୂମିହୀନ ଶିଶୁ ବୋଲି ଚିହ୍ନଟ କରାଯାଇଛି। ୨୦୨୩ରେ ଉଦ୍ଧାର ହୋଇଥିବା ୧୧,୭୯୪ ଜଣ ଶିଶୁଙ୍କ ମଧ୍ୟରୁ ୮,୯୧୬ ଘରୁ ଲୁଚି ପଳାଇଥିବାବେଳେ ୯୮୬ ଜଣ ନିଖୋଜ, ୧୦୫୫ ଜଣ ପରିତ୍ୟକ୍ତ, ୨୩୬ ଜଣ ଅପହୃତ, ୧୧୨ଜଣ ମାନସିକ ବିକାରଗ୍ରସ୍ତ ଏବଂ ୨୩୭ ଜଣ ଭୂମିହୀନ ଶିଶୁଙ୍କୁ ସୁରକ୍ଷା ଦେବାରେ ଆରପିଏଫ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୨୦୨୪ ମେ' ମାସ ସୁଦ୍ଧା ଆରପିଏଫ୍ ୪,୬୦୭ ପିଲାଙ୍କୁ ଉଦ୍ଧାର କରିସାରିଛି। ସେମାନଙ୍କ ମଧ୍ୟରୁ ୩,୪୩୦ ଜଣ ଘରୁ ଲୁଚି ପଳାଇଆସିଥିବା ସୂଚନା ରହିଛି।

ଆର୍‌ପିଏଫ୍ କେବଳ ପିଲାମାନଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାର ସଦସ୍ୟ କିମ୍ବା ଦାବୀଦାରଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଟ୍ରାକ୍ ଚାଇଲ୍ଡ ପୋର୍ଟାଲରେ ପୀଡ଼ିତ ଶିଶୁ ବିଷୟରେ ବିସ୍ତୃତ ବିବରଣୀ ରହିଥିବାବେଳେ ଭାରତୀୟ ରେଳ ୧୩୫ରୁ ଅଧିକ ରେଳ ଷ୍ଟେଶନରେ ଶିଶୁ ହେଲ୍ପ ଡେସ୍କ ସ୍ଥାପନ କରିଛି। ଆର୍‌ପିଏଫ୍ ଦ୍ୱାରା ଉଦ୍ଧାର କରାଯାଉଥିବା ଶିଶୁଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ଜରିଆରେ ମାତାପିତାଙ୍କୁ ହସ୍ତାନ୍ତର କରିବାର ବ୍ୟବସ୍ଥା ରହିଛି।

# ବର୍ଷା ପାଇଁ ବେଙ୍ଗ-ବେଙ୍ଗୁଲୀ ବାହାଘର

## ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବାକୁ ନିଆରା ପରମ୍ପରା

**ପାଟଣା,୧୭।୭(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷକାର୍ଯ୍ୟ ଆଗେଇପାରୁନାହିଁ। ଆଷାଢ଼ ସରିବାକୁ ବସିଲାଣି ଶାରଦ ଜଳ ଜମି ଏବେ ବି ଶୁଖିଲା ପଡ଼ିଛି। ବିଲରେ କେଉଁଠି ଧାନତଳି ବୁଢ଼ା ହେଲାଣି ତ କେଉଁଠି ଅଭାବୀ ବୃଷ୍ଟିପାତରୁ ତଳି ମରିଗଲାଣି। ଏଭଳି ସ୍ଥଳେ ଚାଷୀକୁଳ ହତାଶ ହୋଇ ବେଙ୍ଗ-ବେଙ୍ଗୁଲୀ ବାହାଘର କରି ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ ପାଇଁ ପୂଜା କରୁଛନ୍ତି। ଏହି ନିଆରା ପରମ୍ପରା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ଗୋଡ଼ିପୋଖରୀ ଗ୍ରାମରେ। ସୂଚନା ଅନୁଯାୟୀ, ଗ୍ରାମବାସୀ ବର୍ଷା ପାଇଁ ଗ୍ରାମରେ ପୋଥି ବସାଇ ବୁଧବାର ଇନ୍ଦ୍ର ଯଜ୍ଞ କରିଥିଲେ। ପରେ ବେଙ୍ଗ-ବେଙ୍ଗୁଲୀ ବାହାଘର କରାଇଛନ୍ତି। ଲୋକଙ୍କ ବିଶ୍ୱାସ ରହିଛି ଏଭଳି କଲେ ଇନ୍ଦ୍ରଦେବ ସନ୍ତୁଷ୍ଟ ହେବା ସହ ଭଲ ବୃଷ୍ଟିପାତ ହେବ। ଏ ନେଇ ଗୋଡ଼ିପୋଖରୀ ଗାଁରେ ଥିବା ଠାକୁରାଣୀ ଶାଳରେ ପ୍ରଥମେ ଗ୍ରାମଦେବତୀଙ୍କୁ ଦେହୁରୀ ପୂଜା ଅର୍ଚ୍ଚନା କରିଥିଲେ। ପରେ ମହିଳାମାନେ ଭଜନ କୀର୍ତ୍ତନକରି ଗ୍ରାମ ଦେବତୀଙ୍କ ନିକଟରେ ପୂଜାକରି ଶାଳରେ ଦେହୁରୀଙ୍କୁ ଗାଧୋଇ ଦେଇଥିଲେ। ପରେ ଏକ କଳସରେ ବେଙ୍ଗ, ବେଙ୍ଗୁଲୀଙ୍କୁ ନେଇ ଗାଁ ପରିକ୍ରମା କରିଥିଲେ। ଗାଁ ମୁଣ୍ଡରେ ଚାଲିଥିବା ପୂଜା ନିକଟକୁ ଯାଇ ବେଙ୍ଗ ଆଉ ବେଙ୍ଗୁଲୀ ବାହାଘର କରିଥିଲେ। ଏହାପରେ ଗାଁରେ ନାଚଗୀତରେ ମସ୍‌ଗୁଲ ହୋଇ ବେଙ୍ଗ ବେଙ୍ଗୁଲୀଙ୍କୁ ମହିଳାମାନେ ଘରକୁ ଘର ବୁଲାଇ ନିକଟସ୍ଥ ପୋଖରୀରେ ବିସର୍ଜନକରି ଇନ୍ଦ୍ରଦେବତାଙ୍କ ନିକଟରେ ବର୍ଷାହେବାକୁ ସାମୂହିକ ପ୍ରାର୍ଥନା କରିଥିଲେ। ବାହାଘର ଗ୍ରାମର ମୁରବି କହ୍ନେଇ ଚରଣ ନାଏକ, ପ୍ରେମାନନ୍ଦ ମହାନ୍ତ, ବେଣୁଧର ନାଏକ, ରବୀନ୍ଦ୍ର ନାଏକ, ତ୍ରିଲୋଚନ ନାଏକ, ରାସ ବିହାରୀ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି।


କଳସରେ ବେଙ୍ଗ ବେଙ୍ଗୁଲୀ ରଖି ବାହାଘର କରାଯାଉଛି।

# ଟ୍ରାକ୍ଟର ଶୋ'ରୁମ୍ କର୍ମଚାରୀଙ୍କୁ ମାଡ଼, ବାଇକ୍ ପୋଡ଼ି: ଗୃହରକ୍ଷୀଙ୍କ ସମେତ ୪ ଗିରଫ

**ବିନିକା,୧୭।୭(ରାମଗୋପାଳ ବାଘ)**

ଟ୍ରାକ୍ଟର ବିକ୍ରି ପାଇଁ ଗାଁକୁ ଯାଇଥିବା ଶୋ'ରୁମ୍‌ର କର୍ମଚାରୀଙ୍କୁ ଗୃହରକ୍ଷୀଙ୍କ ସମେତ ୪ଜଣ ଗୃହବନ୍ଦୀ ରଖି ନିସ୍ତୁକ ମାଡ଼ ମାରିଛନ୍ତି। ବିନିକା ପୋଲିସ ଗୃହରକ୍ଷୀଙ୍କ ଘରୁ ଶୋ'ରୁମ୍‌ର ୨ କର୍ମଚାରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଛି। ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବିନିକା ଥାନା ବାବୁପାଲି ପଞ୍ଚାୟତର ତାଳମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଏହି ଘଟଣାରେ ଲଛିପୁର ଥାନାର ଗୃହରକ୍ଷୀ ତଥା ତାଳମୁଣ୍ଡା ଗ୍ରାମର ପୀତାମ୍ବର ପଧାନ, ସହଯୋଗୀ ଦୁର୍ଯ୍ୟୋଧନ ପଧାନ, କୈଳାସ ପଧାନ ଓ ସଞ୍ଜୟ ପଧାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ ସୋନପୁର ଶାନ୍ତି ଟ୍ରାକ୍ଟର ଶୋ'ରୁମ୍‌ର କର୍ମଚାରୀ ସୋନପୁର ଥାନା ଡୁଙ୍ଗୁରିପାଲି ଗାଁର ମୁକେଶ ରଞ୍ଜନ ମିଶ୍ର ଓ ବିନିକା ଥାନା ବାଉଁଶୁଣୀ ଗ୍ରାମର ଚନ୍ଦନ ଦେହୁରୀ ମଙ୍ଗଳବାର ତାଳମୁଣ୍ଡା ଗାଁକୁ ଯାଇଥିଲେ। ମୁକେଶ ଓ ଚନ୍ଦନ ଆଇଚର କମ୍ପାନୀର ଟ୍ରାକ୍ଟର ବିକ୍ରି ଓ ଋଣ ସୁବିଧା ସମ୍ପର୍କରେ ଗ୍ରାମର ଆଗ୍ରହୀ ଚାଷୀଙ୍କ ସହିତ ଆଲୋଚନା କରୁଥିଲେ। ଏହି ସମୟରେ ଗୃହରକ୍ଷୀ ପୀତାମ୍ବର ନିଜର ସହଯୋଗୀଙ୍କ ସହିତ ମିଶି ଶୋ'ରୁମ୍ କର୍ମଚାରୀଙ୍କୁ ନିଜ ଘରକୁ ଜବରଦସ୍ତ ନେଇଯାଇଥିଲେ। ପୀତାମ୍ବର ଓ ତାଙ୍କ ସହଯୋଗୀ ଶୋ'ରୁମ୍ କର୍ମଚାରୀ ମୁକେଶ ଓ ଚନ୍ଦନଙ୍କୁ ଘରେ ବନ୍ଦୀ କରି ରଖିବା ସହ ଲୁହା ରଡରେ ମାଡ଼ ମାରିଥିଲେ। ଏପରିକି କର୍ମଚାରୀଙ୍କ ହିରୋ ଗ୍ଲାମର ବାଇକ୍ (ନଂ ଓଡି୧୨ବି-୭୮୪୩)କୁ ପୋଡି ଦେଇଥିଲେ।


ଗିରଫ ୪ ଅଭିଯୁକ୍ତ।

ସୂଚନା ଅନୁସାରେ ପୀତାମ୍ବର ୨ଟି ଟ୍ରାକ୍ଟର ଏକ ବ୍ୟାଙ୍କରୁ ଋଣରେ ନେଇଥିଲେ। ସେ ଋଣ ଶୁଝି ନ ପାରିବାରୁ ଫାଇନାନ୍ସ କମ୍ପାନୀ ତାଙ୍କର ୨ଟି ଯାକ ଟ୍ରାକ୍ଟରକୁ ପୂର୍ବରୁ ନେଇଯାଇଥିଲା। ତେବେ ପୀତାମ୍ବର ନିଜର କ୍ରୋଧ ଟ୍ରାକ୍ଟର ଶୋ'ରୁମ୍ କର୍ମଚାରୀଙ୍କ ଉପରେ ଶୁଝାଇଥିବା ଆଲୋଚନା ହେଉଛି। ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ପାଇବା ପରେ ନିଜର ଟିମ୍ ସହିତ ତାଳମୁଣ୍ଡାକୁ ଯାଇଥିଲେ। ପୋଲିସ ଟିମ୍ ଚଢାଉ କରି ୨ କର୍ମଚାରୀଙ୍କୁ ଗୃହରକ୍ଷୀଙ୍କ ଘରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପୀତାମ୍ବର ଓ ତାଙ୍କ ୩ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଏ ବିନିକା ଥାନାରେ ଏକ ମାମଲା (୨୫୫/୨୪)ରୁଜୁ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପନିକିରେ ବେକ କାଟି ଯୁବକଙ୍କ ଆତ୍ମହତ୍ୟା

କେନ୍ଦୁଝର,୧୭।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳର ଜଣେ ଯୁବକ ପନିକିରେ ନିଜ ବେକ କାଟି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାଉରୀପଦା ପଞ୍ଚାୟତ ମୁକୁନା ଗ୍ରାମର ରଣଜିତ କୁମାର ନାଏକ(୩୫)। ରଣଜିତ ମଙ୍ଗଳବାର ରାତି ୧୦ଟାରେ ଘରେ ଏକା ଥିବା ବେଳେ ପନିକିରେ ନିଜ ବେକ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହିତ ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଣଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ଖବରପାଇ ସଦର ଥାନା ଏସ୍‌ଆଇ ଦିଲୀପ ମୁର୍ମୁ ମେଡିକାଲରେ ପହଞ୍ଚି ଏକ ମାମଲା(ନଂ.୪୫/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପୂର୍ବରୁ ମଧ୍ୟ ରଞ୍ଜିତ ବ୍ଲେଡ୍‌ରେ ବେକ କାଟିଥିବା ପରିବାର ଲୋକେ କହିଛନ୍ତି। ସେ କାହିଁକି ଆତ୍ମହତ୍ୟା କଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# କୋଏମ୍ବାଟୁରରେ ଓଡ଼ିଆ ଦାଦନ ଶ୍ରମିକ ମୃତ

ପାତ୍ରପୁର,୧୭।୭(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଚଲଣା ପାହାଡ଼ ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ କୋଏମ୍ବାଟୁର ଯାଇଥିବାବେଳେ ସେଠାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ସନ୍ତୋଷ ଜାନି (୨୮)। ତାଙ୍କୁ ଡେଙ୍ଗୁ ସହିତ ମ୍ୟାଲେରିଆ ହୋଇଥିବା ଡାକ୍ତରଖାନାରୁ ସୂଚନା ମିଳିଥିବା ସାଙ୍ଗମାନେ କହିଛନ୍ତି। କିଛି ଦିନ ପୂର୍ବରୁ ସନ୍ତୋଷ ଗାଁକୁ ଆସିଥିଲେ। ଗତ ୬ ତାରିଖରେ କୋଏମ୍ବାଟୁର ଯାଇ ଅନ୍ୟ କମ୍ପାନୀରେ କାମ ଖୋଜୁଥିବାବେଳେ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ୯ତାରିଖରେ ପ୍ରବଳ ଜ୍ୱର ହେବାରୁ ସାଙ୍ଗମାନେ ଚିକିତ୍ସା ପାଇଁ ନିକଟ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସରକାରୀ ଡାକ୍ତରଖାନାକୁ ୧୩ ତାରିଖରେ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଥିଲା। ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଅଣାଯାଉଥିବା ସୂଚନା ମିଳିଛି।

# ମାଛ ତରକାରି ପାଇଁ ମା'ଙ୍କ ତଣ୍ଟିଚିପି ମାରିଦେଲେ ପୁଅ

## ସ୍ୱାମୀଙ୍କୁ ଫାଶୀ ଦେବାକୁ ଦାବି କଲେ ସ୍ତ୍ରୀ

ସିମୁଳିଆ,୧୭।୭(ସନ୍ତୋଷ ନାୟକ)

ଅଧିକାଂଶ ସମୟ ନିଶାଗ୍ରସ୍ତ ଅବସ୍ଥାରେ ରହୁଥିବାରୁ ସ୍ତ୍ରୀ, ପିଲା, ଭାଇ ଅଲଗା ରହୁଛନ୍ତି। ମା'ଙ୍କ ପାଖରେ ଆଶ୍ରୟ ନେଇ ରହୁଥିଲେ। ହେଲେ ମା' ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କଲେ ନାହିଁ ବୋଲି ତାଙ୍କୁ ତଣ୍ଟି ଚିପି ହତ୍ୟା କରିଛନ୍ତି ଜଣେ ପୁଅ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ସିମୁଳିଆ ଥାନା କାଞ୍ଚପଡା ପଞ୍ଚାୟତ ତାଳପଦା ଅଞ୍ଚଳରେ। ମୃତ ମହିଳା ହେଲେ ବାସନ୍ତୀ ମହାନ୍ତି(୬୫)। ହତ୍ୟାକାରି ପୁଅ ହେଲେ ଅରୁଣ ମହାନ୍ତି(୩୯)। ସ୍ୱାମୀଙ୍କ ଏଭଳି କାର୍ଯ୍ୟରେ ଏତେମାତ୍ରାରେ ଅତିଷ୍ଠ ହୋଇଯାଇଛନ୍ତି ଯେ ତାଙ୍କୁ ଫାଶୀ ଦେବା ପାଇଁ ଖୋଦ୍ ସ୍ତ୍ରୀ କବିତା ଦାବି କରିଛନ୍ତି।

ପ୍ରକାଶ ଯେ, ଅରୁଣ ଅଧିକାଂଶ ସମୟରେ ମାତାଲ ଅବସ୍ଥାରେ ରହି ଘର ଲୋକଙ୍କୁ ମାରଧର କରି ବିଶୃଙ୍ଖଳା କରନ୍ତି। ଏହି କାରଣରୁ ତାଙ୍କ ସ୍ତ୍ରୀ ନିଜର ୪ ପିଲାଙ୍କ ସହିତ ଅଲଗା ରହିବା ସହିତ କାମ କରି ଭରଣପୋଷଣ କରନ୍ତି। ଅରୁଣଙ୍କ ସାନ ଭାଇ ଅଜୟ ମଧ୍ୟ ନିଜ ପରିବାର ସହିତ ଅଲଗା ରୁହନ୍ତି। ବାପା ଆନନ୍ଦଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ଅରୁଣ ନିଜ ମା'ଙ୍କ ପାଖରେ ଖିଆପିଆ କରନ୍ତି। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ଅରୁଣ ମାତାଲ ଅବସ୍ଥାରେ ମାଛ ତରକାରି ଖୋଜିଥିଲେ। ମା' କରି ନ ଥିବା କହିବାରୁ ଅରୁଣ ମା'ଙ୍କ ତଣ୍ଟି ଚିପି ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ସ୍ତ୍ରୀ କବିତା ଘଟଣାସ୍ଥଳକୁ ଦୌଡ଼ିଆସିବା ସହିତ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଅରୁଣଙ୍କ ନିକଟରୁ ତାଙ୍କ ଉଦ୍ଧାର କରିବା ପରେ ମା' ବାସନ୍ତୀ ଜୀବନ ବିକଳରେ ଦୌଡି ପଳାଇଯାଇ କିଛି ଦୂରରେ ପଡ଼ି ଯାଇଥିଲେ। ତୁରନ୍ତ ତାଙ୍କୁ ସିମୁଳିଆ ମେଡିକାଲକୁ ଅଣାଯାଇଥିଲା, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ଏକ ମାମଲା(ନଂ. ୧୯୮/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅରୁଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ମାଓବାଦୀ- ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ

ରାଉରକେଲା,
୧୭।୭(ସଙ୍ଗୀତା ଜେନା)



ଜବତ ହୋଇଥିବା ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ

ଓଡ଼ିଶା -ଝାଡ଼ଖଣ୍ଡ ସୀମାନ୍ତ ଛୋଟନାଗପୁର ଦୋଲାଇଗଡ଼ ଜଙ୍ଗଲରେ ବୁଧବାର ଭୋର୍‌ରୁ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପ୍ରାୟ ଅଧଘଣ୍ଟା ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀମାନେ ଜଙ୍ଗଲ ମଧ୍ୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି। ଏଠାରୁ ଗୋଟିଏ ରାଇଫଲ୍, ୩ଟି ମାଗାଜିନ୍ , ୩୦୩ ରାଇଫଲ୍, ୯ଏମ୍‌ଏମ୍ ପିସ୍ତଲ, ୩୪ଟି ଡେଟୋନେଟର୍, ୧୭୪ ରାଉଣ୍ଡ ଏସ୍‌ଏଏ ଆର୍ ଗୁଳି, ମାଓବାଦୀ ବ୍ୟାନର, ପୋଷାକ ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ କୋଲହାନ୍ ଅଞ୍ଚଳରେ ମାଓବାଦୀ ନେତା ଅନ୍‌ମୋଲ, ଅଜୟ ମହତୋ, ଅଶ୍ୱିନ, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ସକ୍ରିୟ ଥିବା ସୁରକ୍ଷାକର୍ମୀ ଜାଣିବାକୁ ପାଇଥିଲେ। ଏନେଇ ଛୋଟନାଗପୁର ଓ ମନୋହରପୁର ଥାନା ସୀମାବର୍ତ୍ତୀ ଜଙ୍ଗଲରେ କୋମ୍ବିଂ ଅପରେଶନ୍ ଆରମ୍ଭ ହୋଇଥିଲା। ଉକ୍ତ ଅଭିଯାନରେ ସିଆର୍‌ପିଏଫ୍, କୋବ୍ରା ବାଟାଲିୟନ୍ ସାମିଲ ହୋଇଥିଲେ।

# ରାଜଧାନୀରେ ଖଣ୍ଡା ବୁଲାଇ କାର୍ ଭାଙ୍ଗିବା ଘଟଣା: ଆଉ ଜଣେ ଗିରଫ

ଭୁବନେଶ୍ୱର,୧୭।୭(ସତ୍ୟଜିତ୍ ରାଉତ)

ରାଜଧାନୀ ବଡ଼ଗଡ ଥାନା ଅନ୍ତର୍ଗତ ବିଜେବି ନଗରସ୍ଥିତ ଗଧିଆଖାଲବସ୍ତି ଅରବିନ୍ଦ କଲୋନୀ ଅଞ୍ଚଳରେ ଗୁଳି ଫୁଟାଇବା ସହ ଖଣ୍ଡା ବୁଲାଇ ଆତଙ୍କରାଜ ସୃଷ୍ଟି କରିବା ଘଟଣାରେ କମିଶନରେଟ୍ ପୋଲିସ ଖୋଳତାଡ ଜାରି ରଖିଛି। ଏହି ଘଟଣାରେ ବନ୍ଧୁକ ଚଳାଇଥିବା ଜଣେ ଅଭିଯୁକ୍ତଙ୍କୁ ବଡ଼ଗଡ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଝରଣାସାହିରେ ରହୁଥିବା ଜଙ୍କିଆ ଅଞ୍ଚଳର ନରେଶ ଜେନା (୨୬)। ତାଙ୍କ ନିକଟରୁ ଏକ ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ଜଣେ ନାବାଳକଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରିଥିଲା। ଦାଦାବଟି ନ ଦେବାରୁ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇଥିଲେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ନିର୍ବନ୍ଧ ଶାଢ଼ି ପିନ୍ଧି ଯୁବତୀଙ୍କ ଆତ୍ମହତ୍ୟା

ବୁଗୁଡ଼ା, ୧୭।୭(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡା ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିବା ରଶ୍ମିତା ବେହେରା(୨୫)ଙ୍କ ଝୁଲନ୍ତା ମୃତଦେହ ବୁଗୁଡ଼ା ଅରବିନ୍ଦନଗର ୨ୟ ଲାଇନ୍‌ରେ ଥିବା ଭଡ଼ାଘରୁ ପୋଲିସ ଜବତ କରିଛି। ରଶ୍ମିତାଙ୍କ ନିଜ ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ନିକଟସ୍ଥ ସୋରଣ ଗ୍ରାମରେ । ତାଙ୍କର ଦୁଇ ମାସ ପୂର୍ବରୁ କୁହୁଡି ଗ୍ରାମର ଜଣେ ଯୁବକଙ୍କ ସହ ନିର୍ବନ୍ଧ ହୋଇସାରିଥିବା ବେଳେ ଗତ ୧୨ ତାରିଖରେ ବାହାଘର ପାଇଁ ସ୍ଥିର ହୋଇଥିଲା। ତେବେ କୌଣସି କାରଣବଶତଃ ବାହାଘର ସ୍ଥଗିତ ହୋଇଥିଲା। ତେବେ ନିର୍ବନ୍ଧ ସମୟରେ ପୁଅଘର ପକ୍ଷରୁ ଦିଆଯାଇଥିବା ଶାଢ଼ି ଓ ଚୁଡ଼ି ପିନ୍ଧି ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ରଶ୍ମିତାଙ୍କ ୪ ପୃଷ୍ଠାର ଏକ ହାତଲେଖା ଡାଏରୀ ଜବତ କରିଛି।

ପଡ଼ୋଶୀଙ୍କ ସୂଚନା ଅନୁସାରେ ରଶ୍ମିତା ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ। ବୁଧବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ତାଙ୍କ କବାଟ ଖୋଲା ନ ହେବାରୁ ପଡ଼ୋଶୀ ଘର କବାଟ ବାଡ଼େଇ ଡାକିଥିଲେ। ଏପରି କି ତାଙ୍କ ମୋବାଇଲକୁ କଲ୍ କରିଥିଲେ ହେଁ କୌଣସି ଉତ୍ତର ନ ମିଳିବାରୁ ସନ୍ଦେହ ହୋଇଥିଲା। ଫଳରେ ଘର ମାଲିକଙ୍କୁ ଡାକି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ କବାଟ ଭାଙ୍ଗି ଭିତରେ ପଶିବା ପରେ ରଶ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ବାପା ଗଙ୍ଗାଧର ବେହେରା ସନ୍ଧ୍ୟାରେ ପହଞ୍ଚିବା ପରେ ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାଯାଇଛି।

# ରେକର୍ଡ ନ ଦେବାରୁ ପୂର୍ବତନ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଥାନାରେ ମାମଲା

ମାଲକାନଗିରି, ୧୭।୭ (ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଆଇଟିଡିଏ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରୁ ଗତ ମାର୍ଚ୍ଚରେ ବଦଳି ହେବାପରେ ସରକାରୀ ରେକର୍ଡ ଏବଂ ମାପ ପୁସ୍ତକ ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଅଫିସରେ ନ ଦେବାରୁ କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀଧର ବିହାରୀଙ୍କ ବିରୋଧରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ଥାନେ ମାଲକାନଗିରି ଆଦର୍ଶ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶଯେ, ଡିସେମ୍ବର ୨୦୧୮ରୁ ମାଲକାନଗିରି ଆଇଟିଡିଏରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟକରି ଆସୁଥିବା ବିହାରୀଙ୍କର ଚଳିତ ବର୍ଷ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗକୁ ବଦଳିହୋଇଛି। ତେବେ ସେ ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ସମସ୍ତ ରେକର୍ଡ ମଧ୍ୟରୁ କିଛି ରେକର୍ଡ ଫେରସ୍ତ କରି ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରାଇ ନ ଥିଲେ। ଏହାକୁ ନେଇ ଅବଶିଷ୍ଟ ରେକର୍ଡ ଏବଂ ମାପ ପୁସ୍ତକ ହସ୍ତାନ୍ତର କରିବାକୁ ପ୍ରାୟ ୩ ଥର ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ମଧ୍ୟ ସେ ତାହା ଫେରସ୍ତ କରି ନ ଥିଲେ। ଫଳରେ ଆଇଟିଡିଏର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ଥାନେ ଲିଖିତ ଭାବେ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଜଙ୍ଗଲକୁ କରଡ଼ି ପାଇଁ ଯାଇ ଯୁବକ ନିଖୋଜ

ଦାମନଯୋଡ଼ି,୧୭।୭ (ମାନସ ରଞ୍ଜନ କର)



ଲକ୍ଷ୍ମଣ ନାୟକ

କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମରିଚମାଳ ଗ୍ରାମର ଲକ୍ଷ୍ମଣ ନାୟକ (୨୫) ମଙ୍ଗଳବାର ଅପରାହ୍ନରେ ନିକଟସ୍ଥ ବୁଢ଼ାପଣସ ଗ୍ରାମ ଜଙ୍ଗଲକୁ ବାଉଁଶ କରଡ଼ି ଆଣିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଅପରାହ୍ନରେ ଏକ ବାଇକ୍‌ରେ ମରିଚମାଳ ଗ୍ରାମରୁ ଲକ୍ଷ୍ମଣଙ୍କ ସହ ୩ଜଣ ଯୁବକ ଯାଇଥିଲେ। ମାତ୍ର ଫେରିବା ବେଳେ ଦୁଇ ଜଣ ଆସିଥିଲେ। ତେବେ ଏହି ୨ ଯୁବକ ବାଟରେ ଦୁର୍ଘଟଣାର ଶିକାର ହୋଇ ଜଣେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଅନ୍ୟ ଜଣେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ଲକ୍ଷ୍ମଣଙ୍କୁ ବୁଧବାର ତାଙ୍କ ପରିବାର ଓ ଗ୍ରାମର କେତେଜଣ ଯୁବକ ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନାହାନ୍ତି। ପରିବାର ଲୋକେ ଏ ସମ୍ପର୍କରେ ଦାମନଯୋଡ଼ି ଥାନାରେ ଜଣାଇଥିଲେ। ସନ୍ଧ୍ୟାରେ ପୋଲିସ ଉକ୍ତ ଅଞ୍ଚଳକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ଲକ୍ଷ୍ମଣଙ୍କୁ ପାଇନାହିଁ।

## Classified Everyday 0674-2580101, 2549949



REAL ESTATE

SALE

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**Plot for sale at Puri Konark Marine Drive (850/-per sqft.). Contact: 6371703010.** D-750

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-762

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977



Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Newly open health benefits SPA special Offer @ 999 Bapujinagar. 8018429809. D-76134

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax refreshment body massage therapy by experience lady therapist. 7008773793. D-76133

Relax, refresh your body, mind by expert therapist. Contact: 9938843929. D-768

AFFIDAVIT

I, Benudhara Sahoo, S/o- Kahnucharana Sahoo, At- Samantarapur, P.O./ Dist.- Khordha, PIN-752055, Odisha declare by this affidavit No.-5827 dtd. 16.07.2024 that now onwards I shall be known as BENUDHAR SAHOO For all future purposes. D-765

I, SEIKH ALTAB HOSSAIN, S/o- Late SK ABDUL ODUD, resident of At- Dang, P.O.- Bardol, P.S.- Bargarh, Dist.- Bargarh, Pin-768038, Odisha declare by this affidavit No.573 dtd.16.07.2024 that now onwards I shall be known as SK ALTAB HOSSAIN for all future purpose. D-767

Your classified advertisement published in Dharitri will be listed free in Dharitri online edition: **dharitriepaper.in**

By virtue of an affidavit sworn before the Notary Public, Loisingha, I Jhasanetri Chuhan, W/o Durgaprasad Chuhan, R/O- Village - Bhalupali, P.O.- Badibahal, Dist.- Balangir, Odisha declare that after marriage I have changed my name from Kousalya Mahala to Jhasanetri Chuhan. that both the names belong to one and same person. D-769

I, Abhiram Nayak (41), Rank- Naik No. 14667678N, S/o- Gopal Nayak, Vill.: Chasakhanda, P.S.: Chandbali, Dist.: Bhadrak, Odisha. My wife's name is Subhrarani Biswal mentioned in all of essential identity proof issued by the concerned authority. But in my service record my wife's name has been mentioned as Subhrarani Nayak instead of her correct name Subhrarani Biswal. By virtue of this affidavit kindly allowed to my wife's correct name in my service record. D-770

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ସତରତମ ଶ୍ରାଦ୍ଧବାର୍ଷିକୀ**



√ ଶ୍ରୀମତୀ ବିମଳିନୀ ଦାଶ୍ (କୁନି)
C/o - ନବକିଶୋର ଦାଶ୍, ପ୍ଲଟ୍ - ୨୧, ଭୌମନଗର, ୟୁନିଟ୍ - ୪, ଭୁବନେଶ୍ୱର
ମହାପ୍ରୟାଣ : ଆଷାଢ଼, ଶୁକ୍ଳପକ୍ଷ ଦ୍ୱାଦଶୀତିଥି (ତା. ୨୭.୦୭.୨୦୦୭)
ବୋଉ, ଓଁ ଯମଦ୍ୱାରେ ମହାଘୋରେ ଯତ୍ ସ୍ୟାତ୍ ମାତୃଷ୍ଣ ଶୋଚନମ୍ ତସ୍ୟ ନିଷ୍କୃତ୍ୟର୍ଥାୟ ମାତୃପିଣ୍ଡ ଦଦାମ୍ୟହମ୍ ଓଁ ମାତୃଭ୍ୟୋ ନମଃ - ଓଁ ମାତ୍ରାଦୟଃ କ୍ଷମଧ୍ୱମ୍।
ଆପଣଙ୍କର ଚିରଋଣୀ
ରଜନୀ, ରାନୁ, ଯାମିନୀ, ଜ୍ୟୋତ୍ସ୍ନା, ଲିନା ରିନା, ନିନା, ବାଦଲ, ୟୁରି
ଧ-୭୬୩

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ ସୁରମା ପାଢ଼ୀ
ଦେଉଳ ସାହି, ଢେଙ୍କାନାଳ, ଓଡ଼ିଶା
ଆବିର୍ଭାବ : ୧୫.୧୦.୧୯୪୫
ତିରୋଧାନ : ୦୭.୦୭.୨୦୨୪ (ଶ୍ରୀଗୁଣ୍ଡିଚା) ଦ୍ୱିତୀୟା ତିଥି
ହତଭାଗ୍ୟ ସ୍ୱାମୀ - ବିନୟ କୁମାର ପାଢ଼ୀ ; ପୁତ୍ର ଓ ପୁତ୍ରବଧୂ - ସରୋଜ, ମଳୟ, ସୁଜାତା, ମାମାଲୀ ; କନ୍ୟା ଓ ଜାମାତା - ଅରୁଣା, ଶକ୍ତିଶଙ୍କର (ମୁନା) ; ନାତି ଓ ନାତୁଣୀ - ଶିବୁ, ସୋମ, ଶୁଭମ୍, କୁକୁ ଓ ପିଙ୍କୁ ଏବଂ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଧ-୭୭୨

**ଶ୍ରଦ୍ଧାଞ୍ଜଳି ସପ୍ତଦଶ ଶ୍ରାଦ୍ଧ ବାର୍ଷିକ**



√ କୃଷ୍ଣଚନ୍ଦ୍ର ସାହୁ
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ : ୦୫.୦୬.୧୯୭୪
ତିରୋଧାନ : ୧୮.୦୭.୨୦୦୭
ଆପଣଙ୍କର ଜୀବନ୍ତ ସ୍ମୃତି ଆଜିବି ଆମ ମନରେ ଅପାସୋରା। ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ
ଧର୍ମପତ୍ନୀ, ଗୁଡଲି, ଲାଡଲି ଓ ଆତ୍ମୀୟ ସ୍ୱଜନ
ଧ-୭୬୪

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



√ ଦେବୀପ୍ରସନ୍ନ ସୁତାର
ଜଗଦଲପୁର, ପାଟପୁରା
ଆବିର୍ଭାବ : ୧୪.୧୧.୧୯୮୩
ତିରୋଧାନ : ୩୦.୦୬.୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ସୁତାର ପରିବାରବର୍ଗ
ଧ-୭୭୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ. କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା ।
-:ଶୋକସନ୍ତପ୍ତ:- ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ ।
ଧ-୭୬୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେପକାନ୍ତି ଭିକି


ଭିକି

ଅଭିନୟରେ ପରଲୋକଗତ ଇରଫାନ୍ ଖାଁ କେତେ ଦକ୍ଷ ତାହା କହିବା ବାହୁଲ୍ୟ। ସେ ଅଭିନୟ କରିଥିବା ପ୍ରତିଟି ଫିଲ୍ମରେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ସୁରଜିତ ସିରକାର୍‌ଙ୍କର 'ସର୍ଦ୍ଦାର ଉଦ୍ଧାମ'ର ଟାଇଟଲ ଭୂମିକାରେ ସେ ଅଭିନୟ କରିଥାଆନ୍ତେ। ଏହି ଭୂମିକା ପାଇଁ ଇରଫାନଙ୍କ କଥା ସୁରଜିତଙ୍କ ମନକୁ ଆସିସାରିଥିଲା। କିନ୍ତୁ ସେ ଦୀର୍ଘଦିନ ଧରି ଅସୁସ୍ଥ ରହିବା ଏବଂ ଶେଷରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଫଳରେ ଏ ନେଇ ପୁଣି ଥରେ ତାଙ୍କୁ ଚିନ୍ତା କରିବାକୁ ପଡ଼ିଥିଲା। ଶେଷରେ ଭିକି କୌଶଳଙ୍କୁ ଯୋଗାଯୋଗ କରିବାକୁ ସ୍ଥିର କରିଥିଲେ। ବାସ୍,ଏପରି ଅଫର ପାଇବା ପରେ ଚିନ୍ତା ନ କରି ହଁ ଭରିଥିଲେ ଭିକି। ଏ ସମ୍ପର୍କରେ ଭିକି କହନ୍ତି, 'ଏହି ଫିଲ୍ମ ପାଇଁ ପୂର୍ବରୁ ଇରଫାନଙ୍କ ପରି ଅଭିନେତାଙ୍କୁ ନେବାକୁ ଚିନ୍ତା କରାଯାଇଥିଲା, ହେଲେ ସେ ପରଲୋକ ଗମନ ପରେ ଅଫରଟି ମୋତେ ମିଳିଛି। ତେଣୁ ଏ ନେଇ କିଛି ଚିନ୍ତା ନ କରି ହଁ ଭରିଥିଲି। ଇରଫାନ ସାହେବ ହେଉଛନ୍ତି ମୋ ରୋଲ୍ ମଡେଲ୍।' ଚଳିତ ମାସ ୧୯ରେ ରିଲିଜ ହେଉଛି 'ବ୍ୟାଡ୍ ନ୍ୟୁଜ୍'। ଏଥିରେ ଭିକି କୌଶଲ ନାୟକ ଭୂମିକାରେ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ତ୍ରିପ୍ତି ଡିମ୍‌ରି। ଆନନ୍ଦ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଭିକି।

# ଯାହା ଚାହୁଁଥିଲେ ସମ୍ବିତ..

ଅଭିନେତା ସମ୍ବିତ ରିଲିଜ୍ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'ହେ ରାମ : କର୍ମ ହିଁ ଭଗବାନ'ର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି। କେବଳ ସେତିକି ନୁହେଁ, ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଭୂମିକାଟିଏ ମଧ୍ୟ ସେ ଖୋଜି ବୁଲୁଥିଲେ, ଯାହା ତାଙ୍କୁ ଏଥିରେ ମିଳିଯାଇଛି। ବିଦିସା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ଫିଲ୍ମଟିକୁ ନେଇ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ଏଥିରେ ତାଙ୍କୁ ଦର୍ଶକ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଡିଫରେଣ୍ଟ।' ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡ୍ଡୁ,ଜଗନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।


ସମ୍ବିତ

ଅପେରା ହାଲ୍‌ଚାଲ୍

# ଗୁରୁଙ୍କ ଘର ବାହୁଡ଼ା


ଗୁରୁ

ପିଲାଟି ଦିନରୁ ଅଭିନୟ ମାୟାରେ ପଡିଯାଇଥିଲେ ସେ। ପରବର୍ତ୍ତୀ ସମୟରେ ଥିଏଟର ଏବଂ ଧାରାବାହିକରେ ଆକ୍ଟିଂ କରିବା ପରେ ଯାତ୍ରା ରଙ୍ଗମହଲରୁ ସେ ଆରମ୍ଭ କରିଥିଲେ ନିଜର ଅପେରା କ୍ୟାରିୟର। ଗତ ଯାତ୍ରା ସିଜନରେ ସେ ବିଶ୍ୱ ଦରବାରରେ ଅଭିନୟ ଜାରି ରଖିଥିଲେ। ହେଲେ ଏଥର ପୁଣି ଥରେ ତାଙ୍କୁ ରଙ୍ଗମହଲରେ ଦେଖିବାକୁ ମିଳିବ। ଆଉ ନିଜର ଘର ବାହୁଡା ନେଇ ବେଶ୍ ଖୁସ୍ ଅଛନ୍ତି ଯୁବ କମେଡିଆନ୍ ଗୁରୁ ପୃଷ୍ଟି। ତାଙ୍କ ଅଭିନୀତ ଚର୍ଚ୍ଚିତ ନାଟକଗୁଡିକ ମଧ୍ୟରେ ରହିଛି, 'ଚାଲିବା ଆଗରୁ ବାଟ ସରିଲା' (ଧୂମାଳ), 'ବଡ଼ ଦାଣ୍ଡର ଭିକାରୀ' (ଗିରିଆ), 'ଭୁଲ ତୋର ଭୋଗୁଛି ମୁଁ' (ଗୁରୁ), ଏବଂ 'ବଡ଼ ଦାଣ୍ଡର ଭିକାରୀ'। କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ଗ୍ରାମରେ ଜନ୍ମିତ ଗୁରୁ ଏ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କମେଡି ଭୂମିକାରେ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। 'କମେଡି ଭୂମିକା ତୁଲାଇବା ଏତେ ସହଜ ନୁହେଁ। ତେବେ ନିଜ ରୋଲ୍‌କୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ଯଥାସମ୍ଭବ ଉଦ୍ୟମ କରିଥାଏ ବୋଲି କହନ୍ତି ଗୁରୁ।' ଆସନ୍ତା ଯାତ୍ରା ସିଜନରେ ସେ ଅଭିନୟ କରୁଥିବା ନୂଆ ନାଟକଗୁଡିକ ହେଉଛି 'ଧନ ମରିଯିବି ତୋ ବିନା', 'ଦୁଃଖ ଭୁଲିଯିବି ତୋ ମୁହଁ ଚାହିଁ' ଏବଂ 'ପାପ ଜାଣିନି କି ପୁଣ୍ୟ ଜାଣିନି'। ତେବେ ଆସନ୍ତା ସିଜନରେ ଗୁରୁ ନିଜ ଭୂମିକାରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଭାଗ୍ୟବତୀ ମୃଣାଳ


ମୃଣାଳ

ସତରେ, ୟାକୁ ହିଁ କହନ୍ତି, ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି ଭାଗ୍ୟଦେବୀ କେମିତି ମୃଣାଳ ଠାକୁରଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି। ଏବେ ତାଙ୍କ ହାତରେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଅଫର ରହିଛି। ଯେହେତୁ ଏ ନେଇ ଆଲୋଚନା ଚାଲିଛି ତେଣୁ ବିସ୍ତୃତ ସୂଚନା ଦେବାକୁ ଉଚିତ ମଣିନାହାନ୍ତି ସେ। ଏଭଳି ସୁଯୋଗ ବିଷୟରେ ସେ କହନ୍ତି, 'ବର୍ତ୍ତମାନ ସବୁକିଛି ଆଲୋଚନା ପର୍ଯ୍ୟାୟରେ ଅଛି। ତେଣୁ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ। ସବୁକିଛି ଫାଇନାଲ ହେବା ପରେ ଏ ବିଷୟରେ ମୋ ପଟରୁ ମୁଁ ସୂଚନା ଦେବି।'

ମୃଣାଳ ଏବେ ମାଇଣ୍ଡ ଫ୍ରେସ୍ କରିବାକୁ ଲଣ୍ଡନ ଯାଇଛନ୍ତି। ସେଠାରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି। ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି।

# ଅପେକ୍ଷାରେ ଦୀପକ

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟ୍‌ଲର'। ଏହି ଚିତ୍ରଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ସେହି ଶୁଭ ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଥିବା ଦୀପକ। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା 'ହିଟଲର' ଫିଲ୍ମଟି ମଧ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଏହାର ପ୍ରଯୋଜକ।


ଦୀପକ-ଅର୍ଲିନ

# ଦୃଢ଼ମନା ଶ୍ରଦ୍ଧା

ଶ୍ରଦ୍ଧା କପୁର ଏଣିକି ଅଧିକ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଶ୍ରଦ୍ଧା କହନ୍ତି, 'ୟା ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖ ସାରିଛି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଶ୍ରଦ୍ଧାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।


ଶ୍ରଦ୍ଧା

# ଟେନ୍‌ସନରେ ତାରା


ତାରା

ତାରା ସୁଟାରିଆଙ୍କ ଟେନ୍‌ସନ ଏବେ ବଢ଼ିଯାଇଛି। କାରଣ ଯେଉଁ କଥାଟି ଶୀଘ୍ର ଫାଇନାଲ ହୋଇଯିବ ବୋଲି ସେ ଆଶା ରଖିଥିଲେ ତାହା ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିଛି। କଥା କ'ଣ କି ସେ ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। କିନ୍ତୁ ତା' ଭିତରେ ଟିକେ କେଁ ରହିଯାଇଛି। ଏହାର ଶୁଟିଂକୁ ନେଇ ଟେନ୍‌ସନରେ ଅଛନ୍ତି ତାରା। ଏ ନେଇ ସେ କହନ୍ତି, 'ଏବେ ମୋର କେତୋଟି ବ୍ୟକ୍ତିଗତ କାମ ମୋତେ ଯେମିତି ହେଲେ ଶେଷ କରିବାକୁ ପଡ଼ିବ। ସେପଟେ ଯଦି ୱେବ୍ ସିରିଜ୍‌ରେ ଶୁଟିଂ ଆରମ୍ଭ ହୋଇଯାଏ ତେବେ ସବୁ କିଛି ଅଡୁଆ ହୋଇଯିବ। ତେଣୁ ଏହାର ଶୁଟିଂକୁ ପାଖାପାଖି ଦୁଇ ସପ୍ତାହ ପରେ ଆରମ୍ଭ କରିବାକୁ ମୁଁ ପ୍ରଯୋଜନା ସଂସ୍ଥାକୁ ଅନୁରୋଧ କରିଛି। ଯଦି ସେମାନେ ମୋ କଥା ରଖନ୍ତି ତେବେ ଭଲ। ନ ହେଲେ ବାଧ୍ୟ ହୋଇ ସେହି ଅନୁସାରେ ମୋତେ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏପଟେ ଶୁଣୁଛି ଯେ, ମୁଁ କୁଆଡ଼େ ଏହି ୱେବ୍ ସିରିଜ୍‌ରେ ଅଭିନୟ କରିବି ନାହିଁ। ଏକଥା ସମ୍ପୂର୍ଣ୍ଣ ମିଛ। କେହି ମୋତେ ଅଯଥା ବଦନାମ କରିବାକୁ ଅପପ୍ରଚାର ଚଳାଇଛି।

# ସୁଜୟଙ୍କ ପ୍ରଶଂସାରେ ଜ୍ୟାକ୍‌ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ମୁକୁଟ ପିନ୍ଧିଥିବା ଜ୍ୟାକଲିନ୍ ଫର୍ନାଡିସ୍ ପରବର୍ତ୍ତୀ ସମୟରେ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିଥିଲେ। ନାୟିକା ଭାବରେ ତାଙ୍କୁ ବଡ଼ପରଦାରେ ବ୍ରେକ୍ ଦେଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ସୁଜୟ ଘୋଷ। ଆଉ ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ୍'। ସୌଭାଗ୍ୟବଶତଃ ତାଙ୍କ ଅଭିନୀତ ପ୍ରଥମ ସିନେମା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏ ନେଇ ଜ୍ୟାକଲିନ୍ କହନ୍ତି, 'ମୋର ପ୍ରଥମ ହିନ୍ଦୀ ସିନେମାକୁ ନେଇ ମୋର ଢେର ଆଶା ଥିଲା। ଫିଲ୍ମଟି ହିଟ୍ ହେବା ପରେ ମୋ ଖୁସିର ସୀମା ରହି ନ ଥିଲା। ତା'ପରେ ମୁଁ ଗୋଟିଏ ପରେ ଗୋଟିଏ ଫିଲ୍ମରେ ଅଭିନୟ କରିଚାଲିଛି। ଯଦି ମୋର ପ୍ରଥମ ସିନେମା ଫ୍ଲପ୍ ହୋଇଥାଆନ୍ତା, ତେବେ ମୁଁ ଆଜି ଜଣେ ଅଭିନେତ୍ରୀ ଭାବରେ ପରିଚିତ ହୋଇପାରି ନ ଥାନ୍ତି।' ଅବସର ମିଳିବା ମାତ୍ରେ ସେ ଯାଆନ୍ତି ତାଙ୍କର ମିନି ଚିଡ଼ିଆଖାନାକୁ। ଜ୍ୟାକଲିନ୍ ଯେତେବେଳେ ମିସ୍ ଶ୍ରୀଲଙ୍କା ଟାଇଟଲ ଜିତିଲେ ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ।


ଜ୍ୟାକ୍‌ଲିନ୍

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୮/୨୦୨୪ Bhubaneswar, Thursday, July 18/ 2024

# ୧୧୭ ଆଥ୍‌ଲେଟ, ୧୪୦ ସପୋର୍ଟ ଷ୍ଟାଫ୍

## ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ପ୍ରତିନିଧି ଦଳ ତାଲିକାକୁ କ୍ରୀଡ଼ା ମନ୍ତ୍ରଣାଳୟର ସ୍ୱୀକୃତି

## ଯୋଗ୍ୟତା ଅର୍ଜନ ସତ୍ତ୍ୱେ ଶଟ୍‌ପୁଟର ଆଭା ଖଟୁଆଙ୍କ ନାମ ନାହିଁ



ପ୍ୟାରିସ ଅଲିମ୍ପିକ୍ସ ପାଇଁ ବିଦାୟୀ ଶୁଭେଚ୍ଛା ଜଣାଇବାକୁ ଆୟୋଜିତ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ ଭାବ ବିନିମୟ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ନୂଆଦିଲ୍ଲୀ, ୧୭।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତର ୧୧୭ ଆଥ୍‌ଲେଟ ପ୍ରତିନିଧିତ୍ୱ କରିବେ। ସେମାନଙ୍କ ସହ ୧୪୦ ସପୋର୍ଟ ଷ୍ଟାଫ୍ ଓ ଅଫିସିଆଲ ରହିବେ। ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ) ପକ୍ଷରୁ ପ୍ରସ୍ତୁତ ଭାରତୀୟ ପ୍ରତିନିଧି ଦଳର ଏହି ତାଲିକାକୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମୋଦନ କରିଛି। ଏମାନଙ୍କ ମଧ୍ୟରୁ ୭୨ ଜଣଙ୍କର ଖର୍ଚ୍ଚ ସରକାର ବହନ କରିବେ। ଖେଳାଳିଙ୍କ ସହ ସେମାନେ ଯିବା ପାଇଁ ଆବଶ୍ୟକତା ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଯୋଗ୍ୟତା ଅର୍ଜନ କରିଥିବା ଆଥ୍‌ଲେଟଙ୍କ ମଧ୍ୟରେ କେବଳ ଶଟ୍-ପୁଟର ଆଭା ଖଟୁଆଙ୍କ ନାମ ନାହିଁ। ବିଶ୍ୱ ର‌୍ୟାଙ୍କିଙ୍ଗ୍ କୋଟା ଅନୁଯାୟୀ ଖଟୁଆ ଅଲିମ୍ପିକ୍ସ କୋଟା ହାସଲ କରିଥିଲେ। ତେବେ ତାଙ୍କୁ କାହିଁକି ସାମିଲ କରାଯାଇନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ସେ ଆହତ ସମସ୍ୟାରେ ଅଛନ୍ତି କିମ୍ବା ଡୋପିଂ ବିବାଦ ବା ଅନ୍ୟକିଛି ତାହା ପ୍ରକାଶ କରାଯାଇନି। କିଛିଦିନ ପୂର୍ବରୁ ଅଲିମ୍ପିକ୍ସ ପାଇଁ ପ୍ରକାଶିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଲିଷ୍ଟରେ ମଧ୍ୟ ତାଙ୍କ ନାମ ନ ଥିଲା। ପ୍ୟାରିସ ଅଲିମ୍ପିକ୍ସ ଚଳିତ ମାସ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଗଗନ ନାରଙ୍ଗ ଭାରତୀୟ ଦଳର ଚିଫ୍-ଡି-ମିଶନ ନିଯୁକ୍ତ ହୋଇଛନ୍ତି। ସେ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ)ର ଉପ ସଭାପତି ମଧ୍ୟ ଅଛନ୍ତି। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ୟାରିସ ଯାତ୍ରା କରିବ।

### ହୋଟେଲରେ ରହିବେ ୭୨ ସପୋର୍ଟ ଷ୍ଟାଫ୍

"୨୦୨୪ ଅଲିମ୍ପିକ୍ ଗେମ୍ସ ପାଇଁ ଗଠିତ ପ୍ୟାରିସ୍ ଆୟୋଜକ କମିଟିର ନିୟମ ଅନୁସାରେ ୧୧ ଆଇଓଏ ଅଫିସିଆଲ୍ସଙ୍କୁ ମିଶାଇ ଆକ୍ରିଡିଟେଶନଧାରୀ ୬୭ ସପୋର୍ଟ ଷ୍ଟାଫ୍ ଗେମ୍ସ ଭିଲେଜରେ ରହିପାରିବେ। ଏହା ମଧ୍ୟରେ ୫ ଜଣ ମେଡିକାଲ ଟିମ୍ ମେମ୍ବର ମଧ୍ୟ ସାମିଲ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିନିଧି ଦଳରେ ସାମିଲ କରାଯାଇଥିବା ଅନ୍ୟ ୭୨ ସପୋର୍ଟ ଷ୍ଟାଫଙ୍କ ଖର୍ଚ୍ଚ ସରକାର ବହନ କରିବେ। ସେମାନେ ଗେମ୍ସ ଭିଲେଜ ବାହାରେ ପାଖାପାଖି ହୋଟେଲରେ ରହିବେ" ବୋଲି ଆଇଓଏ ସଭାପତି ପି.ଟି. ଉଷା ପ୍ରକାଶ କରିଛନ୍ତି।

### ଆଥ୍‌ଲେଟିକ୍ସରେ ସର୍ବାଧିକ ୨୯ ପ୍ରତିଯୋଗୀ

ଆଭା ଖଟୁଆଙ୍କ ଅନୁପସ୍ଥିତି ସତ୍ତ୍ୱେ ଆଥ୍‌ଲେଟିକ୍ସ ଇଭେଣ୍ଟରେ ଭାରତରୁ ସର୍ବାଧିକ ୨୯ (୧୧ ମହିଳା, ୧୮ ପୁରୁଷ)

**ପ୍ୟାରିସ୍ ଅଲିମ୍ପିକ୍ସ**
PARiS 2024
**ଆଉ ୮ ଦିନ**

ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଶୁଟିଂରେ ୨୧ ଶୁଟର ଓ ହକିରେ ୧୯ ଖେଳାଳି ପ୍ରତିନିଧିତ୍ୱ କରିବେ। ଟେବୁଲ ଟେନିସରେ ୮ ଏବଂ ବ୍ୟାଡ୍‌ମିଣ୍ଟନରେ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁଙ୍କ ସମେତ ୭ ଜଣ ଭାଗନେବେ। ଏହା ବ୍ୟତୀତ ରେସ୍‌ଲିଂରେ ୬, ଆର୍ଚେରୀରେ ୬, ବକ୍ସିଂରେ ୬, ଗଲ୍ଫରେ ୪, ଟେନିସରେ ୩, ସୁଇମିଂରେ ୨, ସେଲିଂରେ ୨ ଏବଂ ଇକ୍ୱେଷ୍ଟ୍ରେନ, ଜୁଡୋ, ରୋଇଂ ଓ ଭାରୋତ୍ତୋଳନରେ ଜଣେ ଲେଖାଏ ପ୍ରତିନିଧିତ୍ୱ କରିବେ। ଭାରତୀୟ ଶୁଟିଂ ଦଳରେ ୧୧ ମହିଳା ଓ ୧୦ ପୁରୁଷ ସାମିଲ ଥିବାବେଳେ ଟେବୁଲ ଟେନିସର ଉଭୟ ମହିଳା ଓ ପୁରୁଷ ବର୍ଗରେ ୪ ଜଣ ଲେଖାଏ ଖେଳିବେ। ଟୋକିଓ ଅଲିମ୍ପିକ୍ ସିଲ୍‌ଭର ମେଡାଲିଷ୍ଟ ମୀରାବାଈ ଚାନୁ ଏକମାତ୍ର ଭାରୋତ୍ତୋଳିକା ଭାବେ ଭାରତୀୟ ପ୍ରତିନିଧି ଦଳରେ ସାମିଲ ଅଛନ୍ତି। ସେ ମହିଳା ୪୯ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଟୋକିଓ ଅଲିମ୍ପିକ୍ସରେ ଭାରତରୁ ୧୧୯ ଆଥ୍‌ଲେଟ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୭ ପଦକ ଅର୍ଜନ କରିଥିଲା। ଏହା ମଧ୍ୟରେ ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ପଦକ ସାମିଲ ଥିଲା। ପ୍ୟାରିସରେ ନୀରଜ ନିଜ ସ୍ୱର୍ଣ୍ଣ ପଦକ ଡିଫେଣ୍ଡ କରିବା ପାଇଁ ଚେଷ୍ଟା କରିବେ।

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ମୋଟ ୨୧ କଣ୍ଟିଜେଣ୍ଟ ଅଫିସିଆଲ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧ ଜଣ ଗେମ୍ସ ଭିଲେଜରେ ରହିବେ। ସେମାନଙ୍କ ମଧ୍ୟରେ ନାରଙ୍ଗ, ୨ ଜଣ ଡେପୁଟି ଚିଫ୍ ଡି ମିଶନ, ପ୍ରେସ୍ ଆଟାଚ୍, ୨ ହେଡ୍ କ୍ୱାର୍ଟର ଅଫିସିଆଲ୍ସ ଏବଂ ୫ ମେଡିକାଲ ଟିମ୍ ମେମ୍ବର ସାମିଲ। ଅବଶିଷ୍ଟ ୧୦ ଅଫିସିଆଲ୍ (୮ ମେଡିକାଲ ଟିମ୍ ମେମ୍ବର, ସୋସିଆଲ୍ ମିଡିଆ ଆଟାଚ୍ ଓ ଜଣେ ଟିମ୍ ଅଫିସିଆଲ୍) ଗେମ୍ସ ଭିଲେଜ ନିକଟରେ ଥିବା ହୋଟେଲରେ ରହିବେ। ଏମାନଙ୍କ ଖର୍ଚ୍ଚ ସରକାର ବହନ କରିବେ। ଶୁଟିଂରେ ସର୍ବାଧିକ ୧୮ ଜଣ ସପୋର୍ଟଷ୍ଟାଫ୍ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ଓ ୬ କୋଚ୍ ଗେମ୍ସ ଭିଲେଜରେ ରହିବେ। ଅବଶିଷ୍ଟ ୧୧ (୪ କୋଚ୍, ୪ ଫିଜିଓ, ୨ ମନସ୍ତତ୍ତ୍ୱବିତ୍, ଜଣେ ଷ୍ଟ୍ରେଙ୍ଥ ଆଣ୍ଡ କଣ୍ଡିଶନିଂ ଏକ୍ସପର୍ଟ) ହୋଟେଲରେ ଅବସ୍ଥାନ କରିବେ। ଆଥ୍‌ଲେଟିକ୍ସରେ ୧୭, ରେସଲିଂରେ ୧୨, ବକ୍ସିଂରେ ୧୧, ହକିରେ ୧୦, ଟେବୁଲ ଟେନିସରେ ୯, ବ୍ୟାଡ୍‌ମିଣ୍ଟନରେ ୯, ଗଲ୍ଫରେ ୭, ଇକ୍ୱେଷ୍ଟ୍ରେନରେ ୫, ଆର୍ଚେରୀରେ ୪, ସେଲିଂରେ ୪, ଭାରୋତ୍ତୋଳନରେ ୪, ଟେନିସରେ ୩, ସୁଇମିଂରେ ୨ ଓ ଜୁଡୋରେ ଜଣେ ସପୋର୍ଟ ଷ୍ଟାଫ୍ ରହିବେ।

### ଭିଲେଜରେ ରହିବେନି ଗଲ୍ଫ ଟିମ୍

ଅଲିମ୍ପିକ୍ସର ଗଲ୍ଫ ପ୍ରତିଯୋଗିତା ସେଣ୍ଟ-କ୍ୱେଣ୍ଟିନ-ଏନ୍-ୟେଭେଲିନ୍ସର ଗୁୟାନକୋର୍ଟସ୍ଥିତ ଲି ଗଲ୍ଫ ନ୍ୟାଶନାଲରେ ଅନୁଷ୍ଠିତ ହେବ। ଏହା ପ୍ୟାରିସଠାରୁ ପାଖାପାଖି ୪୨ କିଲୋମିଟର ଦୂର। ତେଣୁ ଭ୍ରମଣଜନିତ ସମସ୍ୟାକୁ ଏଡ଼ାଇବା ପାଇଁ ଭାରତୀୟ ଗଲ୍ଫ ପ୍ରତିନିଧି ଦଳ ଗେମ୍ସ ଭିଲେଜରେ ନ ରହି ଭେନ୍ୟୁ ନିକଟସ୍ଥ ଏକ ହୋଟେଲରେ ରହିବେ। ଗଲ୍ଫ ଖେଳାଳି ଓ ଇଣ୍ଡିଆନ ଗଲ୍ଫ ୟୁନିୟନର ଅନୁରୋଧକ୍ରମେ ଖେଳାଳି, କୋଚ୍, ଫିଜିଓ ଓ କାଡି (ଗଲ୍ଫ ଖେଳାଳିଙ୍କ ସରଞ୍ଜାମ ବୋହିବାକୁ ଉଦ୍ଦିଷ୍ଟ ବ୍ୟକ୍ତି)ଙ୍କୁ ମିଶାଇ ପୂରା ଗଲ୍ଫ ଟିମ୍‌ର ରହିବା ବ୍ୟବସ୍ଥା ପ୍ରତିଦ୍ୱନ୍ଦ୍ୱିତା ଭେନ୍ୟୁର ନିକଟରେ ଥିବା ଏକ ହୋଟେଲରେ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ୟାରିସ୍ ଆୟୋଜକ କମିଟି ଭାରତୀୟ ପ୍ରତିନିଧି ଦଳ ପାଇଁ ଡ୍ରାଇଭରଙ୍କ ବିନା ୩ଟି କାର୍ ଯୋଗାଇଦେବ। ଏହି ୩ଟି କାର୍ ପାଇଁ ଅସ୍ଥାୟୀଭାବେ ଡ୍ରାଇଭର ଯୋଗାଇଦେବାକୁ ପ୍ୟାରିସରେ ଥିବା ଭାରତୀୟ ଦୂତାବାସକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

## ପୂର୍ବତନ କ୍ରିକେଟରଙ୍କୁ ଗୁଳିକରି ହତ୍ୟା

**କଲମ୍ବୋ, ୧୭।୭**

ଶ୍ରୀଲଙ୍କାର ପୂର୍ବତନ ୧୯ ବର୍ଷରୁ କମ୍ କ୍ରିକେଟ ଦଳର ଅଧିନାୟକ ଧାମିକା ନିରୋଶାନାଙ୍କୁ ବୁଧବାର ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ଗାଲେ ଜିଲାର ଆମ୍ବାଲାଙ୍ଗୋଡାସ୍ଥିତ ନିଜ ଘରେ ଥିବାବେଳେ ଏହି ଘଟଣା ଘଟିଥିଲା। ଶ୍ରୀଲଙ୍କା ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ୨୦୦୪ରେ କ୍ରିକେଟର



ସମସ୍ତ ଫର୍ମାଟରୁ ଅବସର ନେଇଥିବା ୪୧ ବର୍ଷୀୟ ଧାମିକାଙ୍କ ପତ୍ନୀ ଓ ୨ ଜଣ ଛୁଆ ଅଛନ୍ତି। ଜଣେ ଦ୍ରୁତ ବୋଲର ଓ ନିମ୍ନକ୍ରମରେ ଉପଯୋଗୀ ବ୍ୟାଟିଂ କରିବାର ଦକ୍ଷତା ରଖନ୍ତି ଧାମିକା। ୨୦୦୦ ମସିହାରେ ପଦାର୍ପଣ କରିଥିଲେ ଧାମିକା। ବିଭିନ୍ନ ବୟସ ବର୍ଗରେ ଖେଳିବା ସହ ୨୦୦୨ରେ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ରହିଥିଲେ। ଆଞ୍ଜେଲୋ ମାଥ୍ୟୁସ, ପରଭେଜ୍ ମହାରୁଫ୍ ଓ ଉପୁଲ ଥରଙ୍ଗାଙ୍କ ପରି ଖେଳାଳି ତାଙ୍କ ସହିତ ଏକାଠି କ୍ରିକେଟ ଖେଳିଥିଲେ। ପ୍ରଥମେ ଚିଲାଓ୍ୱ ମାରିଆନ୍ସ ସିସି ଓ ପରେ ଗାଲେ ସିସି ପକ୍ଷରୁ ସେ ଖେଳିଥିଲେ। ସେ ୧୨ ପ୍ରଥମ ଶ୍ରେଣୀ ଓ ୮ ଲିଷ୍ଟ ଏ ମ୍ୟାଚ୍ ଖେଳି ୩୦୦ରୁ ଅଧିକ ରନ୍ ସ୍କୋର କରିବା ସହ ୧୯ ଉଇକେଟ ଅକ୍ତିଆର କରିଥିଲେ।

## ଲୋବେରାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ଭୁବନେଶ୍ୱର, ୧୭।୭**
**(ସରୋଜ ଜେନା)**

୨୫ ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି) ପକ୍ଷରୁ ବୁଧବାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢାଇ ଦିଆଯାଇଛି। ପୂର୍ବରୁ ଲୋବେରାଙ୍କ ସହ ଓଏଫ୍‌ସି ୨ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲା। ୨୦୨୬ ଶେଷ ଯାଏ ଲୋବେରା କ୍ଲବର ମୁଖ୍ୟ କୋଚ୍ ଦାୟିତ୍ୱରେ ରହିବେ। ଲୋବେରାଙ୍କ ଅଧୀନରେ ଓଏଫ୍‌ସି ସମୁଦାୟ ୩୮ ମ୍ୟାଚ୍ ଖେଳି ୨୧ ବିଜୟ ସହ ୭ଟି ଡ୍ର ରଖିଛି। ଏହା ସହ ଦଳ ଆଇଏସ୍ଏଲ୍‌ରେ ସର୍ବୋଚ୍ଚ ଚତୁର୍ଥ ସ୍ଥାନ ମଧ୍ୟ ହାସଲ କରିଥିଲା। କ୍ରମାଗତ ୧୫ ମ୍ୟାଚ୍‌ରେ ଅପରାଜେୟ ରହିବା ସହ ଦଳ ଏଏଫ୍‌ସି କପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲା। ଓଏଫ୍‌ସିର ଦୀର୍ଘସୂତୀ ଯୋଜନାରେ ସାମିଲ ହୋଇଥିବା କାରଣରୁ ଲୋବେରା ଖୁସି ଜାହିର କରିଛନ୍ତି। କ୍ଲବ ତାଙ୍କ ଉପରେ ଆଉଥରେ ଭରସା ଜାହିର କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି।

## ସିନ୍ ନଦୀରେ ପହଁରିଲେ ପ୍ୟାରିସ୍ ମେୟର



ଆନି ହିଡାଲଗୋ

**ପ୍ୟାରିସ୍, ୧୭।୭ (ପି.ଟି.):** ଅଲିମ୍ପିକ୍ସ ୨୦୨୪ ପୂର୍ବରୁ ସିନ୍ ନଦୀର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ନଦୀରେ ସନ୍ତରଣର ଟ୍ରାୟାଥ୍ଲନ ଓ ମାରାଥନ ଇଭେଣ୍ଟ ମଧ୍ୟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସିନ୍ ନଦୀର ପ୍ରଦୂଷିତ ପାଣି କାରଣରୁ ଶହେ ବର୍ଷ ହେଲାଣି ଏଠାରେ ସନ୍ତରଣ ଉପରେ ବ୍ୟାନ୍ ଲାଗିଛି। ତେବେ ବୁଧବାର ସମସ୍ତଙ୍କୁ ଭୁଲ ପ୍ରମାଣିତ କରି ଏହି ନଦୀରେ ସନ୍ତରଣ କରିଛନ୍ତି ପ୍ୟାରିସ ମେୟର ଆନି ହିଡାଲଗୋ। ଆନି, ପ୍ୟାରିସ୍ ୨୦୨୪ ମୁଖ୍ୟ ଟୋନି ଏଷ୍ଟାନଗୁଏଟ ଓ ଜଣେ ସରକାରୀ ଅଧିକାରୀ ମାର୍କ ଗୁଇଲାମେ ଓ ଅନ୍ୟମାନେ ସନ୍ତରଣ କରିଥିଲେ। ସିଟି ହଲ୍‌ରୁ ସେ ସନ୍ତରଣ କରି ନଟ୍ରେ ଡେମ୍ କ୍ୟାଥେଡ୍ରାଲରେ ପହଞ୍ଚିଥିଲେ। ନଦୀରୁ ବାହାରିବା ପରେ ସେ ପାଣି ବେଶ୍ ପରିଷ୍କାର ଥିବା କହିଛନ୍ତି। ପାଣି ସାମାନ୍ୟ ଥଣ୍ଡା ଥିଲେ ମଧ୍ୟ ଏହାର ସ୍ୱଚ୍ଛତା ଠିକ୍ ରହିଛି ବୋଲି ସେ କହିଥିଲେ। ଏହି ନଦୀକୁ ସଫା କରିବା ପାଇଁ ଫ୍ରାନ୍ସ ସରକାର ୧.୫ ବିଲିୟନ ଡଲାର ଅର୍ଥ ମଧ୍ୟ ବ୍ୟୟ କରି ଏକ ଭୂତଳ ଜଳଭଣ୍ଡାର ନିର୍ମାଣ କରିଥିଲେ।

## ପିଚ୍ ଉପରେ ବସିଲେ ଖେଳାଳିଙ୍କ ମା'

**ଖେଳରେ ବ୍ୟାଘାତ ପାଇଁ କାର୍ଯ୍ୟାନୁଷ୍ଠାନ**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ ସମୟରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭୁବନେଶ୍ୱର 'ଏ' ଓ ରେଷ୍ଟ ଅଫ୍ ଓଡ଼ିଶା ପକ୍ଷରୁ ଏହି ମ୍ୟାଚ ହେଉଥିଲା। ମ୍ୟାଚ ମଝିରେ ଭୁବନେଶ୍ୱର 'ଏ' ପକ୍ଷରୁ ଖେଳୁଥିବା ଆୟୁଷ ମହାନ୍ତିଙ୍କ ମା' ହଠାତ୍ ପଡ଼ିଆରେ ପ୍ରବେଶ କରି ପିଚ୍ ଉପରେ ବସିରହି ଖେଳରେ ବ୍ୟାଘାତ ସୃଷ୍ଟି କରିଥିଲେ। ତାଙ୍କ ପୁଅକୁ କାହିଁକି ଭୁବନେଶ୍ୱର 'ଏ' ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଗଲା ବୋଲି ସେ ଅଭିଯୋଗ ଆଣିଥିଲେ। ଅମ୍ପାୟର ଓ ଓସିଏ ଅଫିସିଆଲମାନେ ଘଟଣାରେ ହସ୍ତକ୍ଷେପ କରି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ) ଦଳ ଚୟନ କରିଛି, ଏଥିରେ ଓସିଏର କିଛି ଭୂମିକା ନାହିଁ ବୋଲି ପ୍ରକାଶ କରିବା ସହ ପିଚ୍‌ରୁ ଉଠିଯିବାପାଇଁ କହିଥିଲେ। ମାତ୍ର ଆୟୁଷଙ୍କ ପରିବାର ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମ୍ୟାଚରେ ବ୍ୟାଘାତ ସୃଷ୍ଟି ଜାରି ରଖିଥିଲେ। ଏ ସମ୍ପର୍କରେ ସ୍ପଷ୍ଟିକରଣ ଦେଇ ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା କହିଛନ୍ତି ଯେ, ଗ୍ରୀନ୍ କ୍ରିକେଟ ଏକାଡେମୀର ଏହି ଖେଳାଳିଙ୍କ ପ୍ରଦର୍ଶନ ଗତ ୩ଟି ମ୍ୟାଚରେ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ସେ ଅନୁଗୋଳ ବିପକ୍ଷରେ ୪, କୋରାପୁଟ ବିପକ୍ଷରେ ୬ ଓ ସୋନପୁର ବିପକ୍ଷରେ ୬ ରନ କରିଥିଲେ। ଖେଳାଳିଙ୍କ ପ୍ରଦର୍ଶନ ଭିତ୍ତିରେ ବିଏଏର ଚୟନ କମିଟି ସମ୍ପୃକ୍ତ ମ୍ୟାଚପାଇଁ ଦଳ ଚୟନ କରିଥିଲା। ଭୁବନେଶ୍ୱର ଦଳର ମ୍ୟାନେଜର ଓ କୋଚ୍‌ଙ୍କଠାରୁ ଘଟଣା ସମ୍ପର୍କରେ ଅବଗତ ହେବାପରେ ଏବଂ ଓସିଏଠାରୁ ସୂଚନା ପାଇବାପରେ ଆସୋସିଏଶନ ପକ୍ଷରୁ ସମ୍ପୃକ୍ତ ଖେଳାଳି ଏବଂ ସେ ପ୍ରତିନିଧିତ୍ୱ କରୁଥିବା କ୍ଲବ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭୁବନେଶ୍ୱରର ଅନ୍ୟ କ୍ଲବ ଗୁଡ଼ିକ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି।

## ଭାରତୀୟ ଦଳରେ କିଟ୍‌ରୁ ୨, ଉତ୍କଳରୁ ୧



ଅତିଥିଙ୍କ ସହ ଇଣ୍ଡିଆନ ୟୁନିଭର୍ସିଟିଜ୍ ବାସ୍କେଟବଲ ଦଳ।

**ଏସୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ)**

ଏସୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ (ପୁରୁଷ) ଚାମ୍ପିୟନଶିପ୍‌ର ୭ମ ସଂସ୍କରଣ ତାଇପେଠାରେ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳରେ କିଟ୍‌ରୁ ୨ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜଣେ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ କିଟ୍‌ର ନିପୁନ ଅସୱାଲ ଓ ୟୁସୁଫ ମାସର୍ୱି ଏବଂ ଉତ୍କଳର ଅଭିଷେକ ପଣ୍ଡା। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ଦିଆଯାଇଥିଲା। ଚଳିତ ମାସ ୧୨ ଓ ୧୩ ତାରିଖରେ ହୋଇଥିବା ଟ୍ରାଏଲ୍ସରେ ୧୯ଟି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୪୫ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। କିଟ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ମନୋନୀତ ଖେଳାଳିଙ୍କୁ ନେଇ କିଟ୍ ପରିସରରେ ଅଗଷ୍ଟ ୧୬ରୁ ଏକ କୋଚିଂ କ୍ୟାମ୍ପ ଆରମ୍ଭ ହେବ। ୩୧ ତାରିଖରେ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳ ଚାଇନିଜ୍ ତାଇପେ ଯାତ୍ରା କରିବ। ଚୟନ ଟ୍ରାଏଲ୍ସର ସୁପରିଚାଳନାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ଏଆଇୟୁ ଯୁଗ୍ମ ସମ୍ପାଦକ(ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଳଜିତ ସିଂ ସେଖୋନ। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ପାନ୍ଥର୍ସଙ୍କୁ ତୃତୀୟ ସ୍ଥାନ

**ଓଡ଼ିଶା କ୍ରିକେଟ ଲିଗ୍**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ତୃତୀୟ ସ୍ଥାନପାଇଁ ପ୍ଲେ-ଅଫ୍ ବୁଧବାର ଅନୁଷ୍ଠିତ ହୋଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଚିତାସକୁ ଡକ୍‌ୱର୍ଥ ଲୁଇସ ନିୟମ (ଡିଏଲ୍ଏସ୍)ରେ ୪ ରନରେ ହରାଇ ଓଡ଼ିସା ପାନ୍ଥର୍ସ ତୃତୀୟ ସ୍ଥାନ ହାସଲ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଚିତାସ୍ ଆର୍ଯ୍ୟଶ୍ରୀ ଡି. ଭଞ୍ଜଙ୍କ ଦ୍ରୁତ ଅପରାଜିତ ଶତକ (୫୩ ବଲ୍‌ରୁ ୧୦୦ ରନ) ସହାୟତାରେ ୨୦ ଓଭରରେ ୨ ଉଇକେଟ ହରାଇ ୧୯୯ ରନ କରିଥିଲା। ଶ୍ରେୟାଂଶ ଭରଦ୍ୱାଜ ୬୮ ରନକରି ଅପରାଜିତ ରହିଥିଲେ। ଜବାବରେ ପାନ୍ଥର୍ସ ୧୦ ଓଭରରେ ୧ ଉଇକେଟ ହରାଇ ୯୧ ରନ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ ବନ୍ଦ ରହିଥିଲା। ଫଳାଫଳ ପାଇଁ ଡିଏଲ୍ଏସ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ପାନ୍ଥର୍ସ ବିଜୟୀ ହୋଇଥିଲା। ଖେଳ ବନ୍ଦ ରହିବାବେଳକୁ ରାଜେଶ ଧୂପର ୩୭ ଓ ସମ୍ବିତ ସାହୁ ୨୫ ରନରେ ଅପରାଜିତ ରହିଥିଲେ। ଚିତାସ ପରାଜିତ ହୋଇଥିଲେ ହେଁ ଶତକ ହାସଲକାରୀ ଆର୍ଯ୍ୟଶ୍ରୀ ଭଞ୍ଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଓସିଏ ସଦସ୍ୟ ସରୋଜ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କଠାରୁ ଆର୍ଯ୍ୟଶ୍ରୀ ଭଞ୍ଜ ପୁରସ୍କାର ଗ୍ରହଣ କରୁଛନ୍ତି।

## ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୩ ରୌପ୍ୟ, ୭ ବ୍ରୋଞ୍ଜ

**ଜାତୀୟ ଜୁନିୟର ପାରା ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ୧୩ଶ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ମୋଟ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ମିଳିଛି। ଅନ୍ତିମ ଦିବସରେ ରାଜ୍ୟର ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତିଥିଲା। ପ୍ରଥମ ଦିବସରେ ୧ ସ୍ୱର୍ଣ୍ଣ ଓ ଦୁଇ ବ୍ରୋଞ୍ଜ୍ ପଦକ ମିଳିଥିଲା।



କୋଚ୍ ଓ କର୍ମକର୍ତ୍ତାଙ୍କ ସହ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

## ଜାତିଆଣ ଆକ୍ଷେପ ପାଇଁ ୮ ମାସ ଜେଲ୍

**ମାଡ୍ରିଡ୍, ୧୭।୭(ପି.ଟି.):** ରିୟଲ ମାଡ୍ରିଡ୍ ଫରୱାର୍ଡ ଭିନିସିୟସ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ୮ ମାସ ଜେଲ ଦଣ୍ଡ ପ୍ରଦାନ କରାଯାଇଛି। ଭିନିସିୟସ୍ ଜୁନିୟର ଓ ଆଣ୍ଟୋନିଓ ରୁଡଗରଙ୍କୁ ଏକ ନ୍ୟୁଜ ୱେବସାଇଟର କମେଣ୍ଟ ସେକ୍ସନରେ ବ୍ୟକ୍ତି ଜଣଙ୍କ ଅନଲାଇନ୍‌ରେ ଗାଳିଗୁଲଜ କରିଥିଲେ। ଉଭୟ ଖେଳାଳି କୃଷ୍ଣକାୟ ହୋଇଥିବା ବେଳେ ସେମାନଙ୍କ ରଙ୍ଗକୁ ନେଇ ଓ ଆଣ୍ଟୋନିଓ ରୁଡଗରଙ୍କ ଧର୍ମକୁ ନେଇ ସମାଲୋଚନା କରାଯାଇଥିଲା। ଏହା ପୂର୍ବରୁ ଭାଲେନ୍ସିଆ ସମର୍ଥକମାନେ ଭିନିସଅସଙ୍କ ପ୍ରତିମୂର୍ତ୍ତିକୁ ଫାଶୀରେ ଝୁଲାଇବା ଅଭିଯୋଗରେ ୮ ମାସ ଜେଲ ଦଣ୍ଡ ପାଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ